# ଧରିତ୍ରୀ DHARITRI

ଭୁବନେଶ୍ୱର, ସୋମବାର, ଏପ୍ରିଲ ୧୧/୨୦୨୨ (୧୪ ପୃଷ୍ଠା) | Bhubaneswar, Monday, April 11/2022 | Page 14 | ₹ 7.00 | ★★★★★★

୪୮ଶ ଭାଗ ୧୩୬ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ₹୭/-




**ରାମ ଅବତାରରେ ପ୍ରଭାସଙ୍କ ପୋଷ୍ଟର**

ରାମ ଅବତାରରେ ସାଉଥ୍ ଅଭିନେତା ପ୍ରଭାସଙ୍କ କେତେକ ପୋଷ୍ଟରକୁ ନେଇ 'ଆଦିପୁରୁଷ' ନିର୍ଦ୍ଦେଶକ ଏକ ଭିଡିଓ ଶେୟାର କରିଛନ୍ତି।

୧୧

୧୪

**ଡେଭିସ୍ କପ୍ ଦଳରେ ଦେବାଶିଷ**

ଓଡ଼ିଶାର ପ୍ରତିଭା ସମ୍ପନ୍ନ ଟେନିସ ଖେଳାଳି ଦେବାଶିଷ ସାହୁ ଭାରତୀୟ ଜୁନିୟର ଡେଭିସ୍ କପ୍ ଦଳରେ ସ୍ଥାନ ପାଇଛନ୍ତି।



# ତାଲିକା ତାରିଖ ଘୁଞ୍ଚି ଚାଲିଛି

- ଏପ୍ରିଲ ୩୦ ସୁଦ୍ଧା ଦାଖଲ ଲାଗି ସବୁ ବିଭାଗକୁ ଚିଠି
- ସମ୍ପତ୍ତି ତାଲିକା ରିପୋର୍ଟ ଦେବାକୁ ଓଡ଼ିଶା ଅଧିକାରୀ ଅପଙ୍ଗ

ଭୁବନେଶ୍ୱର,୧୦।୪(ବ୍ୟୁରୋ)

ରାଜ୍ୟ ସରକାରଙ୍କ ଅଧୀନରେ କାର୍ଯ୍ୟ କରୁଥିବା ଓଏଏସ୍, ଓପିଏସ୍, ରାଜସ୍ୱ, ଅର୍ଥ, ଜଙ୍ଗଲ ଭଳି ସମସ୍ତ ବିଭାଗର ସରକାରୀ ଅଧିକାରୀ ଏବଂ କର୍ମଚାରୀ ସେମାନଙ୍କ ବାର୍ଷିକ ସମ୍ପତ୍ତି ତାଲିକା ଦେବାକୁ ବାଧ୍ୟତାମୂଳକ କରାଯାଇଛି। ହେଲେ ଏଥିପ୍ରତି ଅଧିକାରୀମାନେ ଆଗ୍ରହ ଦେଖାଉନାହାନ୍ତି। ଫଳରେ ସମ୍ପତ୍ତି ତାଲିକା ଦାଖଲର ସମୟ ଘୁଞ୍ଚି ଘୁଞ୍ଚି ଚାଲିଛି। ନିୟମ ଦୃଷ୍ଟିରୁ ପ୍ରତ୍ୟେକ ବର୍ଷ ଜାନୁୟାରୀ ୧ରୁ ଡିସେମ୍ବର ୩୧ ମଧ୍ୟରେ ସରକାରୀ ଅଧିକାରୀମାନେ ସମ୍ପତ୍ତି ବିବରଣୀ ତାଲିକା ଦେବା କଥା। ହେଲେ ୨୦୨୧ ବର୍ଷରେ ଏଥିରେ ବ୍ୟତିକ୍ରମ ଦେଖାଦେଇଥିଲା। ଫଳରେ ଏହାକୁ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଥିଲା। ହେଲେ ସେହି ସମୟ ସୁଦ୍ଧା ଅଧିକାରୀମାନେ ମଧ୍ୟ ନିଜ ସମ୍ପତ୍ତି ତାଲିକାର ବିବରଣୀ ପ୍ରଦାନ କରିପାରିଲେ ନାହିଁ। ତେଣୁ ଏଥିପାଇଁ ସରକାରୀ କର୍ମଚାରୀଙ୍କୁ ଆଉ ଗୋଟିଏ ମାସ ଅଧିକ ସମୟ ଦିଆଯାଇଛି। ଚଳିତ ମାସ ୩୦ତାରିଖ ସୁଦ୍ଧା ସେମାନଙ୍କ ତାଲିକା ଦାଖଲ ଲାଗି ସାଧାରଣ ପ୍ରଶାସନ(ଜିଏ) ଏବଂ ସାଧାରଣ ଅଭିଯୋଗ(ପିଜି) ପକ୍ଷରୁ ସବୁ ସରକାରୀ ବିଭାଗ, ଆରଡ଼ିସି ଏବଂ ଜିଲାପାଳମାନଙ୍କୁ ଜଣାଇ ଦିଆଯାଇଛି। ପଞ୍ଚାୟତ ଓ ପୌର ନିର୍ବାଚନ ବ୍ୟସ୍ତତା ଏବଂ ବିଧାନସଭା ଅଧିବେଶନକୁ ଆଳ ଦେଖାଇ ବହୁ କର୍ମଚାରୀ ଏବଂ ଅଫିସର ସେମାନଙ୍କ ବାର୍ଷିକ ସମ୍ପତ୍ତି ☞ପୃଷ୍ଠା-୪



ଭୁବନେଶ୍ୱରରେ ସିଏନ୍‌ଜି ଗ୍ୟାସ୍‌ର ଅଭାବ ଦେଖାଦେଇଥିବାରୁ ରବିବାର ୟୁନିଟ୍ ୨ ସ୍ଥିତ ଏକ ପେଟ୍ରୋଲ ପମ୍ପରେ ଲାଇନରେ ଥିବା ଅଟୋ।

# ଜେଏନ୍‌ୟୁରେ ଏବିଭିପି-ବାମପନ୍ଥୀ ମୁହାଁମୁହିଁ

**ରାମ ନବମୀରେ ଆମିଷ ଭୋଜନକୁ ନେଇ ବିବାଦ**

ନୂଆଦିଲ୍ଲୀ, ୧୦।୪

ଛାତ୍ର ଅଶାନ୍ତିକୁ ନେଇ ନୂଆଦିଲ୍ଲୀସ୍ଥିତ ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟ (ଜେଏନ୍‌ୟୁ) ପୁଣି ବିବାଦ ଘେରକୁ ଆସିଛି। ରାମ ନବମୀ ଉତ୍ସବ ପାଳନବେଳେ ଆମିଷ ଭୋଜନକୁ କେନ୍ଦ୍ରକରି ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ଏବଂ ବାମପନ୍ଥୀ ଛାତ୍ର ସଙ୍ଗଠନ ମୁହାଁମୁହିଁ ହୋଇଛନ୍ତି। ଉଭୟ ଗୋଷ୍ଠୀଙ୍କ ☞ପୃଷ୍ଠା-୪




ନୂଆଦିଲ୍ଲୀର ବସନ୍ତକୁଞ୍ଜ ଥାନା ବାହାରେ ଏବିଭିପି ବିରୋଧରେ ଜେଏନ୍‌ୟୁ ଛାତ୍ରୀଛାତ୍ରଙ୍କ ବିକ୍ଷୋଭ।

**ଆଜିର ସମ୍ପାଦକୀୟ**

**ହିନ୍ଦୀ ନୁହେଁ**

**ଆଜିର ମନ୍ତବ୍ୟ**

"ଚାଷୀ ଯେତିକି ଶକ୍ତ ହେବେ, 'ନ୍ୟୁ ଇଣ୍ଡିଆ' ସେତିକି ସମୃଦ୍ଧ ହେବ। 'ପିଏମ୍ କିଷାନ ସମ୍ମାନ ନିଧି' ଏବଂ ଅନ୍ୟ କୃଷି ସମ୍ପର୍କିତ ଯୋଜନା କୋଟି କୋଟି କୃଷକଙ୍କୁ ବଳ ଦେଉଛି।

-ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

# ମହାନଦୀରେ ବୁଡ଼ିଗଲେ ୩ ସାଙ୍ଗ

**ଜଣେ ମୃତ, ୨ ନିଖୋଜ**

କଟକ ଅଫିସ, ୧୦।୪

ମହାନଦୀରେ ପୁଣି ଘଟିଛି ବଡ଼ ଅଘଟଣ। ଗାଧୋଉଥିବାବେଳେ ନଦୀର ପ୍ରଖର ସ୍ରୋତରେ ଭାସିଯାଇଛନ୍ତି ୩ ବନ୍ଧୁ। ସେମାନଙ୍କ ମଧ୍ୟରୁ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ଅନ୍ୟ ୨ଜଣ ନିଖୋଜ ଅଛନ୍ତି। କଟକ ଜୋବ୍ରା ବ୍ୟାରେଜ୍ ନିକଟରେ ରବିବାର ଅପରାହ୍ନରେ ଘଟିଥିବା ଏହି ଦୁଃଖଦ ଘଟଣା ଶୋକାକୁଳ ପରିବେଶ ସୃଷ୍ଟି କରିଛି। ମୃତକ ହେଲେ ମାଲଗୋଦାମ ଥାନା ଅଧୀନ ଚୂନଭାଟି ଚାରିଘରିଆ ଅଞ୍ଚଳର ସେକ୍ ସାହିଲ(୧୮)। ନିଖୋଜ ଦ୍ୱୟ ହେଲେ ସେହି ଅଞ୍ଚଳର ମହମ୍ମଦ ସିଦ୍ଧିକ୍ (୧୭) ଏବଂ ଆୟୁର ଖାନ୍(୧୭)।

ପ୍ରତ୍ୟକ୍ଷଦର୍ଶୀଙ୍କ କହିବା କଥା, ସାହିଲ, ସିଦ୍ଧିକ୍ ଏବଂ ଆୟୁର ସ୍ଥାନୀୟ ମସ୍‌ଜିଦ୍‌ରେ ବିଶ୍ରାମ ନେବା ପାଇଁ ପରିବାର ଲୋକଙ୍କୁ କହି ଘରୁ ବାହାରି ଆସିଥିଲେ। ଅପରାହ୍ନ ପ୍ରାୟ ସାଢ଼େ ୧ଟାରେ ସେମାନେ ମହାନଦୀ କୂଳରେ ପହଞ୍ଚି ପ୍ୟାଣ୍ଟଶାର୍ଟ ଓ ଚପଲ ☞ପୃଷ୍ଠା-୪







# ପୌରାଧ୍ୟକ୍ଷାଙ୍କ ଘରକୁ ବୋମାମାଡ଼

**ଢେଙ୍କାନାଳ ଅଫିସ, ୧୦।୪**

ପୌର ନିର୍ବାଚନ ପରେ ରାଜନୈତିକ ହିଂସାକୁ ନେଇ ଅଶାନ୍ତ ହୋଇଉଠିଛି ଢେଙ୍କାନାଳ। ପୌରାଧ୍ୟକ୍ଷା ତଥା ଭାଜପା ନେତ୍ରୀ ଜୟନ୍ତୀ ପାତ୍ରଙ୍କ ଘର ଉପରକୁ ଶନିବାର ରାତିରେ ଦୁର୍ବୃତ୍ତମାନେ ବୋମା ମାଡ଼ କରିଛନ୍ତି। ବିଳମ୍ବିତ ରାତି ଠିକ୍ ୧ଟା ୩୬ରେ ଏହି ଘଟଣା ଘଟିଛି, ଯାହାର ଦୃଶ୍ୟ ସିସିଟିଭିରେ କଏଦ ହୋଇଛି। ବୋମାମାଡ଼ରେ ଘର ସମ୍ମୁଖ ଗେଟ୍ ଏବଂ ୨ଟି ଗାଡ଼ି କ୍ଷତିଗ୍ରସ୍ତ ହୋଇଛି। ତେବେ ଏଥିରେ କୌଣସି ଧନଜୀବନ ହାନି ହୋଇନାହିଁ। ୧୦ଦିନ ମଧ୍ୟରେ ଏହା ହେଉଛି ଦ୍ୱିତୀୟ ଆକ୍ରମଣ। ଜୟନ୍ତୀ ଏବଂ ତାଙ୍କ ପରିବାରକୁ ଭୟଭୀତ କରାଇବା ଉଦ୍ଦେଶ୍ୟରେ ଦୁର୍ବୃତ୍ତମାନେ ଏଭଳି କାଣ୍ଡ ଭିଆଇଥିବା ଚର୍ଚ୍ଚା ହେଉଛି। ଘଟଣା ପରେ ପୌରାଧ୍ୟକ୍ଷା ଏବଂ ତାଙ୍କ ପରିବାର ସଦସ୍ୟ ଆତଙ୍କିତ ହୋଇପଡ଼ିଛନ୍ତି। ଏ ସଂକ୍ରାନ୍ତରେ ସେ ଟାଉନ୍ ଥାନାରେ ଅଭିଯୋଗ କରିବା ସହ ପୋଲିସ ସୁରକ୍ଷା ଲୋଡ଼ିଛନ୍ତି।

ପୌରାଧ୍ୟକ୍ଷା ଏତଲାରେ ଦର୍ଶାଇଛନ୍ତି ଯେ, କେତେଜଣ ଦୁର୍ବୃତ୍ତ ଜୀବନରୁ ମାରିଦେବା ଉଦ୍ଦେଶ୍ୟରେ ତାଙ୍କ ଘର ଉପରକୁ ବୋମାମାଡ଼ କରିଥିଲେ। ବୋମା ବିସ୍ଫୋରଣ ପରେ ୩ଟି ବାଇକ୍‌ରେ ୬ଜଣ ଯୁବକ ଦ୍ରୁତ ଗତିରେ ଫେରାର ହୋଇଯାଇଥିଲେ। ବୋମାମାଡ଼ର ଫୁଟେଜ୍ ସିସିଟିଭିରେ ରେକର୍ଡ ହୋଇଛି। ପରିବାରକୁ ସୁରକ୍ଷା ପ୍ରଦାନ କରାଯିବା ସହିତ ଯଥାବିଧି ତଦନ୍ତ କରାଯାଇ ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ପୋଲିସକୁ ନିବେଦନ କରିଛନ୍ତି। ଏ ସଂକ୍ରାନ୍ତରେ ନଂ. ୨୧୩/୨୨, ଦଫା ୪୨୭, ୫୦୬, ୧୨୦ (ବି), ୧୦୯, ୩୪, ୯ (ବି) ଇଣ୍ଡିଆନ୍ ଏକ୍ସପ୍ଲୋସିଭ୍ ଆକ୍ଟରେ ଏକ ମାମଲା ରୁଜୁ କରାଯାଇଛି। ସିସିଟିଭି ଫୁଟେଜ୍ ଯାଞ୍ଚ କରାଯାଉଛି। ଘଟଣାସ୍ଥଳରୁ ମିଳିଥିବା ଫୁଟା ବୋମାର ଅଂଶବିଶେଷକୁ ବିଶେଷଜ୍ଞଙ୍କ ଦ୍ୱାରା ପରୀକ୍ଷା କରାଯାଉଛି। ଏସ୍‌ପିଙ୍କ ନିର୍ଦ୍ଦେଶରେ ଅଭିଯୁକ୍ତଙ୍କୁ ଧରିବା ପାଇଁ ୩ଟି ପୋଲିସ ଟିମ୍ ଗଠନ କରାଯାଇ ଚଢ଼ାଉ ଚାଲିଥିବା ଥାନାଧିକାରୀ ରାଜେନ୍ଦ୍ର ମହାପାତ୍ର ସୂଚନା ଦେଇଛନ୍ତି।

ଗତ ମାର୍ଚ୍ଚ ୩୦ରେ ରାତିରେ ଅନୁରୂପ ଭାବେ କେତେଜଣ ଯୁବକ ପୌରାଧ୍ୟକ୍ଷାଙ୍କ ଘର ଆଗରେ ଆତଙ୍କରାଜ ସୃଷ୍ଟି କରିବା ସହିତ ୫ ରାଉଣ୍ଡ ଗୁଳିଚାଳନା କରିଥିଲେ। ତେବେ ସୌଭାଗ୍ୟବଶତଃ ସେ ଏବଂ ତାଙ୍କ ପରିବାର ସଦସ୍ୟ ବର୍ତ୍ତିଯାଇଥିଲେ। ଏହି ଘଟଣାରେ ପୋଲିସ ୨ ଜଣଙ୍କୁ ଗିରଫ କରିଥିବା ବେଳେ ୩ଜଣ ଫେରାର ଅଛନ୍ତି। ଶନିବାର ରାତିରେ ଘଟିଥିବା ଘଟଣା ସମ୍ପର୍କରେ ଜୟନ୍ତୀ କୁହନ୍ତି, ଅଭିଯୁକ୍ତଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ପୋଲିସ ପ୍ରତିଶ୍ରୁତି ଦେଇଛି। ପୌରାଧ୍ୟକ୍ଷାଙ୍କ ସ୍ୱାମୀ ତଥା ରାଜ୍ୟ ଭାଜପା କୃଷକ ମୋର୍ଚ୍ଚା ଉପସଭାପତି ରାମଚନ୍ଦ୍ର ପାତ୍ର କୁହନ୍ତି, ଶାନ୍ତ ସହରରେ ଅଶାନ୍ତ ବାତାବରଣ ସୃଷ୍ଟି ହୋଇଛି। ଆମକୁ ଭୟଭୀତ କରିବାକୁ ଉଦ୍ୟମ କରାଯାଉଛି। ଯେଉଁ ବିଧାୟକଙ୍କ ସମର୍ଥକମାନେ ଗତ ୩୦ ତାରିଖ ଗୁଳିକାଣ୍ଡ ଘଟଣାରେ ସମ୍ପୃକ୍ତ ଥିଲେ, ସେମାନେ ହିଁ ଏଭଳି କାଣ୍ଡ ଘଟାଇଥିବା ସନ୍ଦେହ ଦୃଢ଼ୀଭୂତ ହୋଇଛି। ପୌରସଂସ୍ଥାର ଦୁର୍ନୀତି ଧରାପଡ଼ିବା ଆଶଙ୍କାରେ ଆତଙ୍କିତ ହୋଇ କେତେଜଣ ଏଭଳି ଆକ୍ରମଣ କରୁଛନ୍ତି। ଏ ସମ୍ପର୍କରେ ଭାଜପା ରାଜ୍ୟ ସଙ୍ଗଠନକୁ ଅବଗତ କରାଯିବ ବୋଲି ସେ କହିଛନ୍ତି। ଏ ସଂକ୍ରାନ୍ତରେ ପ୍ରତିକ୍ରିୟା ରଖି ବିଧାୟକ ସୁଧୀର କୁମାର ସାମଲ କୁହନ୍ତି, ବ୍ୟକ୍ତିଗତ ଶତ୍ରୁତାକୁ ନେଇ ଗଣ୍ଡଗୋଳକୁ ରାଜନୀତିକରଣ କରା ନ ଯାଉ। ପଞ୍ଚାୟତ ଓ ପୌର ନିର୍ବାଚନରେ ଜନସାଧାରଣ ବିଜେଡିକୁ ବିପୁଳ ସମର୍ଥନ ଦେଇଛନ୍ତି। ଉପନଗରପାଳ ସମେତ ଦଳର ୧୪ କାଉନ୍‌ସିଲର ବିଜୟୀ ହୋଇଛନ୍ତି। ଆମେ ହତାଶ ହୋଇନୁ। ଯଦି କିଏ କାହା ଘରକୁ ଯାଇ ଏଭଳି ଘଟଣା ଘଟାଇଥାଏ, ତେବେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ବିଧାୟକ କହିଛନ୍ତି।


ସିସିଟିଭିରେ କଏଦ ହୋଇଥିବା ବୋମା ବିସ୍ଫୋରଣର ଦୃଶ୍ୟ।


ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର, ତାଙ୍କ ସ୍ୱାମୀ ରାମଚନ୍ଦ୍ର ପାତ୍ର ଟାଉନ ଥାନାରେ ଅଭିଯୋଗ କରି ଫେରୁଛନ୍ତି।

- ୧୦ଦିନ ମଧ୍ୟରେ ଦ୍ୱିତୀୟ ଥର ଆକ୍ରମଣ
- ରାତି ଅଧରେ ଆତଙ୍କ ସୃଷ୍ଟି କଲେ ଦୁର୍ବୃତ୍ତ
- ସୁରକ୍ଷା ଲୋଡ଼ିଲେ ଭାଜପା ନେତ୍ରୀ

# ଶ୍ରେୟ ନେବାକୁ ପ୍ରତିଦ୍ୱନ୍ଦ୍ୱିତା

## ଆଜି ପୁରୀ ମେଡିକାଲ କଲେଜର ଲୋକାର୍ପଣ

**ଭୁବନେଶ୍ୱର,୧୦।୪(ବ୍ୟୁରୋ)**

- ପ୍ରଧାନମନ୍ତ୍ରୀଙ୍କୁ ନିମନ୍ତ୍ରଣ କରିବା କଥା: ସମ୍ବିତ୍
- ବିଜେଡି ଶ୍ରେୟ ରାଜନୀତିରେ ବିଶ୍ୱାସ କରେନାହିଁ: ଦେବୀ
- କେନ୍ଦ୍ର ଦେଇଛି ମୋଟ ଖର୍ଚ୍ଚର ୧୭.୮%: ପିନାକୀ

ଶ୍ରୀକ୍ଷେତ୍ରରେ ନବନିର୍ମିତ ଶ୍ରୀଜଗନ୍ନାଥ ମେଡିକାଲ କଲେଜ ସୋମବାର ଲୋକାର୍ପଣ ହେବ। ଏହାର ଅବ୍ୟବହିତ ପୂର୍ବରୁ ଶ୍ରେୟ ନେବାକୁ ଶାସକ ବିଜେଡି ଏବଂ ଭାଜପା ମଧ୍ୟରେ ରାଜନୀତି ଆରମ୍ଭ ହୋଇଯାଇଛି। ଉଦ୍‌ଘାଟନୀ ସମାରୋହରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସୌଜନ୍ୟମୂଳକ ଭାବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆମନ୍ତ୍ରଣ କରିବା କଥା ବୋଲି ଭାଜପା ରାଷ୍ଟ୍ରୀୟ ମୁଖପାତ୍ର ସମ୍ବିତ୍ ପାତ୍ର ଟୁଇଟ୍ କରିବା ପରେ ଏହାର ଉତ୍ତର ରଖିଛନ୍ତି ବିଜେଡିର ବରିଷ୍ଠ ନେତା ଦେବୀ ମିଶ୍ର। ସେ କହିଛନ୍ତି ବିଜୁ ଜନତା ଦଳ କେବେ ଶ୍ରେୟ ରାଜନୀତିରେ ବିଶ୍ୱାସ କରେନାହିଁ। ଦୁଇ ନେତାଙ୍କ ଟୁଇଟ୍ ଯୁଦ୍ଧ ମଧ୍ୟରେ ପୁରୀ ଏମ୍‌ପି ପିନାକୀ ମିଶ୍ର କେନ୍ଦ୍ରୀୟ ଅନୁଦାନ ସମ୍ପର୍କିତ ତଥ୍ୟ ରଖିଛନ୍ତି। ସେ ସମ୍ବିତ୍‌ଙ୍କ ଟୁଇଟ୍‌କୁ ରିଟୁଇଟ୍ କରି କହିଛନ୍ତି, ମେଡିକାଲ କଲେଜରେ ହୋଇଥିବା ମୋଟ ଖର୍ଚ୍ଚର ୧୭.୮% କେନ୍ଦ୍ରୀୟ ଅନୁଦାନ। ମେଡିକାଲ କଲେଜର ଶ୍ରେୟ ନେବାକୁ ରାଜ୍ୟ-କେନ୍ଦ୍ର ମଧ୍ୟରେ ଏଭଳି ପ୍ରତିଦ୍ୱନ୍ଦ୍ୱିତା ଆଞ୍ଚଳିକ ରାଜନୀତିକୁ ସରଗରମ କରିଛି।

ଭାଜପା ମୁଖପାତ୍ର ସମ୍ବିତ୍ ଟୁଇଟ୍‌ରେ ଉଲ୍ଲେଖ କରିଛନ୍ତି ଯେ, କେନ୍ଦ୍ରୀୟ ଯୋଜନାରେ ଦେଶର ବିଭିନ୍ନ ରାଜ୍ୟରେ ଆରମ୍ଭ ହେଉଥିବା ମେଡିକାଲ କଲେଜ ପ୍ରକଳ୍ପ ଉଦ୍‌ଘାଟନ କିମ୍ବା ଶିଳାନ୍ୟାସ ବେଳେ ସମ୍ପୃକ୍ତ ରାଜ୍ୟ ସରକାରଙ୍କ ପକ୍ଷରୁ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟକୁ ତୁରନ୍ତ ଅବଗତ କରିବା ଉଚିତ। ଏ ନେଇ କେନ୍ଦ୍ର ସ୍ୱାସ୍ଥ୍ୟ ସଚିବ ସମସ୍ତ ରାଜ୍ୟର ମୁଖ୍ୟ ସଚିବମାନଙ୍କୁ ଚିଠି ଲେଖିଥିଲେ। ଉକ୍ତ ଚିଠିକୁ ସମ୍ବିତ୍ ଟ୍ୟାଗ୍ କରିଛନ୍ତି। ମେଡିକାଲ କଲେଜ ପ୍ରତିଷ୍ଠା ଲାଗି କେନ୍ଦ୍ର ପାଣ୍ଠି ଯୋଗାଉଥିବା ବିଷୟ ସମ୍ବିତ ସିଧାସଳଖ ଚିଠି ମାଧ୍ୟମରେ ଦର୍ଶାଇଛନ୍ତି। ତେଣୁ ଶ୍ରୀଜଗନ୍ନାଥ ମେଡିକାଲ କଲେଜକୁ କେନ୍ଦ୍ର ଯୋଜନା ଅନ୍ତର୍ଗତ ବୋଲି ପ୍ରମାଣିତ କରିବା ଏବଂ ଲୋକଙ୍କ ମନରେ ଏହି ଧାରଣା ସୃଷ୍ଟି କରିବାକୁ ସେ ଉଦ୍ୟମ କରୁଛନ୍ତି ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ଜୋର୍ ଧରିଛି। ତେବେ ସମ୍ବିତ୍‌ଙ୍କ ଏହି ଟୁଇଟ୍ ପରେ ବରିଷ୍ଠ ବିଜେଡି ନେତା ଦେବୀ ମିଶ୍ର କହିଛନ୍ତି, ସାରା ଭାରତବର୍ଷ ଜାଣିଛି ନବୀନ ପଟ୍ଟନାୟକ ନିଜ ଢୋଲ ନିଜେ ପିଟିବାକୁ ବିଶ୍ୱାସ କରନ୍ତି ନାହିଁ। ଯଦି ଓଡ଼ିଶାର ଅଭିବୃଦ୍ଧି ହେଉଛି, ତାହା ହେଲା ପ୍ରାଥମିକତା ବୋଲି ଦେବୀ କହିଛନ୍ତି। ଅନ୍ୟପଟେ ଏମ୍‌ପି ପିନାକୀ ମିଶ୍ର କହିଛନ୍ତି, ପୁରୀ ମେଡିକାଲ କଲେଜ ଲାଗି ମୋଟ ୬୩୪ କୋଟି ଟଙ୍କା ଖର୍ଚ୍ଚ ହୋଇଛି। ସେଥିରୁ କେନ୍ଦ୍ର ସରକାର ୧୧୩ କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି, ଯାହା ମୋଟ ଖର୍ଚ୍ଚର ୧୭.୮ ପ୍ରତିଶତ। କେନ୍ଦ୍ର ଦେଇଥିବା ଅର୍ଥ ପାଇଁ ରାଜ୍ୟବାସୀ ଖୁସି। ନିୟମାନୁଯାୟୀ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ନିମନ୍ତ୍ରଣ କରାଯାଇଛି ବୋଲି ସେ କହିଛନ୍ତି।

ଅନ୍ୟପଟେ ସୋମବାର ମେଡିକାଲ କଲେଜର ଲୋକାର୍ପଣ ହେବାକୁ ଥିବାରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ମେଡିକାଲ କଲେଜର ପ୍ରଥମ ବ୍ୟାଚ୍ ପାଇଁ ଏମ୍‌ବିବିଏସ୍ ଛାତ୍ରୀଛାତ୍ରଙ୍କ ଆଡମିଶନ ଶେଷ ହୋଇଛି। ପୁରୀ ଭଳି ଏକ ଅନ୍ତର୍ଜାତୀୟ ପର୍ଯ୍ୟଟନ ସ୍ଥଳୀରେ ଏଭଳି ମେଡିକାଲ କଲେଜ ସ୍ଥାପନ କରାଯାଇଥିବାରୁ ଏହାକୁ ନେଇ ଛାତ୍ରୀଛାତ୍ର, ଅଭିଭାବକ ଓ କଲେଜ କର୍ତ୍ତୃପକ୍ଷ ଉତ୍ସାହିତ ଅଛନ୍ତି। ପୁରୀ-କୋଣାର୍କ ରାସ୍ତାର ବାଲିଗୁଆଳିଠାରେ ସ୍ଥାପିତ ହୋଇଥିବା ଶ୍ରୀଜଗନ୍ନାଥ ମେଡ଼ିକାଲ କଲେଜରେ ସୋମବାରଠାରୁ ପ୍ରଥମ ବ୍ୟାଚ୍ ଏମ୍‌ବିବିଏସ୍ ପାଠ୍ୟକ୍ରମ ଆରମ୍ଭ ହେବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କ ସହ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି। କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଭର୍ଚ୍ଚୁଆଲ ମୋଡ୍‌ରେ ଏହି କାର୍ଯ୍ୟକ୍ରମରେ ଯୋଗଦେବେ।

# ୟେଚୁରୀ କ୍ରମାଗତ ତୃତୀୟ ଥର ସାଧାରଣ ସମ୍ପାଦକ

**କନ୍ନୁର,୧୦।୪**

କେରଳର କନ୍ନୁରଠାରେ ରବିବାର ସିପିଆଇ(ଏମ୍)ର ୨୩ତମ ପାର୍ଟି କଂଗ୍ରେସର ଶେଷ ଦିନରେ ସୀତାରାମ ୟେଚୁରୀଙ୍କୁ କ୍ରମାଗତ ତୃତୀୟ ଥର ପାଇଁ ଦଳର ସାଧାରଣ ସମ୍ପାଦକ ନିର୍ବାଚିତ କରାଯାଇଛି। ପଶ୍ଚିମବଙ୍ଗର ବରିଷ୍ଠ ନେତା ରାମଚନ୍ଦ୍ର ଡୋମ୍ ପ୍ରଥମ ଦଳିତ ଚେହେରା ଭାବେ ପଲିଟ୍‌ବ୍ୟୁରୋକୁ ନିର୍ବାଚିତ ହୋଇଛନ୍ତି। ଦଳର କେନ୍ଦ୍ରୀୟ କମିଟି ଏବଂ ପଲିଟ୍‌ବ୍ୟୁରୋ ସଦସ୍ୟ ହେବା ପାଇଁ ସର୍ବୋଚ୍ଚ ବୟସସୀମା ୭୫ ବର୍ଷ ଧାର୍ଯ୍ୟ ହୋଇଥିବାରୁ ଏହାକୁ ଅତିକ୍ରମ କରିଥିବା ବା ନିକଟତର ହୋଇଥିବା ନେତାମାନଙ୍କୁ ଉଭୟ କମିଟିରୁ ବାଦ୍ ଦିଆଯାଇଛି। ଏହା ବ୍ୟତୀତ କେନ୍ଦ୍ରୀୟ କମିଟି ସଦସ୍ୟ ସଂଖ୍ୟା ୯୫ରୁ ୮୫କୁ ହ୍ରାସ ପାଇଛି। ଏଥିରେ ୧୭ ଜଣ ନୂଆ ମୁହଁ ସାମିଲ ହୋଇଛନ୍ତି। ସେହିପରି ୧୭ ସଦସ୍ୟ ବିଶିଷ୍ଟ ପଲିଟ୍‌ବ୍ୟୁରୋକୁ ଡୋମ୍‌ଙ୍କ ବ୍ୟତୀତ କେରଳ ଏଲ୍‌ଡିଏଫ୍ ଆବାହକ ଏ. ବିଜୟରାଘବନ, ଅଖିଳ ଭାରତ କିଷାନ ସଭା ଅଧ୍ୟକ୍ଷ ଅଶୋକ ଧୱଲେ ନିର୍ବାଚିତ ହୋଇଥିବାବେଳେ ବୟସାଧିକ୍ୟ କାରଣରୁ ଏସ୍. ରାମଚନ୍ଦ୍ରନ ପିଲ୍ଲାଇ, ହନ୍ନନ ମୋଲ୍ଲା ଏବଂ ବିମାନ ବସୁ ବାଦ୍ ପଡ଼ିଛନ୍ତି।


ସୀତାରାମ ୟେଚୁରୀ

# ରାହୁଲ ନିଜ ଦଳ ପାଇଁ ମୁଣ୍ଡ ଖେଳାନ୍ତୁ: ମାୟାବତୀ

**ଲକ୍ଷ୍ନୌ,୧୦।୪:** ଉତ୍ତରପ୍ରଦେଶ ବିଧାନସଭା ନିର୍ବାଚନ ବେଳେ କଂଗ୍ରେସ ବିଏସ୍‌ପି ସହ ମେଣ୍ଟ କରିବା ପାଇଁ ପ୍ରସ୍ତାବ ଦେଇଥିବାବେଳେ ମାୟାବତୀ ତାହାକୁ ଏଡ଼ାଇ ଯାଇଥିଲେ ବୋଲି ରାହୁଲ ଗାନ୍ଧୀ କରିଥିବା ଅଭିଯୋଗକୁ ବିଏସ୍‌ପି ସୁପ୍ରିମୋ ଖଣ୍ଡନ କରିଛନ୍ତି। ଅନ୍ୟ ଦଳ ସମ୍ପର୍କରେ ଚିନ୍ତା ନ କରି କଂଗ୍ରେସ ନେତା ନିଜ ଘର ସଜାଡ଼ନ୍ତୁ ବୋଲି ମାୟାବତୀ ପରାମର୍ଶ ଦେଇଛନ୍ତି। ମେଣ୍ଟ ହେଲେ ମାୟାବତୀଙ୍କୁ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ କରାଯିବ ବୋଲି କଂଗ୍ରେସ କହିଥିଲା। କିନ୍ତୁ ବିଏସ୍‌ପି ନେତ୍ରୀ କଂଗ୍ରେସ ସହ ଏନେଇ କଥା ମଧ୍ୟ ହେଲେ ନାହିଁ। ସିବିଆଇ, ଇଡି ଏବଂ ପେଗାସସ୍ ଭୟରେ ମାୟାବତୀ ଶାସକ ଭାଜପାକୁ ଜିତାଇବାରେ ସାହାଯ୍ୟ କଲେ ବୋଲି ରାହୁଲ ଅଭିଯୋଗ କରିଥିଲେ। ରବିବାର ମାୟାବତୀ କଂଗ୍ରେସ ନେତାଙ୍କ ଅଭିଯୋଗ ପଛରେ ସତ୍ୟତା ନ ଥିବା କହିଛନ୍ତି। ବିଏସ୍‌ପିକୁ ବଦନାମ କରିବା ଲାଗି ରାଜୀବ ଗାନ୍ଧୀ କାଂଶୀରାମଙ୍କୁ ସିଆଇଏ ଏଜେଣ୍ଟ କହିଥିଲେ। ଭାଜପାର କେନ୍ଦ୍ରୀୟ ସଂସ୍ଥାକୁ ଭୟ କରୁଥିବାରୁ ମିଛ ଅଭିଯୋଗ ଆଣି ରାହୁଲ ବାପାଙ୍କ ପଦାଙ୍କ ଅନୁସରଣ କରୁଥିବା ମାୟାବତୀ କହିଛନ୍ତି।

# ଜେଡିୟୁକୁ ଟପିଲା ଆର୍‌ଜେଡି

## ବିହାର ଏମ୍‌ଏଲ୍‌ସି ନିର୍ବାଚନ ଫଳାଫଳ

**ପାଟନା,୧୦।୪:** ନିକଟରେ ଶେଷ ହୋଇଥିବା ବିହାର ବିଧାନ ପରିଷଦ ନିର୍ବାଚନ ଫଳାଫଳ ପ୍ରକାଶ ପାଇଛି। ଏହି ଫଳାଫଳ ରାଜ୍ୟର ଉଚ୍ଚ ସଦନରେ ପରିବର୍ତ୍ତନର ସଙ୍କେତ ଦେଇଛି। ୨୦୧୫ ତୁଳନାରେ ଏଥର ଏନ୍‌ଡିଏକୁ କମ୍ ଆସନ ମିଳିଛି। ଅନ୍ୟପକ୍ଷରେ ବିରୋଧୀ ଦଳ ଆର୍‌ଜେଡି ବିଧାନ ପରିଷଦରେ ଦ୍ୱିତୀୟ ବୃହତ ଦଳ ହୋଇପାରିଛି। ୭୫ ଆସନ ବିଶିଷ୍ଟ ବିହାର ବିଧାନ ପରିଷଦର ୨୪ ଏମ୍‌ଏଲ୍‌ସି ପାଇଁ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ସେଥିରୁ ଭାଜପାକୁ ୭ ଆସନ ମିଳିଥିବାବେଳେ ସହଯୋଗୀ ଜେଡିୟୁକୁ ୫ ଏବଂ ରାଷ୍ଟ୍ରୀୟ ଲୋକ ଜନଶକ୍ତି ପାର୍ଟିକୁ ଗୋଟିଏ ଆସନ ଯାଇଛି। ସ୍ୱାଧୀନ ପ୍ରାର୍ଥୀ ୪ ଆସନ ହାତେଇ ଥିବାବେଳେ କଂଗ୍ରେସ ଭାଗରେ ଗୋଟିଏ ଆସନ ପଡ଼ିଛି। ଆର୍‌ଜେଡିକୁ ବଡ଼ ସଫଳତା ମିଳିଛି। ଏହି ଦଳ ୬ ଆସନ ଜିତି ବିଧାନ ପରିଷଦର ଦ୍ୱିତୀୟ ବୃହତ୍ ଦଳ ହୋଇଥିବାବେଳେ ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ଜେଡିୟୁ ତୃତୀୟ ସ୍ଥାନକୁ ଖସିଆସିଛି। କେତେଜଣ ଏନ୍‌ଡିଏ ପ୍ରାର୍ଥୀଙ୍କ ପରାଜୟକୁ ନେଇ ନୀତୀଶ ଶନିବାର ଆଶ୍ଚର୍ଯ୍ୟ ପ୍ରକଟ କରିଥିଲେ। ୨୦୧୫ ଏମ୍‌ଏଲ୍‌ସି ନିର୍ବାଚନରେ ଭାଜପା-ଜେଡିୟୁ ମେଣ୍ଟକୁ ୨୦ ଆସନ ମିଳିଥିଲା। ଭାଜପା ୧୨ ଆସନ ଜିତିଥିବାବେଳେ ଜେଡିୟୁ ୮ ଆସନରେ ବିଜୟୀ ହୋଇଥିଲା। ସେହି ନିର୍ବାଚନରେ ଆର୍‌ଜେଡି ଭାଗରେ ୨ ଆସନ ପଡ଼ିଥିଲା।

# ‘ପିଏମ୍-କିଷାନରେ ରାଜ୍ୟ ବାଧକ’

**ଭୁବନେଶ୍ୱର, ୧୦।୪(ବ୍ୟୁରୋ)**

ଚାଷୀ ହେଉଛନ୍ତି ଦେଶର ଅର୍ଥ ବ୍ୟବସ୍ଥାର ମେରୁଦଣ୍ଡ। ସେମାନଙ୍କ ବିକାଶ ଲାଗି କେନ୍ଦ୍ର ସରକାର କାର୍ଯ୍ୟ କରୁଛନ୍ତି। ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ଯୋଜନାରେ ଅଦ୍ୟାବଧି ୧୦ କିସ୍ତିରେ ୧୧.୭୮ କୋଟି ଚାଷୀଙ୍କୁ ୧. ୮୨ ଲକ୍ଷ କୋଟି ଟଙ୍କାର ସହାୟତା ପ୍ରଦାନ କରାଯାଇଛି। ତେବେ ପିଏମ୍-କିଷାନ ଯୋଜନାରେ ଓଡ଼ିଶାର ଚାଷୀ ସହାୟତା ପାଇବାରେ ରାଜ୍ୟ ସରକାର ବାଧକ ସାଜିଛନ୍ତି ବୋଲି ଅଭିଯୋଗ କରିଛନ୍ତି ଭାଜପା ନେତା ବିଜୁ ପ୍ରସାଦ ତରାଇ। ରବିବାର ଭୁବନେଶ୍ୱରରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଯୋଗଦେଇ ସେ ରାଜ୍ୟ ସରକାରଙ୍କ ଚାଷୀମାରଣା ନୀତି ପ୍ରସଙ୍ଗ ଉଠାଇବା ସହ ପ୍ରବଳ ବର୍ଷିଥିଲେ। ବିଜୁ ପ୍ରସାଦ କହିଛନ୍ତି, ୨୦୧୯ ସାଧାରଣ ନିର୍ବାଚନ ସମୟରେ ରାଜ୍ୟ ସରକାର ୭୫ ଲକ୍ଷ ଚାଷୀଙ୍କୁ କାଳିଆ ଯୋଜନାରେ ଆର୍ଥିକ ସହାୟତା ପ୍ରଦାନ କରାଯିବ ବୋଲି ଘୋଷଣା କରିଥିଲେ। ତେବେ ମାତ୍ର ୫୭ ଲକ୍ଷ ଚାଷୀଙ୍କ ତାଲିକା ଥିବା ରାଜ୍ୟ ସରକାର ବିଧାନସଭାରେ ସ୍ୱୀକାର କରିଛନ୍ତି। ବଳକା ୧୮ ଲକ୍ଷ ଚାଷୀ ଗଲେ କୁଆଡ଼େ ବୋଲି ସେ ପ୍ରଶ୍ନ କରିଛନ୍ତି। ସେହିପରି ଚାଷୀଙ୍କୁ ପିଏମ୍-କିଷାନରେ ସହାୟତା ଯୋଗାଇ ଦେବାକୁ ବାରମ୍ବାର କେନ୍ଦ୍ର ସରକାର ତାଲିକା ମାଗିବା ସତ୍ତ୍ୱେ ରାଜ୍ୟ ସରକାର ମାତ୍ର ୯ ଲକ୍ଷ ଚାଷୀଙ୍କ ତାଲିକା ପ୍ରଦାନ କରିଛନ୍ତି। ତନ୍ମଧ୍ୟରୁ ୯୦୦୦ ଅଯୋଗ୍ୟ ଥିବା ପ୍ରାଥମିକସ୍ତରରେ ଧରାପଡ଼ିଛି। ପିଏମ୍-କିଷାନ ଯୋଜନାରେ ଓଡ଼ିଶାର ଚାଷୀ ଲାଭାନ୍ୱିତ ହେଲେ କେନ୍ଦ୍ର ସରକାର ଶ୍ରେୟ ନେଇଯିବେ। ତେଣୁ ରାଜ୍ୟ ସରକାର ଭୟ କରୁଥିବା ବିଜୁ ଆକ୍ଷେପ କରି କହିଛନ୍ତି।


ପଶ୍ଚିମବଙ୍ଗର ବାଲିଗୁଙ୍ଗେ ବିଧାନସଭା ଆସନରେ ଉପନିର୍ବାଚନ ଲାଗି ରବିବାର ପ୍ରଚାର ଶେଷ ହୋଇଛି। ଶେଷ ଦିନରେ ଭାଜପା ରାଜ୍ୟ ସଭା ସଦସ୍ୟ ରୂପା ଗାଙ୍ଗୁଲି ଦଳୀୟ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରୁଛନ୍ତି।

# ଆନ୍ଧ୍ର କ୍ୟାବିନେଟରେ ୧୪ ନୂଆ ମୁହଁ

## ପଛୁଆ ବର୍ଗରୁ ଅଧିକ ପ୍ରତିନିଧିତ୍ୱ

**ହାଇଦ୍ରାବାଦ,୧୦।୪**

ୱାଇଏସ୍‌ଆର୍ କଂଗ୍ରେସ ପାର୍ଟି ଅଧ୍ୟକ୍ଷ ତଥା ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ୱାଇ.ଏସ୍. ଜଗନମୋହନ ରେଡ୍ଡୀ ଶନିବାର ନୂଆ କ୍ୟାବିନେଟ ମନ୍ତ୍ରୀଙ୍କ ତାଲିକା ଘୋଷଣା କରିଛନ୍ତି। ସୋମବାର ନୂଆ ମନ୍ତ୍ରୀମାନେ ଶପଥ ଗ୍ରହଣ କରିବେ। ପୂର୍ବ କ୍ୟାବିନେଟର ୧୧ ସଦସ୍ୟଙ୍କୁ ନୂଆ ମନ୍ତ୍ରିମଣ୍ଡଳରେ ନିଆଯାଇଥିବାବେଳେ ୧୪ ନୂଆ ମୁହଁ ସାମିଲ ହୋଇଛନ୍ତି। ଜଗନଙ୍କ କ୍ୟାବିନେଟରେ ଅଦଳବଦଳ ପାଇଁ ଗତ ୭ ତାରିଖରେ ସବୁ ମନ୍ତ୍ରୀ ଇସ୍ତଫା ଦେଇଥିଲେ। ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନଙ୍କ ଅନୁମୋଦନ ଲାଗି ୨୫ ଜଣିଆ ମନ୍ତ୍ରୀ ତାଲିକା ରାଜଭବନକୁ ପଠାଯାଇଛି।

୨୦୧୯ ଜୁନ୍ ନିର୍ବାଚନ ବେଳେ ଜଗନ ଦେଇଥିବା ପ୍ରତିଶ୍ରୁତି ରକ୍ଷା କରିବାକୁ ଯାଇ ମଧ୍ୟଭାଗରେ କ୍ୟାବିନେଟରେ ବଡ଼ ଅଦଳବଦଳ କରିଛନ୍ତି। ଶାସନରେ ସନ୍ତୁଳନ ପାଇଁ ନୂଆ କ୍ୟାବିନେଟରେ ବରିଷ୍ଠ ତଥା ଅଭିଜ୍ଞଙ୍କ ସହ ନୂଆ ନେତାଙ୍କୁ ନିଆଯାଇଛି। ପୂର୍ବ କ୍ୟାବିନେଟର ଅନ୍ୟ ମନ୍ତ୍ରୀମାନଙ୍କୁ ଦଳରେ ବିଭିନ୍ନ ଦାୟିତ୍ୱ ଦିଆଯିବ ବୋଲି ଜଣାପଡ଼ିଛି। ୨୦୨୪ ସାଧାରଣ ନିର୍ବାଚନ ସହ ବିଧାନସଭା ନିର୍ବାଚନ ଜିତିବାରେ ସେମାନଙ୍କ ଅଭିଜ୍ଞତା ସହାୟକ ହୋଇପାରିବ ବୋଲି କୁହାଯାଉଛି। ପ୍ରଥମରୁ ଜଗନ ତାଙ୍କ ମନ୍ତ୍ରିମଣ୍ଡଳରେ ଅନୁସୂଚିତ ଜାତି, ଜନଜାତି ଓ ପଛୁଆ ବର୍ଗଙ୍କୁ ଅଧିକ ପ୍ରତିନିଧିତ୍ୱ ସୁଯୋଗ ଦେଇଆସିଥିବାବେଳେ ଏଥର ମଧ୍ୟ ତା’ର ପୁନରାବୃତ୍ତି ହୋଇଛି। ୨୦୧୯ରେ ଜଗନଙ୍କ କ୍ୟାବିନେଟରେ ଏସ୍‌ସି, ଏସ୍‌ଟି, ଓବିସି ଓ ସଂଖ୍ୟାଲଘୁ ପ୍ରତିନିଧିତ୍ୱ ୫୬ ପ୍ରତିଶତ ଥିଲା। ଏଥର ତାହା ୬୮ ପ୍ରତିଶତକୁ ବୃଦ୍ଧି ପାଇଛି। ଅର୍ଥାତ୍ ୨୫ ମନ୍ତ୍ରୀଙ୍କ ମଧ୍ୟରୁ ଉପରୋକ୍ତ ବର୍ଗରୁ ୧୭ ଜଣ ରହିଛନ୍ତି। ପଛୁଆ ବର୍ଗରୁ ୧୧ ଜଣ ମନ୍ତ୍ରୀ ହୋଇଥିବାବେଳେ ଅନୁସୂଚିତ ଜାତିରୁ ୫, ଅନୁସୂଚିତ ଉପଜାତିରୁ ଜଣେ ମନ୍ତ୍ରୀ ହୋଇଛନ୍ତି।


ୱାଇ.ଏସ୍. ଜଗନମୋହନ ରେଡ୍ଡୀ



**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୪୯,୮୮,୧୩,୦୮୫ | ୬୨,୦୨,୬୬୯ | ୪୪,୩୮,୨୪,୯୫୨ |
| ଭାରତ | ୪,୩୦,୩୫,୨୭୧ | ୫,୨୧,୬୯୫ | ୪,୨୫,୦୨,୪୫୪ |
| ଓଡ଼ିଶା | ୧୨,୮୭,୮୪୨ | ୯୧୨୧(+୫୩) | ୧୨,୭୮,୫୩୬ |

ରବିବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

## ମହାପ୍ରଭୁଙ୍କୁ ଦର୍ଶନ କଲେ ଅଭିନେତା କିରନ କୁମାର

**ପୁରୀ ଅଫିସ, ୧୦।୪:** ବଲିଉଡ୍ ଅଭିନେତା କିରନ କୁମାର ରବିବାର ପୁରୀ ଆସି ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି। ସେ ଶ୍ରୀମନ୍ଦିରକୁ ଯାଇ ଭିତରକାଠ ନିକଟରେ ଦାରୁଦିଅଁଙ୍କୁ ଦର୍ଶନ କରିଥିଲେ। ପରେ ଭିତରବେଢାରେ ଥିବା ପାର୍ଶ୍ୱ ଦେବାଦେବୀଙ୍କୁ ଦର୍ଶନ କରିଥିଲେ। ଶ୍ରୀମନ୍ଦିରରୁ ଫେରିବା ପରେ ମହାପ୍ରଭୁଙ୍କୁ ଦର୍ଶନ କରି ସେ ବେଶ ଖୁସି ବୋଲି କହିଥିଲେ।

## ୪୦ ଡିଗ୍ରୀ ଉପରେ ୧୧ ସହର

**୪୨.୩ ଡିଗ୍ରୀ ସହ ସୋନପୁର ସବୁଠୁ ଉତ୍ତପ୍ତ**

**ଭୁବନେଶ୍ୱର, ୧୦।୪(ବ୍ୟୁରୋ)**

ସାରା ରାଜ୍ୟରେ ପ୍ରବଳ ଖରା ତାତି ଜାରି ରହିଛି। ଉପକୂଳଠାରୁ ପଶ୍ଚିମ ଓଡ଼ିଶାରେ ସ୍ଥିତି ଅସହ୍ୟ ହୋଇଛି। ଗରମରେ ଲୋକେ ଆଉଟୁପାଉଟୁ ହେଉଛନ୍ତି। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ରର ସୂଚନାନୁସାରେ, ରବିବାର ୧୧ ସହରର ତାପମାତ୍ରା ୪୦ ଡିଗ୍ରୀ ଉପରେ ରହିଥିବାବେଳେ ୪୨.୩ ଡିଗ୍ରୀ ସହ ସୋନପୁର ସବୁଠାରୁ ଉତ୍ତପ୍ତ ସହର ଥିଲା। ବଲାଙ୍ଗୀରରେ ୪୨.୨, ଟିଟିଲାଗଡ଼ ୪୨, ବାରିପଦା ୪୨, ଝାରସୁଗୁଡ଼ା ୪୧.୮, ସମ୍ବଲପୁର ୪୧.୭, ବୌଦ୍ଧ ୪୧.୫, ଅନୁଗୋଳ ୪୦.୯, ସୁନ୍ଦରଗଡ଼ ୪୦, ହୀରାକୁଦ ୪୦.୧ ଏବଂ ଭବାନୀପାଟଣାରେ ୪୦.୮ ଡିଗ୍ରୀ ସେଲ୍‌ସିୟସ ତାପମାତ୍ରା ରହିଥିଲା। ସେହିଭଳି ବାଲେଶ୍ୱରରେ ୩୯.୧, ଚାନ୍ଦବାଲି ୩୮, କଟକ ୩୬.୨, ଭୁବନେଶ୍ୱର ୩୭.୪, କେନ୍ଦୁଝରେ ୩୯, ନୟାଗଡ଼ ୩୮, ଯାଜପୁର ୩୮, ଛତ୍ରପୁର ୩୯ ଓ ମାଲକାନଗିରିରେ ତାପମାତ୍ରା ୩୯.୫ ଡିଗ୍ରୀ ରହିଥିଲା। ଆସନ୍ତା ୫ ଦିନ ପର୍ଯ୍ୟନ୍ତ ଦିନ ତାପମାତ୍ରାରେ ସେଭଳି କୌଣସି ବଡ଼ ପରିବର୍ତ୍ତନ ହେବ ନାହିଁ। ଆଭ୍ୟନ୍ତରୀଣ ଓଡ଼ିଶାରେ ୨ରୁ ୩ ଡିଗ୍ରୀ ତାପମାତ୍ରା ବୃଦ୍ଧି ପାଇବାର ସମ୍ଭାବନା ରହିଥିବା ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ସେପଟେ ଆସନ୍ତା ୫ଦିନ ପର୍ଯ୍ୟନ୍ତ ସ୍ୱଳ୍ପ ଧରଣର ବର୍ଷା ସହିତ ବଜ୍ରପାତ ହେବା ନେଇ ଭୁବନେଶ୍ୱରସ୍ଥିତ ପାଣିପାଗ ବିଜ୍ଞାନ କେନ୍ଦ୍ରପକ୍ଷରୁ ସୂଚନା ଦିଆଯାଇଛି।

## ଟୁଇଟର ମୁଖ୍ୟାଳୟ ଆଶ୍ରୟସ୍ଥଳୀ ହେବ କି

**ୱାଶିଂଟନ୍, ୧୦।୪**

**ପୁଣି ଚର୍ଚ୍ଚାରେ ମସ୍କଙ୍କ ଟୁଇଟ୍**



ଟେସ୍‌ଲା ମାଲିକ ଏଲନ୍ ମସ୍କ ଟୁଇଟରକୁ ନେଇ ସର୍ଭେ ମାଧ୍ୟମରେ ୟୁଜର୍ସଙ୍କୁ ବିଭିନ୍ନ ପ୍ରଶ୍ନ ପଚାରୁଛନ୍ତି। ଏବେ ମସ୍କଙ୍କ ଆଉ ଏକ ଟୁଇଟ୍ ଚର୍ଚ୍ଚାକୁ ଆସିଛି। ଟୁଇଟରରେ ୯.୨% ଅଂଶଧନର ମାଲିକ ବୋଲି ଘୋଷଣା କରିବା ପରେ ରବିବାର ସକାଳେ ସେ ଏକ ଟୁଇଟ କରି ପଚାରିଛନ୍ତି, ଟୁଇଟର୍ ସାନ୍ ଫ୍ରାନ୍ସିସ୍‌କୋ ମୁଖ୍ୟାଳୟକୁ ବାସହୀନଙ୍କ ପାଇଁ ଆଶ୍ରୟସ୍ଥଳ କରିବା ଉଚିତ ହେବ କି? କାରଣ ଏଠାରେ କାହାକୁ ଦେଖିବାକୁ ମିଳୁନି। ଏହି ଟୁଇଟ୍ କରିବାର ମାତ୍ର କିଛି ଘଣ୍ଟା ଭିତରେ ୧୪ ଲକ୍ଷରୁ ଊର୍ଦ୍ଧ୍ୱ ଭୋଟ୍ ମିଳିଛି, ଯେଉଁଥିରେ ଅଧିକାଂଶ ୟୁଜର୍ସ ଏଥିପାଇଁ 'ହଁ' କହିଛନ୍ତି। ଟୁଇଟରରେ ମସ୍କଙ୍କ ୮ କୋଟିରୁ ଊର୍ଦ୍ଧ୍ୱ ଫଲୋଅର୍ସ ଅଛନ୍ତି।

# ରାଜଧାନୀରେ ଜୟ ଶ୍ରୀରାମ ଧ୍ୱନି

**ଭୁବନେଶ୍ୱର,୧୦।୪(ବ୍ୟୁରୋ)**

ରାମ ନବମୀ ଅବସରରେ କେତୋଟି ହିନ୍ଦୁ ସଙ୍ଗଠନ ପକ୍ଷରୁ ରାଜଧାନୀ ଭୁବନେଶ୍ୱରେ ଏକ ବିଶାଳ ରାଲି ରବିବାର ଅପରାହ୍ନରେ ଦେଖିବାକୁ ମିଳିଛି। ଓଡ଼ିଶାର ବିଭିନ୍ନ ସ୍ଥାନରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସଏସ୍) ସମେତ ଅନ୍ୟାନ୍ୟ ହିନ୍ଦୁ ସଙ୍ଗଠନ ପକ୍ଷରୁ ଏଭଳି ରାଲି ହୋଇଥିବା ବେଳେ ରାଜଧାନୀର ଚିତ୍ର କିନ୍ତୁ ଭିନ୍ନ ଧରଣର ଥିଲା। ପ୍ରାୟ ୭୦୦ରୁ ଅଧିକ ମୋଟର ସାଇକେଲ ଏବଂ କାର୍‌ରେ ଶ୍ରୀରାମ ନବମୀ ମହୋତ୍ସବ ସମିତି ପକ୍ଷରୁ କାର୍ଯ୍ୟକର୍ତ୍ତାମାନେ ରାଜଧାନୀର ବିଭିନ୍ନ ଅଞ୍ଚଳରେ ଶୋଭାଯାତ୍ରାରେ ବୁଲିଛନ୍ତି। ଏଥିରେ ମୁଖ୍ୟତଃ ବିଶ୍ୱ ହିନ୍ଦୁ ପରିଷଦ, ବଜରଙ୍ଗ ଦଳ ଏବଂ ହିନ୍ଦୁ ଜାଗରଣ ସାମ୍ମୁଖ୍ୟ କାର୍ଯ୍ୟକର୍ତ୍ତାମାନେ ସାମିଲ ହୋଇଥିଲେ। ରାଲିରେ ଯୋଗ ଦେଇଥିବା କାର୍ଯ୍ୟକର୍ତ୍ତାମାନଙ୍କ ହାତରେ ଭିନ୍ନ ଭିନ୍ନ ପତାକା ମଧ୍ୟ ଦେଖିବାକୁ ମିଳିଥିଲା। କେଉଁ ପତାକାରେ ମହାଦେବଙ୍କ ଫଟୋ ଚିତ୍ର ଥିଲା ତ ଆଉ କେଉଁଥିରେ ଓମ୍ ଲେଖା ହୋଇଥିଲା। ଏପରିକି ଆଉ କେତେକ ପତାକାରେ ଶ୍ରୀରାମଙ୍କ ଫଟୋଚିତ୍ର ସ୍ଥାନ ପାଇଥିଲା। ଅନ୍ୟପଟେ ଏକ ନାଲି ପତାକାରେ କମ୍ୟୁନିଷ୍ଟ ଚିହ୍ନ(ଦା, ହାତୁଡ଼ି) ଏବଂ ବାଘ ଫଟୋ ଥିବା ଦେଖିବାକୁ ମିଳିଛି। ରାଜଧାନୀର ବିଭିନ୍ନ ସ୍ଥାନରେ ଏହି ୪ର୍ଥ ପତାକା ଲଗାଯାଇଥିବା ଦେଖିବାକୁ ମିଳିଛି। ଏହି ହିନ୍ଦୁ ସଙ୍ଗଠନଗୁଡ଼ିକ ୨ ବର୍ଷ ତଳୁ ଏଭଳି ଏକ ରାଲି କରିବାକୁ ପ୍ରସ୍ତୁତି ଚଳାଇଥିବା ଏକ ବିଶେଷ ସୂତ୍ରରୁ ଜାଣିବାକୁ ମିଳିଛି।



ଶୋଭାଯାତ୍ରାରେ ସାମିଲ ହୋଇଥିବା ବିଭିନ୍ନ ହିନ୍ଦୁ ସଂଗଠନର କାର୍ଯ୍ୟକର୍ତ୍ତା।



ଚତୁର୍ଥ ପତାକା

ୟୁନିଟ୍-୮ ସ୍ଥିତ ଜୟଦେବ ପାଠାଗାର ଠାରୁ ବାହାରିଥିବା ଶୋଭାଯାତ୍ରା ଶିରିପୁର ଦେଇ ଏୟାରପୋର୍ଟ ଛକଠାରେ ପହଞ୍ଚିଥିଲା। ସେଠାରୁ କ୍ୟାପିଟାଲ ଛକ, ଶିଶୁଭବନ ଛକ ପରେ ବାଣୀବିହାର ଛକ ପର୍ଯ୍ୟନ୍ତ ଯାଇଥିଲା। ବାଣୀବିହାର ଛକଠାରୁ ଶୋଭାଯାତ୍ରା ପୁଣିଥରେ ସିଆର୍‌ପି ଛକ ଦେଇ ଜୟଦେବ ପାଠାଗାର ନିକଟରେ ଶେଷ ହୋଇଥିଲା। ଓଡିଶାରେ ଏହା ହିନ୍ଦୁ ସଙ୍ଗଠନର କାର୍ଯ୍ୟକର୍ତ୍ତାଙ୍କ ପ୍ରଥମ ବଡ଼ ରାଲି ବୋଲି ଆଲୋଚନା ଜୋର୍ ଧରିଛି। ଶ୍ରୀରାମ ନବମୀ ମହୋତ୍ସବ ସମିତି ପକ୍ଷରୁ ଦୀପକ କୁମାର ଜେନାଙ୍କ ନାମରେ ବିଭିନ୍ନ ଥାନାରୁ ଏହି ରାଲି ପାଇଁ ଅନୁମତି ମଧ୍ୟ ଅଣାଯାଇଥିଲା। ତେବେ ଏହି ଶୋଭାଯାତ୍ରାରେ ୫ ହଜାରରୁ ଊର୍ଦ୍ଧ୍ୱ କାର୍ଯ୍ୟକର୍ତ୍ତା, ୨୦୦୦ରୁ ୨୫୦୦ ମୋଟର ସାଇକେଲ ଏବଂ ପାଖାପାଖି ୧୦୦ରୁ ୧୫୦ କାର୍ ସାମିଲ ହୋଇଥିବା ଶ୍ରୀରାମ ନବମୀ ମହୋତ୍ସବ ସମିତି ପକ୍ଷରୁ କୁହାଯାଇଛି। ମିଳିଥିବା ସୂଚନା ମୁତାବକ, ପ୍ରତ୍ୟେକ ମୋଟର ସେଇକେଲ ଏବଂ କାର୍ ପିଛା ପେଟ୍ରୋଲ ମଧ୍ୟ ପ୍ରଦାନ କରାଯାଇଥିବା ଶୋଭାଯାତ୍ରାରେ ସାମିଲ ହୋଇଥିବା କେତେଜଣ କାର୍ଯ୍ୟକର୍ତ୍ତାଙ୍କଠାରୁ ଶୁଣିବାକୁ ମିଳିଛି।

ତେବେ ଆର୍‌ଏସ୍‌ଏସ୍ କାର୍ଯ୍ୟକର୍ତ୍ତା ସୁମନ୍ତ ଘଡାଇ ଏହି ରାଲି ଆୟୋଜନରେ ପ୍ରମୁଖ ଭୂମିକା ନେଇଥିଲେ। ତାଙ୍କ କହିବା ମୁତାବକ, ଶ୍ରୀରାମ ନବମୀ ମହୋତ୍ସବ ସମିତି ୨୦୧୭-୧୮ରୁ ଗଠନ ହୋଇଥିଲା। ଏହି ସମିତି ନାଁରେ ରାଲି ଆୟୋଜନ କରାଯାଇଛି। ଏଥିରେ ପ୍ରାୟ ଆର୍‌ଏସଏସ କାର୍ଯ୍ୟକର୍ତ୍ତା ଭାଗ ନେଇଥିଲେ। ଶ୍ରୀରାମଙ୍କ ଜୀବନର ତ୍ୟାଗ, ଆଦର୍ଶ ଲୋକଙ୍କ ପାଖରେ ପହଞ୍ଚାଇ ଦେଶକୁ ରାମ ରାଜ୍ୟ କରିବା ଲାଗି ଶୋଭାଯାତ୍ରା ଜରିଆରେ ଏହା ଏକ ଉଦ୍ୟମ ଥିଲା। ଓଡିଶା ହେଉଛି ହିନ୍ଦୁତ୍ୱର ଜାଗା, ଏଠି ଯେଉଁ ସ୍ଥାନ ଖୋଳିଲେ ଠାକୁର ବାହାରିବେ। ଲୋକଙ୍କ ମନରେ ହିନ୍ଦୁତ୍ୱକୁ ପୁନର୍ଜାଗରଣ କରିବା ସମିତିର ମୁଖ୍ୟ ଲକ୍ଷ୍ୟ ବୋଲି ସେ କହିଛନ୍ତି। ତେବେ ଜୟ ଶ୍ରୀରାମ ବଦଳରେ ଜୟ ଜଗନ୍ନାଥ ସ୍ଲୋଗାନ କାହିଁକି ଦିଆଯାଉନାହିଁ ବୋଲି ଖବରଦାତାଙ୍କ ପ୍ରଶ୍ନର ଉତ୍ତରରେ ସୁମନ୍ତ କହିଛନ୍ତି, ପ୍ରଥମରୁ ଆମ ସଙ୍ଗଠନ ଜୟ ଶ୍ରୀରାମ ସ୍ଲୋଗାନ ଦେଇ ଆସୁଛି। ତେବେ ଅନ୍ୟ ଠାକୁରଙ୍କ କାର୍ଯ୍ୟକ୍ରମ ହେଲେ ସେହି ଠାକୁରଙ୍କ ନାମରେ ସ୍ଲୋଗାନ ଦେବୁ। ତେବେ ଶୋଭାଯାତ୍ରାରେ ସାମିଲ ହୋଇଥିବା କାର୍ଯ୍ୟକର୍ତ୍ତାମାନେ ସ୍ୱଇଚ୍ଛାରେ ଆସିଥିବା ବେଳେ ସେମାନଙ୍କୁ କୌଣସି ପରିବହନ ଖର୍ଚ୍ଚ ଦିଆଯାଇ ନ ଥିବା ସୁମନ୍ତ କହିଛନ୍ତି।


Prof. Ganeshi Lal
Governor, Odisha
ପ୍ରଫେସର ଗଣେଶୀ ଲାଲ
ରାଜ୍ୟପାଳ, ଓଡ଼ିଶା

RAJ BHAVAN
BHUBANESWAR-751 008
ରାଜଭବନ
ଭୁବନେଶ୍ୱର-୭୫୧୦୦୮
April 07, 2022



**ବାର୍ତ୍ତା**

ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରଣାଳୟ (ଏମଓପିଏନ୍‌ଜି) ଅଧୀନରେ ଥିବା ତୈଳ ଶିଳ୍ପ ତଥା ପେଟ୍ରୋଲିୟମ ସଂରକ୍ଷଣ ଅନୁସନ୍ଧାନ ସଂଘ (ପିସିଆର୍‌ଏ) ପକ୍ଷରୁ ସର୍ବଭାରତୀୟ ସ୍ତରରେ ଇନ୍ଧନ ସଂରକ୍ଷଣର ସଚେତନତା ସୃଷ୍ଟି କରିବା ପାଇଁ ଓଡ଼ିଶାରେ ଅପ୍ରେଲ୍ ୧୧ ରୁ ୩୦ ଅପ୍ରେଲ୍ ୨୦୨୨ ପର୍ଯ୍ୟନ୍ତ ''ସକ୍ଷମ-୨୦୨୨'' କାର୍ଯ୍ୟକ୍ରମ ଆୟୋଜନ ହେବା ଜାଣି ଆନନ୍ଦିତ।

''ସକ୍ଷମ-୨୦୨୨'' ହେଉଛି ଏକ ଅଭିଯାନ କାର୍ଯ୍ୟକ୍ରମ ଏବଂ ପେଟ୍ରୋଲିୟମ ଉତ୍ପାଦର ସଠିକ୍ ବ୍ୟବହାର ତଥା ସଂରକ୍ଷଣ ପାଇଁ ନାଗରିକଙ୍କ ମଧ୍ୟରେ ସଚେତନତା ତିଆରି କରିବା ଏହାର ଲକ୍ଷ୍ୟ। ଜାତୀୟ ଅର୍ଥବ୍ୟବସ୍ଥା, ପରିବେଶ ତଥା ଜୀବନର ସବୁ ପ୍ରକାରର ସୁରକ୍ଷା ପାଇଁ ଏହି ଅଣ-ଅକ୍ଷୟ ଉତ୍ସ ଗୁଡ଼ିକର ସର୍ବୋଚ୍ଚ ବ୍ୟବହାର ଆବଶ୍ୟକ। ଏହି କାର୍ଯ୍ୟକ୍ରମ ଅନ୍ତର୍ଗତ ବିଭିନ୍ନ କାର୍ଯ୍ୟକଳାପ ମାଧ୍ୟମରେ ପେଟ୍ରୋଲିୟମ ଉତ୍ପାଦର ସଂରକ୍ଷଣକୁ ପ୍ରୋତ୍ସାହନ ଦେବା ଏବଂ ଏ ସମ୍ପର୍କରେ ଅବଗତ କରିବା, ହୃଦୟସ୍ପର୍ଶୀ। ମୁଁ ଦୃଢ଼ ନିଶ୍ଚିତ ଯେ ''ସକ୍ଷମ-୨୦୨୨'' ରାଜ୍ୟର ଲୋକମାନଙ୍କ ମଧ୍ୟରେ ଏକ ସକରାତ୍ମକ ଚିନ୍ତାଧାରା ଆଣିବ ଏବଂ ଏହି ସଂରକ୍ଷଣ ଡ୍ରାଇଭରେ ମୁଁ ଜଣେ ଅଂଶୀଦାର ଭାବେ ଗର୍ବିତ।

''ସକ୍ଷମ-୨୦୨୨''ର ପୂର୍ଣ୍ଣ ସଫଳତା କାମନା କରୁଛି।

(ଗଣେଶୀ ଲାଲ)





## ଗୋଟାବାୟାଙ୍କ ଉପରେ ଇସ୍ତଫା ଚାପ ବଢୁଛି



କଲମ୍ବୋ,୧୦।୪ (ପି.ଟି.): ଅଭୂତପୂର୍ବ ଆର୍ଥିକ ସଙ୍କଟର ସମ୍ମୁଖୀନ ହୋଇଥିବା ଶ୍ରୀଲଙ୍କାରେ ସରକାର ବିରୋଧୀ ଆନ୍ଦୋଳନ ଜୋରଦାର ହୋଇଛି। ରାଷ୍ଟ୍ରପତି ଗୋଟାବାୟା ରାଜପାକ୍ସେଙ୍କ ଇସ୍ତଫା ଦାବିରେ ବିକ୍ଷୋଭକାରୀମାନେ ଶନିବାର ସାରା ରାତି ଆନ୍ଦୋଳନ ଚଳାଇଥିଲେ। ଗାଲେ ଫେସ୍ ଗ୍ରୀନ୍ ଅର୍ବାନ ପାର୍କରେ ୧୦ ହଜାରରୁ ଊର୍ଦ୍ଧ୍ୱ ବିକ୍ଷୋଭକାରୀ ସାରା ରାତି ଉଜାଗର ରହି ସରକାରଙ୍କ ବିରୋଧରେ ସ୍ଲୋଗାନ ଦେବା ସହ ରାଷ୍ଟ୍ରପତିଙ୍କ ଇସ୍ତଫା ଦାବି କରିଥିଲେ। ଦେଶବାସୀଙ୍କ ପାଖରେ ଖାଦ୍ୟ, ଇନ୍ଧନ, ଔଷଧ ଓ ବିଦ୍ୟୁତ୍ ନାହିଁ। ସରକାରଙ୍କ ପାଖରେ ଏହାର ସମାଧାନ ନ ଥିବାରୁ ସେମାନେ କ୍ଷମତାରେ ରହିବା ଆବଶ୍ୟକ ନାହିଁ ବୋଲି ବିକ୍ଷୋଭକାରୀ କହିଥିଲେ।


## ଜନ୍ମଦିନର ଶୁଭେଚ୍ଛା

ନାମ: ..............................................
ବୟସ:...............................................
ଜନ୍ମ ତାରିଖ: ..................................


ଜୟଶ୍ରୀ
ପରିବାରବର୍ଗ


ସତ୍ୟ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


## ହାତଗୋଡ଼ ବାନ୍ଧି ସୁନା, ଟଙ୍କା ଲୁଟ୍

ଧର୍ମଶାଳା,୧୦।୪(ଡି.ଏନ୍.ଏ.): ଯାଜପୁର ଜିଲା ଧର୍ମଶାଳା ଥାନା ରାଣୀବନ୍ଧୀ ଗ୍ରାମରେ ଶନିବାର ରାତିରେ ଡକାୟତି ହୋଇଛି। ଦୁର୍ବୃତ୍ତ ଗ୍ରାମର ତରୁଣ ମହାପାତ୍ରଙ୍କ ଘରେ ପଶି ଆଲମିରା ଭାଙ୍ଗି ୪ ଭରି ସୁନା ଓ ୧୦ ଭରି ରୁପା ଅଳଙ୍କାର ସହ ୨୦ ହଜାର ଟଙ୍କା ଲୁଟି ନେଇଛନ୍ତି। ଏହାକୁ ଗୃହକର୍ତ୍ତାଙ୍କ ଭଣଜା ବିରୋଧ କରିବାରୁ ଦୁର୍ବୃତ୍ତ ତାଙ୍କୁ ମାଡ଼ ମାରିବା ସହ ହାତଗୋଡ଼ ବାନ୍ଧିଦେଇ ଫେରାର ହୋଇଯାଇଥିଲେ। ଗୃହକର୍ତ୍ତାଙ୍କ ପୁଅ ସତ୍ୟରଞ୍ଜନ ବନ୍ଧାହୋଇଥିବା ଭାଇଙ୍କୁ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରିଥିଲେ। ପୋଲିସ ପହଞ୍ଚି ଘଟଣାର ତଦନ୍ତ କରିଛି। ଏହି ଘଟଣାରେ ପୋଲିସ କାହାରିକୁ ଗିରଫ କରିବାରେ ସଫଳ ହୋଇନାହିଁ।


# classifieds Everyday
0674-2580101, 2549302




### SALE

Plot for Sale at Ghangapatna (4km from Sumhospital). 9583295832, 9937816565. D-067

Conversion Demarcation 30ft. Roadside Corner Plot Sale near GITA, DN fair tyle and BIT 3200sqft 28,80,000/- .8249086912. D-093

ଭୁବନେଶ୍ୱର ପଟିଆ ବିଗ୍‌ବଜାରରୁ **3.5 K.M.** ଦୂରତାରେ ଘରବାରି ପ୍ଲଟ୍ **sqft.-650/-**ରେ ବିକ୍ରିହେବ। **First possesion then registration. 7978533676.** D-73229

ପୁରୀ ମାଳତୀପାଟପୁର ବସ୍‌ଷ୍ଟାଣ୍ଡ ପାଖ NHରୁ 1K.M. ଦୂରରେ immediate ଘରକରି ରହିବା ପାଇଁ low cost plot ମିଳୁଛି। 9692213354. D-71886

ଭୁବନେଶ୍ୱର **Gita/ Gandhi** କଲେଜରୁ **1k.m. BDA Satellitecity**କୁ ଲାଗି **30'** ରାସ୍ତା ଥାଇ **boundary** ପ୍ଲଟ୍ **30ft.-750/-. 9439918431, 8249603324.** D-73222

Plot for sale at Chhatabar per sqft. @99/-. 9583295832, 9937816565. D-091

ଭୁବନେଶ୍ୱର ରଙ୍ଗବଜାର **BJEM-2** ଲାଗି **4BHK duplex East Facing area- 1500sqft. 4.5. k.m. from Ravi Talkies (Bank Finance available). 9040072232.** D-73230

Morningsun Villa Balianta (4k.m. from Hanspal) duplex price- 55,00,000/- to 65,00,000/-. 9938137503. D-73228

ଭୁବନେଶ୍ୱର ସୁନ୍ଦରପଦା- ଜଟଣୀ ରାସ୍ତାରେ **Xavier University** ଏବଂ **Aditya Birla School** ପାଖରେ **possession** ପ୍ଲଟ୍ ମିଳୁଛି। **8249292535, 7377376856.** D-73215

Sale 2storied building 2700sqft. at Sundarpada, Bhubaneswar. Contact: 8249492304, 8249777920. D-71023

**Gharabari plot sale Sundarpada near Hi-Tech Plaza sqft. 950/-, Kateni 650/-, Gangapada 950/- first possession then registration. 7504615299, 9337766961.** D-71344

ଜଟଣୀଗେଟ୍‌ରୁ କିଛି ଦୂରତାରେ sqft.- 450/-, sqft.- 350/-, sqft.-220/- ପର୍ଯ୍ୟନ୍ତ ଜାଗା ଅଛି। Immediately registration & possession. 9348232008, 9556055607. D-014

ଭୁବନେଶ୍ୱରଠାରୁ ସାତ କିଲୋମିଟର ଦୂର **Balianta Area** ଘରବାରି ପ୍ଲଟ୍ ବିକ୍ରିହେବ। **sqft. Rs-750/- immediate construction. Contact No.- 7008992019.** D-025

Residential plot near Kateni Square (Sum Hospital) close to Cuttack- Khordha NH, Adjacent 200feet road, 12subplot left. Contact: 9937452454, 8144373035. D-078

### GENERAL

### SALE

**Automatic stone crusher plant for sale at Chatrama, Khurdha. 9937427861, 9337767967.** D-045




1BHK for rent at Samantarapur, Bhubaneswar, for Small Family or Bachelor. Contact: 9622468576. D-090

**Rent for Office/ Bank/ Shop 2000sqft. area. Prime location on NH-Cosmopolis Chhaka, near Khandagiri, Bhubaneswar-751019. Contact: 9871816986.** D-71487

Tolet for new 2BHK flat at Srustimansion Sundarpada. Contact: 8249777920. D-71022




Newly open SPA positively health benefits expert therapist, Kalpana. 7846814019. D-71486

Newly open full body massage ladies and gents. 8327740003. D-71885

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

**Relax, Refresh your body, Mind at Saikrupa Spa with best therapies. 8984068077.** D-23511

Mesmerizing, energetic body, mind qualitative relaxing massage experienced therapists. 9668374480. D-71975

### LOST

ଗୌରାଙ୍ଗ ଚରଣ ଜେନା, ପିତା- ମାୟାଧର ଜେନା, ବାଘବୁଦା,ରାଜକନିକା। ଗତ ୭ ତାରିଖ ଦିନ ଘରୁ ରାଜକନିକା ବଜାର ଯିବା ରାସ୍ତାରେ ଘରବାଡ଼ି ପଟ୍ଟା ଓ କବଲା କେଉଁଠାରେ ହଜିଯାଇଛି। ପଟ୍ଟାର ମୌଜା- ବାଘବୁଦା, କିସମ- ଘରବାଡ଼ି, ଖାତା ନମ୍ବର- ୨୩୭/୪୩ ଓ ପ୍ଲଟ୍ ନମ୍ବର- ୫୫୧ ଅଟେ। ଯଦି କେହି ସହୃଦୟ ବ୍ୟକ୍ତି ଉକ୍ତ ବ୍ୟାଗ୍‌ଟିକୁ ପାଇଥାନ୍ତି ମୋ- ୮୪୫୮୦୨୯୭୧୪ରେ ଜଣାଇବାକୁ ଅନୁରୋଧ। ଧ- ୦୯୮

### AFFIDAVIT

I Susama Manjari Acharya D/O Rajendra Prasad Acharya R/O of Gautam nagar, Chatrapur shall henceforth be known as Susama Tripathy affidavit no. 2845 sworn before Executive Magistrate, Chatrapur dated 28th of march 2022. D-100

ମୁଁ ସୁରେନ୍ଦ୍ର କୁମାର ବେହେରା, ବାପା- ଶଙ୍କର ବେହେରା, ଗ୍ରାମ- କର୍ଣ୍ଣଦାଣ୍ଡି, ପୋ- ମଙ୍ଗଳପୁର, ଥାନା- ମଙ୍ଗଳପୁର, ଜିଲ୍ଲା- ଯାଜପୁର। ଭୁଲ୍ ବଶତଃ ଏଲ୍.ଆଇ.ସି. ବଣ୍ଡରେ ସୁରେନ୍ଦ୍ର କୁମାର ବେହେରା ସ୍ଥାନରେ ବାଟୁ ବେହେରା ହୋଇଯାଇଛି। ଏଣୁ ଯାଜପୁର ମାଜିଷ୍ଟ୍ରେଟ୍ କୋର୍ଟରେ ନାମ ପରିବର୍ତ୍ତନ କରା ହୋଇଛି ଏବେଠୁ ସୁରେନ୍ଦ୍ର କୁମାର ବେହେରା ନାମରେ ପରିଚିତ ହେବି। ଧ-୦୯୯

### ଚତୁର୍ଥ ଜନ୍ମଦିନ ଶୁଭେଚ୍ଛା






(ସତ୍ୟ)

**ସତ୍ୟମ୍ ନାୟକ**

ବେଗୁନିଆ, ଖୋର୍ଦ୍ଧା
ତୋର ଚଲାପଥ କୁସୁମିତ ହେଉ, ଏହା ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଅଛୁ। ଅମାବାସ୍ୟାର ଅନ୍ଧକାର ନୁହେଁ, ପୂର୍ଣ୍ଣିମାର ଔଜ୍ଜ୍ୱଲ୍ୟ ରହୁ। **ଶୁଭେଚ୍ଛା ସହ:** ପିତା: ସୁରେଶ ଚନ୍ଦ୍ର ନାୟକ, ମାତା: ରୁବି ନାୟକ, ଜେଜେମା, ଅପା, ପିଇସା, ଅଜା, ଆଇ, ମାମୁ, ମାଇଁ, ପିଙ୍କି ମାଉସୀ, ମୁନା ଭାଇ, ଜିତୁ ଭାଇ, ବବୁଲ୍ ଭାଇ, ଲିଟୁ ଭାଇ, ଶୁଭମ୍ ଭାଇ, ଆକାଶ ଭାଇ, ସୂର୍ଯ୍ୟ ଭାଇ, ମାମା ଦିଦି, ଗାୟତ୍ରୀ ଦିଦି, ଲିପି ଦିଦି, ବର୍ଷା ଦିଦି ଓ ମାନା ଦିଦି। ଧ-୦୮୨


### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ଢଗଢମାଳି



(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଆମର ଏତେ ଗହୀରରେ ଚାଷ କିଆଁ
ରାତି ପାହିଲେ ହବ ପୁଅ ବିହା।**

ପୁଅ ବାହାଘର ମୁଣ୍ଡ ଉପରେ। ଏପରିସ୍ଥଳେ କାହାକୁ କିଏ କ'ଣ କହିଥିଲା, ଆଗରୁ କାହାର କାହା ସାଙ୍ଗରେ କ'ଣ ମନୋମାଳିନ୍ୟ ଥିଲା ସେ ସବୁ ଘାଣ୍ଟି ବସିଲେ ଲାଭ ବା କ'ଣ ମିଳିବ। ବରଂ ବାହାଘର କେମିତି ସୁରୁଖୁରୁରେ ହୋଇଯିବ, ସେ ବିଷୟରେ ଚିନ୍ତା କରିବା ସମୟୋପଯୋଗୀ କାର୍ଯ୍ୟ ହୋଇଥାଏ। ଯେତେବେଳେ ବଡ଼ ବା ବିରାଟ ଦାୟିତ୍ୱ ମୁଣ୍ଡ ଉପରେ ଥାଏ ସେତେବେଳେ ଅନ୍ୟ କଥାରେ ମୁଣ୍ଡ ଖେଳେଇବା ସମୀଚୀନ ହେଉନଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଆ କୁରାଢ଼ି
ବେକରେ ବସ୍।**

ଅଯଥାରେ ବିପଦକୁ ଡାକି ଆଣିବା। ଜାଣିଶୁଣି ହାଣ ମୁହଁକୁ ଯିବା ବା ନିଜେ ନିଜ ପାଇଁ ଅସୁବିଧା ସୃଷ୍ଟି କରିବସିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
- ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

## ଅକ୍ଷତା ମୂର୍ତ୍ତିଙ୍କ ଟିକସ ବ୍ୟାପାର ଲିକ୍‌ର ତଦନ୍ତ ଆରମ୍ଭ

ଲଣ୍ଡନ,୧୦।୪ (ପି.ଟି.)

ଇନ୍‌ଫୋସିସ୍ ସହପ୍ରତିଷ୍ଠାତା ନାରାୟଣ ମୂର୍ତ୍ତିଙ୍କ ଝିଅ ଅକ୍ଷତା ମୂର୍ତ୍ତିଙ୍କ ଟିକସ ବ୍ୟାପାର କିପରି ଗଣମାଧ୍ୟମରେ ପ୍ରଘଟ ହେଲା ଏହାର ଭିତିରି ତଦନ୍ତ ଆରମ୍ଭ ହୋଇଛି। ବ୍ରିଟେନ ଅର୍ଥମନ୍ତ୍ରୀ ଋଷି ସୁନକ୍‌ଙ୍କ ସ୍ତ୍ରୀ ଅକ୍ଷତାଙ୍କ ଅଣବାସିନ୍ଦା ଷ୍ଟାଟସ୍ ସମ୍ପର୍କରେ 'ଦି ଇଣ୍ଡିପେଣ୍ଡେଣ୍ଟ' ଖବରକାଗଜକୁ କିପରି ତଥ୍ୟ ଗଲା, ବ୍ରିଟିଶ ସରକାରଙ୍କ ହ୍ୱାଇଟହଲ୍ ସଂସ୍ଥା ଏହାର ତଦନ୍ତ କରିବ। ବିରୋଧୀ ଲେବର ପାର୍ଟି ସମର୍ଥକ ଜଣେ ସରକାରୀ ଅଧିକାରୀ ତଥ୍ୟ ପ୍ରଘଟ କରାଇଥିବା ସୁନକଙ୍କ ଟିମ୍ ବିଶ୍ୱାସ କରୁଛନ୍ତି। ଏହି ତଥ୍ୟ କାହା ପାଖରେ ଥିଲା ଏବଂ କିଏ ତଥ୍ୟ ପାଇବା ପାଇଁ ଅନୁରୋଧ କରିଥିଲା, ତାହାର ଖୋଳତାଡ଼ ହେଉଛି।

## ମହାନଦୀରେ ବୁଡ଼ିଗଲେ...

ପ୍ରଥମ ପୃଷ୍ଠାରୁ...


ସେକ୍ ସାହିଲ


ମହମ୍ମଦ ସିଦ୍ଦିକ୍


ଆୟୁର ଖାନ୍

ରଖି ପାଣି ଭିତରେ ପଶିଥିଲେ। ପହଁରା ଜାଣି ନ ଥିବାରୁ ସାହିଲ ପ୍ରଥମେ ନଦୀର ପ୍ରଖର ସ୍ରୋତରେ ଭାସିଯାଇଥିଲେ। ତାଙ୍କୁ ବଞ୍ଚାଇବା ପାଇଁ ଉଦ୍ୟମ କରୁଥିବାବେଳେ ଅନ୍ୟ ୨ ଜଣ ମଧ୍ୟ ଆଗପଛ ହୋଇ ଭାସିଯାଇଥିଲେ। ସୂଚନା ପାଇ ଜଗତ୍‌ପୁର ପୋଲିସ, ଓଡ୍ରାଫର ଗୋଟିଏ ଟିମ୍ ଓ ଅଗ୍ନିଶମ ବାହିନୀର ୨ଟି ଟିମ୍ ଘଟଣାସ୍ଥଳରେ ପହଞ୍ଚିଥିଲେ। ଓଡ୍ରାଫ ଟିମ୍ ସାହିଲଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି କଟକ ବଡ ଡାକ୍ତରଖାନା ପଠାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଜଳସେଚନ ବିଭାଗ ପକ୍ଷରୁ ଯୋବ୍ରା ବ୍ୟାରେଜ ଗେଟ୍‌କୁ ବନ୍ଦ କରାଯିବା ପରେ ନିଖୋଜଙ୍କୁ ଉଦ୍ଧାର ପାଇଁ ଉଦ୍ୟମ ଆରମ୍ଭ ହୋଇଥିଲା। ସନ୍ଧ୍ୟା ହୋଇଯାଇଥିବାରୁ ଉଦ୍ଧାର କାର୍ଯ୍ୟ ବନ୍ଦ ରହିଛି। ସୋମବାର ସକାଳେ ପୁଣି ନଦୀରେ ଖୋଜାଖୋଜି କରାଯିବ ବୋଲି ଜଣାପଡ଼ିଛି। ଅପରପକ୍ଷରେ କଟକ ଜିଲାପାଳ ଭବାନୀ ଶଙ୍କର ଚୟନୀ, କଟକ ଜୋନ୍-୧ ଏସିପି ଶୁଭନାରାୟଣ ମୁଦୁଲି, ଜଗତପୁର ଥାନାଧିକାରୀ ରବୀନ୍ଦ୍ରନାଥ ମେହେର, ମାଲଗୋଦାମ ଥାନା ଅଧିକାରୀ ତୃପ୍ତି ରଞ୍ଜନ ନାୟକ ପ୍ରମୁଖ ପହଞ୍ଚି ଘଟଣାର ଅନୁଧ୍ୟାନ କରିଛନ୍ତି। ଜୋବ୍ରାଠାରେ ମହାନଦୀ ଦିନକୁ ଦିନ ଅସୁରକ୍ଷିତ ହୋଇପଡୁଛି। ସାମାନ୍ୟ ଅସାବଧାନତାରୁ ଜଳସ୍ରୋତରେ ଭାସିଯାଇ ଅକାଳରେ ଝରିପଡୁଛି ଜୀବନ। ଏଭଳି ଅପମୃତ୍ୟୁ ରୋକିବା ଲାଗି ନଦୀ ତଟବର୍ତ୍ତୀ ଅଞ୍ଚଳରେ ତାରବାଡ଼ ବାନ୍ଧିବାକୁ ନିର୍ଦ୍ଦେଶ ଦିଆଯାଇଥିବାବେଳେ ଏହା କେବଳ ସାମାନ୍ୟ ଏକ ସଚେତନତା ଫଳକରେ ସୀମିତ ରହିଛି।

## ତାଲିକା ତାରିଖ ..

ତାଲିକା ଦାଖଲ କରିପାରି ନ ଥିଲେ। ତେବେ ଏଥର ଯେଉଁ ପରିବର୍ତ୍ତିତ ତାରିଖ ସ୍ଥିର କରାଯାଇଛି ସେହି ସମୟ ମଧ୍ୟରେ ଅଧିକାରୀମାନେ ତାଲିକା ପ୍ରଦାନ କରିବେ ନା ପୁଣି ତାରିଖ ବଦଳିବ ତାକୁ ନେଇ ବିଭିନ୍ନ ମହଲ୍‌ରେ ଆଲୋଚନା ହେଉଛି। ନୂତନ ସମୟସୀମା ସଂକ୍ରାନ୍ତରେ ସବୁ କର୍ମଚାରୀଙ୍କୁ ଅବଗତ କରାଇଦେବା ଲାଗି ଅଫିସର୍‌ମାନଙ୍କୁ ଜଣାଇ ଦିଆଯାଇଛି। ସମ୍ପତ୍ତି ତାଲିକା ଦାଖଲର ଶେଷ ସମୟ ପର୍ଯ୍ୟନ୍ତ ଅପେକ୍ଷା ନ କରି ଏହା ପୂର୍ବରୁ ତାଲିକା ଦେଇଦେବାକୁ ପରାମର୍ଶ ଦିଆଯାଇଛି। କୋଭିଡ୍-୧୯ ମହାମାରୀ କାରଣରୁ ରାଜ୍ୟ ସରକାର ପୂର୍ବରୁ ବହୁଥର ସମ୍ପତ୍ତି ତାଲିକା ଦାଖଲର ଅବଧିକୁ ବଢ଼ାଇଛନ୍ତି। ସମସ୍ତ ସରକାରୀ ଅଧିକାରୀ ବାଧ୍ୟତାମୂଳକ ଭାବେ ସେମାନଙ୍କ ବାର୍ଷିକ ସମ୍ପତ୍ତି ତାଲିକା ଦାଖଲ ପାଇଁ ରାଜ୍ୟ ସରକାର ୨୦୨୧ ଜୁନ୍ ୯ ରେ ବସିଥିବା କ୍ୟାବିନେଟ୍ ବୈଠକରେ ନିଷ୍ପତ୍ତି ନେବା ସହିତ ଓଡ଼ିଶା ସରକାରୀ କର୍ମଚାରୀ କଣ୍ଡକ୍ଟ ରୁଲ୍, ୧୯୫୯ରେ ସଂଶୋଧନ କରିଛନ୍ତି। ସଂଶୋଧିତ ଏହି ଆଇନର ଧାରା ୨୧ରେ ଥିବା ବ୍ୟବସ୍ଥା ଅନୁଯାୟୀ ପ୍ରତ୍ୟେକ ସରକାରୀ କର୍ମଚାରୀ ସେମାନଙ୍କ ନିକଟରେ ଥିବା ସ୍ଥାବର ଓ ଅସ୍ଥାବର ସମ୍ପତ୍ତିର ସବିଶେଷ ସୂଚନା ଘୋଷଣାନାମା ଆକାରରେ ପ୍ରଦାନ କରିବେ। ତେବେ ଏହି ସଂଶୋଧନ ଅନୁଯାୟୀ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ସରକାରୀ କର୍ମଚାରୀଙ୍କ ଏହି ବାର୍ଷିକ ସମ୍ପତ୍ତି ତାଲିକାକୁ ୱେବ୍‌ସାଇଟ୍‌ରେ ଅପଲୋଡ୍ କରାଯିବ। ତାଙ୍କ ତାଲିକାର ଗୋଟିଏ ନକଲ ଲୋକାୟୁକ୍ତଙ୍କ ଅବଗତି ନିମନ୍ତେ ମଧ୍ୟ ପଠାଯିବାର ପ୍ରାବଧାନ ରହିଛି। ବିରୋଧୀ ଦଳ ଏହି ପ୍ରସଙ୍ଗକୁ ନେଇ ରାଜ୍ୟ ସରକାରଙ୍କୁ ସିଧାସଳଖ ଟାର୍ଗେଟ କରିଥିବା ବେଳେ ଶାସକ ଦଳ ପକ୍ଷରୁ ପ୍ରତିଜବାବ ଦିଆଯାଇଛି। କଂଗ୍ରେସ ବିଧାୟକ ସୁରେଶ କୁମାର ରାଉତରାୟ କହିଛନ୍ତି, ରାଜ୍ୟରେ ଯେତେ ଅଫିସର ଅଛନ୍ତି ସମସ୍ତେ ସମ୍ପତ୍ତି ତାଲିକା ଦେବା ଦରକାର। ସମ୍ପତ୍ତି ତାଲିକା ଦେଲେ ବଡ଼ ବଡ଼ିଆ ଧରାପଡ଼ନ୍ତେ ଏବଂ ରାଜ୍ୟ ବିକାଶରେ ସେମାନଙ୍କ ପାପ ଧନ ବ୍ୟବହାର ହୋଇପାରନ୍ତା। ବଡ଼ବଡିଆ ୫, ୭ ଜଣ ଅଫିସରଙ୍କୁ ଯଦି ବାଧ୍ୟତାମୂଳକ ଅବସର ଦେଇଦିଅନ୍ତେ ତେବେ ସବୁ ବାହାରି ଯାଆନ୍ତା ବୋଲି ସୁରେଶ କହିଛନ୍ତି। ଭାଜପା ନେତା ପୃଥ୍ୱିରାଜ ହରିଚନ୍ଦନ କହିଛନ୍ତି, ଯଦି କୌଣସି ଅଫିସର ସମ୍ପତ୍ତି ତାଲିକା ନ ଦର୍ଶାନ୍ତି ତେବେ ରାଜ୍ୟ ସରକାରଙ୍କ ସତ୍‌ସାହସ। ନାହିଁ ସେମାନଙ୍କ ବିରୋଧରେ କୌଣସି ପଦକ୍ଷେପ ନେବା ଲାଗି। ଏହା କେବଳ ଲୋକଙ୍କ ଆଖିରେ ଅନ୍ଧପୁଟୁଳି ବାନ୍ଧି ରାଜକୋଷରୁ ଚୋରି କରିବାର ଏକ ଅଭିନବ ଯୋଜନା। ରାଜ୍ୟ ରାଜକୋଷକୁ ବଞ୍ଚାଇବା ଲାଗି ସରକାରଙ୍କ ଏକ ପ୍ରତିଶତ ବି ଆନ୍ତରିକତା ନାହିଁ ବୋଲି ସେ କହିଛନ୍ତି। ବିଜେଡି ବିଧାୟକ ଦେବୀ ମିଶ୍ର କହିଛନ୍ତି, ଯେଉଁମାନେ ସମ୍ପତ୍ତି ତାଲିକା ନ ଦେବେ ସେମାନଙ୍କୁ ତାଗିଦ୍ କରିବା ସହ ରିମାଣ୍ଡରେ ଦିଆଯିବ। କାହିଁକି ଅଧିକାରୀମାନେ ଦେବେନି, ଯଦି ସମସ୍ତଙ୍କୁ ଦେବାକୁ ନିର୍ଦ୍ଦେଶନାମା ରହିଛି ତେବେ ତାହାକୁ ସମସ୍ତେ ଅନୁପାଳନ କରିବେ। ନିର୍ଦ୍ଦେଶନାମା ପାଳନ ନ କଲେ ଯାହା ଦଣ୍ଡବିଧାନ ନିୟମ ରହିଛି ତାକୁ ବିଭାଗୀୟ କର୍ତ୍ତୃପକ୍ଷମାନେ ଅନୁପାଳନ କରିବେ ବୋଲି ଦେବୀ କହିଛନ୍ତି।

## ଜେଏନ୍‌ୟୁରେ ଏବିଭିପି...

ମଧ୍ୟରେ ରକ୍ତାକ୍ତ ସଂଘର୍ଷ ଘଟିଛି। ଏଥିରେ କେତେଜଣ ଛାତ୍ରୀଛାତ୍ର ଆହତ ହୋଇଥିବା ଜଣାପଡ଼ିଛି। ଏବିଭିପି ଛାତ୍ରୀଛାତ୍ରଙ୍କ ଅଭିଯୋଗ ହେଲା, ରବିବାର ଅପରାହ୍ନରେ ସେମାନେ କ୍ୟାମ୍ପସ୍‌ର କାଭେରୀ ହଷ୍ଟେଲରେ ରାମ ନବମୀ ଉପଲକ୍ଷେ ପୂଜା କରୁଥିବାବେଳେ ବାମପନ୍ଥୀ ଛାତ୍ରଗୋଷ୍ଠୀ ଏଥିରେ ବାଧା ସୃଷ୍ଟି କରିଥିଲେ। ଅନ୍ୟପକ୍ଷେ ଲେଫ୍ଟ ୱିଙ୍ଗ୍ ଛାତ୍ରୀଛାତ୍ର ଆମିଷ ଖାଉଥିବାବେଳେ ଏବିଭିପି ପକ୍ଷରୁ ସେମାନଙ୍କୁ ରୋକାଯାଇଥିବା ଅଭିଯୋଗ ଆଣିଛନ୍ତି। ଏପରିକି ଏବିଭିପି ସଦସ୍ୟ ହଷ୍ଟେଲ ମେସ୍ ସେକ୍ରେଟାରୀଙ୍କୁ ମାଡ଼ପିଟ କରିଛନ୍ତି। ଜେଏନ୍‌ୟୁ ଛାତ୍ର ସଙ୍ଗଠନ (ଜେଏନ୍‌ୟୁଏସ୍‌ୟୁ) ପକ୍ଷରୁ ଜାରି ଏକ ବିବୃତିରେ କୁହାଯାଇଛି ଯେ, ଏବିଭିପିର ଗୁଣ୍ଡାମାନେ ଘୃଣା ଓ ବିଭାଜନବାଦୀ ଏଜେଣ୍ଡା ରାଜନୀତି ପାଇଁ କାଭେରୀ ହଷ୍ଟେଲରେ ଆତଙ୍କର ବାତାବରଣ ସୃଷ୍ଟି କରିଛନ୍ତି। ସେମାନେ ମେସ୍ କର୍ମିଙ୍କୁ ରାତ୍ରିଭୋଜନ ମେନୁରେ ପରିବର୍ତ୍ତନ ପାଇଁ ବାଧ କରିଛନ୍ତି। ବାମପନ୍ଥୀ ବିଚାରଧାରା ପ୍ରତି ଆନୁଗତ୍ୟ ପ୍ରଦର୍ଶନ କରୁଥିବା ଛାତ୍ରୀଛାତ୍ରମାନଙ୍କୁ ଏବିଭିପି ପକ୍ଷରୁ ମରଣାନ୍ତକ ଆକ୍ରମଣ କରାଯାଇଛି। ମେନୁରେ ଉଭୟ ଆମିଷ ଓ ନିରାମିଷ ଭୋଜନ ଥିଲା। ଛାତ୍ରୀଛାତ୍ର ନିଜ ପସନ୍ଦ ଅନୁଯାୟୀ ଖାଦ୍ୟ ଖାଇପାରିବେ। କିନ୍ତୁ ଏବିଭିପି କର୍ମୀମାନେ କେବଳ ନିରାମିଷ ଭୋଜନ ରୋଷେଇ କରିବା ପାଇଁ ବାଧ କରି ହଙ୍ଗାମା କରିଥିଲେ ବୋଲି ଜେଏନ୍‌ୟୁଏସ୍‌ୟୁ ସଭାନେତ୍ରୀ ଆଇଶି ଘୋଷ କହିଛନ୍ତି। ବିବୃତିରେ ଆହୁରି କୁହାଯାଇଛି, ହଷ୍ଟେଲଗୁଡ଼ିକ ସମସ୍ତ ଛାତ୍ରୀଛାତ୍ରଙ୍କ ପାଇଁ ସମାନ। ଏଠାକୁ ଦେଶର ବିଭିନ୍ନ ଭାଗରୁ ଆସୁଥିବା ପିଲାମାନେ ନିଜ ସଂସ୍କୃତି ଓ ଚାଲିଚଲଣ ଅନୁଯାୟୀ ପୋଷାକ ପରିଧାନ ତଥା ଖାଦ୍ୟ ଭୋଜନ କରିପାରିବେ। ଏହାକୁ ସମସ୍ତେ ସମ୍ମାନ ଦେବା ଉଚିତ। କିନ୍ତୁ ଦକ୍ଷିଣପନ୍ଥୀ ଛାତ୍ର ସଙ୍ଗଠନ ଏବିଭିପି ଜେଏନ୍‌ୟୁ ଭଳି ଧର୍ମନିରପେକ୍ଷ ଓ ଗଣତାନ୍ତ୍ରିକ କ୍ୟାମ୍ପସଗୁଡ଼ିକରେ ଆଧିପତ୍ୟ ରାଜନୀତି ପାଇଁ ସବୁବେଳେ ବିଭ୍ରାଟ ସୃଷ୍ଟି କରିଆସିଛି। ଏହାର ବିଦ୍ୱେଷପୂର୍ଣ୍ଣ ରାଜନୀତି ଓ ହିଂସା ଆଗରେ ମୁଣ୍ଡ ନୁଆଁଇବାର ପ୍ରଶ୍ନ ଉଠୁନି। ଏବିଭିପିର ଜେଏନ୍‌ୟୁ ଶାଖା ଅଧ୍ୟକ୍ଷ ରୋହିତ କୁମାର କହିଛନ୍ତି, ରାମ ନବମୀ ଅବସରରେ ୟୁନିଭର୍ସିଟିରେ ପୂଜା ସମୟରେ ବାମପନ୍ଥୀ ଏବଂ ନ୍ୟାଶନାଲ ଷ୍ଟୁଡେଣ୍ଟସ୍ ୟୁନିୟନ ଅଫ୍ ଇଣ୍ଡିଆ (ଏନ୍‌ଏସ୍‌ୟୁଆଇ) କର୍ମକର୍ତ୍ତାମାନେ ଗଣ୍ଡଗୋଳ ଭିଆଇଛନ୍ତି। ନନ୍-ଭେଜ୍ କଥା ଆଦୌ ଉଠିନାହିଁ। ଅଲ୍ ଇଣ୍ଡିଆ ଷ୍ଟୁଡେଣ୍ଟସ୍ ଆସୋସିଏଶନ(ଏଆଇଏସ୍‌ଏ) ପକ୍ଷରୁ ସୋସିଆଲ ମିଡିଆରେ ପୋଷ୍ଟ କରାଯାଇଥିବା କେତେକ ଫଟୋରେ ବାମପନ୍ଥୀ ଛାତ୍ରୀଛାତ୍ରଙ୍କ ମୁଣ୍ଡ ଫାଟି ରକ୍ତସ୍ରାବ ହେଉଥିବା ଦେଖିବାକୁ ମିଳିଛି। ଏବିଭିପି ମଧ୍ୟ ଏକ ଭିଡିଓ ଶେୟାର କରିଛି, ଯେଉଁଥିରେ ଜଣେ ଦକ୍ଷିଣପନ୍ଥୀ ଛାତ୍ର ଆହତ ହୋଇଥିବା ଦେଖାଯାଇଛି। ଇତିମଧ୍ୟରେ ଦକ୍ଷିଣ-ପଶ୍ଚିମ ଦିଲ୍ଲୀ ଡିସିପି ମନୋଜ ସି. କହିଛନ୍ତି, ସଂଘର୍ଷବେଳେ ଟେକାମାଡ଼ ହେବାରୁ ଉଭୟ ପକ୍ଷର ୬ ଛାତ୍ରୀଛାତ୍ର ଆହତ ହୋଇଛନ୍ତି। ସ୍ଥିତି ବର୍ତ୍ତମାନ ନିୟନ୍ତ୍ରଣରେ ରହିଛି। ଉଭୟ ଗୋଷ୍ଠୀ ଶାନ୍ତିପୂର୍ଣ୍ଣ ଭାବେ ବିକ୍ଷୋଭ କରୁଛନ୍ତି। ଅଭିଯୋଗ ଆସିଲେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ। ତେବେ ଏବିଭିପି ସମର୍ଥକମାନେ ସ୍ଲୋଗାନ ଦେଇ କ୍ୟାମ୍ପସ୍‌ରେ ପହଞ୍ଚିବା ପରେ ମୁଖ୍ୟ ପ୍ରବେଶପଥକୁ ବନ୍ଦ କରିଦିଆଯାଇଥିବା ସୂତ୍ରରୁ ଜଣାପଡ଼ିଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଅତୀତ ସ୍ମୃତିର ଅଜଣା ଆବେଗରେ ମନ ଉତ୍‌ଫୁଲ୍ଲିତ ରହିବ। କୌଣସି ପ୍ରିୟବନ୍ଧୁଙ୍କ ସହ ନୂତନ ସ୍ଥାନକୁ ବୁଲିଯିବାର ସୁଯୋଗ ମିଳିବ। ଆନୁଷ୍ଠାନିକ କାମରେ ସହଯୋଗ ଓ ସୁଖ ସମ୍ମାନ ପାଇ ଖୁସି ହେବେ। ଅତୀତ ଶତ୍ରୁତାକୁ କେନ୍ଦ୍ରକରି ବୃଥାଶଙ୍କାରେ ମନ ଆନ୍ଦୋଳିତ ହୋଇପାରେ।

**ବୃଷ** ବନ୍ଧୁଙ୍କ ନିମନ୍ତ୍ରଣ ରକ୍ଷାକରି ଯାତ୍ରା କରିବାକୁ ବାଧ ହେବେ। କାମଗୁଡ଼ିକର ପୂର୍ଣ୍ଣାଙ୍ଗ ସକାଶେ ମାନସିକ ଅସ୍ଥିରତା ସୃଷ୍ଟି ହୋଇପାରେ। ଗୃହ ନିର୍ମାଣ ସମ୍ପର୍କିତ ସମସ୍ୟାର ଆଶଙ୍କା ରହିଛି। ସାହିତ୍ୟ, ସାମ୍ବାଦିକତା, ଏଜେନ୍‌ଶିପ ପ୍ରଭୃତିରେ ସମସ୍ୟା ସମାଧାନ ପୂର୍ବକ ଆଶାପୂରଣ ହେବ।

**ମିଥୁନ** ପ୍ରତିବନ୍ଧକ ଲାଗି ରହିଲେ ମଧ୍ୟ କୌଣସି କାମ ଅଟକିବ ନାହିଁ। ଧାରକରଜ କରି ଆବଶ୍ୟକତା ପୂରଣ କରିବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବା ସହ ରୋଗପୀଡ଼ା ନିୟନ୍ତ୍ରଣ ମଧ୍ୟରେ ରହିବ। ସହନଶୀଳତା ଆଚରଣ କରି ପାରିବାରିକ ତିକ୍ତତାର ସମାପ୍ତି ଘଟାଇବେ।

**କର୍କଟ** ହଜିଲା ଦିନର ଅଭୁଲା ସ୍ମୃତିକୁ ମନେ ପକାଇ ଭାବ ବିଭୋର ହେବେ। କର୍ମକ୍ଷେତ୍ରର ଅବ୍ୟବସ୍ଥା ମାନସିକ ସ୍ଥିତିକୁ ନିରୁତ୍ସାହିତ କରିବ। ନିଜ ଲୋକମାନଙ୍କ ଅନାଦର ଓ ଖାପଛଡ଼ା ମନୋଭାବରୁ ସାମୟିକ ଦୁଃଖୀ ହୋଇପାରନ୍ତି। ଅବଶ୍ୟ ଅର୍ଥନୈତିକ, ସାମାଜିକ, ରାଜନୈତିକ କ୍ଷେତ୍ରରେ ସମ୍ମାନ ଅକ୍ଷୁଣ୍ଣ ରହିବ।

**ସିଂହ** ସ୍ଥଗିତ କାମକୁ ପୂର୍ଣ୍ଣାଙ୍ଗ କରି ଶାନ୍ତିରେ ନିଶ୍ୱାସ ମାରିବେ। କିନ୍ତୁ ପରିବାର ସଦସ୍ୟଙ୍କ ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ ମାନସିକ ସୁସ୍ଥତା ବ୍ୟାହତ ହୋଇପାରେ। ବ୍ୟବସାୟିକ କ୍ଷେତ୍ରରେ ପ୍ରତିଯୋଗିତା ମନୋଭାବ ସୃଷ୍ଟି ହେବ। ହଠାତ୍ ଜଣେ ବନ୍ଧୁଙ୍କ ଆର୍ଥିକ ସହାୟତାରେ କାମ ହାସଲ କରିପାରିବେ।

**କନ୍ୟା** କାମ ସୁବିଧାରେ ସମ୍ପନ୍ନ ଦିଗରେ ଜଣେ ବ୍ୟକ୍ତିଙ୍କ ଅବଦାନ ଅବିସ୍ମରଣୀୟ ରହିବ। ନିଜ ପରିବାରର ବ୍ୟକ୍ତିଙ୍କ ଅସହଯୋଗ ମନୋଭାବରୁ ବ୍ୟଥିତ ହେବେ। ପରୋକ୍ଷ ଶତ୍ରୁତା କାରଣରୁ କର୍ମକ୍ଷେତ୍ରରେ ସୁଯୋଗ ପାଇଲେ ମଧ୍ୟ ସଦ୍‌ବ୍ୟବହାର କଷ୍ଟକର ହୋଇପାରେ। ସାଧାରଣ କଥାକୁ କେନ୍ଦ୍ରକରି ସ୍ତ୍ରୀଙ୍କ ସହ ମତପାର୍ଥକ୍ୟ ଦେଖାଦେଇପାରେ।

**ତୁଳା** ଆକସ୍ମିକ ଅଭିଳାଷ ପୂରଣ ହେବା ସହିତ ଅଭାବ ଅସୁବିଧା ଦୂରେଇ ଯିବ। କିଛି ଅସୁବିଧା ନ ଥିଲେ ମଧ୍ୟ କର୍ମକ୍ଷେତ୍ରରେ ଟେନ୍ସନ ଲାଗିରହିବ। ଭଲ ସମ୍ପର୍କ ନ ଥିବା ବ୍ୟକ୍ତିଙ୍କ ନିକଟରୁ ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାର ସମ୍ମୁଖୀନ ହେବାକୁ ପଡିବ। କଳା, ସଙ୍ଗୀତ, ରାଜନୀତି, ସାମ୍ବାଦିକତା, ଆଇନ ଓ ଅଦାଲତ କ୍ଷେତ୍ରରୁ ଶୁଭଫଳ ପାଇବେ।

**ବିଛା** ସାଧାରଣ କଥାକୁ ନେଇ ଭୁଲ୍ ବୁଝାମଣା ହେତୁ ଦୀର୍ଘ ଦିନର ସୁସମ୍ପର୍କରେ ଭଙ୍ଗା ପଡ଼ିପାରେ। ସ୍ୱାସ୍ଥ୍ୟ ସମସ୍ୟା ନିମ୍ନାଭିମୁଖୀ ହେବା କାରଣରୁ ଦୁଶ୍ଚିନ୍ତା ବୃଦ୍ଧି ପାଇବ। ପାରିବାରିକ କ୍ଷେତ୍ରରେ ମତାନ୍ତର ହଠାତ୍ ବଦଳିବା ଆଶା ନିରର୍ଥକ ହୋଇପାରେ। ସାହିତ୍ୟ, ସାମ୍ବାଦିକତା, କ୍ରୀଡ଼ା, ଚଳଚ୍ଚିତ୍ର ଓ ସଂଗୀତରେ ସୁନାମ ଅର୍ଜନ କରିବେ।

**ଧନୁ** ପାରିବାରିକ ସମସ୍ୟା ଲାଗି ରହିଥିଲେ ମଧ୍ୟ କାମରେ ଅବହେଳା କରିପାରିବେ ନାହିଁ। ମନ ଭଲ ନ ରହିଲେ ସୁଦ୍ଧା ବନ୍ଧୁଙ୍କ ଅନୁରୋଧ ରକ୍ଷା କରି ତାଙ୍କ ସାଙ୍ଗରେ ଯିବାକୁ ବାଧ ହେବେ। ଗଠନମୂଳକ ପ୍ରସ୍ତାବ ଦେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହୋଇପାରନ୍ତି। ଖାଦ୍ୟପେୟର ଅନିୟମିତତା ସ୍ୱାସ୍ଥ୍ୟହାନିର କାରଣ ହୋଇପାରେ।

**ମକର** ଅନ୍ୟ ପାଖରେ ବହୁତ ଦିନରୁ ରହିଯାଇଥିବା ବାକି ଟଙ୍କା ଆଜି ଅପରାହ୍ନରେ ପାଇବେ। ଦେହ ଭଲ ରହିଲେ ମଧ୍ୟ ସାମୟିକ ପୁରାତନ ରୋଗରେ କଷ୍ଟ ପାଇପାରନ୍ତି। ନିର୍ମାଣାଧୀନ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିବ। ବହୁ କଷ୍ଟରେ ସାଇତି ରଖିଥିବା ଟଙ୍କା ଭିନ୍ନ ବାଟରେ ଖର୍ଚ୍ଚ ହୋଇଯାଇପାରେ।

**କୁମ୍ଭ** ସମସ୍ତ ପ୍ରକାରର ସୁବିଧା ଥାଇ ମଧ୍ୟ କାମଟିକୁ ପୂରା କରିପାରିବେ ନାହିଁ। ଯାହାକୁ ନିଜର ବୋଲି ମନେ କରିବେ ସେ ହିଁ ଧୋକା ଦେବାର ବହୁ ସମ୍ଭାବନା ରହିଛି। ପିଲାଙ୍କ ଅଭିଯୋଗକୁ ଗୁରୁତର ସହ ବିଚାର ନ କରିବା ବଡ ଭୁଲ୍ ହୋଇପାରେ। ପୁରାତନ ରୋଗର ପ୍ରାଦୁର୍ଭାବ ବୃଦ୍ଧି ପାଇବ,ଯାହାକି ମୁଣ୍ଡବ୍ୟଥାର କାରଣ ପାଲଟିଯିବ।

**ମୀନ** ନିକଟ ଅତୀତରେ ବହୁତ ଟଙ୍କା ଖର୍ଚ୍ଚ କରିଥିବା କାରଣରୁ ମାନସିକ ସ୍ଥିତି ଭଲ ରହିବ ନାହିଁ। ଆନୁଷ୍ଠାନିକ କ୍ଷେତ୍ରରେ ବାଦବିବାଦ କ୍ରମେ ଜଟିଳ ହେବ ଓ ସଫଳତା ହାସଲ କରିବେ। ବ୍ୟବସାୟ ଓ ବାଣିଜ୍ୟ କ୍ଷେତ୍ରରେ ଉଚ୍ଚ ଫଳପ୍ରାପ୍ତି ହୋଇପାରେ। କୌଶଳ ପ୍ରୟୋଗ କରି ଭାଙ୍ଗି ପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ିବାରେ ସମର୍ଥ ହେବେ।

## ଟ୍ରକ୍ ଧକ୍କାରେ ଭିଣୋଇ ମୃତ, ଶାଳକ ଗୁରୁତର

ଢେଙ୍କାନାଳ ଅଫିସ୍, ୧୦।୪

ଢେଙ୍କାନାଳ ସଦର ଥାନା ଗୋବିନ୍ଦପୁର ଫାଣ୍ଡି ଅଧୀନ ୫୫ନଂ. ଜାତୀୟ ରାଜପଥରେ ରବିବାର ଅପରାହ୍ନରେ ଦୁଃଖଦ ଦୁର୍ଘଟଣା ଘଟିଛି। ଦ୍ରୁତ ଗତିରେ ଆସୁଥିବା ଟ୍ରକ୍ ପଛପଟୁ ଏକ ବାଇକ୍‌କୁ ଧକ୍କା ଦେବାରୁ ଘଟଣାସ୍ଥଳରେ ଭିଣୋଇଙ୍କ ମୃତ୍ୟୁ ଘଟିଛି। ସେ ହେଲେ କଟକ ଜିଲା ଖୁଣ୍ଟୁଣୀ ଥାନା ଅଞ୍ଚଳର ସୂର୍ଯ୍ୟକାନ୍ତ ନାୟକ ଓରଫ୍ ବାପି (୩୫)। ଏଥିରେ ତାଙ୍କ ଶାଳକ ତଥା ଗୋବିନ୍ଦପୁର ଥାନା ଅଞ୍ଚଳର ମାନସ ନାୟକ (୩୦) ଗୁରୁତର ହୋଇଛନ୍ତି। ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଘଟଣା ପରେ କ୍ଷତିପୂରଣ ଦାବିରେ ଅଞ୍ଚଳବାସୀ ରାସ୍ତାରୋକୋ କରିଥିଲେ। ପୋଲିସ ପହଞ୍ଚି ବୁଝାଶୁଝା କରିବା ପରେ ସ୍ଥିତି ନିୟନ୍ତ୍ରଣ ହୋଇଥିଲା। ପୋଲିସ ଦୁର୍ଘଟଣା ଘଟାଇଥିବା ଟ୍ରକ୍ ଜବତ କରିବା ସହ ଏହାର ଚାଳକ ସଞ୍ଜୟ ବେହେରାଙ୍କୁ ଗିରଫ କରିଛି। ଅଭିଯୁକ୍ତଙ୍କ ଘର ଅନୁଗୋଳ ଜିଲା ବଣ୍ଟରପାଳ ଥାନା ଅଞ୍ଚଳରେ ବୋଲି ଜଣାପଡ଼ିଛି।

## ସଂକ୍ଷେପରେ

### ସାନ ଭାଇ ମାଡ଼ରେ ବଡ଼ ମୃତ

**କେନ୍ଦୁଝର/ଢେଙ୍କିକୋଟ, ୧୦।୪ (ସ୍ୱ.ପ୍ର./ଡି.ଏନ.ଏ.):** କେନ୍ଦୁଝର ଜିଲା ଘଟଗାଁ ଥାନା ଅଧୀନ ରାଇକୁଦର୍ ଗ୍ରାମରେ ସାନର ଶାବଳ ମାଡ଼ରେ ବଡ଼ ଭାଇଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଚତୁର୍ଭୁଜ ନାଏକ। ଏନେଇ ପୋଲିସ ଏକ ହତ୍ୟା ମାମଲା (ନଂ. ୭୨/୨୨)ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିବା ସହ ଅଧିକ ତଦନ୍ତ ଜାରି ରଖିଛି। ପୋଲିସ ସୂଚନା ଅନୁଯାୟୀ, ଚତୁର୍ଭୁଜ ନାଏକଙ୍କ ଘରେ ଶୁଦ୍ଧିକ୍ରିୟା ଚାଲିଥିବା ବେଳେ ସାନଭାଇ କମଳ କୌଣସି କାରଣରୁ ଚତୁର୍ଭୁଜଙ୍କ ସ୍ତ୍ରୀଙ୍କୁ ଗାଳିଗୁଲଜ କରିଥିଲେ। ପାଟି ଶୁଣି ଚତୁର୍ଭୁଜ ଘଟଣାସ୍ଥଳରେ ପହଞ୍ଚି କାହିଁକି ପାଟି କରୁଛୁ ବୋଲି ପଚାରିବାରୁ କମଳ ଉତ୍ତ୍ୟକ୍ତ ହୋଇ ଏକ ଲୁହା ଶାବଳରେ ତାଙ୍କ ମୁଣ୍ଡକୁ ପ୍ରହାର କରିଥିଲେ। ସେଥିରେ ଚତୁର୍ଭୁଜ ଗୁରୁତର ହୋଇପଡ଼ିଥିଲେ। ପରେ ପରିବାର ଲୋକେ ତାଙ୍କୁ ପ୍ରଥମେ ପାଟଣା ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣି ଡାକ୍ତରଙ୍କୁ ଦେଖାଇବାରୁ ଡାକ୍ତର ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ଜବତ ପରେ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

### ତାରାତାରିଣୀ ପାହାଡ଼ରେ ବସ୍-ହାଇୱା ମୁହାଁମୁହିଁ ଧକ୍କା

#### ୭ ଭକ୍ତଙ୍କ ସମେତ ଡ୍ରାଇଭର ଆହତ



**ପୁରୁଷୋତ୍ତମପୁର, ୧୦।୪(ଡି.ଏନ.ଏ.):** ଗଞ୍ଜାମ ଜିଲାର ପ୍ରସିଦ୍ଧ ମା' ତାରାତାରିଣୀଙ୍କ ପାହାଡ ରାସ୍ତାରେ ରବିବାର ପର୍ଯ୍ୟଟକଙ୍କ ଲାଗି ପ୍ରଶାସନ ପକ୍ଷରୁ ନିୟୋଜିତ ବସ୍ ସହ ଏକ ବାଲି ବୋଝେଇ ହାଇୱା ଟ୍ରକ୍ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ଟ୍ରକ୍ ଡ୍ରାଇଭର ବୁଗୁଡା ସୋଲାଙ୍ଗି ଗ୍ରାମର ବଳରାମ ସାହୁଙ୍କ ସମେତ ୭ଜଣ ଭକ୍ତ ଆହତ ହୋଇଛନ୍ତି। ବଳରାମ ଓ ସୁଦର୍ଶନ ପ୍ରଧାନଙ୍କ ଅବସ୍ଥା ଗୁରୁତର ରହିଛି। ପ୍ରକାଶ ଯେ, ମନ୍ଦିରର ଉନ୍ନୟନମୂଳକ କାର୍ଯ୍ୟ ଚାଲିଥିବା ହେତୁ ସେଥି ନିମନ୍ତେ ବାଲି ବୋଝେଇ ହାଇୱା ଟ୍ରକ୍ (ନଂ ଓଡି ୦୭ଏବି ୫୬୩୩) ପାହାଡ଼ ଉପରକୁ ଯାଉଥିଲା। ଏହି ସମୟରେ ଶ୍ରଦ୍ଧାଳୁଙ୍କୁ ଧରି ପାହାଡ ଉପରୁ ତଳକୁ ଫେରୁଥିବା ବସ୍ (ନଂ ଓଡି ୦୭ ଡବ୍ଲ୍ୟୁ୯୫୧୪) ପାହାଡ଼ର ବୁଲାଣି ରାସ୍ତାରେ ଭାରସାମ୍ୟ ହରାଇ ଟ୍ରକ୍ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଖବର ପାଇ ପୁରୁଷୋତ୍ତମପୁର ତହସିଲଦାର ନୀତୀଶ କୁମାର ତ୍ରିପାଠୀ, ଆଇଆଇସି ପ୍ରିୟସ ରଞ୍ଜନ ଛୋଟରାୟ, ଦମକଳ ବାହିନୀ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ଆହତଙ୍କୁ ଉଦ୍ଧାର କରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ।

# 'ପରିବର୍ତ୍ତନ ଆଣିପାରିବେ ଶିଶୁ ସାମ୍ବାଦିକ'

## ଶିଶୁ ସାମ୍ବାଦିକତା ସମ୍ପର୍କିତ କର୍ମଶାଳା ଉଦ୍‌ଯାପିତ




ତାଳସାରି ପାନ୍ଥନିବାସଠାରେ ଅନୁଷ୍ଠିତ 'ଶିଶୁ ସାମ୍ବାଦିକ' ପ୍ରଶିକ୍ଷଣ ଶିବିରର ରବିବାର ଅନ୍ତିମ ଦିବସରେ ଅତିଥିଙ୍କ ଗହଣରେ ଛାତ୍ରୀଛାତ୍ର।

**ଭୋଗରାଇ, ୧୦।୪(ଡି.ଏନ.ଏ.)**

ଦୃଢ଼ ମନୋବଳ ଓ ଇଚ୍ଛାଶକ୍ତି ଦ୍ୱାରା ସଫଳତା ମିଳେ। ଏଥିପାଇଁ ପ୍ରଥମରୁ ଶୃଙ୍ଖଳିତ, ପରିମାର୍ଜିତ, ସୁଚିନ୍ତିତ ପଦ୍ଧତି ଆପଣାଇବାକୁ ପଡିବ। ଶିଶୁ ସାମ୍ବାଦିକତା ହିଁ ସମାଜରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିପାରିବ ବୋଲି ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଅଧୀନ ତାଳସାରୀ ଓଟିଡିସିରେ 'ଧରିତ୍ରୀ', ୟୁନିସେଫ୍ ଓ ପିକକ୍‌ର ମିଳିତ ସହଯୋଗରେ ଚାଲିଥିବା 'ଶିଶୁ ସାମ୍ବାଦିକ' ସମ୍ପର୍କିତ କର୍ମଶାଳାର ଉଦ୍‌ଯାପନୀ ଦିବସରେ ଅତିଥିମାନେ ମତ ଦେଇଛନ୍ତି।

୩ଦିନ ଧରି ଚାଲିଥିବା ଏହି କର୍ମଶାଳାର ରବିବାର ଶେଷ ଦିବସରେ ବିଶ୍ୱ ତାପନ, ଜଳବାୟୁ ପରିବର୍ତ୍ତନ, ପ୍ରାକୃତିକ ବିପର୍ଯ୍ୟୟ, ପାରିପାର୍ଶ୍ୱିକ ସ୍ଥିତି ପାଇଁ ଆମେ କେତେ ସତର୍କ ଓ ସଚେତନ ହେବା ସେନେଇ ୟୁନିସେଫ୍‌ର ପ୍ରଶିକ୍ଷକ ସୌମେନ ରାୟ ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଶିଶୁ ଅଧିକାର, ବାଲ୍ୟ ବିବାହ, ଶିଶୁ ଓ ନାରୀ ସୁରକ୍ଷା ନିମନ୍ତେ ଆମେ ସଚେତନ ହେବା ସହିତ ଆମ ଅଧିକାରକୁ ସାବ୍ୟସ୍ତ ପାଇଁ ଏକତ୍ର ହେବା ନିତ୍ୟାନ୍ତ ଜରୁରୀ ବୋଲି ପିକକ୍‌ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ଅନୁରାଧା ମହାନ୍ତି ଆହ୍ୱାନ ଦେଇଥିଲେ। ଠିକ୍ ନେତୃତ୍ୱ ବିନା କୌଣସି କାର୍ଯ୍ୟ ସିଦ୍ଧି ହୁଏ ନାହିଁ। ଏଥିପାଇଁ ଶିଶୁମାନେ ଶୃଙ୍ଖଳିତ ହୋଇ କାର୍ଯ୍ୟ କଲେ ସମସ୍ତଙ୍କର ପ୍ରିୟ ହୋଇପାରିବେ ବୋଲି ପ୍ରଶିକ୍ଷକ ଘନଶ୍ୟାମ ସେଠୀ କହିଥିଲେ। ୟୁନିସେଫ୍ ଓଡ଼ିଶା ଚାପ୍ଟରର ଆଡଭୋକେସି କମ୍ୟୁନିକେଶନ ସ୍ପେଶାଲିଷ୍ଟ ରାଧିକା ଶ୍ରୀବାସ୍ତବ ଶିଶୁଙ୍କୁ ସଚେତନ କରି ଭଲ ନାଗରିକ ଭାବେ ଗଢ଼ି ତୋଳିବାକୁ ସମସ୍ତଙ୍କର ଉଦ୍ୟମ ହେବା ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ। ପିକକ୍‌ର ସମ୍ପାଦକ ରଞ୍ଜନ କୁମାର ମହାନ୍ତି ଶିଶୁ ସାମ୍ବାଦିକଙ୍କ ସୃଜନଶୀଳତା, ଜାଣିବା, ଶିଖିବା ଓ କାର୍ଯ୍ୟକାରିତା ଉପରେ ଗୁରୁତ୍ୱ ଦେଇଥିଲେ। ଉଦ୍‌ଯାପନୀ ଦିବସର ପ୍ରଥମ ଅଧିବେଶନରେ ଭୋଗରାଇ ବିଡିଓ ଶଙ୍କର ପଟ୍ଟନାୟକ ଓ ଦ୍ୱିତୀୟ ଅଧିବେଶନରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରବୀର କୁମାର ଗିରି ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିଲେ। ଏହି କର୍ମଶାଳାରେ ୫୧ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ପିକକ୍‌ର ଭୋଗରାଇ ସଙ୍ଗଠକ ନାରାୟଣ ଦାସ, କମର୍ଦ୍ଦା କ୍ଲଷ୍ଟର ସିଆର୍‌ସିସି ବିଜୟ କୁମାର ଦାସ, ଡି.ଏନ୍. ନୋଡ଼ାଲ ପ୍ରାଥମିକ ସ୍କୁଲର ପ୍ରଧାନଶିକ୍ଷକ ଶାନ୍ତିପ୍ରକାଶ ମହାପାତ୍ର, ସମିତିସଦସ୍ୟ ଭବେନ୍ଦ୍ର ସାହୁ, ପ୍ରୋଜେକ୍ଟ କୋ ଅର୍ଡିନେଟର ଚିନ୍ମୟୀ ପାଠୀ, ଟ୍ରେନିଂ ଅଫିସର ସ୍ନୀତକ ପଟ୍ଟନାୟକ ଅଂଶଗ୍ରହଣ କରିଥିଲେ। ଛାତ୍ରୀଛାତ୍ରମାନେ ବିଭିନ୍ନ ଗ୍ରୁପ୍‌ରେ ସେମାନଙ୍କର ସୁଚିନ୍ତିତ ମତ ପ୍ରୋଜେକ୍ଟ ମାଧ୍ୟମରେ ଉପସ୍ଥାପନ କରିଥିଲେ।

# ଯୁକ୍ତ୨ ନାମଲେଖା ପୂର୍ବରୁ ହେବ କାଉନ୍‌ସେଲିଂ

**ଭୁବନେଶ୍ୱର, ୧୦।୪(ବ୍ୟୁରୋ)**

ଯୁକ୍ତ୨ ନାମଲେଖା ପ୍ରକ୍ରିୟାରେ ପରିବର୍ତ୍ତନ ହେବ। ବୈଷୟିକ ଢାଞ୍ଚାରେ ନାମ ଲେଖାଇବାକୁ ସ୍ୱତନ୍ତ୍ର ବ୍ୟବସ୍ଥା ଲାଗୁ କରାଯିବ। ଏଣିକି ଯୁକ୍ତ୨ ନାମଲେଖା ପୂର୍ବରୁ କାଉନ୍‌ସେଲିଂ କରିବାକୁ ଗଣଶିକ୍ଷା ବିଭାଗ ସ୍ଥିର କରିଛି। ଏହି କାଉନ୍‌ସେଲିଂ ଲାଗି ସ୍ୱତନ୍ତ୍ର କମିଟି ଗଠନ କରାଯିବ। ଏଥିରେ ବିଭିନ୍ନ ଜିଲାର ସରକାରୀ କଲେଜର ବରିଷ୍ଠ ଅଧ୍ୟାପକ, ମନସ୍ତତ୍ତ୍ୱବିତ୍ ଓ କାଉନ୍‌ସେଲର ନିୟୋଜିତ ହେବେ। ଅନ୍‌ଲାଇନ୍ ମାଧ୍ୟମରେ ଆବେଦନ କରିବା ପରେ ପିଲାଙ୍କ କଟ୍‌ଅଫ୍ ମାର୍କକୁ ଦେଖି ରାଜ୍ୟର କେଉଁ କଲେଜରେ ପଢ଼ିବାକୁ ଆଶା ରଖିଛନ୍ତି ସେ ସମ୍ପର୍କରେ ଆଲୋଚନା କରାଯିବ। ଏହି କାଉନସେଲିଂ ଲାଗି ପ୍ରତିଷ୍ଠିତ ସଂସ୍ଥାକୁ ଦାୟିତ୍ୱ ଦିଆଯିବ।

ସେହିପରି ରାଜ୍ୟରେ ବିଭିନ୍ନ କଲେଜରେ ଜାଲ୍ ଦିବ୍ୟାଙ୍ଗ ସାର୍ଟିଫିକେଟ୍ ମାଧ୍ୟମରେ ନାମଲେଖା ରୋକିବା ପାଇଁ ଅଣ୍ଟା ଭିଡ଼ିଛି ବିଭାଗ। ନାମଲେଖା ସମୟରେ ସବୁ କଲେଜରେ ଏକ ଯାଞ୍ଚ କମିଟି ଗଠନ କରାଯିବ ବୋଲି ମଧ୍ୟ ନିଷ୍ପତ୍ତି ହୋଇଛି। ଦିବ୍ୟାଙ୍ଗ ସାର୍ଟିଫିକେଟରେ ଆଧାର ନମ୍ବର ସଂଯୋଗ କରିବାକୁ ମଧ୍ୟ ବିଭାଗ ପକ୍ଷରୁ ପ୍ରସ୍ତାବ ରଖାଯାଇଛି। ଏହାବ୍ୟତୀତ କେଉଁ ଛାତ୍ରୀଛାତ୍ରଙ୍କୁ ଦିବ୍ୟାଙ୍ଗ ସାର୍ଟିଫିକେଟ୍ ପ୍ରଦାନ କରାଯାଉଛି, ତାହାର ସବିଶେଷ ତଥ୍ୟ ସରକାରଙ୍କ ପାଖରେ ରହିବ ବୋଲି ଜଣାପଡ଼ିଛି।

### ଦିବ୍ୟାଙ୍ଗ ସାର୍ଟିଫିକେଟ ଯାଞ୍ଚ ଲାଗି ହେବ କମିଟି

ବିଭାଗର ସୂଚନାନୁସାରେ, ଓଡ଼ିଶା ଦେଶର ଦ୍ୱିତୀୟ ରାଜ୍ୟ ଭାବେ ଯୁକ୍ତ୨ ନାମଲେଖା ପୂର୍ବରୁ କାଉନ୍‌ସେଲିଂ ବ୍ୟବସ୍ଥା ଲାଗୁ କରିବାକୁ ଯାଉଛି। ପୂର୍ବରୁ ଓଜେଇଇ, ମେଡିକାଲ ନାମଲେଖାରେ କାଉନ୍‌ସେଲିଂ ବ୍ୟବସ୍ଥା ଥିବାରୁ ପିଲାମାନେ ନିଜ ଭବିଷ୍ୟତ ପାଇଁ ଠିକ ନିଷ୍ପତ୍ତି ନେଇପାରୁଛନ୍ତି। ତେଣୁ ଏହି ବ୍ୟବସ୍ଥାକୁ ଯୁକ୍ତ୨ରେ ବ୍ୟବହାର କରାଗଲେ ପିଲାମାନେ ସେମାନଙ୍କ ଭବିଷ୍ୟତ ପାଠ୍ୟକ୍ରମ, କଲେଜ ଚୟନ ସହ ଶିକ୍ଷା ବ୍ୟବସ୍ଥାକୁ ସହଜରେ ବୁଝିପାରିବେ ବୋଲି ବିଭାଗ ଆଶା ରଖିଛି। ଉଚ୍ଚଶିକ୍ଷା କ୍ଷେତ୍ରରେ ନାମଲେଖା ସମୟରେ ଅଭିଭାବକଙ୍କ ଭୁଲ୍ ନିଷ୍ପତ୍ତି ଏବଂ ପିଲାଙ୍କ ଆଶା ବିରୋଧରେ ନାମଲେଖା ଅନେକ ସମସ୍ୟା ସୃଷ୍ଟି କରିଥାଏ। ସେହିଭଳି ଗତ ୫ବର୍ଷ ହେବ ଅନ୍‌ଲାଇନ୍ ନାମଲେଖା ସମୟରେ ବିଭିନ୍ନ ସମସ୍ୟା ଲାଗି ପିଲାମାନେ ଭୁଲ୍ ଷ୍ଟ୍ରିମରେ ନାମ ଲେଖାଇଥାନ୍ତି। ଏଥିଲାଗି ପ୍ରାୟ ୧୫ ପ୍ରତିଶତ ପିଲାଙ୍କ ରେଜଲ୍ଟ ପ୍ରଭାବିତ ହୋଇଥାଏ। ତେଣୁ ନାମଲେଖା ପୂର୍ବରୁ କାଉନ୍‌ସେଲିଂ ମାଧ୍ୟମରେ ପିଲାଙ୍କୁ ପାଠ୍ୟକ୍ରମ ଓ ଶିକ୍ଷାନୁଷ୍ଠାନ ସମ୍ପର୍କରେ ଅବଗତ କରାଗଲେ ପିଲାମାନେ ଠିକ୍ ପଦକ୍ଷେପ ଗ୍ରହଣ କରିପାରିବେ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

# ତଟ ସୁରକ୍ଷାରେ ଅତ୍ୟାଧୁନିକ ହେଲିକପ୍ଟର ସାମିଲ

**ଭୁବନେଶ୍ୱର, ୧୦।୪(ବ୍ୟୁରୋ)**

ଭାରତୀୟ ତଟରକ୍ଷୀ ବାହିନୀ(ଆଇସିଜି) ପକ୍ଷରୁ ରବିବାର ପ୍ରଥମ ଆଇସିଜି ଆଡ୍‌ଭାନ୍ସଡ୍ ଲାଇଟ୍ ହେଲିକପ୍ଟର(ଏଏଲ୍‌ଏଚ୍) ଏମ୍‌କେ–୩ର '୮୩୦ ସ୍କ୍ୱାଡ୍ରନ(ସିଜି)' ଲୋକାର୍ପିତ ହୋଇଛି। ଭୁବନେଶ୍ୱର ବିମାନବନ୍ଦରସ୍ଥିତ ଆଇସିଜି ଏୟାର ଏନ୍‌କ୍ଲେଭ୍‌ଠାରେ ଆଇସିଜି ମହାନିର୍ଦ୍ଦେଶକ ଭିଏସ୍ ପଠାନିଆ, ପିଟିଏମ୍, ଟିଏମ୍ ଏହାକୁ ଲୋକାର୍ପଣ କରିବା ସହ ବିଧିବଦ୍ଧ ଭାବେ ତଟରକ୍ଷୀ ବାହିନୀରେ ସାମିଲ କରିଛନ୍ତି। ଏହି ସ୍କ୍ୱାଡ୍ରନ୍ ଦୀର୍ଘ ସାମୁଦ୍ରିକ ସୀମା ନିରୀକ୍ଷଣ ସହ ଉଦ୍ଧାର କାର୍ଯ୍ୟରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିବ। କମାଣ୍ଡାଣ୍ଟ ଅନୁରୂପ ସିଂ, ଟିଏମ୍, '୮୩୦ ସ୍କ୍ୱାଡ୍ରନ(ସିଜି)'ର କମାଣ୍ଡିଂ ଅଫିସର ଥିବାବେଳେ ପରିଚାଳନା ପାଇଁ ୧୧ଜଣ ଅଧିକାରୀ ଓ ୪୬ଜଣ କର୍ମଚାରୀ ନିୟୋଜିତ ଅଛନ୍ତି।

ଏଏଲ୍‌ଏଚ୍ ଏମ୍‌କେ–୩ ହେଲିକପ୍ଟରଗୁଡ଼ିକରେ ଶକ୍ତିଶାଳୀ ଇଞ୍ଜିନ୍, ଉଚ୍ଚ–ତୀବ୍ରତା ସର୍ଚ୍ଚ ଲାଇଟ୍, ଟ୍ରାଫିକ୍ ଆଲର୍ଟ, ସ୍ୱୟଂଚାଳିତ ଉଡ଼ାଣ ନିୟନ୍ତ୍ରଣ ଆଦି ସୁବିଧା ରହିଛି। ଏହାଛଡ଼ା ଫୁଲ୍ ଗ୍ଲାସ୍ କକ୍‌ପିଟ୍, କଲିଜନ୍ ଆଭଏଡାନ୍ସ ସିଷ୍ଟମ୍, ଆଡ୍‌ଭାନ୍ସଡ କମ୍ୟୁନିକେଶନ ସିଷ୍ଟମ, ଅଟୋମେଟିକ୍ ଆଇଡେଣ୍ଟିଫିକେଶନ ସିଷ୍ଟମ, ସର୍ଚ୍ଚ ଆଣ୍ଡ ରେସ୍‌କ୍ୟୁ ହୋମ୍‌ର ମଧ୍ୟ ବ୍ୟବସ୍ଥା ରହିଛି। ଏଥିରେ ଥିବା ଆଧୁନିକ ନିରୀକ୍ଷଣ ରାଡାର, ଇଲେକ୍ଟ୍ରୋ–ଅପ୍ଟିକାଲ୍ ଯନ୍ତ୍ରପାତି ଦିନରାତି ଦୀର୍ଘ ଦୂରତା ପର୍ଯ୍ୟନ୍ତ ନିରୀକ୍ଷଣ ସହ ଉଦ୍ଧାର କାର୍ଯ୍ୟରେ ପ୍ରମୁଖ ଭୂମିକା ଗ୍ରହଣ କରିବାକୁ ସକ୍ଷମ ହେବ। ସେହିଭଳି ମେଡିକାଲ ଇଭାକ୍ୟୁଏଶନ ସମୟରେ ଗୁରୁତର ରୋଗୀଙ୍କୁ ସ୍ଥାନାନ୍ତର କରିବା ପାଇଁ ଏକ ମେଡିକାଲ୍ ଇଣ୍ଟେନ୍‌ସିଭ୍ କେୟାର ୟୁନିଟ୍ ରହିଛି। ୧୬ଟି ଏଏଲ୍‌ଏଚ୍ ଏମ୍‌କେ ୩ ହେଲିକପ୍ଟର ମଧ୍ୟରୁ ୧ ୨ଟି ପର୍ଯ୍ୟାୟକ୍ରମେ ଇଣ୍ଡିଆନ୍ କୋଷ୍ଟଗାର୍ଡରେ ଅନ୍ତର୍ଭୁକ୍ତ ହୋଇଛି ଏବଂ ୪ଟି ବିମାନ ଭୁବନେଶ୍ୱରରେ ରହିଛି, ଯାହାକି ପଶ୍ଚିମବଙ୍ଗ ଏବଂ ଓଡ଼ିଶା ଉପକୂଳ ତଦାରଖ ପାଇଁ ରଖାଯାଇଛି।



୮୩୦ ସ୍କ୍ୱାଡ୍ରନ(ସିଜି) ହେଲିକପ୍ଟର ଲୋକାର୍ପଣ ଅବସରରେ ଆଇସିଜି ମହାନିର୍ଦ୍ଦେଶକ ଭିଏସ୍ ପଠାନିଆ ଓ ଅନ୍ୟମାନେ।

### ଲୋକାର୍ପିତ କଲେ ଭିଏସ୍ ପଠାନିଆ

# ସଶସ୍ତ୍ର ଡକାୟତ ଲୁଟିନେଲେ ସୁନା, ଟଙ୍କା

- ଆକ୍ରମଣରେ ପରିବାରର ୪ ସଦସ୍ୟ ଗୁରୁତର
- ୨ ଡକାୟତଙ୍କୁ କାବୁ କଲେ ଗ୍ରାମବାସୀ

**କେନ୍ଦ୍ରାପଡ଼ା ଅଫିସ/ ମହାକାଳପଡ଼ା, ୧୦।୪ (ଡି.ଏନ.ଏ.)**

କେନ୍ଦ୍ରାପଡ଼ା ଜିଲା ମହାକାଳପଡା ବ୍ଲକ ତନ୍ତିଆପାଳ ସାମୁଦ୍ରିକ ଥାନା ଅଧୀନ ବଡିଢି ପଞ୍ଚାୟତର କାକଟପୁର ଗାଁରେ ଶନିବାର ବିଳମ୍ବିତ ରାତିରେ ସଶସ୍ତ୍ର ଡକାୟତି ହୋଇଛି। ଗାଁର ଶେଷମୁଣ୍ଡରେ ଥିବା କାର୍ତ୍ତିକ ଚନ୍ଦ୍ର ସ୍ୱାଇଁଙ୍କ ଘରେ ୬ ଜଣ ସଶସ୍ତ୍ର ଡକାୟତ ପଶି ଆଲମିରାରୁ ପ୍ରାୟ ୫ ଭରି ଓଜନର ସୁନା, ରୁପା ଅଳଙ୍କାର ସହ ନଗଦ ୧ ଲକ୍ଷ ୬୦ ହଜାର ଟଙ୍କା ଲୁଟି ନେଇଛନ୍ତି। ଡକାୟତମାନଙ୍କୁ ପ୍ରତିରୋଧ କରିବାରୁ ସେମାନଙ୍କ ମାଡ଼ରେ କାର୍ତ୍ତିକ, ସ୍ତ୍ରୀ ତୁଳସୀ, ଭାଇ ସୁବାସ ଓ ଝିଅ କାଜଲ ଗୁରୁତର ହୋଇଛନ୍ତି। ଆହତମାନଙ୍କୁ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି। ତେବେ କାର୍ତ୍ତିକଙ୍କ ମଝିଆ ବୋହୂଙ୍କ ଉପସ୍ଥିତ ବୁଦ୍ଧି ଓ ଗାଁ ଲୋକଙ୍କ ସାହସ ଯୋଗୁ ୨ ବନ୍ଧୁକଧାରୀ ଡକାୟତଙ୍କୁ କାବୁ କରାଯାଇଛି। ଅନ୍ୟ ୪ ଡକାୟତ ଫେରାର ହୋଇଯାଇଛନ୍ତି। ପୋଲିସ ଜିମାରେ ଦିଆଯାଇଥିବା ୨ ଡକାୟତ ହେଲେ କେନ୍ଦ୍ରାପଡ଼ାର ସେକ୍ ଲତିଫ, କଟକର ସେକ୍ ଫିରୋଜ ବୋଲି ସୂଚନା ମିଳିଛି। ଏସ୍‌ପି ମଡକର ସନ୍ଦିତ ସମ୍ପଦ, କେନ୍ଦ୍ରାପଡ଼ା ଏସ୍‌ଡିପିଓ ରାଜୀବ ଲୋଚନ ପଣ୍ଡା, ଆଇଆଇସି ମହେଶ୍ୱର ସେଠୀଙ୍କ ସମେତ ଜିଲା ପୋଲିସ ଘଟଣାର ତଦନ୍ତ ସହ ଫେରାର ଡକାୟତଙ୍କ ସନ୍ଧାନରେ ଅଛନ୍ତି। କାର୍ତ୍ତିକଙ୍କ ଭାଇ ଗଣେଶଙ୍କ ଅଭିଯୋଗକୁ ଭିତ୍ତିକରି ଥାନାରେ ନଂ. ୩୯/୨୨ରେ ମାମଲା ରୁଜୁ ହୋଇଛି।

# ୧୬ ଏକର ଜମିରେ ଆରମ୍ଭ ହେବ କାମ

## ଗୋପରେ ପ୍ରାକୃତିକ ଗ୍ୟାସ୍, ପେଟ୍ରୋଲର ସନ୍ଧାନ



**ଗୋପ, ୧୦।୪(ଡି.ଏନ୍.ଏ):** ପୁରୀ ଜିଲା ଗୋପ ବ୍ଲକ ଅଧୀନ ଗୋପ ପଞ୍ଚାୟତର କୁଶୁପୁର ଏବଂ ମହଲପଡ଼ା ପଞ୍ଚାୟତର ଚିତ୍ରା ଗାଁରେ ପ୍ରାକୃତିକ ଗ୍ୟାସ୍ ଓ ତୈଳର ସନ୍ଧାନ ମିଳିଛି। ସାଟେଲାଇଟ ଚିତ୍ର ଏବଂ ଅଏଲ୍ ଇଣ୍ଡିଆର ସେସମିକ୍ ସର୍ଭେରୁ ଏହା ଜଣାପଡ଼ିବା ପରେ ଗୋପ ଅଞ୍ଚଳରେ ଖୁସିର ଲହରି ଖେଳିଯାଇଛି। ଏହାଦ୍ୱାରା ବିଶ୍ୱରେ ଗୋପ ବ୍ଲକ ପରିଚିତ ହେବା ସହ ସ୍ଥାନୀୟ ଅଞ୍ଚଳବାସୀଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ସୂଚନାଯୋଗ୍ୟ, ୨୦୨୦ରେ ଅଏଲ ଇଣ୍ଡିଆ କମ୍ପାନୀ ପକ୍ଷରୁ ଗୋପ ବ୍ଲକ ଅଞ୍ଚଳ ସହିତ କୋଣାର୍କ ଏନ୍‌ଏସି ଅଞ୍ଚଳର ବିଭିନ୍ନ ସ୍ଥାନରେ ପ୍ରାକୃତିକ ଗ୍ୟାସ୍ ଓ ତୈଳ ଥିବା ସମ୍ଭାବନା ନେଇ ଖନନ କାର୍ଯ୍ୟ କରାଯାଇଥିଲା। ବିଭିନ୍ନ ସମୟରେ ଅଏଲ ଇଣ୍ଡିଆ କମ୍ପାନୀର ଅଧିକାରୀମାନେ ଆସି ବୁଲି ଦେଖିଥିଲେ। ପରେ ଗୋପ ପଞ୍ଚାୟତର କୁଶୁପୁର, ମହଲପଡ଼ା ପଞ୍ଚାୟତର ଚିତ୍ରା ଅଞ୍ଚଳରେ ପ୍ରଚୁର ପରିମାଣର ପ୍ରାକୃତିକ ଗ୍ୟାସ ସହିତ ତୈଳ ରହିଥିବା ସାଟେଲାଇଟ ଚିତ୍ର ମାଧ୍ୟମରୁ ଜଣାପଡ଼ିଥିଲା। ମାର୍ଚ୍ଚ ୨୫ରେ ଅଏଲ ଇଣ୍ଡିଆର ୮ଜଣିଆ ଟିମ୍ ଗୋପ ବ୍ଲକର ଉକ୍ତ ୨ଟି ପଞ୍ଚାୟତରେ ପହଞ୍ଚି ଜନପ୍ରତିନିଧି ଓ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ସାଟେଲାଇଟ ଚିତ୍ରରୁ ଗୋପ ବ୍ଲକର ସମ୍ପୃକ୍ତ ସ୍ଥାନରେ ଗ୍ୟାସ୍ ଓ ତୈଳ ଥିବା ସ୍ପଷ୍ଟ ହେବା ପରେ ଶନିବାର ଅଏଲ ଇଣ୍ଡିଆର ସିଜିଏମ୍ ବିରଞ୍ଚି ନାରାୟଣ ସାହୁଙ୍କ ନେତୃତ୍ୱରେ ଏକ ୬ଜଣିଆ ଟିମ୍ ଉକ୍ତ ଦୁଇଟି ସ୍ଥାନରେ ପହଞ୍ଚି ଚାଷୀ ଓ ସ୍ଥାନୀୟ ଲୋକପ୍ରତିନିଧିଙ୍କ ସହ ଆଲୋଚନା କରିଛନ୍ତି। ଉକ୍ତ ଦୁଇ ଗ୍ରାମର ୧୬ ଏକର ଜମି ଲିଜ୍ ନିଆଯାଇ ଖୁବ୍‌ଶୀଘ୍ର ଏଠାରେ କାର୍ଯ୍ୟ ଆରମ୍ଭ ହେବ ବୋଲି ଏହି ଟିମ୍ ପକ୍ଷରୁ କୁହାଯାଇଛି।

### ଏମାନେ ଯାହା କହନ୍ତି...

#### ସେସ୍‌ମିକ୍ ସର୍ଭେ ସଫଳ, ଖୁବ୍‌ଶୀଘ୍ର କାମ ଆରମ୍ଭ ହେବ



ଗୋପ ବ୍ଲକ ଅଞ୍ଚଳରେ କିଛି ମାସ ତଳେ ତୈଳ, ପ୍ରାକୃତିକ ଗ୍ୟାସ ଥିବା ନେଇ ଅଏଲ୍ ଇଣ୍ଡିଆ ପକ୍ଷରୁ ଖନନ କାର୍ଯ୍ୟ ଚାଲିଥିଲା। ସେହିଦିନଠାରୁ ଚାଲିଥିବା ବିଭିନ୍ନ ଅନୁଧ୍ୟାନ ପରେ ସେସମିକ୍ (ପ୍ରାକୃତିକ ଗ୍ୟାସ ଓ ଇନ୍ଧନ ସନ୍ଧାନ ସର୍ଭେ) ସଫଳ ହୋଇଛି। କୁଶୁପୁରରେ ୭୫ ପ୍ରତିଶତରୁ ଅଧିକ ଓ ମହଲପଡ଼ାର ଚିତ୍ରାରେ ୪୦ ପ୍ରତିଶତରୁ ଅଧିକ ପ୍ରାକୃତିକ ଗ୍ୟାସ ସହ ତୈଳ ରହିଛି। ପ୍ରଥମ ପର୍ଯ୍ୟାୟରେ ଏହି ଦୁଇ ଗ୍ରାମର ୧୬ ଏକର ଚାଷଜମି ଲିଜ୍ ନିଆଯାଇ କାର୍ଯ୍ୟ ଆରମ୍ଭ କରାଯିବ। ଏଥିସହ ଆବଶ୍ୟକ ରାସ୍ତା, ପିଇବା ପାଣି ସହିତ ଅନ୍ୟାନ୍ୟ କାର୍ଯ୍ୟ ହେବ। ୩ ବର୍ଷ ପାଇଁ ଚାଷୀମାନଙ୍କ ଚାଷଜମିକୁ କମ୍ପାନୀ ଲିଜ୍ ନେବ।

- ବିରଞ୍ଚି ନାରାୟଣ ସାହୁ, ସିଜିଏମ୍, ଅଏଲ ଇଣ୍ଡିଆ

#### ବିଶ୍ୱ ଦରବାରରେ ଗୋପ ବ୍ଲକ ପରିଚିତ ହେବ



ଅଏଲ୍ ଇଣ୍ଡିଆ କମ୍ପାନୀ ପକ୍ଷରୁ ଏହି ପ୍ରାକୃତିକ ଗ୍ୟାସ ସହିତ ତୈଳର ସନ୍ଧାନ ମିଳିବା ଏବଂ ପ୍ରାଥମିକ ସ୍ତରରେ ଚାଷୀ ଓ ଲୋକ ପ୍ରତିନିଧିଙ୍କ ସହ ବିଭିନ୍ନ ଆଲୋଚନା ହେବା ନିଶ୍ଚିତ ଆମ ଅଞ୍ଚଳ ଲାଗି ଖୁସିର ଖବର। ଏହା ଯଦି ସତ ହୁଏ ମୋ' ନିର୍ବାଚନମଣ୍ଡଳୀରେ ଥିବା ଗୋପ ବ୍ଲକର ନାଁ ବିଶ୍ୱ ଦରବାରରେ ପରିଚିତ ହେବା ସହ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇପାରିବ।

- ସମୀର ରଞ୍ଜନ ଦାଶ, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ତଥା ନିମାପଡ଼ା ବିଧାୟକ

#### ସମସ୍ତ ସହଯୋଗ ଯୋଗାଇ ଦିଆଯିବ



ମୋ' ପଞ୍ଚାୟତରେ ଅଏଲ୍ ଇଣ୍ଡିଆ ପକ୍ଷରୁ ଖନନ କାର୍ଯ୍ୟ ପରେ ଗ୍ୟାସ୍ ସହିତ ପେଟ୍ରୋଲ ବାହାରିବ ବୋଲି ଶୁଣିଲି। ଗତ ଶନିବାର ମଧ୍ୟ ଆମ ପଞ୍ଚାୟତ କାର୍ଯ୍ୟାଳୟରେ ଅଏଲ୍ ଇଣ୍ଡିଆ ଅଧିକାରୀମାନେ ପହଞ୍ଚି ଚାଷୀ ଓ ଲୋକପ୍ରତିନିଧିଙ୍କ ସହ ଆଲୋଚନା କରିବା ପରେ ସମସ୍ତ ସହଯୋଗ ସେମାନଙ୍କୁ ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଛି। ଏହା ଆମ ବ୍ଲକ ଲାଗି ଗର୍ବ ଓ ଗୌରବ।

- ସୁଲୋଚନା ଦାସ, ସରପଞ୍ଚ, ଗୋପ ପଞ୍ଚାୟତ



ଜମି ରହିଛି। ନିଶ୍ଚିତ ଭାବେ ଆମ ଅଞ୍ଚଳ ଲାଗି ଏହା ଖୁସିର ଖବର। ୱାର୍ଡ ପ୍ରତିନିଧି ଭାବେ ମୁଁ ସହଯୋଗ ଯୋଗାଇଦେବି।

- ଜ୍ୟୋତ୍ସ୍ନାରାଣୀ ପୃଷ୍ଟି, ଗୋପ ବଣିଆସାହି

#### ଆମ ରାଜ୍ୟବାସୀଙ୍କ ପାଇଁ ଖୁସି ଖବର



ଆମ ବ୍ଲକ, ଜିଲା ଓ ରାଜ୍ୟ ଲାଗି ଏହା ଏକ ଖୁସି ଖବର। ପିଲାବେଳୁ ଶୁଣିଛି ଗୋପ ବ୍ଲକ ଅଞ୍ଚଳର କେତେକ ଗାଁରେ ନଳକୂପ ଖନନ ସମୟରେ ଗ୍ୟାସ୍ ବାହାରୁଛି। ଆଜି ଏହି ଖବର ସତ ହୋଇଛି। ଆମ ଅଞ୍ଚଳ ଲାଗି ଏହା ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ।

- ଧର୍ମେନ୍ଦ୍ର ସାହୁ, ୧୨ ନଂ. ଜୋନ୍ ଜିଲା ପରିଷଦ ସଦସ୍ୟ

#### ବିକାଶ ସହ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ



ସମ୍ପୃକ୍ତ ସ୍ଥାନରେ ମୋ' ଚାଷଜମି ଥିବାରୁ ମୋତେ ଅଏଲ୍ ଇଣ୍ଡିଆ କମ୍ପାନୀ କର୍ତ୍ତୃପକ୍ଷ ଡାକି ସମୂହ ଚାଷୀଙ୍କ ସହିତ ଆଲୋଚନା କରିଥିଲେ। ଏହି ପ୍ରକଳ୍ପ ଦ୍ୱାରା ଆମ ଅଞ୍ଚଳରେ ବିକାଶ ସହ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଆମ ଅଞ୍ଚଳର ପିଲାମାନେ କାମଧନ୍ଦା ପାଇଁ ଆଉ ବାହାର ରାଜ୍ୟକୁ ଯିବେ ନାହିଁ। ତେଣୁ ମୁଁ ଉକ୍ତ କାର୍ଯ୍ୟରେ ସମସ୍ତ ସହଯୋଗ କରିବି।

- ଶେଖ୍ ମେହେବୁବ୍ ହୋସେନ୍, ଚାଷୀ, ଗୋପ

#### ଆବଶ୍ୟକ ସହଯୋଗ କରିବୁ

ମୋ' ଗାଁ ନିକଟରେ ଅଏଲ୍ ଇଣ୍ଡିଆ କମ୍ପାନୀ ପକ୍ଷରୁ ଗ୍ୟାସ୍, ତୈଳ ବାହାରିବା ନେଇ ଜମି ଅଧିଗ୍ରହଣ କରାଯାଇଛି। ସେଥିମଧ୍ୟରେ ମୋ'

**DHAULI DEVELOPMENT COMMITTEE**

No.05/DDC Bhubaneswar, Dated the 08.04.2022

**TENDER CALL NOTICE**

Sealed tenders are invited from reputed Service Providers/Agencies to provide the manpower service for Deployment of Cleaning & Sanitation, Security Guards and other allied works at Dhauli regularly on contract basis on behalf of Dhauli Development Committee (DDC). The information for outsourcing the above required services has been detailed in the tender document which may be obtained on payment from the Office of the Tourist Officer, Bhubaneswar & Secretary, DDC during working hours between 11 A.M. to 4 P.M. on all official days w.e.f. 12.04.2022. The last date for receipt of tender document is 21.04.2022 at 3.00 P.M.

Sd./- Tourist Officer, Bhubaneswar & Secretary, Dhauli Development Committee

ସାମାଜିକ ନ୍ୟାୟ ଏବଂ ସଶକ୍ତୀକରଣ ବିଭାଗ
ସାମାଜିକ ନ୍ୟାୟ ଏବଂ ସଶକ୍ତୀକରଣ ମନ୍ତ୍ରଣାଳୟ
ଭାରତ ସରକାର

**ଅଧିକାରବିହୀନ ବ୍ୟକ୍ତିବିଶେଷଙ୍କ ଜୀବିକା ଏବଂ ଉଦ୍ୟମ ନିମନ୍ତେ ସହାୟତା (ସ୍ମାଇଲ୍)**

**ପ୍ରସ୍ତାବ ପାଇଁ ଅନୁରୋଧ (ଆର୍‌ଏଫ୍‌ପି)**

ସ୍ମାଇଲ୍ ଯୋଜନା ଅଧୀନରେ 'ଭିକ୍ଷାବୃତ୍ତିରେ ସଂଶ୍ଳିଷ୍ଟ ବ୍ୟକ୍ତିବିଶେଷଙ୍କ ବ୍ୟାପକ ଥଇଥାନ' ଉପ-ଯୋଜନାର କାର୍ଯ୍ୟାନ୍ୱୟନ ନିମନ୍ତେ ଆଗ୍ରହୀ ତଥା ଯୋଗ୍ୟ ନାଗରିକ ସମାଜ/ବେସରକାରୀ ସଂଗଠନ (ସିଏସ୍‌ଓ/ଏନ୍‌ଜିଓ) / ଅନୁଷ୍ଠାନ/ ଷ୍ଟାର୍ଟ-ଅପ୍ ତଥା ଅନ୍ୟମାନଙ୍କଠାରୁ ପ୍ରସ୍ତାବ ଆହ୍ୱାନ କରାଯାଉଛି ।

- ସମସ୍ତ ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳରୁ ପାଟନା, ଲକ୍ଷ୍ନୌ, ଇନ୍ଦୋର, ବେଙ୍ଗାଲୁରୁ, ନାଗପୁର ଓ ହାଇଦ୍ରାବାଦ ସହରକୁ ଛାଡ଼ି ଅନ୍ୟ ସମସ୍ତ ସ୍ଥାନ ପାଇଁ ଆର୍ଥିକବର୍ଷ ୨୦୨୨-୨୩ ଲାଗି ଦରଖାସ୍ତ ଆହ୍ୱାନ କରାଯାଉଛି ।
- ଭିକ୍ଷାବୃତ୍ତି କରୁଥିବା ବ୍ୟକ୍ତିମାନଙ୍କ କଲ୍ୟାଣ କ୍ଷେତ୍ରରେ ଜଡ଼ିତ ଆଗ୍ରହୀ ତଥା ଯୋଗ୍ୟ ନାଗରିକ ସମାଜ/ବେସରକାରୀ ସଂଗଠନ (ସିଏସ୍‌ଓ/ଏନ୍‌ଜିଓ)/ଅନୁଷ୍ଠାନ/ଷ୍ଟାର୍ଟ-ଅପ୍ ଏବଂ ଅନ୍ୟମାନେ ଆବଶ୍ୟକ କାଗଜପତ୍ର ସହିତ ଇ-ଅନୁଦାନ ପୋର୍ଟାଲ୍ (https://grants-msje.gov.in/ngo-login)ରେ ପଞ୍ଜୀକରଣ/ଆବେଦନ କରିପାରିବେ ।
- ଆର୍ଥିକବର୍ଷ ୨୦୨୨-୨୩ ନିମନ୍ତେ ଦରଖାସ୍ତ ଦାଖଲ ପାଇଁ ପୋର୍ଟାଲ୍ ୧୧ ଏପ୍ରିଲ, ୨୦୨୨ ପରଠାରୁ ଖୋଲିବ । ପୋର୍ଟାଲ୍ ତା୦୬।୦୫।୨୦୨୨ରିଖରେ ବନ୍ଦ ହୋଇଯିବ ।
- ଅଧିକ କୌଣସି ପ୍ରଶ୍ନ ପାଇଁ, ଆପଣ ଯୋଗାଯୋଗ କରିପାରନ୍ତି: ଶ୍ରୀ ଶାନ୍ତନୁ ଦୀକ୍ଷିତ, ସହକାରୀ ନିର୍ଦ୍ଦେଶକ, ସାମାଜିକ ନ୍ୟାୟ ଏବଂ ସଶକ୍ତୀକରଣ ବିଭାଗ, ରୁମ୍ ନଂ. ୪୦୧, ଶାସ୍ତ୍ରୀ ଭବନ, ନୂଆଦିଲ୍ଲୀ - ୧୧୦୦୦୧, ଇମେଲ୍: beggarymosje@gmail.com

davp 38101/11/0003/2223

ସମଗ୍ର ସୃଷ୍ଟି ଭିତରେ ଭଗବାନଙ୍କର ଅନନ୍ତ କୃପା ଅଦୃଶ୍ୟରେ ରହି ପୃଥିବୀ ପୃଷ୍ଠରେ ପ୍ରତି ମୁହୂର୍ତ୍ତରେ କାର୍ଯ୍ୟ କରି ଚାଲିଛି। ତାହା ଫଳରେ ପୃଥିବୀ ବହୁତ ଦୁଃଖ, ବିପଦ, ଅଜ୍ଞାନ ଓ ନିର୍ବୋଧତା କବଳରୁ ରକ୍ଷା ପାଇପାରୁଛି। -ଶ୍ରୀମା



# ହିନ୍ଦୀ ନୁହେଁ

ଇଂଲିଶର ବିକଳ୍ପ ହିନ୍ଦୀ ହେବା ଉଚିତ ବୋଲି ନିକଟରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା କହିବା ପରେ ଦେଶର ବିଭିନ୍ନ ଭାଗରେ ପ୍ରତିକ୍ରିୟା ପ୍ରକାଶ ପାଇଛି। କଂଗ୍ରେସ, ଶିବସେନା, ଡିଏମ୍‌କେ ଓ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଏହାକୁ ବିରୋଧ କରିଛନ୍ତି। କର୍ନାଟକର ପୂର୍ବତନ ମୁଖ୍ୟମନ୍ତ୍ରୀ ସିଦ୍ଧରାମାୟା କହିଛନ୍ତି, ହିନ୍ଦୀ ଭାରତର ଜାତୀୟ ଭାଷା ନୁହେଁ ଏବଂ ତାହା କରାଇ ଦିଆଯିବ ନାହିଁ। ସେହିପରି ଟିଏମ୍‌ସିର ପ୍ରବକ୍ତା କୁନାଲ ଘୋଷ କହିଛନ୍ତି, ହିନ୍ଦୀକୁ ତାଙ୍କ ଦଳ ସମ୍ମାନ ଦିଏ। କିନ୍ତୁ ଆମମାନଙ୍କ (ବଙ୍ଗାଳୀ) ଉପରେ ତାହାକୁ ଲଦିବାକୁ ଦିଆ ନ ଯାଉ। ଶିବସେନାର ମନୀଷା କାୟାଣ୍ଡେ ଆଞ୍ଚଳିକ ଭାଷା ଓ ଦଳର ଗୁରୁତ୍ୱକୁ କମାଇବା ଲାଗି ଭାଜପା ଏଭଳି କାର୍ଯ୍ୟସୂଚୀ କରିଥିବା ସେ କହିଛନ୍ତି।

୩୭ତମ ସଂସଦୀୟ ଭାଷା କମିଟିରେ ପୌରୋହିତ୍ୟ କରିବା ବେଳେ ଅମିତ ଶାହା ହିନ୍ଦୀକୁ ଗୁରୁତ୍ୱ ଦେବା ନେଇ ଯେଭଳି ପ୍ରସ୍ତାବ ଦେଇଛନ୍ତି ତାହା ଭାଜପାର ଅନ୍ୟତମ ଏଜେଣ୍ଡା ବୋଲି କୁହାଯାଇପାରେ। ଏଥିରୁ ବୁଝିବାକୁ ହେବ ଯେ 'ଏକ ଭାରତ ଶ୍ରେଷ୍ଠ ଭାରତ', 'ଏକ ଦେଶ ଏକ ପରିଚୟପତ୍ର'ରୁ ଆରମ୍ଭକରି 'ଏକ ଦେଶ ଏକ ଭାଷା' କରିବାରେ ଯେଭଳି ରୀତିମତ ଉଦ୍ୟମ ହେଉଛି। ଯେହେତୁ ହିନ୍ଦୀ ଭାରତବ୍ୟାପୀ ସବୁ ଅଞ୍ଚଳରେ ମାତୃଭାଷା ଭାବେ ବ୍ୟବହୃତ ହୁଏନାହିଁ, ସେଥିପାଇଁ ସେଭଳି ଭାଷା କାହା ଉପରେ ଲଦିଦେବା ଦେଶର ଏକତାକୁ କ୍ଷତି ପହଞ୍ଚାଇବ। ଭାରତର ସୌନ୍ଦର୍ଯ୍ୟର ମୁଖ୍ୟ କାରଣ ହେଉଛି ବିବିଧତା। ସେହି ବିବିଧତାଠାରୁ ଏହି ମାଟିର ଏକତା ସୃଷ୍ଟି ହୋଇଛି। ବିବିଧତାକୁ ଆଘାତ ପହଞ୍ଚାଇବାର ଅର୍ଥ ଏକତାକୁ ଧ୍ୱଂସ କରିବା। ଉଦାହରଣ ସ୍ୱରୂପ, କିଛି ହିନ୍ଦୀଭାଷୀ ଲୋକ ହିନ୍ଦୀକୁ ସମର୍ଥନ କଲାବେଳକୁ ଅଣହିନ୍ଦୀ ଅଞ୍ଚଳର ଲୋକ ଜୋର୍ ଜବରଦସ୍ତ ଲଦିବାକୁ ବିରୋଧ କରିବେ। ଏହାଫଳରେ ଦେଶ ଭିତରେ ଭାଷାକୁ ନେଇ ଗୋଷ୍ଠୀ ବିବାଦ ଆରମ୍ଭ ହୋଇଯିବ। ଯାହାର ସୂତ୍ରପାତ ଏବେ ରାଜନୈତିକ ସ୍ତରରେ ରହିଛି, କିନ୍ତୁ ପରବର୍ତ୍ତୀ ସମୟରେ ତାହା ସାମାଜିକ ସ୍ତରକୁ ପହଞ୍ଚି ଗୋଷ୍ଠୀ ସୃଷ୍ଟି କରିବ। ପୃଥିବୀ ଇତିହାସରେ ଏଭଳି ଏକ ଭାଷା ଲଦିବାର କୁଫଳ ତତ୍କାଳୀନ ସୋଭିଏଟ୍ ରୁଷିଆର ଅଙ୍ଗଗୁଡ଼ିକରେ ଏବେ ଦେଖିବାକୁ ମିଳୁଛି। ବିଭେଦର ଗଭୀରତା କେତେ ଅଧିକ ଘୃଣା ସୃଷ୍ଟି କରିପାରେ ତାହା ୟୁକ୍ରେନବାସୀଙ୍କ ରୁଷିଆ ବିରୋଧୀ ଜିଦ୍‌ରୁ ପ୍ରମାଣ ମିଳୁଛି। ଗୋଟିଏ ରୁଷୀୟ ଭାଷା ସମସ୍ତଙ୍କ ଉପରେ ଲଦିଦିଆଯାଇଥିବା ସତ୍ତ୍ୱେ ସେହି ଦେଶ ଆଜି ଖଣ୍ଡବିଖଣ୍ଡିତ ହୋଇ ପରସ୍ପର ସାଙ୍ଗରେ ଯୁଦ୍ଧ କରୁଛନ୍ତି। ଏଥିରୁ ବୁଝିବାକୁ ହେବ ଯେ ବିଭିନ୍ନ ଭାଷାକୁ ହତ୍ୟାକରି ଗୋଟିଏ ଭାଷା ଲଦିଦେଲେ ତାହା ଏକତା କଦାପି ଆଣିବ ନାହିଁ। ଅବଶ୍ୟ ଏହି ଆଲୋଚନାରେ ଓଡ଼ିଶା ଭଳି ରାଜ୍ୟବାସୀଙ୍କ ଚରିତ୍ରକୁ ଜାତୀୟ ଚରିତ୍ର ସହିତ ସମାସ୍କନ୍ଧ ଭାବିବା ଉଚିତ ନୁହେଁ। ଓଡ଼ିଆମାନେ ନିଜ ଭାଷା ପ୍ରତି ସେହି ପରିମାଣରେ ଆକର୍ଷିତ ହୋଇ ନ ଥିବାରୁ ରାଜ୍ୟର ସହରାଞ୍ଚଳରେ ହିନ୍ଦୀର ପ୍ରଭାବ ବୃଦ୍ଧି ପାଉଛି। ଏହା ବିଶେଷ ଭାବେ ଅବସୋସର ବିଷୟ ହୋଇଛି, କାରଣ ସ୍ୱାଧୀନତା ପୂର୍ବରୁ ଭାଷାଭିତ୍ତିକ ରାଜ୍ୟ ଭାବେ ଓଡ଼ିଶା ପ୍ରଥମେ ଗଠନ ହୋଇଥିଲା। କିନ୍ତୁ ଆଜିର ଓଡ଼ିଆ କନା ଭୁଲିଯାଇ କପଡ଼ା କହୁଛି।

ସ୍ୱରାଷ୍ଟ୍ର ମନ୍ତ୍ରୀ କହିଛନ୍ତି, କ୍ୟାବିନେଟ୍‌ର ୭୦ ପ୍ରତିଶତ କାର୍ଯ୍ୟସୂଚୀ ହିନ୍ଦୀରେ ପ୍ରସ୍ତୁତ ହେଉଛି। ଦେଶର ଏକତା ପାଇଁ ହିନ୍ଦୀକୁ ସରକାରୀ ଭାଷା କରିବାର ଏବେ ସମୟ ଆସିଛି ବୋଲି ସେ କହିଛନ୍ତି। ଦେଖିବାକୁ ଗଲେ ହିନ୍ଦୀ କଦାପି ଇଂଲିଶର ବିକଳ୍ପ ହୋଇପାରିବ ନାହିଁ। ଇଂଲିଶ ଅନ୍ତର୍ଜାତୀୟ ଭାଷା ହେବା ସହ ଭାରତରେ ଏକ ଲିଙ୍କ୍ ଲାଙ୍ଗୁଏଜ୍ ବା ସମ୍ପର୍କର ଭାଷା ରହିଆସିଛି। ଏଥିପାଇଁ ଐତିହାସିକ ରୂପରେ ବ୍ରିଟେନର ଶାସନ ଦାୟୀ ବୋଲି କୁହାଯାଇପାରେ। ଅନ୍ୟପଟେ ଇଂଲିଶ ଜାଣିଥିବା ଭାରତୀୟ ଯୁବତୀଯୁବକ ପୃଥିବୀର ପ୍ରାୟତଃ ସବୁ ଅଞ୍ଚଳକୁ ଯାଇ ପାଠପଢ଼ିବା ସହିତ ଚାକିରି ଓ ବ୍ୟବସାୟ କରିପାରୁଛନ୍ତି। ଚାଇନା ଭଳି ଦେଶରେ ଅନେକ ଲକ୍ଷ ପିଲାଙ୍କୁ ସ୍କୁଲ ସ୍ତରରୁ ଉଚ୍ଚକୋଟୀର ଇଂଲିଶ ଶିଖାଇବାର କାର୍ଯ୍ୟକ୍ରମ ଅନେକ ବର୍ଷ ଧରି ଚାଲିଆସିଛି। ସଫଳ ବ୍ୟବସାୟିକ ସମ୍ବନ୍ଧ ସୃଷ୍ଟି କରିବାକୁ ହେଲେ ଏକ ଗୁରୁତ୍ୱପୂର୍ଣ୍ଣ ବିଦେଶୀ ଭାଷା ଜାଣିବା ଅନିବାର୍ଯ୍ୟ ହୋଇପଡ଼ିଲାଣି। ସେଥିପାଇଁ ପୃଥିବୀବ୍ୟାପୀ ଇଂଲିଶ ଓ ତା'ପରେ ସ୍ପାନିଶ୍‌କୁ ଗଣାଯାଉଛି। ହିନ୍ଦୀର ଅନ୍ତର୍ଜାତୀୟ ସ୍ତରରେ କୌଣସି ଉପସ୍ଥିତି ଦେଖାଯାଉ ନାହିଁ। ଆଉ ଏକ ବିଷୟକୁ ଦେଖିଲେ ହିନ୍ଦୀ ଯାହାର ମାତୃଭାଷା ସେଭଳି ନାଗରିକଙ୍କ ପାଇଁ ଗୋଟିଏ ଭାରତୀୟ ଓ ଅନ୍ୟ ଏକ ବିଦେଶୀ ଭାଷା ଶିଖିବା ଯଥେଷ୍ଟ ହେବ। ଅଣ ହିନ୍ଦୀଭାଷୀ ଛାତ୍ରୀଛାତ୍ରଙ୍କ ପାଇଁ ନିଜ ମାତୃଭାଷା ସହିତ ହିନ୍ଦୀ ଏବଂ ଏକ ବିଦେଶୀ ଭାଷା ଶିଖିବାକୁ ବାଧ୍ୟ। ଫଳରେ ଅଣ ହିନ୍ଦୀ ପିଲାଙ୍କ ପାଇଁ ସମସ୍ୟା ଅଧିକ ହେବ।

ଅନ୍ୟପଟେ ରାଜନୈତିକ ସ୍ତରରେ ହିନ୍ଦୀ ଭାଷା ଲଦିବାର ଏକ ମନ୍ଦ ଉଦ୍ଦେଶ୍ୟ ରହିଛି। ଅଣହିନ୍ଦୀ ଲୋକର ଉଚ୍ଚାରଣରୁ ସବୁବେଳେ ଜଣାପଡ଼ିଯାଏ କିଏ କେଉଁ ପ୍ରଦେଶର। ଏପରିକି ପଶ୍ଚିମ ଉତ୍ତରପ୍ରଦେଶର ଲୋକ ପୂର୍ବିହା ହିନ୍ଦୀକୁ ବାରି ଦେଇଥାନ୍ତି। ଦିଲ୍ଲୀରେ ୩୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ବିତାଇଥିବା ଓଡ଼ିଆର ହିନ୍ଦୀ ଶୁଣିଲେ ତାହା କେବେହେଲେ ଉତ୍ତର ପ୍ରଦେଶ କିମ୍ବା ହରିଆଣାର ହିନ୍ଦୀ ଭଳି ଶୁଣାଯାଏ ନାହିଁ। କେହି ସ୍ୱୀକାର କରୁ ବା ନ କରୁ ଏହା ହେଉଛି ବାସ୍ତବତା। ସେଥିପାଇଁ ହିନ୍ଦୀ ଲଦିଲେ କେବଳ ହିନ୍ଦୀ ମାତୃଭାଷା ଅଞ୍ଚଳର ନେତା ରାଜନୀତିରେ ଆଗଧାଡ଼ିରେ ସବୁବେଳେ ରହିବେ। ଏଥିପାଇଁ ଶିବସେନା ନେତ୍ରୀ ମନୀଷା ଉଠାଇଥିବା ପ୍ରସଙ୍ଗକୁ ଅବାସ୍ତବ କହିହେବ ନାହିଁ। ଆଞ୍ଚଳିକ ରାଜନୈତିକ ଦଳ ଯେଉଁମାନେ ଭାଷା ଦ୍ୱାରା ଶକ୍ତିଶାଳୀ ହେଉଛନ୍ତି, ସେହିଠାରେ ସେହି ଭାଷାକୁ ଦୁର୍ବଳ କରିଦେବା ଏକ ଷଡ଼ଯନ୍ତ୍ର ହୋଇପାରେ। ଉଦାହରଣସ୍ୱରୂପ ଓଡ଼ିଶାରେ ଭାଜପା ଯେତେ ଗେରୁଆ ପତାକା ଲଗାଇ ଚିତ୍କାର କଲେ ମଧ୍ୟ ନେତୃତ୍ୱବିହୀନ ହୋଇଥିବାରୁ ଉଧେଇ ପାରୁନାହିଁ। ସେହି ଖାଲିସ୍ଥାନକୁ ପୂରଣ କରିବାକୁ ହେଲେ ଓଡ଼ିଆ କହୁଥିବା ଆକର୍ଷଣୀୟ ଭାବମୂର୍ତ୍ତି ଥିବା ନେତାର ପ୍ରୟୋଜନ ରହିଛି। ଓଡ଼ିଶାର ସହରାଞ୍ଚଳରେ ହିନ୍ଦୀ ଭାଷା ଏବଂ ଉତ୍ତର ଭାରତୀୟ ଧାର୍ମିକ ଢଙ୍ଗକୁ ଲୋକ ପସନ୍ଦ କରନ୍ତି ବୋଲି ଭାଜପା ଭୋଟ ପାଇପାରିଲା। କିନ୍ତୁ ଗ୍ରାମାଞ୍ଚଳରେ ଏବେ ମଧ୍ୟ ଲୋକଙ୍କର ହୃଦୟରେ ଜଗନ୍ନାଥ ପ୍ରୀତି ଓ ଓଡ଼ିଆ ଭାଷା ପାଇଁ ଭଲପାଇବା ରହିଛି ବୋଲି ପରିସ୍ଥିତି ଭିନ୍ନ ଅଛି। ଏହିଭଳି ରାଜ୍ୟରେ ରାଜନୈତିକ ପରିବର୍ତ୍ତନ ଆଣି କ୍ଷମତା ଦଖଲ କରିବା ପାଇଁ ହିନ୍ଦୀ ଭାଷାକୁ ବ୍ୟବହାର କରିବା ସବୁଠାରୁ ସହଜ ପ୍ରଣାଳୀ ବୋଲି ଆଜିକାର ନେତୃତ୍ୱ ଚିନ୍ତା କରୁଛନ୍ତି। ହୁଏତ ତତ୍‌କ୍ଷଣାତ୍ ହିନ୍ଦୀ ଲଦିବାର କୁଫଳ ଜଣା ପଡ଼ି ନ ପାରେ। ପରବର୍ତ୍ତୀ ସମୟରେ, ରୁଷିଆର ଉଦାହରଣ ଭାବେ, ଭାଷାକୁ ନେଇ ଭାରତ ମଧ୍ୟ ଅନେକ ସାମାଜିକ ସମସ୍ୟାର ସମ୍ମୁଖୀନ ହୋଇପାରେ।

୨୦୧୪ରେ କେନ୍ଦ୍ରରେ କ୍ଷମତାସୀନ ଭାଜପା ସରକାର ଏକ ସୁଦୃଢ଼ ବହିର୍ବ୍ୟାପାର ଓ ଅର୍ଥନୈତିକ ନୀତି ପ୍ରଣୟନରେ ବିଫଳ ହୋଇଛି। ପେଟ୍ରୋଲ, ଡିଜେଲ, ରନ୍ଧନ ଗ୍ୟାସ୍ ଦର ସହ ଅନ୍ୟାନ୍ୟ ଅତ୍ୟାବଶ୍ୟକ ସାମଗ୍ରୀ ମୂଲ୍ୟ ବଢ଼ିବାରେ ଲାଗିଛି। ନିଯୁକ୍ତି ସୁଯୋଗ ପୂର୍ବାପେକ୍ଷା ଯଥେଷ୍ଟ କମିଯାଇଛି। ଏଭଳି ମୌଳିକ ସମସ୍ୟାର ସମାଧାନ କିଭଳି କରାଯାଇପାରିବ ତାହା ଉପରେ ବିଚାରବିମର୍ଶ କରା ନ ଯାଇ ଭାଷା ଭଳି ବର୍ତ୍ତମାନ ସମୟରେ ଅପ୍ରାସଙ୍ଗିକ ଥିବା ବିଷୟକୁ ଗୁରୁତ୍ୱ ଦେଇ ସରକାର ଦେଶବାସୀଙ୍କୁ କି ବାର୍ତ୍ତା ଦେବାକୁ ଚାହୁଁଛନ୍ତି ତାହା ସହଜରେ ବୁଝା ପଡ଼ିଯାଉଛି।

# କ୍ରିପ୍ଟୋ ମୁଦ୍ରାର ଗହନ କଥା



କିଶୋର ଜେନା

ଏଥରର ବଜେଟ ଭାଷଣରେ କେନ୍ଦ୍ର ଅର୍ଥମନ୍ତ୍ରୀ ସାଧାରଣ ଜନତାଙ୍କ ପ୍ରତ୍ୟାଶା ପୂରଣ ଦିଗରେ ସେପରି କିଛି ଦୃଷ୍ଟି ଦେଇନାହାନ୍ତି। ଏହା ସାମଗ୍ରିକ ଅଭିମତ। କିନ୍ତୁ ଦୁଇଟି ବିଷୟ ସାଧାରଣ ଲୋକଙ୍କୁ ବଜେଟ ସମ୍ପର୍କରେ ଟିକେ ଉତ୍ସୁକ କରିଛି। ଗୋଟିଏ ଘୋଷଣାରେ କୁହାଯାଇଛି କ୍ରିପ୍ଟୋ ମୁଦ୍ରାର ଯେକୌଣସି ବିନିମୟରେ ୩୦ ପ୍ରତିଶତ ହାରରେ କରଧାର୍ଯ୍ୟ ହେବ। ଅନ୍ୟଟିରେ କୁହାଯାଇଛି, ଯେବେ ଡିଜିଟାଲ ମୁଦ୍ରାର ପ୍ରଚଳନ ହୁଏ, ତାହା ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ହେବ ଏବଂ ରିଜର୍ଭ ବ୍ୟାଙ୍କ ଏହି ବିଷୟଟିକୁ ବିଚାର କରୁଛି। ଏତେଦିନ ଧରି ଆମ ଦେଶର ଲୋକମାନେ କ୍ରିପ୍ଟୋ ମୁଦ୍ରାର କଥା ଶୁଣିଥିଲେ। ବେଳେବେଳେ କ୍ରିପ୍ଟୋ ବିନିମୟର କଥା ଶୁଣିଛନ୍ତି। ମୋବାଇଲ ଫୋନରେ କ୍ରିପ୍ଟୋର ବିଜ୍ଞାପନ ଖବର ଆସିଛି। ଆଉ ମଧ୍ୟ ଶୁଣିଛନ୍ତି, କେହି କେହି କ୍ରିପ୍ଟୋ ମୁଦ୍ରାର ଫଟକା ଖେଳି ବେଶ୍ ଦୁଇ ପଇସା ଅର୍ଜନ କରିଛନ୍ତି। କିନ୍ତୁ ଅର୍ଥମନ୍ତ୍ରୀଙ୍କ ଘୋଷଣା ଲୋକଙ୍କୁ ବୁଝାଇ ଦେଇଛି ଯେ, ବିଷୟଟିକୁ ଆଉ ଦୂରରେ ରଖିବା ସମୀଚୀନ ନୁହେଁ।

କ୍ରିପ୍ଟୋକୁ ସଠିକ୍ ଭାବେ ବୁଝିବା ପାଇଁ ବର୍ତ୍ତମାନର ମୁଦ୍ରା ବ୍ୟବସ୍ଥା ଏବଂ ଏହାର ଭିତ୍ତି ସମ୍ପର୍କରେ ଅଭିହିତ ହେବା ଆବଶ୍ୟକ। ଲୋକେ ବିନିମୟ ବ୍ୟବସ୍ଥା ଆରମ୍ଭ କରିଥିଲେ ଦ୍ରବ୍ୟର ବିନିମୟରେ ଦ୍ରବ୍ୟର ଆଦାନପ୍ରଦାନ ମାଧ୍ୟମରେ। କିନ୍ତୁ ଯେତେବେଳେ ଲୋକସଂଖ୍ୟା ବଢ଼ିବାକୁ ଲାଗିଲା ଏବଂ ଅନେକ ରକମ ଜିନିଷର ଆଦାନପ୍ରଦାନ ଦରକାର ପଡ଼ିଲା, ସେତେବେଳେ ଦ୍ରବ୍ୟର ବିନିମୟ ବ୍ୟବସ୍ଥା ଅଚଳ ହୋଇପଡ଼ିଲା। ସେତେବେଳେ ବିନିମୟର ମାଧ୍ୟମ ରୂପେ ବିଭିନ୍ନ ଦ୍ରବ୍ୟର ବ୍ୟବହାର ହେଲା। ଯେପରି ଶାମୁକା, ପଥର, କଉଡ଼ି, ଧାନ, ଗହମ, ଗୋରୁ, ସୁନା, ରୁପା ଇତ୍ୟାଦି ଜିନିଷର ପରୀକ୍ଷାନିରୀକ୍ଷା ହୋଇଛି ବିନିମୟର ମାଧ୍ୟମ ରୂପେ। ଏହିସବୁ ଦ୍ରବ୍ୟ ମୁଦ୍ରାରେ ଅନେକ ସୁବିଧା ଓ ଅସୁବିଧା ରହିଥିଲା। ଯେପରି ଅନେକ ଜିନିଷର ଗୁଣଗତମାନ ଅଳ୍ପ ସମୟରେ ପରିବର୍ତ୍ତିତ ହୋଇଯାଏ ଏବଂ ସଙ୍ଗେ ସଙ୍ଗେ ଏହାର ମୂଲ୍ୟମାନ ପରିବର୍ତ୍ତିତ ହୋଇଯାଏ। ଅନେକ ଦ୍ରବ୍ୟ ମୂଲ୍ୟ ବିଶେଷକରି ଗବାଦି ପଶୁଙ୍କ କ୍ଷେତ୍ରରେ ସଠିକ୍ ବିନିମୟ ମୂଲ୍ୟ ନିର୍ଦ୍ଧାରଣ କରିବା ସମସ୍ୟାବହୁଳ ହୋଇପଡ଼େ। ଦୁଇ ସେର ଚାଉଳ ବଦଳରେ ଗୋରୁର କେତେ ଅଂଶ ପ୍ରାପ୍ୟ ହେବ ଏବଂ ଗୋରୁର ମୂଲ୍ୟମାନ ଅପରିବର୍ତ୍ତିତ ରଖି କିପରି ସେହି ଅଂଶଟିକୁ ହସ୍ତାନ୍ତର କରାଯିବ, ଏଟା ଠିକ୍ କରିବା ପ୍ରାୟ ଅସମ୍ଭବ। ଏଣୁ କାଗଜ ମୁଦ୍ରାର ଉଦ୍ଭବ ହେଲା। ଅଷ୍ଟମ ଶତାବ୍ଦୀରେ ଚାଇନାରେ କାଗଜ ମୁଦ୍ରାର ପ୍ରଚଳନ ହୋଇଥିଲା ବୋଲି ଜଣାଯାଏ। ଆଜିକାର ପୃଥିବୀରେ ଆଧୁନିକ ମୁଦ୍ରାର ମୂଳ ଭିତ୍ତି ହେଉଛି ଏହି କାଗଜର ମୁଦ୍ରା। ଏହି ଆଧୁନିକ ମୁଦ୍ରା ଛିଡ଼ା ହୋଇଛି ପାରସ୍ପରିକ ଆସ୍ଥା ଉପରେ। ଆମର ସମ୍ପୂର୍ଣ୍ଣ ଆସ୍ଥା ଅଛି ଯେ, ଆମ ହାତରେ ଯେଉଁ କାଗଜର ମୁଦ୍ରା ଅଛି, ତାହାକୁ ଆପଣଙ୍କୁ ଦେଲେ ଆପଣ ବିନା ଦ୍ୱିଧାରେ ଗ୍ରହଣ କରିବେ। ଆପଣ କୌଣସି କାଗଜର ମୁଦ୍ରା ଦେଲେ ମୁଁ ମଧ୍ୟ ବିନା ଦ୍ୱିଧାରେ ତାକୁ ଗ୍ରହଣ କରିନେବି। ଆପଣଙ୍କର ବା ମୋର ଏହି କାଗଜର ମୁଦ୍ରା ବ୍ୟବହାର ଉପରେ ଆସ୍ଥା। କାରଣ ଆମେ ଜାଣୁ ଦେଶର କେନ୍ଦ୍ରୀୟ ବ୍ୟାଙ୍କର ଗ୍ୟାରେଣ୍ଟି ଅଛି ଏହି କାଗଜର ମୁଦ୍ରାଗୁଡ଼ିକ ଉପରେ। ସେହି ଗ୍ୟାରେଣ୍ଟିର ସାକ୍ଷ୍ୟ ବହନ କରିଛି କାଗଜର ନୋଟଗୁଡ଼ିକ ଉପରେ କେନ୍ଦ୍ରୀୟ ବ୍ୟାଙ୍କର ଅଧିକର୍ତ୍ତାଙ୍କ ସ୍ୱାକ୍ଷର। କିନ୍ତୁ କୌଣସି କାରଣରୁ ଯଦି ମୁଁ ଓ ଆପଣଙ୍କ ପରି ଅନେକ ଜନସାଧାରଣଙ୍କର ମୁଦ୍ରା ଉପରେ ଆସ୍ଥା ତୁଟିଯାଏ, ତା' ହେଲେ ଏହି ଆଧୁନିକ ମୁଦ୍ରା ବ୍ୟବସ୍ଥା ଅକାମୀ ହୋଇପଡ଼ିବ। ଏହି ପାରସ୍ପରିକ ଆସ୍ଥାକୁ ସମ୍ବଳ କରି କ୍ରିପ୍ଟୋର ସୃଷ୍ଟି।

କ୍ରିପ୍ଟୋ ମୁଦ୍ରାର ଉଦ୍ଭବ ପଛରେ ଅବଶ୍ୟ ଅବଦାନ ରହିଛି ଡିଜିଟାଲ ପ୍ରଯୁକ୍ତିର ଉନ୍ନତିର। ବର୍ତ୍ତମାନ ଯୁଗରେ ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥା ଓ ଦାମ ମେଣ୍ଟାଇବାର ବ୍ୟବସ୍ଥା (ପେମେଣ୍ଟ ସିଷ୍ଟମ୍) ହେଉଛି ପ୍ରକୃତରେ ଏକ ବିପୁଳ ପରିମାଣର ଡିଜିଟାଲ ବୁକ୍‌କିପିଙ୍ଗ୍ ଏବଂ ଖତିଆନ ରକ୍ଷଣ (ଲେଜର ମେଣ୍ଟେନାନ୍ସ) ବ୍ୟବସ୍ଥା। କିପରି ଏହି ଖତିଆନର ବନ୍ଦୋବସ୍ତ ହୁଏ। ବିଭିନ୍ନ ବ୍ୟାଙ୍କରେ ଯେଉଁସବୁ ଲୋକଙ୍କର ଆକାଉଣ୍ଟ ଅଛି, ସେମାନଙ୍କର ଆକାଉଣ୍ଟର ଦେଣନେଣ ବ୍ୟାଙ୍କର ନିଜ ନିଜ ଖାତାରେ ଖତିଆନ (ଲେଜର)ରେ ନଥିଭୁକ୍ତ ହୁଏ। ସମାନ ଭାବେ କେନ୍ଦ୍ରୀୟ ବ୍ୟାଙ୍କ (ଭାରତରେ ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ ନାମରେ ପରିଚିତ) ବା କେନ୍ଦ୍ରୀୟ କ୍ଲିୟରିଂ ସଂସ୍ଥା ସେହି ଦେଣନେଣକୁ ପରଖି କରି ଅନୁମୋଦନ ଦେଲେ ଏକ କେନ୍ଦ୍ରୀୟ ଖତିଆନ (ଲେଜର)ରେ ନଥିଭୁକ୍ତ ହୁଏ। ଧରାଯାଉ ସରୋଜବାବୁ ତାଙ୍କ ବ୍ୟାଙ୍କ 'କ'ରେ ଗଚ୍ଛିତ ଟଙ୍କା ମଦନବାବୁଙ୍କୁ ସ୍ଥାନାନ୍ତର କରି କିଛି ଜିନିଷ କିଣିଲେ। ମଦନବାବୁଙ୍କ ଆକାଉଣ୍ଟ ଅଛି 'ଖ' ବ୍ୟାଙ୍କରେ। ତା' ହେଲେ 'କ' ବ୍ୟାଙ୍କ ଏହି ଟଙ୍କା ସରୋଜବାବୁଙ୍କ ଆକାଉଣ୍ଟରୁ କାଢ଼ି କେନ୍ଦ୍ରୀୟ ବ୍ୟାଙ୍କ ଜରିଆରେ ମଦନବାବୁଙ୍କ 'ଖ' ବ୍ୟାଙ୍କକୁ ଦେଇ ମଦନବାବୁଙ୍କ ଆକାଉଣ୍ଟରେ ଜମା କରିଦେବେ। ଏହି ବ୍ୟବସ୍ଥା କାର୍ଯ୍ୟକ୍ଷମ କରିବା ପାଇଁ ଜରୁରୀ ହେଲା କେନ୍ଦ୍ରୀୟ ଖତିଆନ (ଲେଜର)ର ବିଶ୍ୱାସଯୋଗ୍ୟତା ଏବଂ କେନ୍ଦ୍ରୀୟ ବ୍ୟାଙ୍କର ଆସ୍ଥା ବଜାୟ ରଖିବା।

କ୍ରିପ୍ଟୋ ମୁଦ୍ରା କ୍ଷେତ୍ରରେ ଏହି କେନ୍ଦ୍ରୀୟ ଖତିଆନ (ଲେଜର)ର ବନ୍ଦୋବସ୍ତ ରଖିବାର ଦରକାର ନାହିଁ କେନ୍ଦ୍ରୀୟ ବ୍ୟାଙ୍କ ବା କ୍ଲିୟରିଂ ସଂସ୍ଥାର। ଏହା କାର୍ଯ୍ୟ କରେ ଏକ ବିକେନ୍ଦ୍ରୀକୃତ ଖତିଆନଭିତ୍ତିକ ପ୍ରଯୁକ୍ତିର ମାଧ୍ୟମରେ, ଯାହାର ପୋଷାକି ହିଁ ବ୍ଲକ-ଚେନ୍ ପ୍ରଯୁକ୍ତି। ଏହି ବ୍ଲକ-ଚେନ୍ ଭିତ୍ତିକ ଖତିଆନ ପ୍ରକୃତରେ ଏକ ଡାଟା ହାଉସ୍, ଯାହା ଏକ ସ୍ୱତନ୍ତ୍ର ନେଟ୍‌ୱର୍କରେ ରକ୍ଷିତ ହୋଇଥାଏ। ଯଦ୍ୱାରା ସମାନ କ୍ରିପ୍ଟୋ ଏକାଧିକବାର ଖର୍ଚ୍ଚ ନ ହୁଏ, ସେଥିପାଇଁ ନେଟ୍‌ୱର୍କର ସବୁ ସଦସ୍ୟ କ୍ରିପ୍ଟୋର ଦେଣନେଣ ପର୍ଯ୍ୟବେକ୍ଷଣ କରେ ଏବଂ ଅନୁମୋଦନ କରେ। ଏଥିପାଇଁ କ୍ରିପ୍ଟୋଗ୍ରାଫିର ଜଟିଳ ପ୍ରୋଗ୍ରାମିଂର ପ୍ରୟୋଜନ ହୁଏ। ଯେତେବେଳେ ସବୁ ସଦସ୍ୟଙ୍କ ଅନୁମୋଦନ ମିଳେ, ସେତେବେଳେ ଯେକୌଣସି ଦେଣନେଣ ବ୍ଲକ-ଚେନ୍‌ରେ ଖତିଆନରେ ଲିପିବଦ୍ଧ ହୁଏ। ଏହି ଲେଜର ମାଧ୍ୟମରେ, କ୍ରିପ୍ଟୋ ମାଧ୍ୟମରେ ହୋଇଥିବା ଦେଣନେଣର ଇତିହାସ ନଥିଭୁକ୍ତ ରୁହେ। କୌଣସି ଏକକ ସଦସ୍ୟ ଏହାକୁ ଏପାଖସେପାଖ କରିପାରିବେ ନାହିଁ। ଏହି ଭାବରେ ବିଭିନ୍ନ ଆକାଉଣ୍ଟ ମାଧ୍ୟମରେ ଦେଣନେଣକୁ ସହମତ ଭିତ୍ତିରେ ପର୍ଯ୍ୟବେକ୍ଷଣ କରିବା ଓ ଅନୁମୋଦନ କରିବାର ପ୍ରଯୁକ୍ତିର ଅଧିକାର ହିଁ 'କ୍ରିପ୍ଟୋ'ର ଆବିର୍ଭାବର ପ୍ରତ୍ୟକ୍ଷ କାରଣ।

ନେଟ୍‌ୱର୍କରେ ଯେଉଁସବୁ ସଦସ୍ୟ ଏହି ଭାବରେ ଦେଣନେଣର ଅନୁମୋଦନରେ ଅଂଶ ଗ୍ରହଣ କରନ୍ତି, ସେମାନେ କିନ୍ତୁ ନୂଆ କ୍ରିପ୍ଟୋ ସେମାନଙ୍କ ଆକାଉଣ୍ଟରେ ଅମାନତ ହିସାବରେ ପାଆନ୍ତି। କ୍ରିପ୍ଟୋ ମୁଦ୍ରାର ଆକାଉଣ୍ଟଧାରୀମାନଙ୍କ ପାଇଁ ଦୁଇଟି ଆବଶ୍ୟକୀୟ ଚାବିକାଠି ଦରକାର। ଗୋଟିଏ ଆକାଉଣ୍ଟ ନମ୍ବର, ଆଉ ଗୋଟିଏ ବ୍ୟକ୍ତିଗତ ପାସ୍‌ୱାର୍ଡ। ଉଦାହରଣ ସ୍ୱରୂପ, ସରୋଜବାବୁ ମଦନବାବୁଙ୍କୁ କ୍ରିପ୍ଟୋ ଦେଇ କିଛି ଜିନିଷ କିଣିବେ। ସେଥିପାଇଁ ସରୋଜବାବୁ ତାଙ୍କ ବ୍ୟକ୍ତିଗତ ପାସ୍‌ୱାର୍ଡ ଦେଇ ତାଙ୍କ ଆକାଉଣ୍ଟ ଯାହାର ପରିଚିତ, ଧରାଯାଉ ୨୩୨ରୁ ଏହି ଦେଣନେଣ ଆରମ୍ଭର ସଙ୍କେତ ଦେବେ। ମଦନବାବୁ ଆକାଉଣ୍ଟର ପରିଚିତି ଧରାଯାଉ ୮୫୧। ନେଟ୍‌ୱର୍କ ସଦସ୍ୟମାନେ ଏହି କମ୍ପ୍ୟୁଟର ପ୍ରୋଗ୍ରାମ ସାହାଯ୍ୟରେ ସରୋଜବାବୁଙ୍କ ଆକାଉଣ୍ଟ ଭିତରକୁ ନ ଯାଇ ଜାଣିନେବେ ଯେ ଏହି ନେଣଦେଣ ପାଇଁ ଯଥେଷ୍ଟ କ୍ରିପ୍ଟୋ ଉକ୍ତ ଆକାଉଣ୍ଟରେ ଅଛି କି ନାହିଁ। ଯଦି ଥାଏ, ତା'ହେଲେ ଏହି ନେଣଦେଣକୁ ଅନୁମୋଦନ କରିବେ। ସେତେବେଳେ ଆକାଉଣ୍ଟ ନମ୍ବର ୨୩୨ରୁ ଆକାଉଣ୍ଟ ନମ୍ବର ୮୫୧କୁ କ୍ରିପ୍ଟୋ ହସ୍ତାନ୍ତର ହେବ ଏବଂ ବ୍ଲକ୍-ଚେନରେ ଏକ ନୂଆ ବ୍ଲକ ସଂଯୋଜନ ହେବ।

ପ୍ରଥମେ ଯେତେବେଳେ କ୍ରିପ୍ଟୋ ମୁଦ୍ରାର କଥା ଜଣାପଡ଼ିଲା, ବିଟ୍ କଏନ୍‌ର ଉଦ୍ଭବ ହେଲା ୨୦୦୯ରେ ସାତସିମାକାମୋତୋ ଛଦ୍ମ ନାମରେ ଦଳେ କମ୍ପ୍ୟୁଟର ପ୍ରୋଗ୍ରାମରଙ୍କ ହାତଧରି। ଏବେ ବିଟ୍ କଏନ୍ ଛଡ଼ା ବଜାରରେ ଆହୁରି ପ୍ରାୟ ଦେଢ଼ ହଜାର କ୍ରିପ୍ଟୋର ନେଣଦେଣ ହେଉଥିବାର ଶୁଣାଯାଏ। ଏହାର ବ୍ୟବହାରରେ କିଛି ସୁବିଧା ଅଛି। ଏହାରି ସାହାଯ୍ୟରେ ଅନେକ ବଡ଼ ପରିମାଣର ଆନ୍ତର୍ଜାତିକ ନେଣଦେଣ ସହଜରେ ଅଳ୍ପ ସମୟରେ କରାଯାଏ। ଅନେକ ଗୁରୁତ୍ୱପୂର୍ଣ୍ଣ ରେକର୍ଡ ରକ୍ଷଣାବେକ୍ଷଣ କରାଯାଏ। କିନ୍ତୁ ଏତେ ପ୍ରଚାର ମଧ୍ୟରେ ଗୋଟିଏ ବଡ଼ ପ୍ରଶ୍ନ ହେଉଛି, କ୍ରିପ୍ଟୋ କ'ଣ ମୁଦ୍ରା ହିସାବରେ ବ୍ୟବହାରର ଯୋଗ୍ୟତା ଅର୍ଜନ କରିଛି? ଉତ୍ତର ହେଉଛି ନା। ମୂଲ୍ୟମାନର ନିର୍ଦ୍ଧାରକ ହିସାବରେ ବା ମୂଲ୍ୟର ଧାରକ ହିସାବରେ ଏହାର ଉପଯୋଗିତା କମ୍, ଅତ୍ୟନ୍ତ ଦ୍ରୁତ ଉଠାପକା କରେ ଏହାର ମୂଲ୍ୟ। ଏହାର ବ୍ୟବହାରକାରୀଙ୍କ ସଂଖ୍ୟା କମ୍ ହୋଇଥିବା ଯୋଗୁ ବିନିମୟର ମାଧ୍ୟମ ରୂପେ ଏହାର ବ୍ୟବହାରର ସମ୍ଭାବନା କମ୍। ଏହାର ଏକ ସାର୍ବିକ ବ୍ୟବହାର ଆରମ୍ଭ କରିବାକୁ ଗଲେ ଏକ ବିଶାଳ ଅଙ୍କର ବିନିଯୋଗ ଦରକାର ଡିଜିଟାଲ ପ୍ରଯୁକ୍ତିରେ।

ତା'ହେଲେ ବିନିଯୋଗକାରୀମାନେ ଦୌଡ଼ୁଛନ୍ତି କାହିଁକି ଏହା ପଛରେ? ଏହାର ମୂଲ୍ୟର ଉଠାପକା ଦ୍ରୁତ। ଆଉ ଫଟକା ଖେଳାର ସମ୍ପୂର୍ଣ୍ଣ ସୁଯୋଗ। ଏହାଛଡ଼ା ବ୍ଲକ୍-ଚେନ୍ ସାହାଯ୍ୟରେ ନିଜର ପରିଚୟ ଗୋପନ ରଖାଯାଏ ସହଜରେ। ଏଣୁ ଶୁଣାଯାଏ ମାଦକ ବ୍ୟବସାୟୀ, ବେଆଇନ ଅସ୍ତ୍ର ବେପାରୀ, ସେମାନଙ୍କ କଳାଟଙ୍କାର ବିନିଯୋଗ ପାଇଁ କ୍ରିପ୍ଟୋକୁ ବାଛି ନେଇଛନ୍ତି। ଏହାଠାରୁ ବଡ଼ ମୁଣ୍ଡବିନ୍ଧାର ଗୋଟିଏ କାରଣ ରହିଛି। ଯେହେତୁ କ୍ରିପ୍ଟୋ ଉପରେ କେନ୍ଦ୍ରୀୟ ବ୍ୟାଙ୍କର ନିୟନ୍ତ୍ରଣ ନାହିଁ, ତେଣୁ କ୍ରିପ୍ଟୋଭିକ ମୁଦ୍ରା ବ୍ୟବସ୍ଥା ଦେଶର ଅର୍ଥନୈତିକ ବ୍ୟବସ୍ଥା ଓ ମୁଦ୍ରାନୀତିକୁ ଶିଥିଳ କରିବେ। ଠିକ୍ ଏହା ହିଁ ବଜେଟ ପେସ୍‌ର ୧୦ଦିନ ପରେ ରିଜର୍ଭ ବ୍ୟାଙ୍କ ଗଭର୍ନର କହିଛନ୍ତି, କ୍ରିପ୍ଟୋ କରେନ୍ସିକୁ ଦେଶର ଆର୍ଥିକ ସ୍ଥିତିଶୀଳତା ପାଇଁ ବିପଦ ବୋଲି ସେ ଚିହ୍ନିତ କରିଛନ୍ତି।

**ଉତ୍କଳମଣି ମାର୍ଗ, ଅପର୍ଣ୍ଣା ନଗର,**
**ଚାଉଳିଆଗଞ୍ଜ, କଟକ**
**ମୋ: ୯୪୩୭୩୮୪୮୬୭**

# ବାହାପିଆଙ୍କ ବାରବାଟି ଚାଷ



ଡ. ଗୌରହରି ରାଉତ

ଆମ ଏ ଖଣ୍ଡମଣ୍ଡଳରେ ପିଲାଠାରୁ ବୁଢ଼ା ପର୍ଯ୍ୟନ୍ତ ଫକୁଆନା'ଙ୍କୁ କିଏ ବା ନ ଜାଣେ? ତାଙ୍କ ବେଶ ପରିପାଟୀକୁ ଦେଖିଲେ ଯେ କେହି ଭାବିବେ - ସରକାରୀ ଦପ୍ତରରେ କିଛି ଗୋଟେ ବଡ଼ ହାକିମ ହୋଇଥିବେ ପରା! ଶରୀର ଓ ପୋଷାକକୁ ଚାହିଁ କଥାବାର୍ତ୍ତା ବି ସେଇ ରକମର। କେହି ଅଜଣା ଲୋକ ଜୁଟିଗଲେ ତ ତାଙ୍କ କଥାର କିସମ ପରସ୍ତ ପରସ୍ତ ଲମ୍ବିଯାଏ କାହିଁ କେତେ ଆଗକୁ। ତାଙ୍କୁ ଜାଣିଥିବା ଲୋକ ଦୈବାତ ସେଇ ପାଖ ଦେଇ ଗଲାବେଳେ ଫକୁଆନା' ଅତି ଚତୁରତାର ସହ କଥାର ମୋଡ଼ ବଦଳାଇ ଦିଅନ୍ତି। ଆପଣ ଉତ୍ସୁକ ହୋଇ ପଚାରିବେ - କି ବିଶେଷତ୍ୱ କି ଏଇ ଫକୁଆନା'ଙ୍କର? ହଁ, ବିଶେଷତ୍ୱ ହେଲା - ତାଙ୍କର ବାହାପିଆ କଥା। ଲୋକ ଯେତିକିର ନୁହନ୍ତି ତା'ର ଦଶ ଡବଲ ଓଜନର କଥା କହୁଥାନ୍ତି। ସତେ ଅବା ଦୁନିଆର ସବୁକଥା ସେଇ ଏକା ଜାଣନ୍ତି, ଆଉ ସବୁ ନିର୍ବୁଦ୍ଧିଆ, ଜଡ଼ା ହୁଣ୍ଡା। ଅନ୍ୟର ଗୁଣରୁ ଖୁଣ କାଢ଼ିବାରେ ସେ ଓସ୍ତାଦ। ବାହାପିଆ କଥାରେ ବାରବାଟି ଜମି ଚାଷ କରୁଥିବା ଫକୁଆନା' ବାସ୍ତବରେ କିନ୍ତୁ 'ଅନ୍ତଃ ସାରଶୂନ୍ୟ ଗଜଭୁକ୍ତ କପିତ୍ଥବତ'ର ନୀତିହୀନ ନରାଧମ। ମହାକାଳ ଫଳ ପରି ଉପରକୁ ଭାରି ଚହଟ ଚିକ୍କଣ ଦିଶୁଥିଲେ ବି ଭିତରଟା କୁତ୍ସିତ କଦାକାର। ଆମ ଭାଷାରେ ଆମେ କହୁ 'ବିଷକୁମ୍ଭ ପୟୋମୁଖ'। ନିଜର ଭୁଲ୍ କର୍ମ ପାଇଁ ବାହାରେ ଅନ୍ୟମାନଙ୍କ ପାଖରେ ବାରମ୍ବାର ଅପଦସ୍ଥ, ଅପମାନିତ ହେଉଥାନ୍ତୁ ପଛକେ ଘରେ ପିଲା ମାଇପଙ୍କ ନିକଟରେ ନିଜ ଅଣ୍ଡିରାପଣକୁ ଜାହିର କରି ଆତ୍ମସନ୍ତୋଷ ଲାଭ କରନ୍ତି। ଯେମିତି କେତେକ ପିଲା ଅଛନ୍ତି ଖେଳ ସମୟରେ ନିଜର ଦୁଷ୍ଟ ଗୁଣ ପାଇଁ ସାଙ୍ଗ ସାଥୀଙ୍କଠାରୁ ମାଡ଼ ଖାଇ ଘରକୁ ଆସି ମା' ପାଖରେ ନିଜ ବୀରତ୍ୱର କଥା କହନ୍ତି ଏହିପରି - ଆଜି ସେ ପିଲାକୁ ପାନେ ଦେଇଛି, ମୋ ବିଧା ଚାପୁଡ଼ାରେ ମୂତିପକେଇଲା ସେ। ମା' କିନ୍ତୁ ମୁହଁ ବୁଲେଇ ମୁରୁକିହସା ମାରୁଥାଏ। ସେ ଜାଣେ ତା' ପିଲା କେମିତିକା। ଖୋଦ ଅନ୍ୟମାନଙ୍କଠାରୁ ମାଡ଼ ଖାଇ ମା' ପାଖରେ ବଖାଣୁଛି ତା' ବାହାପିଆ କଥା।

ଫକୁଆନା' ସେଇ କିସମର ଜଣେ ବାହାପିଆ ମଣିଷ। ଅନ୍ୟାୟ ଅନୀତି କର୍ମ ପାଇଁ ଗାଁ ନିଶାପରେ ମୁରବୀମାନଙ୍କଠାରୁ ଗାଳି ଖାଇ ଲାଜରେ ତଳକୁ ମୁହଁ ପୋତି ବସିଥିବେ। ଗାଁ ଲୋକଙ୍କ ବିଚାର ଆକ୍ରମଣରେ ଘରକୁ ଫେରିବେ ଅଥଚ ଘରେ ବାହାପିଆ କଥା କହିବେ - ଆଜି ନିଶାପରେ ସମସ୍ତଙ୍କୁ ଧୂଳି ଚଟେଇଦେଲି। ଏମିତି କଥା କହିଲି ଯେ ସମସ୍ତଙ୍କ ମୁହଁ ଏକଦମ ଚୁପ୍। ଶେଷକୁ ମୋ ପରାକ୍ରମ ଦେଖି କିଏ କୁଆଡ଼େ ଲୁଚି ପଳେଇଲେ ଯେ ମୁଁ ଦରାଣ୍ଡିଲା ବେଳକୁ କେହି ନାହିଁ। ତାଙ୍କର ଏଭଳି ବାହାପିଆ କଥାରେ ଆମେ ହସି ହସି ବେଦମ ହେଉ। ମନେପଡ଼େ ଅକ୍ଷୟ ମହାନ୍ତିଙ୍କର ଏକ ଲୋକପ୍ରିୟ ପୁରୁଣା ଗୀତ - 'ମାଇଚିଆ ଗୋଖେଇ ସାଉ, ମାଇପ ହାତରୁ କହୁଣି ଖାଉ। ଅଣ୍ଡିରାପଣ ତା ଚୁଲିକି ଯାଉ, ... ବାହାରେ କୁହେ ସେ ବାଘ, ସମାଳି ପାରେନା ରାଗ...।' ମୋଟାମୋଟି ଭାବରେ ଗୀତଟିର ସାରକଥା ଏଇଆ - ମାଇପକୁ ନିଜ କଥାରେ ଉଠ ବସ କରାଇ ଅଣ୍ଡିରାପଣର ବାହାପିଆ କଥା କହୁଥିବା ଗୋଖେଇ ସାଉ କିନ୍ତୁ ବାସ୍ତବ ଜୀବନରେ ମାଇଚିଆ ହୋଇ ମାଇପଠାରୁ କହୁଣି ଖାଉଥାଏ ନିତିଦିନ। ଠିକ୍ ସେମିତି ଆମର ଏ ଫକୁଆନା। ସମସ୍ତେ ଜାଣନ୍ତି - ବାହାପିଆ କଥାରେ ଫକୁଆନା' ବାରବାଟି ଜମି ଚାଷ କରନ୍ତି ସିନା, ହେଲେ ତାଙ୍କ ମୁଣ୍ଡ ଉପରେ ଛପରଟିଏ ନ ଥିବାରୁ ୟା' ଓଳି ତା' ଓଳି ହେଉଥାନ୍ତି।

ଏମିତି କେତେ ଲୋକ ବାହାପିଆ କଥା କହି ବାରବାଟୀ ଚାଷ କରନ୍ତି କଥାରେ କଥାରେ। କେବଳ ଆମ ଗାଁ ନୁହେଁ, ଅତ୍ର ତତ୍ର ସର୍ବତ୍ର ବିଦ୍ୟମାନ ଏମାନେ। କେତେବେଳେନା କେତେବେଳେ କେଉଁଠିନା କେଉଁଠି ଆପଣମାନେ ଭେଟୁଥିବେ ଏମାନଙ୍କୁ। ଆଖିବୁଜି ନାଲି ଟହ ଟହ ରସରସିଆ ପାନଖିଆ ପାଟିରେ ବସେଇ ବସେଇ ଦିଲ୍ଲୀ ଦୁଲୁକେଇଲା ଭଳି କଥା କହି ନିଜ ବଡ଼ିମା ଦେଖାନ୍ତି। 'ସବ୍ ଜାନତା'ର ଏକ ମୂର୍ତ୍ତିମନ୍ତ ବିଗ୍ରହ ଭାବରେ ନିଜର ପରିଚୟ ତିଆରି କରିବାକୁ ଯେତେ ଚେଷ୍ଟା କଲେ ବି ପଦାରେ ପଡ଼ିଯାନ୍ତି କାହାର ନା କାହାର ନଜରରେ। ପରିସ୍ଥିତି ଅଣାୟତ୍ତ ହୁଏ ଓ ତାଙ୍କ ଗୁଣ କୀର୍ତ୍ତି ଦାଣ୍ଡରେ ପଡ଼ି ହାଟରେ ଗଡ଼େ। ନେଡ଼ି ଗୁଡ଼ କହୁଣିକୁ ବୋହିବା ପରେ ଏମାନଙ୍କର ଜ୍ଞାନ ଉଦୟ ହୁଏ, ତଥାପି ନିଜର ଖୋଇ ଛାଡ଼ନ୍ତି ନାହିଁ। ବିରାଡ଼ି ଆଖି ବୁଜି କ୍ଷୀର ପିଇଲା ପରି ତାଙ୍କ ବାହାପିଆ ଖୋଇର କେହି ଟେର୍ ପାଉ ନ ଥିବେ ବୋଲି ଭାବନ୍ତି। କିନ୍ତୁ 'ଲୁଚିଛି ନା ଗୋ ଦି'ଟା ଦିଶୁଛି' ପରି ନିଜର ପ୍ରକୃତ ରୂପକୁ ଲୁଚାଇ ବାହାରକୁ ଯେତେ ମିଛ ଆଦର୍ଶ ଦେଖାଇଲେ ବି ତାହା ପଦାରେ ପଡ଼ିଯାଏ। ଏସବୁ ଜାଣିଲା ପରେ ଲୋକେ ଦୂର୍‌ଦୂର୍ ମାର୍‌ମାର୍ କରନ୍ତି। ଢେଲା ପଥର ମାଡ଼ରେ ଖଣ୍ଡିଆ ଖାବରା, ଲହୁଲୁହାଣ ହୋଇ ବାତୁଳ ପ୍ରାୟ ଭ୍ରମନ୍ତି ଇତସ୍ତତଃ। ଭିତରେ ପୋଡୁଥାଏ, ଉଃ ଆଃ ହେଉଥାନ୍ତି - ଅନ୍ତରଦାହରେ ଆକ୍ରାମାକ୍ରା ହେଉଥାନ୍ତି ବାରମ୍ବାର। ଭୂଇଁରେ ନାକ ଘଷି ଧୂଳି ଚାଟୁଥାନ୍ତି, ତଥାପି ଅନ୍ୟର ନାକକୁ ଭୂଇଁରେ ଘଷାଇ ଧୂଳି ଚଟାଉଥିବା କଥା କହୁଥାନ୍ତି ବାହୁସ୍ଫୋଟ ମାରି। ଅନ୍ୟମାନଙ୍କ ଆକ୍ରମଣରେ ଲାଞ୍ଜ ଜାକି ଘରମୁହାଁ ହେଲେ ବି ଶତସିଂହର ପରାକ୍ରମରେ ଅନ୍ୟମାନଙ୍କୁ ମେଣ୍ଢା କରି ତାଙ୍କ ତଣ୍ଟିର ରକ୍ତ ପିଇବା କଥା କହୁଥାନ୍ତି ଭାରି ଦର୍ପର ସହ।

ଆମେ ଆଞ୍ଚା ଚାରଣ ଲୋକ। ଚାରିଆଡ଼େ ଚରାବୁଲା କରିବା ସମୟରେ ଏମାନଙ୍କୁ କେତେ ହର ଗୁଣ କରିହିସାବ କଲାପରେ ଭାଗଫଳ ଏଇଆ ପାଇଲୁ - 'ଘୁଷୁରି ପ୍ରକୃତି ପଙ୍କେ ଲୋଟେ, ମଣିଷ ପ୍ରକୃତି ମଲେ ତୁଟେ।' ଆମ କଥାର ମଞ୍ଜି ପାଇଗଲା ପରେ ଆପଣ ଆପଣଙ୍କ ସାଧୁ ଭାଷାରେ କହିବେ 'ପ୍ରକୃତି ନୈବ ମୁଚ୍ୟତେ... ।' ଆମେ ଏଭଳି ବାହାପିଆଙ୍କ ବାରବାଟି ଚାଷ ଅନେକ ଥର ଦେଖିସାରିଲୁଣି। ସେଇଥିପାଇଁ ସ୍ପଟ୍‌ଲାଇଟ ଧରି ତାହା ଆପଣମାନଙ୍କୁ ଦେଖାଉଛୁ। ତେଣୁ ହୁସିଆର, ଏମାନଙ୍କୁ ହାତେ ମାପି ଚାଖଣ୍ଡେ ନୁହେଁ, ଦଶ ଯୋଜନ ଦୂରରେ ଚାଲନ୍ତୁ। ତା' ହେଲେ ଆପଣଙ୍କର ମଙ୍ଗଳ, ସମାଜର ବି।

**ଇ - ୨୪/୩, ୟୁନିଟ୍-୯ (ଫ୍ଲାଟ),**
**ଭୋଇନଗର, ଭୁବନେଶ୍ୱର**

## ଏଇ ଭାରତରେ

ଧର୍ମନଗରୀ କାଶୀ ସହ ସେଠାକାର ଲୋକଙ୍କ ଦିବ୍ୟସମ୍ପର୍କ ରହିଛି। ସେମାନଙ୍କ ବିଶ୍ୱାସକୁ ଆଧାରକରି ସେଠାରେ ଦଣ୍ଡାୟମାନ ହୋଇଛି ରାମରମାପତି ବ୍ୟାଙ୍କ। କାଶୀ ବିଶ୍ୱନାଥ ଧାମ ନିକଟ ତ୍ରିପୁରା ଭୈରବୀ ଗଳିରେ ରହିଛି ଏହି ବ୍ୟାଙ୍କ। ଏଠାରେ ଶ୍ରୀରାମଙ୍କ ନାମର ନେଣଦେଣ ହୋଇଥାଏ। ଶ୍ରଦ୍ଧାଳୁ ସେମାନଙ୍କ ମନସ୍କାମନା ପୂରଣ ଲାଗି ବ୍ୟାଙ୍କରୁ ରାମନାମ ଋଣ ନେଇଥାଆନ୍ତି। ମନସ୍କାମନା ପୂରଣ ହେବା ପରେ ଋଣୀ ନିଜେ ଆସି ତାହା ଜମା କରିଦିଅନ୍ତି। ଏହି ଧାରାରେ ୯୫ ବର୍ଷରେ ବ୍ୟାଙ୍କର ପୁଞ୍ଜି ଭାବେ ବହୁ କୋଟି ଶ୍ରଦ୍ଧାଳୁଙ୍କ ନାମ ଜମା ହୋଇସାରିଛି। ବ୍ୟାଙ୍କରୁ ଋଣ ନେବା ଲାଗି ବିଦେଶରୁ ମଧ୍ୟ ଶ୍ରଦ୍ଧାଳୁ ଆସୁଛନ୍ତି। ରାମନାମ ଋଣ ଲାଗି ଆହାର ବିହାରରେ ସଂଯମତା ଲୋଡ଼ା। ମିଥ୍ୟା ଛାଡ଼ିବା ଜରୁରୀ। ଋଣ ଅନୁସାରେ ରାମନାମ ଲେଖିବାକୁ ହୁଏ। ରାମନାମ ଲିଖନ, ରାମନାମ ପଠନ ଓ ରାମନାମ ଜପ କରିବାକୁ ପଡ଼ିଥାଏ। ପ୍ରତିଦିନ ୫୦୦ ହିସାବରେ ୧୦ ଦିନ ରାମନାମ ଲେଖିବା, ୨୧ ମାସ ଯାଏ ରାମନାମ ପାଠ କରିବା ଏବଂ ୩ ବର୍ଷ ରାମନାମ ଜପ କରିବାକୁ ହୋଇଥାଏ। ରାମନାମ ଲେଖା ପୂରଣ ହେଲେ ତାହାକୁ ପୁଟୁଳିରେ ବାନ୍ଧି ବ୍ୟାଙ୍କରେ ଜମା କରାଯାଏ। ଲେଖିବା ଲାଗି ବ୍ୟାଙ୍କରୁ କାଗଜ, କଲମ ଯୋଗାଇ ଦିଆଯାଇଥାଏ। ରାମରମାପତି ବ୍ୟାଙ୍କରେ ଜମା ଆକାରରେ ସଂଗ୍ରହ ହୋଇଥିବା ରାମନାମ ରାମନବମୀଠାରୁ ଦଶଦିନ ଯାଏ ଶ୍ରଦ୍ଧାଳୁଙ୍କୁ ଦେଖିବାର ସୁଯୋଗ ମିଳିଥାଏ।

## ୨୫ ବର୍ଷ ତଳର ଧରିତ୍ରୀ

**୧୧ ଏପ୍ରିଲ ୧୯୯୭**

- ଜେଏମ୍‌ଏମ୍ ଏମ୍‌ପିଙ୍କ ଉତ୍କୋଚ ମାମଲାରେ କଂଗ୍ରେସ ସଭାପତି ସୀତାରାମ କେସରୀଙ୍କ ବିରୁଦ୍ଧରେ ଫୌଜଦାରୀ ମାମଲା ରୁଜୁ।
- ବିହାରସ୍ଥିତ ନାଳନ୍ଦା ଏବଂ କଇମର ଜିଲାର ବିଭିନ୍ନ ସ୍ଥାନରେ ବ୍ୟାପକ ହିଂସାକାଣ୍ଡ ଘଟି ୧୯ ନିହତ।

## ଚିରନ୍ତନୀ

ବଥାଇ ଉଠେ ରୁଦ୍ଧତାର
କ୍ରନ୍ଦନ ହେ କ୍ରନ୍ଦନ
ପଉଷ-ଶେଷ ସନ୍ଧ୍ୟା ଘେନ
ବନ୍ଦନ!
-(ପଉଷ ସନ୍ଧ୍ୟା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 4 | | | 1 | | |
| | | | | 2 | | 9 | | 7 |
| | | | | 5 | | | | |
| 8 | | | | | 1 | | | |
| 2 | 9 | | | | | | | |
| 6 | | | | | 5 | | 9 | 3 |
| | | 1 | | 8 | | | 2 | 9 |
| | | 3 | | | | 8 | 7 | 5 |
| | 4 | | | | | 6 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 1 | 3 | 7 | 2 | 8 | 9 | 5 | 6 |
| 8 | 5 | 9 | 6 | 1 | 3 | 4 | 2 | 7 |
| 2 | 6 | 7 | 4 | 5 | 9 | 1 | 8 | 3 |
| 1 | 4 | 8 | 5 | 6 | 7 | 3 | 9 | 2 |
| 5 | 3 | 2 | 9 | 4 | 1 | 7 | 6 | 8 |
| 9 | 7 | 6 | 8 | 3 | 2 | 5 | 1 | 4 |
| 7 | 8 | 5 | 2 | 9 | 4 | 6 | 3 | 1 |
| 3 | 9 | 4 | 1 | 8 | 6 | 2 | 7 | 5 |
| 6 | 2 | 1 | 3 | 7 | 5 | 8 | 4 | 9 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଓଡ଼ିଆ ଭାଷା ଭଣ୍ଡାର ବିଭବଶାଳୀ

ମହାଶୟ,

ଓଡ଼ିଆ ଜାତିକୁ ବିଶ୍ୱସ୍ତରରେ ସମ୍ମାନିତ କରିବା ପାଇଁ ଆମକୁ ଆହ୍ୱାନ ଆସିଲାଣି। ସଂସ୍କୃତି, ସାହିତ୍ୟ ଓ ଭାବ ଓଡ଼ିଆ ଭାଷାର ମୁଖ୍ୟ ଉପାଦାନ। ଭାଷା ସମାଜରେ ଅମୂଲ୍ୟ ସମ୍ପଦ। ଏହାକୁ ରକ୍ଷା କରିବା ଆମ ସମସ୍ତଙ୍କର ପରମ ଧର୍ମ। ଓଡ଼ିଆ ଭାଷାରେ ସରକାରୀ କାର୍ଯ୍ୟ କରାଯିବାକୁ ନିଷ୍ପତ୍ତି ହୋଇଥିବା ବେଳେ ଯେଉଁ ସରକାରୀ କର୍ମଚାରୀ ବା ଅଧିକାରୀମାନେ ଓଡ଼ିଆ ଭାଷାର ପ୍ରୟୋଗ ଠିକ୍‌ଭାବେ କରିବେ ନାହିଁ, ସେମାନଙ୍କୁ ଦଣ୍ଡିତ କରାଯିବ। ବର୍ତ୍ତମାନ ସୁଦ୍ଧା ଏଥିରେ ଦଣ୍ଡବିଧାନର କୌଣସି ନିୟମାବଳୀ ପ୍ରସ୍ତୁତ ନ ହେବା ଏକ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସରକାରୀ କାର୍ଯ୍ୟରେ ଓଡ଼ିଆ ଭାଷାର ଠିକ୍ ପ୍ରୟୋଗ ପାଇଁ ଅନେକ ସରକାରୀ ଅଧିକାରୀ ପାଳନ କରୁନାହାନ୍ତି। ଜାତୀୟ ଦୃଶ୍ୟପଟରେ ଓଡ଼ିଆ ଭାଷା ସାହିତ୍ୟର ଏକ ସ୍ୱତନ୍ତ୍ର ସ୍ଥାନ ହେତୁ ନିକଟରେ ତାକୁ ଶାସ୍ତ୍ରୀୟ ମର୍ଯ୍ୟାଦା ମିଳିଛି। ଜୀବନରେ ଶିକ୍ଷା ଓ ଶୃଙ୍ଖଳା ଅଗ୍ରଗତିରେ ୪ କୋଟିରୁ ଊର୍ଦ୍ଧ୍ୱ ଓଡ଼ିଆ ଭାଷା ପ୍ରୀତି ଉଜ୍ଜୀବିତ ରଖିବା ଅନିବାର୍ଯ୍ୟ ମନେହୁଏ। ଓଡ଼ିଆ ଭାଷାର ପରିଭାଷା ନାହିଁ। କାରଣ ଏହାର ଭଣ୍ଡାର ବିଭବଶାଳୀ। ଆମ ଭାଷା ସାହିତ୍ୟ ସବୁ ଆମ ଅନ୍ତଃମନର ଚିତ୍ର। ଆମ ସ୍ୱପ୍ନ, ଆମ ଅଭିଳିପି, ଭାଷା ସାହିତ୍ୟ ସାଧନା ସେ ଲକ୍ଷ୍ୟରୁ ବିଚ୍ୟୁତ ନ ହେଉ।

**-ଦେବଦତ୍ତ ମିଶ୍ର, ସାମ୍ବାଦିକ ପ୍ରେସ୍ କ୍ଲବ, ସାକ୍ଷୀଗୋପାଳ, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ଟ୍ରେନ ଧକ୍କାରେ ଯୁବକ ମୃତ

ରାହାମା,୧୦।୪(ଡି.ଏନ୍.ଏ.): ଜଗତ୍‌ସିଂହପୁର ଜିଲା ତିର୍ତ୍ତୋଲ ଥାନା ରାହାମା କନ୍ଦମୂଳ ପଡ଼ିଆଠାରୁ କିଛି ଦୂରରେ ଯାଇଥିବା ରେଳ ଲାଇନ୍‌ରେ ରବିବାର ଦୁର୍ଘଟଣା ଘଟିଛି। ଟ୍ରେନ୍ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ତାଳପଡ଼ା ଗାଁର ପାଗଳ ସାହୁଙ୍କ ପୁଅ ଦୀପ୍ତି ରଞ୍ଜନ ଓରଫ ଭିକି(୪୦)। ପୂର୍ବାହ୍ନ ୧୧ଟା ବେଳେ ସେ ରେଳ ଲାଇନ୍ ପାର ହେଉଥିଲେ। ଏହି ସମୟରେ କଟକରୁ ପାରାଦୀପ ଅଭିମୁଖେ ଯାଉଥିବା କୋଇଲା ବୋଝେଇ ଟ୍ରେନ ଧକ୍କାରେ ତାଙ୍କର ଦୁଇଟି ଗୋଡ଼ କଟି ଯାଇଥିଲା। ସ୍ଥାନୀୟ ଲୋକ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ମଣିଜଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଭିକିଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଜିଆରପି ପୋଲିସ ପକ୍ଷରୁ ଅପମୃତ୍ୟୁ ମାମଲା (ନଂ. ୧୭/୨୨) ରୁଜୁ ହୋଇଛି। ଭିକି ଅଟୋ ଚଳାଇ ପରିବାର ପ୍ରତିପୋଷଣ କରୁଥିଲେ। ତାଙ୍କ ମୃତ୍ୟୁରେ ପରିବାରରେ ଶୋକର ଛାୟା ଖେଳିଯାଇଛି।

### ଗାଈକୁ ବଞ୍ଚାଇବାକୁ ଯାଇ ଓଲଟିଲା ବସ୍: ୬ ଯାତ୍ରୀ ଗୁରୁତର

ଧାମନଗର, ୧୦।୪: ଭଦ୍ରକ ଜିଲା ଧାମନଗର ବ୍ଲକର ପଳିକିରି ଛକ ନିକଟରେ ରବିବାର ଅପରାହ୍ନରେ ଏକ ଗାଈକୁ ବଞ୍ଚାଇବାକୁ ଯାଇ ଦ୍ରୁତଗତିରେ ଆସୁଥିବା ବସ୍ ଓଲଟିପଡ଼ିଥିଲା। ଦୁର୍ଘଟଣାରେ ୬ଜଣ ବସ୍ ଯାତ୍ରୀ ଗୁରୁତର ହୋଇଛନ୍ତି। ଏଥିସହ ବସ୍ ତଳେ ଚାପି ହୋଇ ଗାଈର ମଧ ମୃତ୍ୟୁ ଘଟିଛି। ସୂଚନା ଅନୁଯାୟୀ, ବସ୍‌ଟି ଧାମନଗର ପଧାନୀରୁ ଭୁବନେଶ୍ୱର ଅଭିମୁଖେ ଯାଉଥିଲା। ପଳିକିରି ଛକ ନିକଟରେ ବସ୍ ଆଗକୁ ଉକ୍ତ ଗାଈ ଆସିଯିବାରୁ ଗାଡ଼ି ଭାରସାମ୍ୟ ହରାଇ ରାସ୍ତାର ବାମପାର୍ଶ୍ୱକୁ ଓଲଟି ପଡ଼ିଥିଲା। ବସ୍‌ରେ ୩୦ରୁ ଅଧିକ ଯାତ୍ରୀ ଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ବସ୍‌ରୁ ଲୋକଙ୍କୁ ଉଦ୍ଧାର କରାଯାଇ ଆହତମାନଙ୍କୁ ଧାମନଗର ଡାକ୍ତରଖାନାକୁ ନିଆଯାଇଥିଲା। ଦୁର୍ଘଟଣା ପରେ ଡ୍ରାଇଭର, ହେଲ୍‌ପର ଓ କଣ୍ଡକ୍ଟର ଫେରାର ହୋଇଯାଇଛନ୍ତି। ଧାମନଗର ଥାନା ପୋଲିସ ପହଞ୍ଚି ବସ୍‌କୁ ଜବତ କରି ତଦନ୍ତ ଚଳାଇଛି।

# ବିପଦରେ ବାଘ, ଏସ୍‌ଟିଏଫ୍ ଧରିଲାଣି ୨୭ ଛାଲ




ଜବତ ବାଘ ଛାଲ ଓ ଗିରଫ ବିପିନ ନାୟକ

- ପୁଣି ଏକ ବାଘଛାଲ ଜବତ, ଜଣେ ଶିକାରୀ ଗିରଫ
- ଗ୍ରାହକ ବେଶରେ ଧରିଲେ ମିଳିତ ଟିମ୍
- ୪ ଲକ୍ଷ ଟଙ୍କାରେ ବିକ୍ରି କରିଥାନ୍ତେ ଅଭିଯୁକ୍ତ

ଭୁବନେଶ୍ୱର,(ବ୍ୟୁରୋ)/ଦାରିଙ୍ଗବାଡ଼ି/ବାଲିଗୁଡ଼ା, ୧୦।୪ (ଡି.ଏନ୍.ଏ)

ରାଜ୍ୟରେ ବନ୍ୟଜନ୍ତୁ ଶିକାର ଓ ଚୋରା ଚାଲାଣ ବେଧଡ଼କ ଚାଲିଛି। ଯେତେ ଚଢ଼ାଉ ହେଉଛି, ସେତେ ଧରାପଡୁଛି। ବିଶେଷକରି ବାଘ ବଂଶ ପ୍ରତି ବଡ଼ ବିପଦ ଦେଖାଦେଇଛି। ବନ୍ୟଜନ୍ତୁ ଶିକାରୀଙ୍କ ବିରୋଧରେ ସ୍ୱତନ୍ତ୍ର ଅଭିଯାନ ଚଳାଇଥିବା କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍ ୨ବର୍ଷରେ ୨୭ ବାଘଛାଲ, ୨ ବାଘ ଦାନ୍ତ ଓ ୨୯ ବାଘ ନଖ ଜବତ କରିଛି। ତେବେ ପୂର୍ବରୁ ଶୋଇ ରହିଥିବା ବନ ବିଭାଗ ଏବେ ଏସ୍‌ଟିଏଫ୍ ସହ ମିଶି ଚଢ଼ାଉ ଜାରି ରଖିଥିଲେ ମଧ ର୍‍ୟାକେଟର ଚେର ପର୍ଯ୍ୟନ୍ତ ପହଞ୍ଚିପାରୁନି। ବାଘକୁ ହତ୍ୟା କରି ତା'ର ଚମଡ଼ା, ଦାନ୍ତ ଓ ନଖ ଆଦି ମୂଲ୍ୟବାନ ଅଙ୍ଗପ୍ରତ୍ୟଙ୍ଗକୁ ରାଜ୍ୟ ତଥା ଦେଶ ବାହାରକୁ ଚାଲାଣ କରାଯାଉଛି। ହେଲେ କ୍ରାଇମବ୍ରାଞ୍ଚ ହେଉ କି ବନ ବିଭାଗ, କେବଳ ଚାଲାଣ ସମୟରେ ଧରୁଛି। ଶିକାର ଜାରି ରହିଥିବାରୁ ଚୋରା ଚାଲାଣ ମଧ ବନ୍ଦ ହେଉ ନାହିଁ।

ଶନିବାର ଏସ୍‌ଟିଏଫ୍ ସ୍ଥାନୀୟ ବନବିଭାଗ ସହାୟତାରେ କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ଥାନା ଅଞ୍ଚଳରେ ଚଢ଼ାଉ କରି ଜଣେ ଶିକାରୀଙ୍କୁ ଗିରଫ କରିଛି। ସେ ହେଲେ ସ୍ଥାନୀୟ ଥାନା ଅନ୍ତର୍ଗତ ପାଙ୍ଗାଲି ଗ୍ରାମର ବିପିନ ନାୟକ(୪୦)। ତାଙ୍କଠାରୁ ଏକ ବାଘଛାଲ ସହ କେତେକ ଆପରାଧିକ ସାମଗ୍ରୀ ଜବତ କରାଯାଇଛି। ଏହି ଛାଲର ଆନୁମାନିକ ମୂଲ୍ୟ ୩ ଲକ୍ଷ ଟଙ୍କା ହେବ। ନିୟମ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ପାଇଁ ଏସ୍‌ଟିଏଫ୍ ଗିରଫ ଅଭିଯୁକ୍ତଙ୍କୁ ଦାରିଙ୍ଗବାଡ଼ି ବନବିଭାଗକୁ ସ୍ଥାନାନ୍ତର କରିଥିଲା। ବନବିଭାଗ ଏକ ମାମଲା (ନଂ.୧/୨୨-୨୩) ରୁଜୁ କରି ତାଙ୍କୁ ରବିବାର କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ତେବେ ବାଘଟିକୁ ନିକଟ ଜଙ୍ଗଲରୁ ଶିକାର କରାଯାଇଥିବା ଜଣାପଡ଼ିଛି। ତେବେ ବିପିନଙ୍କ ସହ ଏଥିରେ ଏକାଧିକ ଲୋକ ସମ୍ପୃକ୍ତ ଥିବା ଜାଣିବା ପରେ ଅନ୍ୟମାନଙ୍କୁ ଧରିବାକୁ ଏସ୍‌ଟିଏଫ୍ ଓ ବନବିଭାଗ ପକ୍ଷରୁ ଚଢ଼ାଉ ଜାରି ରହିଛି। ଏଥିସହ ର୍‍ୟାକେଟ୍ ସମ୍ପର୍କରେ ଅଧିକ ତଦନ୍ତ କରାଯାଉଥିବା ଏସ୍‌ଟିଏଫ୍ ପକ୍ଷରୁ ସୂଚନା ଦିଆଯାଇଛି।

ଅଭିଯୁକ୍ତ ବିପିନଙ୍କ ନିକଟରେ ଏକ ବାଘଛାଲ ଥିବା ଏସ୍‌ଟିଏଫ୍ ବିଶ୍ୱସ୍ତ ସୂତ୍ରରୁ ଜାଣିବାକୁ ପାଇଥିଲା। ସେ ତାହାକୁ ୪ ଲକ୍ଷ ଟଙ୍କାରେ ବିକ୍ରି ପାଇଁ ଗ୍ରାହକ ଖୋଜୁଥିଲେ। ତାଙ୍କୁ ଧରିବାକୁ ଏସ୍‌ଟିଏଫ୍ ଓ ସ୍ଥାନୀୟ ବନବିଭାଗର ଅଧିକାରୀମାନେ ଗ୍ରାହକ ବେଶରେ ବିପିନଙ୍କୁ ଯୋଗାଯୋଗ କରିଥିଲେ। ଶନିବାର ରାତି ପ୍ରାୟ ୧୧ଟାରେ ସେ ଏକ ପ୍ଲାଷ୍ଟିକ୍ ବ୍ୟାଗରେ ଉକ୍ତ ବାଘଛାଲକୁ ଧରି ଡାବେରୀ ଗ୍ରାମ ନିକଟ ରାସ୍ତାକୁ ଆସିଥିଲେ। ପୂର୍ବ ପ୍ରସ୍ତୁତି ମୁତାବକ ଅଧିକାରୀମାନେ ତାଙ୍କୁ କାବୁ କରି ନେଇଥିଲେ। ଏହା ପୂର୍ବରୁ ମାର୍ଚ୍ଚ ୨ରେ ଗଜପତି ଜିଲା ଆର୍‌ଉଦୟଗିରି ଥାନା ଅଞ୍ଚଳରେ ଏସ୍‌ଟିଏଫ୍ ଚଢ଼ାଉ କରି ପବିତ୍ର ଲିମା ନାମକ ଜଣେ ଶିକାରୀଙ୍କୁ ଗିରଫ କରିବା ସହ ତାଙ୍କଠାରୁ ଏକ ବାଘଛାଲ ଜବତ କରିଥିଲା।

ଅନ୍ୟପକ୍ଷରେ ଏସ୍‌ଟିଏଫ୍ ତା'ର ସ୍ୱତନ୍ତ୍ର ଅଭିଯାନରେ ବାଘ ଛାଲ, ଦାନ୍ତ, ନଖ ସହ ୧୫ ହାତୀଦାନ୍ତ, ୭ ହରିଣ ଛାଲ, ୧୨ ଜୀବନ୍ତ ବଜ୍ରକାପ୍ତା, ୨୩.୫ କେଜି ବଜ୍ରକାପ୍ତା କାତି, ୪୬ ଶୁଆ ଆଦି ଜବତ କରିବା ସହ ସମ୍ପୃକ୍ତ ୬୪ ଜଣଙ୍କୁ ଗିରଫ କରିଛି।

# ଆଜି ଉଦ୍‌ଘାଟନ କରିବେ ମୁଖ୍ୟମନ୍ତ୍ରୀ



ଏସ୍‌ପି କନୱର ବିଶାଲ ସିଂ ସୁରକ୍ଷା ବ୍ୟବସ୍ଥା ସମୀକ୍ଷା କରୁଛନ୍ତି।

**ଶ୍ରୀଜଗନ୍ନାଥ ମେଡିକାଲ କଲେଜ**

- ପ୍ରଥମ ବ୍ୟାଚ୍ ଏମ୍‌ବିବିଏସ୍ ଛାତ୍ରୀଛାତ୍ରଙ୍କ ସହ କଥା ହେବେ
- ସୁରକ୍ଷା ସ୍ଥିତି ଯାଞ୍ଚ କଲେ ଏସ୍‌ପି, ଜିଲାପାଳ

ପୁରୀ ଅଫିସ,୧୦।୪

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ପୁରୀ ଗସ୍ତରେ ଆସି ଶ୍ରୀଜଗନ୍ନାଥ ମେଡିକାଲ କଲେଜର ଉଦ୍‌ଘାଟନ କରିବେ। ମୁଖ୍ୟମନ୍ତ୍ରୀ ଅପରାହ୍ନ ୫ଟାରେ ମେଡିକାଲ କଲେଜ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ଏହା ପୂର୍ବରୁ ରବିବାର ପୁରୀ ଜିଲାପାଳ ସମର୍ଥ ବର୍ମା ଏବଂ ଏସ୍‌ପି କନୱର ବିଶାଲ ସିଂ ସ୍ଥିତି ସମୀକ୍ଷା କରିଛନ୍ତି। ଏହି ଗସ୍ତ ଲାଗି ପୁରୀ ସହରରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ୫ଶହ କୋଟି ଟଙ୍କା ବ୍ୟୟରେ ନିର୍ମିତ ଶ୍ରୀଜଗନ୍ନାଥ ମେଡିକାଲ କଲେଜ ଉଦ୍‌ଘାଟନ ସହ ମୁଖ୍ୟମନ୍ତ୍ରୀ ଛାତ୍ରୀଛାତ୍ରଙ୍କ ସହ ଆଲୋଚନା କରିବେ। ଏଠାରେ ପ୍ରଶାସନିକ ଭବନ, କ୍ୟାଣ୍ଟିନ୍, କ୍ଲାସରୁମ୍ ଓ ଲାବ୍ ଭଳି ଭିତ୍ତିଭୂମି ପ୍ରସ୍ତୁତ ହୋଇଛି। ୧୫୦ ଛାତ୍ରୀ ଓ ୩ଶହ ଛାତ୍ରଙ୍କ ପାଇଁ ଛାତ୍ରାବାସ ରହିଛି। ଜିଲାପାଳ ସମର୍ଥ ବର୍ମା କହିଛନ୍ତି, ଉଦ୍‌ଘାଟନ ଏବଂ ୧୫୦ ଅଧ୍ୟାପିକା ଅଧ୍ୟାପକ ଓ ଛାତ୍ରୀଛାତ୍ରଙ୍କ ସହ ମୁଖ୍ୟମନ୍ତ୍ରୀଙ୍କ ଆଲୋଚନା କାର୍ଯ୍ୟକ୍ରମ ପାଇଁ ଜିଲା ପ୍ରଶାସନ ପ୍ରସ୍ତୁତି ଶେଷ କରିଛି। ସେହିପରି ଏସ୍‌ପି କନୱର ବିଶାଲ ସିଂ କହିଛନ୍ତି, ମୁଖ୍ୟମନ୍ତ୍ରୀଙ୍କ ସୁରକ୍ଷା ଦୃଷ୍ଟିକୋଣରୁ ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯାଇଛି। ସରଜମିନ୍ ସ୍ଥିତି ଯାଞ୍ଚ କରାଯିବା ସହ ଅତିରିକ୍ତ ଏସ୍‌ପି ଏବଂ ଡିଏସ୍‌ପିଙ୍କୁ ଦାୟିତ୍ୱ ଦିଆଯାଇଛି। ଅନ୍ୟପକ୍ଷରେ ଜିଲା ପ୍ରଶାସନ, ପୋଲିସ ଓ ମେଡିକାଲ କର୍ତ୍ତୃପକ୍ଷଙ୍କ ମିଳିତ ଉଦ୍ୟମରେ କାର୍ଯ୍ୟ ଶେଷ ହୋଇଛି ବୋଲି ଶ୍ରୀଜଗନ୍ନାଥ ମେଡିକାଲ କଲେଜର ଆସିଷ୍ଟାଣ୍ଟ ପ୍ରଫେସର ଡ. ଅଭିଷେକ ପଣ୍ଡା କହିଛନ୍ତି। ସେହିପରି ପ୍ରଥମ ବର୍ଷର ଏମ୍‌ବିବିଏସ୍ ଛାତ୍ର ରାଜସାଇ ଦାସ କହିଛନ୍ତି, ପୁରୀ ଧାମରେ ପାଠ ପଢ଼ିବାର ସୁଯୋଗ ମିଳିବା ବଡ଼ କଥା। ମେଡିକାଲର ଭିତ୍ତିଭୂମି ଓ ହଷ୍ଟେଲ ସୁବିଧାକୁ ନେଇ ସନ୍ତୁଷ୍ଟ ଥିବା ସେ ପ୍ରକାଶ କରିଛନ୍ତି।



ସୁପ୍ରିମ୍‌କୋର୍ଟ ବିଚାରପତି ଭିନିତ ଶରଣ ପରିବାର ସହ ରବିବାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ ସାରି ଫେରୁଛନ୍ତି।

# ମୋବାଇଲ ପାଇଁ ପଥର ମାଡ଼ରେ ଜୀବନ ଗଲା

ରାଇଘର, ୧୦।୪(ସ୍ୱ.ପ୍ର.)

**ଶୋଇଥିବା ଭାବି ଗୁରୁତ୍ୱ ଦେଲେନି ପରିବାର ଲୋକେ**

ମୋବାଇଲକୁ ନେଇ ୨ଜଣଙ୍କ ମଧରେ ଗଣ୍ଡଗୋଳ ହୋଇଥିଲା। ଏଥିରେ ଜଣେ ଉତ୍ୟକ୍ତ ହୋଇ ଅନ୍ୟ ଜଣଙ୍କ ମୁଣ୍ଡକୁ ପଥରରେ ଆଘାତ କରିଥିଲେ। ଆହତ ଜଣଙ୍କ କାହାରିକୁ କିଛି ନ ଜଣାଇ ଘରକୁ ଯାଇ ଶୋଇ ପଡ଼ିଥିଲେ। ମଦ ପିଇ ଶୋଇଥିବା ଭାବି ପରିବାର ଲୋକେ ତାଙ୍କୁ ଉଠାଇ ନ ଥିଲେ। କିନ୍ତୁ ପରଦିନ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ନବରଙ୍ଗପୁର ଜିଲା ରାଇଘର ଥାନା ପାରୁଆ ପଞ୍ଚାୟତ ଛତାବେଡ଼ା ଅଞ୍ଚଳରେ ଏଭଳି ଏକ ଘଟଣା ଘଟିଛି। ମୃତକ ହେଲେ ଉକ୍ତ ଗାଁର ସୁକୁଲାଲ୍ ରାଉତ(୫୦)। ସୁକୁଲାଲ୍‌ଙ୍କ ପରିବାର ଲୋକଙ୍କ ଅଭିଯୋଗ କ୍ରମେ ରାଇଘର ପୋଲିସ ତାଙ୍କ ସାଙ୍ଗ ଘନଶ୍ୟାମ ମାଝି(୩୫)ଙ୍କୁ ଗିରଫ କରିଛି। ସୁକୁଲାଲ୍ ଓ ଘନଶ୍ୟାମ ଶୁକ୍ରବାର ଗାଁ ପାଖ ଏକ ଗଛମୂଳେ ବସି ମଦ ପିଉଥିଲେ। ସୁକୁଲାଲ୍‌ଙ୍କ ପାଖରେ ତାଙ୍କ ମୋବାଇଲ ଫୋନ ଥିବା ନେଇ ଘନଶ୍ୟାମ ସନ୍ଦେହ କରି ପଚାରିଥିଲେ। ଏହାକୁ ନେଇ ଉଭୟଙ୍କ ମଧରେ ବଚସା ହେବାରୁ ଘନଶ୍ୟାମ ନିକଟରେ ଥିବା ଏକ ପଥରରେ ସୁକୁଲାଲ୍‌ଙ୍କ ମୁଣ୍ଡକୁ ପିଟି ଦେଇଥିଲେ। ସୁକୁଲାଲ୍ ଚିକିତ୍ସା ପାଇଁ ନ ଯାଇ ଘରେ ଚୁପ୍‌ଚାପ ଶୋଇପଡ଼ିଥିଲେ। ଶନିବାର ସୁକୁଲାଲଙ୍କ ମୃତ୍ୟୁ ହୋଇଥିବା ନେଇ ପରିବାର ଲୋକେ ଜାଣିବାକୁ ପାଇଥିଲେ। ଏନେଇ ରାଇଘର ଥାନାରେ ଅଭିଯୋଗ ପରେ ପୋଲିସ ଘନଶ୍ୟାମଙ୍କୁ ଗିରଫ କରିଛି।

# ବିଇଓଙ୍କ କାର୍ଯ୍ୟାଳୟରୁ ୩୫ ହଜାର ବହି ଚୋରି

ଧାମନଗର,୧୦।୪

ଭଦ୍ରକ ଜିଲା ଧାମନଗର ବିଇଓ (ବ୍ଲକ ଶିକ୍ଷାଧିକାରୀ)ଙ୍କ କାର୍ଯ୍ୟାଳୟରୁ ଶନିବାର ରାତିରେ ୩୫ ହଜାର ବହି ଚୋରି ହୋଇଛି। ଏନେଇ ଚିଠି ନଂ. ୮୩୮/୧୦।୪।୨୨ରେ ବିଇଓଙ୍କ ଦ୍ୱାରା ଲିଖିତ ଅଭିଯୋଗ ସହ ଜିଲା ଶିକ୍ଷାଧିକାରୀ ଓ ପ୍ରକଳ୍ପ ସଂଯୋଜକଙ୍କୁ ଅବଗତି ନିମନ୍ତେ ଜଣାଯାଇଛି। ଏନେଇ ଭାରପ୍ରାପ୍ତ ବିଇଓ କୈଳାସ ଜେନା ରବିବାର ଧାମନଗର ଥାନାରେ ଅଭିଯୋଗ କରିଛନ୍ତି।

କେହି ଦୁର୍ବୃତ୍ତ ଅଫିସ ତାଲା ଭାଙ୍ଗି ବହିଗୁଡ଼ିକ ଚୋରି କରିନେଇଛନ୍ତି। ଏ ସମ୍ପର୍କରେ ବ୍ଲକ ଶିକ୍ଷା ସଂଯୋଜକ ଭୀମସେନ ହୋ କହିଛନ୍ତି, ଶନିବାର ଛୁଟିଦିନ ଥିଲା। ରବିବାର ପୂର୍ବାହ୍ନରେ ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ କାର୍ଯ୍ୟାଳୟରେ ପହଞ୍ଚିବା ପରେ ତାଲା ଭାଙ୍ଗି ବହି ଚୋରି ହୋଇଥିବା ଜାଣିବାକୁ ପାଇଲୁ। ଧାମନଗର ଥାନାଧିକାରୀ ଶ୍ରୀବଲ୍ଲଭ ସାହୁ ଆସି ତଦନ୍ତ କରିଛନ୍ତି। ଗତ ୨୮ ମାର୍ଚ୍ଚରୁ ସରକାରଙ୍କ ପକ୍ଷରୁ ପ୍ରଥମରୁ ତୃତୀୟ ଶ୍ରେଣୀ ପର୍ଯ୍ୟନ୍ତ ୧୫ ହଜାର ଏବଂ ଚତୁର୍ଥରୁ ଅଷ୍ଟମ ଶ୍ରେଣୀ ଯାଏ ୨୦ ହଜାର ବହି ଆସି ରହିଥିଲା। କାର୍ଯ୍ୟବ୍ୟସ୍ତତା ପାଇଁ ବହିଗୁଡ଼ିକ ବଣ୍ଟା ହୋଇ ନ ପାରି ଅଫିସରେ ରହିଥିଲା ବୋଲି ବ୍ଲକ ଶିକ୍ଷା ସଂଯୋଜକ ହୋ କହିଛନ୍ତି। ସେହିପରି ପୂର୍ବବର୍ଷ ଏହି ଅଫିସରୁ ବହି ଚୋରି ହୋଇଥିଲା। ବାରମ୍ବାର ଅଫିସରୁ ବହି ଚୋରି ଫଳରେ ଛାତ୍ରୀଛାତ୍ରଙ୍କ ପାଠପଢ଼ାରେ ବ୍ୟତିକ୍ରମ ହେବ। ତୁରନ୍ତ ଏହାର ତଦନ୍ତ କରି ଦୋଷୀମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବାକୁ ସାଧାରଣରେ ଦାବି ହୋଇଛି।

# ଝାରପଡ଼ା ହାଟ ଉଚ୍ଛେଦ ବିରୋଧରେ ଥାନାର ଦ୍ୱାରସ୍ଥ ହେଲେ ବ୍ୟବସାୟୀ

**କ୍ଷତିପୂରଣ ଦାବିକଲେ କଂଗ୍ରେସ ଓ ଭାଜପା କର୍ମୀ**

ଭୁବନେଶ୍ୱର,୧୦।୪ (ବ୍ୟୁରୋ)

ମାର୍କେଟ କମ୍ପ୍ଲେକ୍ସ ନିର୍ମାଣକୁ କେନ୍ଦ୍ର କରି ଝାରପଡ଼ା ଗଣେଶ ମଣ୍ଡପ ହାଟକୁ ଶୁକ୍ରବାର ବିଡିଏ ପକ୍ଷରୁ ଉଚ୍ଛେଦ କରାଯାଇଥିଲା। ତେବେ ଏହାକୁ ନେଇ ରାଜନୀତି ଜୋର ଧରିବାରେ ଲାଗିଛି। ରବିବାର ଭାଜପା ଓ କଂଗ୍ରେସ ସମର୍ଥନରେ ବ୍ୟବସାୟୀ ସଂଘ ଲକ୍ଷ୍ମୀ ସାଗର ଥାନାରେ କ୍ଷତିପୂରଣ ଦାବି କରି ଏତଲା ଦେଇଛନ୍ତି। ଭାଜପା ପକ୍ଷରୁ ନେତା ଜଗନ୍ନାଥ ପ୍ରଧାନ ଓ କଂଗ୍ରେସ ପକ୍ଷରୁ ମେୟର ପ୍ରାର୍ଥିନୀ ହୋଇଥିବା ମଧୁସ୍ମିତା ଆଚାର୍ଯ୍ୟ ଦଳୀୟ କର୍ମୀଙ୍କ ସହ ବ୍ୟବସାୟୀଙ୍କ ସମର୍ଥନରେ ଥାନାକୁ ଯାଇଥିଲେ। ଏନେଇ କଂଗ୍ରେସ ପକ୍ଷରୁ ଆଚାର୍ଯ୍ୟ ବ୍ୟବସାୟୀଙ୍କ ସମର୍ଥରେ କହିଛନ୍ତି, ଆଇଆଇସି ସମସ୍ତ ଅଭିଯୋଗ ଗ୍ରହଣ କରିଛନ୍ତି। ବ୍ୟବସାୟୀଙ୍କ ଭରଣ ପୋଷଣ ପାଇଁ ଯେଉଁ ସବୁ ଦାବି ରହିଛି ସବୁ ପୂରଣ ପାଇଁ ଦାବି କରାଯାଇଛି। ନବ ନିର୍ବାଚିତ ମେୟର ସୁଲୋଚନା ଦାସ ଘଟଣାସ୍ଥଳକୁ ଆସନ୍ତୁ ବ୍ୟବସାୟୀଙ୍କ ଦୁର୍ଦ୍ଦଶା ଦେଖନ୍ତୁ ବୋଲି ଆଚାର୍ଯ୍ୟ ଆହ୍ୱାନ କରିଛନ୍ତି। କ୍ଷତିଗ୍ରସ୍ତ ବ୍ୟବସାୟୀଙ୍କୁ କ୍ଷତିପୂରଣ ସହ ଥଇଥାନ ପାଇଁ ବ୍ୟବସ୍ଥା କରା ନ ଗଲେ ଦଳଗତ ନିର୍ବିଶେଷରେ ଆନ୍ଦୋଳନକୁ ବ୍ୟାପକ କରାଯିବ ବୋଲି ଆଚାର୍ଯ୍ୟ ଚେତାବନୀ ଦେଇଛନ୍ତି। ସେହିପରି ଭାଜପା ନେତା ଜଗନ୍ନାଥ ପ୍ରଧାନ କହିଛନ୍ତି, ଉଚ୍ଛେଦ ନେଇ ବ୍ୟବସାୟୀଙ୍କ ନିକଟରେ କୌଣସି ସୂଚନା ନ ଥିଲା। ଜିନିଷପତ୍ରର କାଢ଼ି ନେବା ପାଇଁ ମଧ କୌଣସି ସୁଯୋଗ ଦିଆଗଲା ନାହିଁ। ଆମେ ବ୍ୟବସାୟୀଙ୍କ ପାଇଁ ଲଢ଼େଇ ଜାରି ରଖିଛୁ। କ୍ଷତିପୂରଣ ସହ ଥଇଥାନ ନ କରାଯାଏ ତେବେ ରାଜ ରାସ୍ତାରେ ଆନ୍ଦୋଳନ କରାଯିବ ବୋଲି ପ୍ରଧାନ କହିଛନ୍ତି।

ପ୍ରକାଶଯୋଗ୍ୟ ଯେ, ଏହି ଉଚ୍ଛେଦରେ ଝାରପଡ଼ା ଗଣେଶ ମଣ୍ଡପ ହାଟରେ ଥିବା ୩ଟି ଦୋକାନ ଘର, ୧୪ଟି ବଡ଼ ଗୋଦାମ, ୯୭ଟି ଟିଣ ନିର୍ମିତ ଦୋକାନ, ୨୫ଟି ଉଠା ପରିବା ଦୋକାନ, ୫୨ଟି କ୍ୟାବିନକୁ ମିଶାଇ ମୋଟ ୧୯୧ଟି ଦୋକାନ ଭଙ୍ଗାଯାଇଥିଲା। ପ୍ରଶାସନ ପକ୍ଷରୁ ଆକ୍ରୋଶମୂଳକ ଭାବେ ଦୋକାନ ଭଙ୍ଗା ଯାଇଥିବା ବ୍ୟବସାୟୀ ସଂଘ ଅଭିଯୋଗ କରି ଉଚ୍ଛେଦ ସମୟରେ ଉତ୍ତେଜନା ଦେଖିବାକୁ ମିଳିଥିଲା।

# ଅନୁକୂଳ ହେଲା ରଥକାଠ ଚିରଟ

କଟକ ଅଫିସ,୧୦।୪

ଆସନ୍ତା ଜୁଲାଇ ୧ ତାରିଖରେ ମହାପ୍ରଭୁଙ୍କ ରଥଯାତ୍ରା। ଅକ୍ଷୟତୃତୀୟାରୁ ତିନି ରଥ ନିର୍ମାଣ କାମ ଆରମ୍ଭ ହେବାକୁ ଥିବାବେଳେ ରବିବାର କଟକ ଖପୁରିଆସ୍ଥିତ ସରକାରୀ ସ' ମିଲ୍‌ରେ ରଥକାଠ ଚିରଟ ଅନୁକୂଳ ହୋଇଛି। ମହାପ୍ରଭୁଙ୍କ ରଥ ନିର୍ମାଣର ସ୍ୱତନ୍ତ୍ର ବିଧି ରହିଛି। କେଉଁଦିନ ରଥର କ'ଣ ନିର୍ମାଣ ହେବ, ତାହା ବିଧି ମୁତାବକ କରାଯାଇଥାଏ। ସେହି ଅନୁସାରେ ଶ୍ରୀରାମ ନବମୀରେ ରଥକାଠ ଚିରଟ ଅନୁକୂଳ ହେବା ପରମ୍ପରା ରହିଛି। ସେଥିପାଇଁ ରବିବାର ରଥକାଠ ତତ୍ତ୍ୱାବଧାରକ ସୁଦର୍ଶନ ମେକାପଙ୍କ ନେତୃତ୍ୱରେ ଏକ ଟିମ୍ ମହାପ୍ରଭୁଙ୍କ ଲାଗି ଆଜ୍ଞାମାଳ, ମହାପ୍ରସାଦ, ନଡ଼ିଆ ଆଦି ପୂଜା ସାମଗ୍ରୀ ଧରି ଖପୁରିଆ ସ' ମିଲ୍‌ରେ ପହଞ୍ଚିଥିଲା। ସେଠାରେ ପୂଜାର୍ଚ୍ଚନା ପରେ ତିନୋଟି ଧଉରା କାଠ ଚିରଟ କରାଯାଇଥିଲା।



ଖପୁରିଆସ୍ଥିତ ସରକାରୀ ସ' ମିଲରେ ରଥକାଠ ଚିରଟ ପାଇଁ ପୂଜାର୍ଚ୍ଚନା କରାଯାଉଛି।

# ପେସା ଶିକ୍ଷକତା, ନିଶା ଜଙ୍ଗଲ ସୁରକ୍ଷା



ସର୍ଗି ଗଛରେ ହୋଇଥିବା ଗୋଲମରିଚ ଚାଷ।



ଗୋଲମରିଚ ସଂଗ୍ରହ କରାଯାଉଛି।

**୩୦ ଏକରରେ ଗୋଲମରିଚ ଲଗାଇଛନ୍ତି ଶିକ୍ଷକ**

ଆର.ଉଦୟଗିରି,୧୦।୪(ଡି.ଏନ୍.ଏ.)

ଗଜପତି ଜିଲା ମୋହନା ବ୍ଲକ ଅନ୍ତର୍ଗତ ମଲ୍ଲିପଦର ଗାଁର ଜଣେ ବ୍ୟକ୍ତି ଶିକ୍ଷକତା କରୁଥିଲେ ମଧ ଜଙ୍ଗଲ ସୁରକ୍ଷା ତାଙ୍କ ନିଶା ପାଲଟିଛି। କେବଳ ସୁରକ୍ଷା ନୁହେଁ, ଜଙ୍ଗଲ ମଧରେ ୩୦ ଏକର ଜାଗାରେ ଥିବା ୨ ହଜାରରୁ ଉର୍ଦ୍ଧ୍ୱ ସର୍ଗି ଗଛରେ ଗୋଲମରିଚ ଚାଷ କରିଛନ୍ତି। ଏହି ଚାଷ ତାଙ୍କୁ ରୋଜଗାର ମଧ ଦେଉଛି। ଶିକ୍ଷକ ଜଣକ ହେଉଛନ୍ତି ଆଦିବାସୀ ଅଧୁଷିତ ମୋହନା ବ୍ଲକ ବଡ଼ଖଣି ପଞ୍ଚାୟତ ମଲିପଦର ଗାଁର କରଣସିଂ ପ୍ରଧାନ। ସେ ଦେଉଳଖଣି ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକତା କରୁଛନ୍ତି। ବାପାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଜଙ୍ଗଲ ସୁରକ୍ଷାକୁ ସେ ଗୁରୁତ୍ୱ ଦେଇ ଆସୁଛନ୍ତି। ଏବେ ତାଙ୍କ ଆଦର୍ଶରେ ଅନୁପ୍ରାଣିତ ଅଞ୍ଚଳବାସୀ।

ମଲ୍ଲିପଦର ଗାଁ ନିକଟରେ ପ୍ରାୟ ୨୦୦ ହେକ୍ଟର ଜଙ୍ଗଲରେ ଥିବା ଶାଳ, ପିଆଶାଳ, ଶାଗୁଆନ ଭଳି ବହୁ ମୂଲ୍ୟବାନ ଗଛ ରହିଛି। ଏହି ଜଙ୍ଗଲକୁ କାଠ ମାଫିଆମାନେ ନିଜ ଅକ୍ତିଆରକୁ ନେଇ ଗଛକାଟି ନେଉଥିଲେ। ଗଛ ସୁରକ୍ଷା ପାଇଁ ଅଣ୍ଟା ଭିଡ଼ିଥିଲେ ଶିକ୍ଷକ କରଣସିଂଙ୍କ ବାପା ବ୍ରାହ୍ମଣ ସିଂ ପ୍ରଧାନ। ତେଣୁ ସରକାରଙ୍କ ପକ୍ଷରୁ ତାଙ୍କୁ ପ୍ରକୃତି ମିତ୍ର ସମ୍ମାନରେ ସମ୍ମାନିତ କରାଯାଇଥିଲା। ୧୫ ବର୍ଷ ତଳେ କାଠ ମାଫିଆଙ୍କ ରୋଷର ଶିକାର ହୋଇ ପ୍ରାଣ ହରାଇଥିଲେ ବ୍ରାହ୍ମଣ ସିଂ। ବାପା ଚାଲିଯିବା ପରେ ତାଙ୍କ ନୀତି ଓ ଆଦର୍ଶକୁ ଅନୁପାଳନ କରି ଆସୁଛନ୍ତି କରଣ ସିଂ। ସ୍କୁଲ ଯିବା ପୂର୍ବରୁ ଓ ଫେରିବା ପରେ ଜଙ୍ଗଲ ସୁରକ୍ଷା ପାଇଁ ସମୟ ବାହାର କରିବା ସହ ଲୋକଙ୍କୁ ଜଙ୍ଗଲ ଆମର ସମ୍ପଦ ବୋଲି ସଚେତନ କରୁଛନ୍ତି। ପୂର୍ବରୁ ଏହି ଅଞ୍ଚଳରେ ଅନେକ ପାହାଡ଼ରେ ପୋଡୁ ଚାଷ ଯୋଗୁ ଜଙ୍ଗଲ ନଷ୍ଟ ହେଉଥିଲା। ସଚେତନତା ଯୋଗୁ ଏବେ ପୋଡୁଚାଷ ବନ୍ଦ ହେବା ସହ କାଠ ମାଫିଆଙ୍କ ଦୌରାତ୍ମ୍ୟ ମଧ କମିଛି। ଉପଯୁକ୍ତ ବଜାରର ସୁବିଧା ନଥିବାରୁ କମ୍ ଟଙ୍କାରେ ଗୋଲମରିଚ ବିକ୍ରି ହେଉଥିବା କହିଛନ୍ତି କରଣ ସିଂ। ଯଦି ସରକାର ଗୋଲମରିଚ ବିକ୍ରି ପାଇଁ କୌଣସି ସୁବିଧା ସହିତ ଚାଷ ପାଇଁ ତାଲିମ ଯୋଗାଇ ଦିଅନ୍ତେ, ତେବେ ଅଞ୍ଚଳବାସୀ ଉପକୃତ ହୋଇପାରନ୍ତେ ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ଅନନ୍ତ ନାରାୟଣ ମୂର୍ତ୍ତି ସ୍ଥାପନ

ବାରଙ୍ଗ,୧୦।୪(ଡି.ଏନ୍.ଏ.): ଶ୍ରୀରାମନବମୀ ଅବସରରେ ରବିବାର ରାଜଧାନୀ ଉପକଣ୍ଠ ପୁରାତନ ଶୈବପୀଠ ଢାଉଆସ୍ଥିତ ସୋମନାଥ ମନ୍ଦିର ପରିସରରେ ଅନନ୍ତ ନାରାୟଣଙ୍କ ମୂର୍ତ୍ତି ସ୍ଥାପନ କରାଯାଇଛି। ମାର୍ବଲରେ ନିର୍ମିତ ଏହି ମୂର୍ତ୍ତିର ଓଜନ ୪ ଟନ୍ ହେବ ବୋଲି ଜଣାପଡିଛି। ଉକ୍ତ ମୂର୍ତ୍ତିକୁ ଜଣେ ଭକ୍ତ ଦାନସୂତ୍ରରେ ଦେଇଥିଲେ। ଗ୍ରାମ ମୁଣ୍ଡରେ ଏହି ମୂର୍ତ୍ତି ରବିବାର ପହଞ୍ଚିବା ପରେ ଗ୍ରାମବାସୀ ପାରମ୍ପରିକ ବାଦ୍ୟରେ ଶୋଭାଯାତ୍ରା କରି ମନ୍ଦିରକୁ ଆଣି ସ୍ଥାପନ କରିଥିଲେ।

### ହିନ୍ଦୁ ଏକତା ଶୋଭାଯାତ୍ରା

ବାରଙ୍ଗ,୧୦।୪(ଡି.ଏନ୍.ଏ.): ବାରଙ୍ଗ ବ୍ଲକର ୩୨ନଂ. ଜୋନ୍‌ରେ ରାମ ନବମୀ ଅବସରରେ ଭାଜପା ପକ୍ଷରୁ ଏକ ବିଶାଳ ହିନ୍ଦୁ ଏକତା ଶୋଭାଯାତ୍ରା କରାଯାଇଥିଲା। ଶୋଭାଯାତ୍ରା ଦାଢ଼ା ପଞ୍ଚାୟତର ବୁଢ଼ା ମହାବୀର ମନ୍ଦିର ପ୍ରାଙ୍ଗଣରୁ ଆରମ୍ଭ ହୋଇ ୩୨ନଂ ଜୋନ୍‌ରେ ଥିବା ୮ ପଞ୍ଚାୟତର ସମସ୍ତ ଗ୍ରାମ ପରିକ୍ରମା କରାଯାଇ ରାମଦାସପୁର ପଞ୍ଚାୟତର ରାମେଶ୍ୱର ମନ୍ଦିରଠାରେ ଶେଷ ହୋଇଥିଲା। ଶୋଭାଯାତ୍ରାକୁ ବିଭିନ୍ନ ଗ୍ରାମରେ ସ୍ୱାଗତ କରାଯିବା ସହ କେତେକ ସ୍ଥାନରେ ରାମ ଖେଚୁଡ଼ି ଓ ପଣା ସର୍ବତ ପ୍ରଦାନ କରାଯାଇଥିଲା।

### ପୁସ୍ତକର ଆୟୁଷ କବିଙ୍କ ଆୟୁଷଠୁ ଢେର ଲମ୍ବା

ଭୁବନେଶ୍ୱର,୧୦।୪(ବ୍ୟୁରୋ): ପୁସ୍ତକର ଆୟୁଷ କବିଙ୍କ ଆୟୁଷଠାରୁ ଢେର ଲମ୍ବା। ସତ୍ୟକୁ ଉନ୍ମୋଚନ କରିବା ପାଇଁ ଲେଖକର ସାହସ ଦରକାର ବୋଲି ହେମନ୍ତ ସ୍ମୃତି ସାରସ୍ୱତ ସମାରୋହରେ ଓଡ଼ିଶାର ସାହିତ୍ୟିକମାନେ ମତବ୍ୟକ୍ତ କରିଥିଲେ। ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ସଦସ୍ୟ ରାଜୀବ ପାଣିଙ୍କ ଆବାହକତ୍ୱ ଓ ଅଙ୍ଗୁରବାଳା ପରିଡ଼ାଙ୍କ ସଂଯୋଜନାରେ ରାଉରକେଲାର ସିଭିକ୍ ସେଣ୍ଟରଠାରେ ଦୁଇ ଦିନିଆ ହେମନ୍ତ ସ୍ମୃତି ସାରସ୍ୱତ ସମାରୋହ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଅଧିବେଶନରେ ଏକାଡେମୀର ସଭାପତି ଡ. ହୃଷୀକେଶ ମଲ୍ଲିକ ସଭାପତିତ୍ୱ କରିଥିବାବେଳେ ମୁଖ୍ୟ ଅତିଥି ଭାବେ କଥାକାର ଭୂପେନ ମହାପାତ୍ର, ଉଦ୍‌ଘାଟକ ଭାବେ ଡ. ଭଗବାନ ଜୟସିଂ, ମୁଖ୍ୟବକ୍ତା ଭାବେ ପବିତ୍ର କୁମାର ପାଣିଗ୍ରାହୀ, ସମ୍ମାନିତ ବକ୍ତା ଭାବେ ସୁରେଶ ନାୟକ ଯୋଗଦେଇଥିଲେ। ଦ୍ୱିତୀୟ ଦିନ ରାଜୀବ ପାଣିଙ୍କ ସଂଯୋଜନାରେ ପ୍ରଥମ ଅଧିବେଶନରେ ଚିନ୍ମୟ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ଗୀତାର ଦ୍ୱିତୀୟ ଅଧ୍ୟାୟ ଗାନ ପରେ ଏକାଡେମୀ ସଭାପତି ଡ. ମଲ୍ଲିକ ସଭାପତିତ୍ୱ କରିଥିଲେ। ରାଉରକେଲା ଅତିରିକ୍ତ ଜିଲାପାଳ ମୁଖ୍ୟ ଅତିଥି ଭାବେ ଡ. ଶୁଭଙ୍କର ମହାପାତ୍ର, ବିଶିଷ୍ଟ ଅତିଥି ଭାବେ ଆର୍‌ଏସ୍‌ପିର ମହାପ୍ରବନ୍ଧକ ବିଜୟ ରାଉତ, ସମ୍ମାନିତ ଅତିଥି ଭାବେ ଡ. ଭଗବାନ ଜୟସିଂହ ଓ ମୁଖ୍ୟ ବକ୍ତା ଭାବେ ବିଶିଷ୍ଟ ସାହିତ୍ୟିକ ଦାଶ ବେନହୁର ଯୋଗଦେଇଥିଲେ। ଦ୍ୱିତୀୟ ଅଧିବେଶନ ଡ. ସୁପ୍ରିୟା ପାଲଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ସାହିତ୍ୟିକ ରାଜୁ ଷଡ଼ଙ୍ଗୀ, ସମ୍ମାନିତ ଅତିଥି ଭାବେ ରାଜକୁମାର ମହାନ୍ତି ଓ ଆଲୋଚକ ଭାବେ ଡ. ପ୍ରଭାତ କୁମାର ମଲ୍ଲିକ, ଡ. ହୀରନ ଲୁଗୁନ, ପ୍ରଧାପକ ବିଭୂତି ଭୂଷଣ ପଣ୍ଡା ସୁନ୍ଦରଗଡ଼ ସୀମାନ୍ତ ଭାଷା ସମ୍ପର୍କରେ ଆଲୋଚନା କରିଥିଲେ। ତୃତୀୟ ଅଧିବେଶନରେ ରାଜୀବ ପାଣିଙ୍କ ସଭାପତିତ୍ୱରେ କବିତା ପାଠୋତ୍ସବରେ ମୁଖ୍ୟ ଅତିଥି ଭାବେ ମହେନ୍ଦ୍ର କୁମାର ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ଶିବପ୍ରିୟା ମିଶ୍ର ଓ ବିଷ୍ଣୁପ୍ରିୟା ମହାପାତ୍ର ଯୋଗଦେଇଥିଲେ।

# ଠକ ଗ୍ୟାଙ୍ଗ୍ ଧରାପଡ଼ିଲା, ୩ ଗିରଫ

ଭୁବନେଶ୍ୱର,୧୦।୪ (ବ୍ୟୁରୋ)

ଜାଲ୍ କାଗଜପତ୍ରରେ ଗାଡ଼ି ବିକ୍ରି କରୁଥିବା ଏକ ଠକ ଗ୍ୟାଙ୍ଗ୍‌କୁ ଶହୀଦନଗର ଥାନା ପୋଲିସ ଧରିଛି। ଏଥିସହ ଭୁବନେଶ୍ୱର ଦୂରଦର୍ଶନ କେନ୍ଦ୍ର ନିକଟରୁ ଗ୍ୟାଙ୍ଗ୍‌ର ୩ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ପାତ୍ରପଡା ଅଞ୍ଚଳର ସେକ ଲିୟାକତ (୩୫), ଦିନେଶ ପଡିଆରୀ (୪୦) ଓ କାଳୁ ଚରଣ ପାତ୍ର (୩୩)। ସେମାନଙ୍କଠାରୁ ଗୋଟିଏ ବୋଲେରୋ ଜବତ ହୋଇଛି। ଏନେଇ ପୋଲିସ ମାମଲା ନଂ.୧୫୫/୨୨ ରୁଜୁ କରି ଅଧିକ ତଦନ୍ତ ଚଳାଇଛି। ଅଭିଯୁକ୍ତଙ୍କ ମଧ୍ୟରୁ ଲିୟାକତ ଡିଲ୍ କରି ଫାଇନାନ୍ସରେ ଥିବା ସେକେଣ୍ଡ୍ ହ୍ୟାଣ୍ଡ୍ ଗାଡ଼ି ଆଣନ୍ତି। ଦିନେଶ ଗ୍ରାହକ ବୁଝନ୍ତି ଓ କାଳୁ ଜାଲ୍ ଏନ୍‌ଓସି ପ୍ରସ୍ତୁତି ସହ ଆର୍‌ଟିଓ କାଗଜପତ୍ର କରନ୍ତି। ତେବେ ଦିନେଶ ଆର୍‌ଟିଓ–୧ରେ ଦଲାଲ କାମ କରୁଥିବାବେଳେ ଏହି ର୍ୟାକେଟରେ ଆହୁରି ଅନେକ ସମ୍ପୃକ୍ତ ଥିବା ପୋଲିସ ଜାଣିବାକୁ ପାଇଛି। ସୂଚନାନୁଯାୟୀ, ୩ ଅଭିଯୁକ୍ତ କେଶୁରା ଅଞ୍ଚଳରେ ଥିବା ଓଡିଶା ମୋଟର୍ସର ମାଲିକ ସୁଶାନ୍ତ ରଥଙ୍କୁ ଏକ ସେକେଣ୍ଡହ୍ୟାଣ୍ଡ୍ ଗାଡ଼ି ବିକ୍ରି କରିବାକୁ ଉଦ୍ୟମ କରିଥିଲେ। ୨ଲକ୍ଷ ଟଙ୍କାରେ କଥା ଛିଣ୍ଡିଥିଲା। ସୁଶାନ୍ତ ଉକ୍ତ ଟଙ୍କାକୁ ଫୋନ୍ ପେ ମାଧ୍ୟମରେ ଦେବାକୁ କହିଥିଲେ। ମାତ୍ର ଅଭିଯୁକ୍ତ ସେକ ଲିୟାକତ ନଗଦ ଚାହିଁବାରୁ ସେ ସନ୍ଦେହ କରି ଶହୀଦନଗର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ତଦନ୍ତ କରି ଉକ୍ତ ଠକ ଗ୍ୟାଙ୍ଗକୁ ଧରିଥିଲା।






ଜବତ ବୋଲେରୋ ଓ ଗିରଫ ଅଭିଯୁକ୍ତ।

### ଜାଲ୍ ଏନ୍‌ଓସିରେ ଫାଇନାନ୍ସ ଗାଡ଼ି ବିକ୍ରି କରୁଥିଲେ

### କେମିତି ଠକୁଥିଲେ

କିସ୍ତି ବାକିଥିବା ଫାଇନାନ୍ସ ଗାଡିଗୁଡ଼ିକୁ ସେମାନେ ଟାର୍ଗେଟ କରନ୍ତି। ମାଲିକଙ୍କ ସହ ଯୋଗାଯୋଗ କରି କିସ୍ତି ଶୁଝିବାକୁ କହି କମ୍ ଦାମ୍‌ରେ ଉକ୍ତ ଗାଡି କିଣିଥାନ୍ତି। ପରେ ଗାଡ଼ିର ଲୋନ୍ ଶୁଝାଯାଇଥିବା ଦର୍ଶାଇ ଫାଇନାନ୍ସ ସଂସ୍ଥା ବା ବ୍ୟାଙ୍କ୍ ନାମରେ ଜାଲ୍ ଏନ୍‌ଓସି ପ୍ରସ୍ତୁତ କରନ୍ତି। ଉକ୍ତ ଜାଲ୍ ଏନ୍‌ଓସିରେ ଆର୍‌ଟିଓ କାଗଜପତ୍ର କରି ଅନ୍ୟ ବ୍ୟକ୍ତିଙ୍କୁ ବିକ୍ରି କରିଥାନ୍ତି। କିନ୍ତୁ ପ୍ରକୃତରେ କିସ୍ତି ବାକି ଥିବାରୁ ଫାଇନାନ୍ସ ସଂସ୍ଥା ଗାଡିକୁ ଟାଣି ନେଇଥାନ୍ତି। ପରବର୍ତ୍ତୀ ସମୟରେ ଗାଡ଼ିର ମୂଳ ମାଲିକ ଓ କିଣିଥିବା ବ୍ୟକ୍ତି ହଟହଟା ହୋଇଥାନ୍ତି। ଠକେଇର ଶିକାର ହୋଇଥିବା ଜାଣିବା ବେଳକୁ ସେମାନେ ଆଉ ଧରାଛୁଆଁ ଦିଅନ୍ତି ନାହିଁ।

# ଜମି ବିକ୍ରି ଆଳରେ ରେଳ କର୍ମଚାରୀଙ୍କୁ ୫ ଲକ୍ଷ ଠକେଇ

ଭୁବନେଶ୍ୱର,୧୦।୪(ବ୍ୟୁରୋ)

**ମୁଖ୍ୟ ଅଭିଯୁକ୍ତ ଗିରଫ, ମଧ୍ୟସ୍ଥ ଫେରାର**

ଜମି ବିକ୍ରି କରିବା ଆଳରେ ରେଳ କର୍ମଚାରୀଙ୍କଠାରୁ ୫ଲକ୍ଷ ଟଙ୍କା ଠକି ନେଇଥିବା ମୁଖ୍ୟ ଅଭିଯୁକ୍ତଙ୍କୁ ମଞ୍ଚେଶ୍ୱର ଥାନା ପୋଲିସ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ସେ ହେଲେ ଖଣ୍ଡଗିରି ତପୋବନବସ୍ତିର ମୃତ୍ୟୁଞ୍ଜୟ ଜେନା ଓରଫ ବାପି(୩୭)। ଏଥିରେ ସମ୍ପୃକ୍ତ ଟୁକୁ ନାମକ ଜଣେ ମଧ୍ୟସ୍ଥଙ୍କୁ ଧରିବାକୁ ପୋଲିସ ଉଦ୍ୟମ ଚଳାଇଛି।

ସୂଚନା ଅନୁଯାୟୀ, ପୂର୍ବତଟ ରେଲୱେ କଲୋନୀରେ ରହୁଥିବା ବରିଷ୍ଠ ଟେକ୍ନିକାଲ କର୍ମଚାରୀ ଗୋବର୍ଦ୍ଧନ ସିଂ ରାଣା ଭୁବନେଶ୍ୱରରେ ଜମି କିଣିବା ପାଇଁ ଚାହୁଁଥିଲେ। ପୂର୍ବରୁ ପରିଚିତ ଥିବା ଟୁକୁ ତାଙ୍କୁ ନେଇ ଅଭିଯୁକ୍ତ ମୃତ୍ୟୁଞ୍ଜୟଙ୍କ ସହ ଦେଖା କରାଇଥିଲେ। ମୃତ୍ୟୁଞ୍ଜୟ ନିଜକୁ ଜମି ମାଲିକ ସବ୍ୟସାଚୀ ବାରିକ ବୋଲି ପରିଚୟ ଦେଇଥିଲେ। ପରେ ଉଭୟ ଗୋବର୍ଦ୍ଧନଙ୍କୁ ତମାଣ୍ଡୋ ବିଜିପୁର ଅଞ୍ଚଳରେ ଏକ ଜମି ଦେଖାଇଥିଲେ। ଜମି ବାବଦକୁ ୩୮ଲକ୍ଷ ଟଙ୍କା ହୋଇଥିଲା। ଗୋବର୍ଦ୍ଧନ ଏକ ଚୁକ୍ତିପତ୍ର କରି ଏପ୍ରିଲ ୨୯ରେ ୫ଲକ୍ଷ ଆଡ୍‌ଭାନ୍ସ ଦେଇଥିଲେ। ହେଲେ ଜମିର ଅସଲି କାଗଜପତ୍ର ଦେଖିବାକୁ ଚାହିଁବାରୁ ସେମାନେ ଦେଇ ନ ଥିଲେ। ଏପରିକି ମଧ୍ୟସ୍ଥ କରିଥିବା ଟୁକୁ ଫୋନ୍‌ରେ ତାଙ୍କୁ ଗାଳିଗୁଲଜ କରିଥିଲେ। ପରବର୍ତ୍ତୀ ସମୟରେ ଗୋବର୍ଦ୍ଧନ ଜାଣିବାକୁ ପାଇଲେ ଯେ, ମୃତ୍ୟୁଞ୍ଜୟ ହେଉଛନ୍ତି ଜଣେ ବୋଲେରୋ ଡ୍ରାଇଭର। ଉକ୍ତ ଜମିର ପ୍ରକୃତ ମାଲିକ ସବ୍ୟସାଚୀ ବାରିକ ହେଉଛନ୍ତି ଅନ୍ୟଜଣେ। ଦିନେ ସବ୍ୟସାଚୀ ଓ ମୃତ୍ୟୁଞ୍ଜୟଙ୍କ ମଧ୍ୟରେ ସାକ୍ଷାତ ହୋଇଥିଲା। ଏକ ଜମି ବିକ୍ରି କରିବାକୁ ଗ୍ରାହକ ଖୋଜୁଥିବା ସବ୍ୟସାଚୀ ତାଙ୍କୁ କହିଥିଲେ। ଏହା ଜାଣିବା ପରେ ମୃତ୍ୟୁଞ୍ଜୟ ଉକ୍ତ ଜମିର କାଗଜପତ୍ର କଲର ଜେରକ୍ସ କରି ଠକିବାକୁ ଯୋଜନା କରିଥିଲେ। ତେବେ ଠକେଇର ଶିକାର ଗୋବର୍ଦ୍ଧନ ୨୦୨୧ ସେପ୍ଟେମ୍ବର ୯ରେ ମଞ୍ଚେଶ୍ୱର ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୨୬୭/୨୧) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଏହାପରଠାରୁ ଅଭିଯୁକ୍ତ ମୃତ୍ୟୁଞ୍ଜୟ ଓ ଟୁକୁ ଫେରାର୍ ହୋଇଯାଇଥିଲେ।



ଟାଇମ୍ ପାସ୍ ପକ୍ଷରୁ ରବିବାର ହୋଟେଲ ଆର୍ଯ୍ୟ ପ୍ୟାଲେସରେ ଆୟୋଜିତ 'ବହି ବିଷୁବ' ଉତ୍ସବରେ ବିଜୟ ନାୟକଙ୍କ ପୁସ୍ତକ 'ବାଣୀ ବିହାରର ବାଜପେୟୀ'କୁ ନିରଞ୍ଜନ ସାହୁ ଓ ଅନ୍ୟମାନେ ଲୋକାର୍ପିତ କରୁଛନ୍ତି। ନିକଟରେ ଅଛନ୍ତି କାର୍ଯ୍ୟକ୍ରମର ଆବାହକ କବି ସରୋଜ ବଳ।

### ବେଣ୍ଟପୁରରେ ରାମ ନବମୀ

ବାଲିଅନ୍ତା,୧୦।୪(ଡି.ଏନ୍.ଏ.)

ବାଲିଅନ୍ତା ବ୍ଲକ ଅଧୀନ ବେଣ୍ଟପୁର ଗ୍ରାମର ଶ୍ରୀରାମ ମନ୍ଦିରରେ ଶ୍ରୀରାମଙ୍କ ଜନ୍ମୋତ୍ସବ ପାଳିତ ହୋଇଯାଇଛି। ରବିବାର ମନ୍ଦିର ଦ୍ୱାର ଭୋର ୫ଟା ରେ ଖୋଲାଯାଇ ସମସ୍ତ ନୀତି କରାଯାଇଥିଲା। ଆଳତି, ସ୍ୱତନ୍ତ୍ର ବେଶ ପରେ ଶ୍ରୀରାମ, ଲକ୍ଷ୍ମଣ, ସୀତା, ହନୁମାନଙ୍କୁ ରୁପା ମୁକୁଟ ଓ ସୁନା ଚିତା ପିନ୍ଧା ଯାଇଥିଲା। ପରେ କଳସି ସ୍ଥାପନ ସହ ମନ୍ଦିର ପରିସରରେ ଯଜ୍ଞ ଓ ପୂଜା ହୋଇଥିଲା। ଗ୍ରାମର ଆରାଧ୍ୟ ଶ୍ରୀନୀଳକଣ୍ଠେଶ୍ୱର ମନ୍ଦିରରୁ ଶୋଭାଯାତ୍ରା ଯାଇ ଗୁଆ ଉଠାଯାଇଥିଲା। ନୀଳକଣ୍ଠେଶ୍ୱରଙ୍କୁ ବରଣ କରାଯାଇ ପୂଜା ସ୍ଥଳକୁ ଅଣାଯାଇଥିଲା। ପୂଜକ ବିଶମ୍ଭର ପତି ଓ ବ୍ରହ୍ମାନନ୍ଦ ପଣ୍ଡା ସମସ୍ତ ନୀତି ସମ୍ପନ୍ନ କରିଥିଲେ।

## ଶ୍ରୀ ସଞ୍ଜୀବନୀ ତୈଳ ପକ୍ଷରୁ ଲକି ଡ୍ର ବିଜେତା ଘୋଷଣା




ଭୁବନେଶ୍ୱର,୧୦।୪

ଦେଶର ପ୍ରମୁଖ ଆୟୁର୍ବେଦିକ ତଥା ପ୍ରାକୃତିକ ଜଡିବୁଟି ସାମଗ୍ରୀରୁ ପ୍ରସ୍ତୁତ ଶ୍ରୀ ସଞ୍ଜିବନୀ ତୈଳ ପକ୍ଷରୁ କ୍ରେତା ଲକି ଡ୍ର ବିଜେତା ସମ୍ପର୍କରେ ଘୋଷଣା କରାଯାଇଛି। ଏହି ଅବସରରେ କମ୍ପାନୀର ବ୍ରାଣ୍ଡ ଆମ୍ବାସାଡର ତଥା ବଲିଉଡ ଅଭିନେତା କିରଣ କୁମାର ଏବଂ ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କମ୍ପାନୀର ନିର୍ଦ୍ଦେଶକ ହଳଧର ମେହେରଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଏହି ପରିପ୍ରେକ୍ଷୀରେ କମ୍ପାନୀ ପକ୍ଷରୁ ଲକି ଡ୍ର ଉଠାଣ ସହ ବିଜେତାଙ୍କ ନାମ ଘୋଷଣା କରାଯାଇଥିଲା। ପ୍ରଥମ ପୁରସ୍କାର ବିଜେତାଙ୍କୁ ୧ଲକ୍ଷ ଟଙ୍କା ଦିଆଯାଇଥିବା ବେଳେ ୨ୟ ବିଜେତାଙ୍କୁ ଆକର୍ଷଣୀୟ ଏଲଇଡି ଟିଭି ଏବଂ ୩ୟ ବିଜେତାଙ୍କୁ ୱାଶିଂ ମେଶିନ ପ୍ରଦାନ କରାଯାଇଥିଲା। ଏ ସମ୍ପର୍କରେ ଶ୍ରୀ ସଞ୍ଜିବନୀ ତୈଳର ନିର୍ଦ୍ଦେଶକ ହଳଧର ମେହେର କହିଥିଲେ ଯେ, ଏହାର ବ୍ୟବହାର ଫଳରେ ରୋଗୀକୁ ଉପଶମ ମିଳିବା ସହ ଯନ୍ତ୍ରଣାରୁ ମୁକ୍ତି ମିଳିଥାଏ। ଏହାର କୌଣସି ପ୍ରକାରର ପାର୍ଶ୍ୱପ୍ରତିକ୍ରିୟା ନଥାଏ। ବିଶେଷ କରି ଆଣ୍ଠୁ ଗଣ୍ଠି ଓ ଅନ୍ୟ ଦୁରାରୋଗ୍ୟ ଏବଂ ଯନ୍ତ୍ରଣାରୁ ମୁକ୍ତି ପ୍ରଦାନ କରିଥାଏ ବୋଲି ସେ ମତବ୍ୟକ୍ତ କରିଛନ୍ତି।

## ତମନ୍ନାଙ୍କୁ ମିସ୍, ବର୍ଷାଙ୍କୁ ମିସେସ୍ କଳିଙ୍ଗ ସୁନ୍ଦରୀ ମୁକୁଟ

ଭୁବନେଶ୍ୱର,୧୦।୪ (ବ୍ୟୁରୋ)

କଳିଙ୍ଗ ଗୌରବ ପକ୍ଷରୁ ରବିବାର ମିସ୍ କଳିଙ୍ଗ ସୁନ୍ଦରୀର ଷଷ୍ଠ ସଂସ୍କରଣ ଓଡ଼ିଶୀ ରିସର୍ଚ୍ଚ ସେଣ୍ଟରଠାରେ ଆୟୋଜିତ ହୋଇଯାଇଛି। କରୋନା ମହାମାରୀ କାରଣରୁ ଏହାର ଅଡିସନ ଭର୍ଚୁଆଲ୍‌ରେ କରାଯାଇଥିଲା, ଯେଉଁଥିରେ ୫୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ତନ୍ମଧ୍ୟରୁ ଶେଷ ପର୍ଯ୍ୟାୟକୁ ଉତ୍ତୀର୍ଣ୍ଣ ହୋଇଥିବା ୨୦ଜଣ ପ୍ରତିଯୋଗୀଙ୍କ ମଧ୍ୟରୁ ମିସ୍ ଏବଂ ମିସେସ୍ କଳିଙ୍ଗ ସୁନ୍ଦରୀ ଚୟନ କରାଯାଇଥିଲା। ତମନା ଦାସ 'ମିସ୍ କଳିଙ୍ଗ ସୁନ୍ଦରୀ' ହୋଇଥିବା ବେଳେ ରିତୁ ଶର୍ମା ଫାଷ୍ଟ ରନର୍ସ ଅପ୍ ଓ ରସନି ନାୟକ ଦ୍ୱିତୀୟ ରନର୍ସ ଅପ୍ ହୋଇଛନ୍ତି। ସେହିପରି ମିସେସ୍ କଳିଙ୍ଗ ସୁନ୍ଦରୀ ମୁକୁଟ ବର୍ଷା ମୋହିନୀ ଦାସ ପିନ୍ଧିଥିବାବେଳେ ଡ. ପୂଜା ଦିୱାନ ଫାଷ୍ଟ ରନର୍ସ ଅପ ଓ ଆରଜେ ଗୁଞ୍ଜୀ ସେକେଣ୍ଡ ରନର୍ସ ଅପ୍ ହୋଇଥିଲେ। କାର୍ଯ୍ୟକ୍ରମରେ ଆଦି ରାଣୀର ସ୍ୱତନ୍ତ୍ର ସଂସ୍କରଣ ଉନ୍ମୋଚିତ ହୋଇଥିଲା। ଏହାସହ ମହିଳାଙ୍କୁ ସମ୍ମାନ ଦେବା ଉଦ୍ଦେଶ୍ୟରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ମହିଳାମାନଙ୍କୁ ୨୮ଟି ଶ୍ରେଣୀରେ ଆଇ ୱିମେନ୍ ସବ୍‌ଷ୍ଟାନ୍ସ ଆୱାର୍ଡ଼ସ୍ ୨୦୨୨ ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ଅତିଥି ଭାବେ ଭୁବନେଶ୍ୱର ମେୟର ସୁଲୋଚନା ଦାସ, ଆଇଏଏସ୍ ଆଇଏଏସ ଅଫିସର ଦିଲୀପ ରାଉତରାୟ, ପିପିଲି ବିଧାୟକ ରୁଦ୍ର ପ୍ରତାପ ମହାରଥୀ, ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟର ଉପକୁଳପତି ଡ. ପ୍ରଫେସର ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି, ଜେସ୍‌ୱାଲ୍ ନେକୋ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍‌ର ମୁଖ୍ୟ ଲୋକ ସମ୍ପର୍କ ଅଧିକାରୀ ଦିଲୀପ ମହାନ୍ତି, ମୁରାରିକା ଗ୍ରୁପ ଅଫ୍ ଇଣ୍ଡଷ୍ଟ୍ରିଜ୍‌ର ମୁଖ୍ୟ ନିର୍ଦ୍ଦେଶକ ସୁନୀଲ ମୁରାରକା, ଟିମ୍ ଆଡ୍‌ମାର୍କର ଏମ୍‌ଡି ନିଶିକାନ୍ତ ମିଶ୍ର, ଜାଭିୟର ଗ୍ରୁପ ଅଫ୍ ସ୍କୁଲର ଚେୟାରମ୍ୟାନ ଡ. ବଦ୍ରି ପଟ୍ଟନାୟକ, ଅବସରପ୍ରାପ୍ତ ଓଏଏସ୍ ଅଫିସର ବିନୋଦ କୁମାର ପଣ୍ଡା, ଡ. ଚିଦାତ୍ମିକା ଖଟୁଆ ପ୍ରମୁଖ ଯୋଗ ଦେଇଥିଲେ।

## ନିର୍ମାଣାଧୀନ ପ୍ରକଳ୍ପ ବୁଲି ଦେଖିଲେ ମେୟର

ଭୁବନେଶ୍ୱର,୧୦।୪ (ବ୍ୟୁରୋ)

ନବ ନିର୍ବାଚିତ ମେୟର ସୁଲୋଚନା ଦାସ ଦାୟିତ୍ୱ ଗ୍ରହଣ ପରେ ବିଏମ୍‌ସିର ବିଭିନ୍ନ ପ୍ରକଳ୍ପର ପରିଦର୍ଶନ କରିଛନ୍ତି। ରବିବାର ଅପରାହ୍ନ ସମୟରେ ବାସୁଆଘାଇଠାରେ ନିର୍ମାଣାଧୀନ ଦୁଇଟି ପ୍ରକଳ୍ପ ଫେକାଲ ସ୍ଲେଜ୍ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ (ଏଫ୍‌ଏସ୍‌ଟିପି) ଏବଂ ସ୍ୱରେଜ୍ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ (ଏସ୍‌ଟିପି)ର ମୂଲ୍ୟାଙ୍କନ କରିଥିଲେ। ପ୍ରଥମ ବାସୁଆଘାଇର ଏସ୍‌ଟିପି ପରିଦର୍ଶନ କରି ମୁଖ୍ୟ ପମ୍ପ ହାଉସ, ଟ୍ରିଟ୍‌ମେଣ୍ଟ ପ୍ରୋସେସ୍, ଲାବୋରେଟୋରି ଏବଂ ଏହାର ଆଖପାଖ ଅଞ୍ଚଳ ପରିଦର୍ଶନ କରିଥିଲେ। ଏହି ପ୍ଲାଣ୍ଟର ଦୈନିକ କ୍ଷମତା ୨୮ ନିୟୁତ ଲିଟର ରହିଛି। ବର୍ତ୍ତମାନ ଏହା ୬ଟି ପମ୍ପିଂ ଷ୍ଟେଶନକୁ ଜଳ ଯୋଗାଉଥିବାବେଳେ ଜୁନ୍ ସୁଦ୍ଧା ଆଉ ୬ଟି ପମ୍ପିଂ ଷ୍ଟେଶନର କାର୍ଯ୍ୟ ସମାପ୍ତ ହେବ। ସମ୍ପୃକ୍ତ ଅଞ୍ଚଳରେ ଥିବା ଏଫ୍‌ଏସ୍‌ଟିପିକୁ ମଧ୍ୟ ପରିଦର୍ଶନ କରି ପ୍ଲାଣ୍ଟର କାର୍ଯ୍ୟକାରିତା ସମ୍ପର୍କରେ ପଚାରି ବୁଝିଥିଲେ। ଡେପୁଟି କମିଶନର (ପରିମଳ) ଶୁଭେନ୍ଦୁ ସାହୁ, ୫୮ ନଂ. ୱାର୍ଡ ନମିତା ମହାପାତ୍ର, ୱାଟ୍‌କୋ ଅଧିକାରୀ ଭରତ ଦଳାଇ, ଅଶୋକ ସାହୁ ଏବଂ ଆସିଷ୍ଟାଣ୍ଟ ମ୍ୟାନେଜର ପ୍ରଭାତ ପଣ୍ଡା ଉପସ୍ଥିତ ଥିଲେ।

## ବୁଷ୍ଟର ଡୋଜ ମାଗଣା ଦେବାକୁ ଦାବି

ଭୁବନେଶ୍ୱର,୧୦।୪ (ବ୍ୟୁରୋ)

କରୋନା ବୁଷ୍ଟର ଡୋଜ୍ ଟିକା ଯୋଗ୍ୟ ହିତାଧିକାରୀଙ୍କୁ ଦେବା ପାଇଁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପାଖରେ ଦାବି କରିଛନ୍ତି ସମାଜବାଦୀ ପାର୍ଟିର ରାଜ୍ୟ ସଭାପତି ରବି ବେହେରା । ସେ କହିଛନ୍ତି, ରବିବାରଠାରୁ ୧୮ ବର୍ଷରୁ ଊର୍ଦ୍ଧ୍ୱ ସମସ୍ତ ପ୍ରାପ୍ତ ବୟସ୍କଙ୍କୁ ବୁଷ୍ଟର ଡୋଜ ଟିକା ଦେବା ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି। ଏଥିପାଇଁ ଟିକାର ମୂଲ୍ୟ ୨୨୫ ଟଙ୍କା ଧାର୍ଯ୍ୟ କରିଥିବାବେଳେ ଏହା ଗରିବଙ୍କ ପାଇଁ ଉଦ୍ଦିଷ୍ଟ ନୁହେଁ ବୋଲି ସେ କହିଛନ୍ତି। ଓଡ଼ିଶାରେ ଯେଉଁମାନେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଅନ୍ତର୍ଭୁକ୍ତ ହୋଇଛନ୍ତି କିମ୍ବା ୩ କୋଟି ୨୫ ଲକ୍ଷ ଲୋକ ସରକାରଙ୍କ ଖାଦ୍ୟ ସୁରକ୍ଷା ଯୋଜନାରୁ ଉପକୃତ ହେଉଛନ୍ତି, ସେ ସମସ୍ତଙ୍କୁ ବୁଷ୍ଟର ଡୋଜ ଟିକା ମାଗଣାରେ ଯୋଗାଇ ଦିଆଯାଉ। ଅତୀତରେ ସରକାର ସମସ୍ତଙ୍କୁ କରୋନା ଟିକା ମାଗଣାରେ ଦେଇ ଯେଉଁ ଉଦାହରଣ ସୃଷ୍ଟି କରିଛନ୍ତି, ବୁଷ୍ଟର ଡୋଜ କ୍ଷେତ୍ରରେ ମଧ୍ୟ ସେପରି ହେଉ।

## ଓଡ଼ିଶା ଘରୋଇ ହୋମିଓପାଥିକ୍ ଚିକିତ୍ସକ ସଂଘର ବାର୍ଷିକ ସମ୍ମିଳନୀ



ବାର୍ଷିକ ସମ୍ମିଳନୀରେ ଯୋଗଦେଇଥିବା ଅତିଥିବୃନ୍ଦ।

କଟକ ଅଫିସ, ୧୦।୪

ସାମୁଏଲ ହ୍ୟାନିମାନ୍‌ଙ୍କ ଜୟନ୍ତୀ ଅବସରରେ କଟକ ଶହୀଦ ଭବନରେ ଓଡ଼ିଶା ଘରୋଇ ହୋମିଓପାଥିକ୍ ଚିକିତ୍ସକ ସଂଘର ୭ମ ବାର୍ଷିକୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଡା. ପ୍ରଦୀପ ରାଓ ମୁଖ୍ୟ ଅତିଥି, ଆଇନଜୀବୀ ରମଣୀକାନ୍ତ ପଟ୍ଟନାୟକ ମୁଖ୍ୟବକ୍ତା, ଡା. ବିଚିତ୍ରାନନ୍ଦ ସ୍ୱାଇଁ ସମ୍ମାନିତ ଅତିଥି ଓ ମୁଖ୍ୟ ପରାମର୍ଶଦାତା ନୀହାର ରଞ୍ଜନ ବିଶ୍ୱାଳ ଯୋଗଦେଇ ହ୍ୟାନିମାନଙ୍କ ଫଟୋଚିତ୍ର ନିକଟରେ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ସଂଘ ପକ୍ଷରୁ ଏହି ଦିବସର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରାଯାଇଥିଲା। ଏଥିସହ କୋଭିଡ ମହାମାରୀରେ ମୃତ୍ୟୁ ଘଟିଥିବା ସଂଘର ଆଜୀବନ ସଦସ୍ୟମାନଙ୍କ ଉଦ୍ଦେଶ୍ୟରେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ସାଧାରଣ ସମ୍ପାଦକ ପ୍ରଫୁଲ୍ଲ କୁମାର ବାରିକ ବିବରଣୀ ପାଠ କରିଥିବାବେଳେ କୋଷାଧ୍ୟକ୍ଷ ମହେନ୍ଦ୍ର କୁମାର ସାହୁ ୨୦୧୪–୧୫ଠାରୁ ୨୦୨୧–୨୨ ପର୍ଯ୍ୟନ୍ତ ଆୟବ୍ୟୟର ହିସାବ ପ୍ରଦାନ କରିଥିଲେ। ସଭାପତି ନେତ୍ରାନନ୍ଦ ଭୋଇ ଆସୋସିଏଶନର ଆଗାମୀ କାର୍ଯ୍ୟପନ୍ଥା ଉପରେ ସୂଚନା ଦେଇଥିଲେ। ଏହି ଅବସରରେ ସଂଘର ନବ ନିର୍ବାଚିତ କର୍ମକର୍ତ୍ତାମାନଙ୍କ ନାମ ଘୋଷଣା କରାଯାଇଥିଲା। ସଭାପତି ଭାବେ ନେତ୍ରାନନ୍ଦ ଭୋଇ, ଉପସଭାପତି ଜଗନ୍ନାଥ ଦାଶ, ସାଧାରଣ ସମ୍ପାଦକ ପ୍ରଫୁଲ୍ଲ କୁମାର ବାରିକ, ସମ୍ପାଦକ ଗୁରୁଚରଣ ସାହୁ, କୋଷାଧ୍ୟକ୍ଷ ମହେନ୍ଦ୍ର କୁମାର ସାହୁ, ସାଙ୍ଗଠନିକ ସମ୍ପାଦକ ଭାବେ କେଶବ ଚନ୍ଦ୍ର ତ୍ରିପାଠୀ, କପିଳେନ୍ଦ୍ର ଗିରି, ସୁଶାନ୍ତ କୁମାର ଜେନା ଓ ସୁଜିତ୍ ପ୍ରଧାନଙ୍କ ନାଁ ଘୋଷଣା ହୋଇଥିଲା। ସେହିପରି ରାଜ୍ୟ କାର୍ଯ୍ୟକାରିଣୀ କମିଟି ସଦସ୍ୟ ପୂର୍ଣ୍ଣଚନ୍ଦ୍ର ରାଉତରାୟ, ଅନନ୍ତ ନାରାୟଣ ସାହୁ, ଅଶୋକ କୁମାର ଆଚାର୍ଯ୍ୟ, କାଳିପ୍ରସନ୍ନ ରାଉତ, ବିକାଶ ମହାନ୍ତି, ଶର୍ମିଷ୍ଠା ମହାପାତ୍ର, କୃତୀବାସ ପ୍ରଧାନ, ରାଜେନ୍ଦ୍ର ମହାରଣା ଓ ସୁଧାଂଶୁ ଭୂଷଣ ନନ୍ଦଙ୍କ ନାମ ଘୋଷଣା ହୋଇଥିଲା। ରଞ୍ଜିତ ଆଚାର୍ଯ୍ୟ ସଭାକାର୍ଯ୍ୟ ପରିଚାଳନା ଓ ନାରାୟଣ ବିଶୋଇ ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବହୁ ସଦସ୍ୟ, କମ୍ପାନୀ ମ୍ୟାନେଜର ଏବଂ ମେଡିସିନ ରିପ୍ରେଜେଣ୍ଟେଟିଭମାନେ ଉପସ୍ଥିତ ଥିଲେ।

### ନିର୍ବାଚିତ କର୍ମକର୍ତ୍ତାଙ୍କ ନାମ ଘୋଷଣା

## ମୁଖ୍ୟମନ୍ତ୍ରୀଙ୍କ ସ୍ୱପ୍ନର ଭୁବନେଶ୍ୱରକୁ ବାସ୍ତବ ରୂପ ଦେବି : ସୁଲୋଚନା

**ସ୍ମାର୍ଟ ସିଟି ଭୁବନେଶ୍ୱରର ପ୍ରଥମ ମହିଳା ମେୟର ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି ସୁଲୋଚନା ଦାସ। ସାମ୍ବାଦିକତାରୁ କ୍ୟାରିୟର ଆରମ୍ଭ କରିବା ପରେ ରାଜନୀତିରେ ପାଦ ଥାପିଥିଲେ। ପ୍ରଥମେ କଂଗ୍ରେସ ଓ ପରେ ବିଜେଡିରେ ସାମିଲ ହୋଇଥିଲେ। ପ୍ରଥମଥର ପାଇଁ ନିର୍ବାଚନରେ ଭାଗ ନେଇ ସେ ମେୟର ମୁକୁଟ ପିନ୍ଧିବାର ସୌଭାଗ୍ୟ ଅର୍ଜନ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ତାଙ୍କ ସ୍ୱପ୍ନର ଭୁବନେଶ୍ୱରକୁ ବାସ୍ତବ ରୂପ ଦେବା ପାଇଁ ସେ ପ୍ରତିଜ୍ଞାବଦ୍ଧ ବୋଲି କହିଛନ୍ତି। ତେବେ ଏହାକୁ ସାକାର କରିବା କେତେ ଆହ୍ୱାନପୂର୍ଣ୍ଣ ହେବ, ସେ ସମ୍ପର୍କରେ ସୁଲୋଚନାଙ୍କ ସହ ଧରିତ୍ରୀର ସ୍ୱତନ୍ତ୍ର ସାକ୍ଷାତ୍‌କାର।**



ସୁଲୋଚନା ଦାସ, ମେୟର, ଭୁବନେଶ୍ୱର

**▸▸ଭୁବନେଶ୍ୱରବାସୀଙ୍କ ଆଶା ଓ ବିଶ୍ୱାସକୁ କିପରି ରକ୍ଷା କରିବେ?**

ଉତ୍ତର– ଲୋକଙ୍କ ମେୟର ଭାବେ ମୋର ଦାୟିତ୍ୱ ହେଉଛି ସେମାନଙ୍କ ପାଖରେ ପହଞ୍ଚିବା ଓ ତାଙ୍କ ପାଇଁ କାମ କରିବା। ଭୁବନେଶ୍ୱରକୁ ଏକ ଉଦୀୟମାନ ଆଧୁନିକ ସହରରେ ପରିଣତ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ସ୍ୱପ୍ନ ରହିଛି। ଏହାକୁ କିପରି ସାରିବି ଏବଂ ଆରମ୍ଭ ହୋଇ ନ ଥିବା ପ୍ରୋଜେକ୍ଟକୁ ଯଥାଶୀଘ୍ର ଆରମ୍ଭ କରିବାକୁ ଚେଷ୍ଟା କରିବି। ଏଥିପାଇଁ ସମସ୍ତଙ୍କ ସହଯୋଗ ନିତାନ୍ତ ଆବଶ୍ୟକ।

**▸▸ମହିଳାଙ୍କ ହାତରେ ଶାସନ। ଆପଣଙ୍କ ମତ କ'ଣ?**

ଉତ୍ତର– ମୁଁ, ମୋ ଦଳ କିମ୍ବା ଦଳର ନେତା, କେବେ ବି ମହିଳାଙ୍କୁ କମ୍ ବୋଲି ଭାବି ନାହୁଁ। ମୁଁ ଏକା ନୁହେଁ, ବିଏମ୍‌ସିରେ ୪୧ ମହିଳା କର୍ପୋରେଟର ଅଛନ୍ତି। ବହୁ ୱାର୍ଡରେ ଅଣସଂରକ୍ଷିତ ଥାଇ ମଧ୍ୟ ମହିଳାମାନେ ପୁରୁଷ ପ୍ରତିଦ୍ୱନ୍ଦ୍ୱୀଙ୍କୁ ହରାଇ ବିଜୟୀ ହୋଇଛନ୍ତି। ଆମ ପାଖରେ ଯଥେଷ୍ଟ ଦକ୍ଷତା, ଆନ୍ତରିକତା ରହିଛି। ପୁରୁଷ ମେୟର ଯାହା କରିପାରିଥାନ୍ତେ, ତାହାଠାରୁ ଆମେ ଅଧିକ କରି ଦେଖାଇପାରିବୁ।

**▸▸ସାମ୍ବାଦିକରୁ ମେୟର, କ'ଣ କହିବେ?**

ଉତ୍ତର– ଏତିକି କହିବି ପ୍ରତି କ୍ଷେତ୍ରରେ ସାମ୍ବାଦିକତା ସାହାଯ୍ୟ କରିଛି। ସବୁ ଜିନିଷକୁ ଟିକେ ନିରେଖିକି ଦେଖିବା, ସବୁ ଜିନିଷକୁ ଆଲୋଚନା ପର୍ଯ୍ୟାଲୋଚନା କରିବାର ଅଭ୍ୟାସ ମୋର ରହିଛି। ଏହା ମୋତେ ଲୋକଙ୍କ ସହିତ ମିଶିବାରେ ସାହାଯ୍ୟ କରେ। ଯିଏ ଥରେ ସାମ୍ବାଦିକ ହୋଇଛି ସେ ଜୀବନସାରା ଜଣେ ସାମ୍ବାଦିକ ହୋଇ ରହିଯାଏ।

**▸▸ବିଏମ୍‌ସି ଲୋକଙ୍କ ପାଖକୁ ଯିବା ଏହାକୁ କିପରି କାର୍ଯ୍ୟକାରୀ କରିବେ?**

ଉତ୍ତର– ପ୍ରତି ୱାର୍ଡ ସ୍ତରରେ ପବ୍ଲିକ୍ ୟୁଟିଲିଟି ସେଣ୍ଟର କରି ସବୁ ସମସ୍ୟାର ସମାଧାନ ସେହିଠାରେ ହେବ। ମେୟର ଓ କର୍ପୋରେଟର ନିଜ ୱାର୍ଡ ପରିଦର୍ଶନ କରି ଲୋକଙ୍କ ସହିତ ମିଶିବେ। ୱାର୍ଡ ଅଫିସର ଲୋକଙ୍କ ସହିତ ଯୋଗାଯୋଗରେ ରହିବେ।

**▸▸ଜଳବନ୍ଦୀ ସମସ୍ୟାର ସମାଧାନ ପାଇଁ କ'ଣ ଯୋଜନା ରହିଛି?**

ଉତ୍ତର– ସହରରେ ଜଳବନ୍ଦୀ ସମସ୍ୟାର ସମାଧାନ ପାଇଁ ବହୁ ଜାଗାରେ ଡ୍ରେନ୍, ସ୍ୱେରେଜ କାମ ଚାଲିଛି। ବିଏମ୍‌ସି ପକ୍ଷରୁ ୭୦ରୁ ଊର୍ଦ୍ଧ୍ୱ ଜଳବନ୍ଦୀ ସ୍ଥାନ ଚିହ୍ନଟ କରାଯାଇ ଆବଶ୍ୟକ ପଦକ୍ଷେପ ନିଆଯାଉଛି। ଉକ୍ତ ସ୍ଥାନରେ ସ୍ଥାୟୀ ପମ୍ପିଂ ଷ୍ଟେଶନ ବସାଯିବା ସହ ଅନ୍ୟ କାର୍ଯ୍ୟ ହେବ। ସମସ୍ତ କର୍ପୋରେଟରଙ୍କ ସହ ଆଲୋଚନା କରାଯିବ ପରେ ବିଭିନ୍ନ ବିଭାଗ ସହିତ ସମନ୍ୱୟ ରକ୍ଷା କରି କାମ କରିବୁ।

**▸▸ଗଣେଶ ବଜାର ଉଚ୍ଛେଦ ସମ୍ପର୍କରେ କ'ଣ କହିବେ?**

ଉତ୍ତର– ଘଟଣା ସମ୍ପର୍କରେ ମୁଁ ସଂକ୍ଷିପ୍ତରେ ଜାଣିଛି। ଆଲୋଚନା ପରେ ହିଁ କିଛି କହି ପାରିବି। ବିରୋଧୀ ଦଳ ଅଭିଯୋଗ କରିବେ। ମାତ୍ର ଘଟଣା ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ବିଷୟରେ ନ ଜାଣି କିଛି କହିପାରିବି ନାହିଁ।

**▸▸ ଭୁବନେଶ୍ୱରରେ ମହିଳାଙ୍କୁ ସଶକ୍ତ କରିବା ପାଇଁ କିଛି ଯୋଜନା ଅଛି କି?**

ଉତ୍ତର– ମହିଳାମାନେ ଆରମ୍ଭରୁ ସଶକ୍ତ। ଅର୍ଥନୈତିକ ଦୃଷ୍ଟିରୁ ସେମାନେ ସୁଦୃଢ଼ ହୋଇ ପାରୁଛନ୍ତି। ଓଡ଼ିଶାର ଇତିହାସରେ ମହିଳାଙ୍କୁ ପ୍ରାଧାନ୍ୟ ଦିଆଯାଇଛି। ଆବଶ୍ୟକ ପଡିଲେ ଭୁବନେଶ୍ୱରରେ ମହିଳାଙ୍କ ପାଇଁ ଆହୁରି ଅଧିକ ୱାର୍କିଂ ହଷ୍ଟେଲ ନିର୍ମାଣ କରିବା ପାଇଁ ଚେଷ୍ଟା କରିବି। ଏଥିସହ ସେମାନଙ୍କ ୱାର୍କ କଲ୍‌ଚର କିଭଳି ଭଲ ରହିବ ସେ ନେଇ ସୁଯୋଗ ସୃଷ୍ଟି କରିବାକୁ ଚେଷ୍ଟା କରିବି।

**▸▸ ୫ବର୍ଷ ପରେ ଭୁବନେଶ୍ୱରକୁ ଲୋକେ କେଉଁ ରୂପରେ ଦେଖିବାକୁ ପାଇବେ?**

ଉତ୍ତର– ଭୁବନେଶ୍ୱରକୁ ଏକ ଭାଇବ୍ରାଣ୍ଟ ସିଟିରେ ପରିଣତ କରିବାର ଲକ୍ଷ୍ୟ ମୁଖ୍ୟମନ୍ତ୍ରୀଙ୍କର ରହିଛି। ସହରକୁ ବିଶ୍ୱସ୍ତରୀୟ କରିବାକୁ ଚେଷ୍ଟା କରାଯିବ। ବିଶ୍ୱର ଯେଉଁ କୋଣ ଅନୁକୋଣରେ ରହିଲେ ବି ଭୁବନେଶ୍ୱରର ଲୋକେ ନିଜ ସହରକୁ ନେଇ ଗର୍ବ କରିବେ।

**ନଦୀରେ ବୁଡ଼ି ବୃଦ୍ଧଙ୍କ ମୃତ୍ୟୁ**

ନିମାପଡ଼ା,(ଡି.ଏନ୍.ଏ.): ଧନୁଆଁ ନଦୀରେ ବୁଡ଼ି ରବିବାର ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ସେ ହେଲେ ନିମାପଡ଼ା ଥାନା ଅନ୍ତର୍ଗତ ଗଡ଼ତୋରିହଁ ଗ୍ରାମର ଆର୍ତ୍ତବନ୍ଧୁ ସାହୁ(୬୫)। ସକାଳେ ଆର୍ତ୍ତବନ୍ଧୁ ଶୌଚ ପାଇଁ ଗ୍ରାମ ନିକଟ ନଦୀକୁ ଯାଇଥିଲେ। ସେଠାରେ କୌଣସି କାରଣରୁ ସେ ବୁଡ଼ିଯାଇଥିଲେ। ପରିବାରଲୋକେ ପହଞ୍ଚି ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ନିମାପଡ଼ା ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ପୋଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଚାରିଛକ ମେଡିକାଲକୁ ପଠାଇଥିଲା। ଏନେଇ ମୃତକଙ୍କ ପୁଅ ସୁବାସ ଚନ୍ଦ୍ର ସାହୁଙ୍କ ଅଭିଯୋଗକ୍ରମେ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୧୦/୨୨)ରୁଜୁ କରି ତଦନ୍ତ ଚଳାଇଛି। ଅନ୍ୟପଟେ ପୂର୍ବରୁ ଆର୍ତ୍ତବନ୍ଧୁ ବାତ ରୋଗରେ ପୀଡ଼ିତ ଥିଲେ ବୋଲି ତାଙ୍କ ପୁଅ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି।

# ଚକରେ ଫାଟ, ପୁଣି ଅଟକିଲା ରଥ

## ଶ୍ରୀଲିଙ୍ଗରାଜଙ୍କ ରୁକୁଣା ରଥଯାତ୍ରା

ପୁରୁଣା ଭୁବନେଶ୍ୱର, ୧୦।୪(ଡି.ଏନ୍.ଏ.)



ଅଶୋକାଷ୍ଟମୀ ଅବସରରେ ପ୍ରଭୁ ଶ୍ରୀଲିଙ୍ଗରାଜ, ଭଉଣୀ ରୁକୁଣା ଦେବୀ ଓ ପ୍ରଭୁ ଦୋଳଗୋବିନ୍ଦ ରୁକୁଣା ରଥରେ ରାମେଶ୍ୱର ମନ୍ଦିର ଅଭିମୁଖେ ଯାତ୍ରା କରିଥିବା ବେଳେ ସନ୍ଧ୍ୟା ହୋଇଯିବାରୁ ରଥ ତିନିମୁଣ୍ଡିଆ ଛକରେ ଅଟକିରହିଥିଲା। ରବିବାର ମନ୍ଦିରରେ ଭୋଗମଣ୍ଡପ ସରିବା ପରେ ରଥରେ ସକାଳ ଧୂପ କରାଯାଇ ଅପରାହ୍ନ ୪ଟାରେ ରଥଟଣା ଆରମ୍ଭ ହୋଇଥିଲା। ସନ୍ଧ୍ୟା ୬ଟା ୧୦ରେ ଅସୁରକିଆରୀଠାରେ ରଥରେ ପୂଜା କରାଯାଇଥିଲା। ୬ଟା ୨୦ରେ ପୁଣି ରଥଟଣା ଆରମ୍ଭ ହୋଇଥିଲା। କିଛି ବାଟ ଯିବା ପରେ ରଥର ଆଗ ଚକ ଜାମ୍ ହୋଇଯାଇଥିଲା। ବେହେରା ସେବାୟତମାନେ ଚକରେ ବିଭିନ୍ନ ପ୍ରଲେପ ଦେଇଥିଲେ ମଧ୍ୟ ଚକ ଗଡ଼ି ନ ଥିଲା। ଅନ୍ୟପଟେ ରାସ୍ତା ଦବି ଯିବାରୁ ଚକ ଫସିଯାଇଥିଲା। ଫଳରେ ଚକରେ ଫାଟ ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଛି। ସୂର୍ଯ୍ୟାସ୍ତ ହୋଇଯାଇଥିବାରୁ ରଥ କାଳଶି ରଥ ନ ଟାଣିବାକୁ ନିର୍ଦ୍ଦେଶ ଦେଇଥିଲେ। ଫଳରେ ଗୋସାଗରେଶ୍ୱର ଛକର ଅନତି ଦୂରରେ ରଥ ଅଟକି ରହିଛି। ସୋମବାର ପୁନଃ ରଥ ରାମେଶ୍ୱର ମନ୍ଦିର ଅଭିମୁଖେ ଯାତ୍ରା କରିବା ନେଇ ମନ୍ଦିର ପ୍ରଶାସନ ପକ୍ଷରୁ କୁହାଯାଇଛି। ସୂଚନାଥାଉ କି, ପ୍ରବଳ ଖରା ସତ୍ତ୍ୱେ ରବିବାର ଶତାଧିକ ଶ୍ରଦ୍ଧାଳୁ ଭକ୍ତିମୟ ପରିବେଶ ମଧ୍ୟରେ ରଥ ଟାଣିବାକୁ ଅପେକ୍ଷା କରି ରହିଥିଲେ। ଅଳ୍ପ ସମୟ ରଥ ଟଣା ଯୋଗୁ ଶ୍ରଦ୍ଧାଳୁମାନେ ନିରାଶ ହୋଇ ଫେରିଥିଲେ। ଗୋଟିଏ ଦିନରେ ରଥ ଟଣାଯାଇ ରାମେଶ୍ୱର ମନ୍ଦିରରେ ଲାଗିବାର ନିୟମ ଥିବା ବେଳେ ଏହା ହୋଇପାରି ନାହିଁ। ଏହି ୫ଦିନିଆ ରଥଯାତ୍ରାରେ ରଥ ରାମେଶ୍ୱର ମନ୍ଦିରରେ ପହଞ୍ଚିବାକୁ ୩ଦିନ ଲାଗିବା ନେଇ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି।

### ଏମାନେ କ'ଣ କୁହନ୍ତି

“ମନ୍ଦିର ପ୍ରଶାସନ ଓ ଜିଲା ପ୍ରଶାସନର ସମନ୍ୱୟ ଅଭାବରୁ ବ୍ୟତିକ୍ରମ ଦେଖାଦେଉଛି। ତରବରିଆ ଭାବେ ରଥ ନିର୍ମାଣ ହୋଇଥିବା ବେଳେ ଯେଉଁ ସମୟରେ ରଥ ମନ୍ଦିର ପ୍ରଶାସନକୁ ହସ୍ତାନ୍ତର କରାଯାଉଛି, ଉକ୍ତ ସମୟରେ ଯାଞ୍ଚ କରାଯାଉନାହିଁ।

**–ବିରଞ୍ଚି ନାରାୟଣ ପତି, ବ୍ରାହ୍ମଣ ନିଯୋଗ ସମ୍ପାଦକ**

“୨୦୧୯ ମସିହା ପରେ ପୁଣି ଚଳିତ ବର୍ଷ ଏହି ବ୍ୟତିକ୍ରମ ଦେଖାଦେଇଛି। ଏଥିପାଇଁ ମନ୍ଦିର ପ୍ରଶାସନ ଦାୟୀ। ରାମନବମୀ ଅବସରରେ ରାମେଶ୍ୱର ମନ୍ଦିରରେ ଭକ୍ତମାନେ ଶ୍ରୀଲିଙ୍ଗରାଜଙ୍କୁ ଦର୍ଶନ କରିଥାନ୍ତି। କିନ୍ତୁ ଚଳିତ ବର୍ଷ ବ୍ୟତିକ୍ରମ ଯୋଗୁ ଶ୍ରଦ୍ଧାଳୁମାନେ ବଞ୍ଚିତ ହୋଇଛନ୍ତି।

**–ନରସିଂହ ଖୁଣ୍ଟିଆ, ରଥ କାଳଶି**

“ଶ୍ରୀଲିଙ୍ଗରାଜଙ୍କ ରୁକୁଣା ରଥ ଦ୍ୱିତୀୟ ଦିନରେ ମଧ୍ୟ ରଥଦାଣ୍ଡରେ ଅଟକି ରହିଛି। ଏହି ବ୍ୟତିକ୍ରମ ୨୦୧୯ ମସିହାରେ ହୋଇଥିବା ବେଳେ ଚଳିତ ବର୍ଷ ମଧ୍ୟ ହୋଇଛି। ତରବରିଆ ଭାବେ ରାସ୍ତା ନିର୍ମାଣ, ସ୍ୱେରେଜ ସଂଯୋଗ ସ୍ଥାନରେ ରଥ ଚକ ଦବିଯିବା ପାଇଁ ପ୍ରଶାସନ ଦାୟୀ।

**–ଦୀପକ ମାର୍ଥା, ସ୍ଥାନୀୟ ବାସିନ୍ଦା**

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ରାହୁଲ



@ ଶ୍ରୀକାନ୍ତ



@ କୁନା



@ ପ୍ରବୀର



@ ସଦାଶିବ

## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ବ୍ଲକସ୍ତରୀୟ ବିଜ୍ଞାନ, ଗଣିତ ଓ ପରିବେଶ ପ୍ରଦର୍ଶନୀ, ବିଜେବି ହାଇସ୍କୁଲ, ପୂର୍ବାହ୍ନ ୯ଟା।
- ଦି ସିଲିଭର୍ସ ବରିଷ୍ଠ ନାଗରିକ ସଂଘ, ଭିଏସ୍ଏସ୍ ନଗର, ଭୁବନେଶ୍ୱର ଓ ଚେତନା ସ୍ୱତନ୍ତ୍ର ଶିକ୍ଷା ମହାବିଦ୍ୟାଳୟ ମିଳିତ ଆନୁକୂଲ୍ୟରେ ଏକ ସେମିନାର, ଚେତନା ସ୍ୱତନ୍ତ୍ର ଶିକ୍ଷା ମହାବିଦ୍ୟାଳୟ ସେମିନାର ହଲ୍, ପୂର୍ବାହ୍ନ ୧୦ଟା।
- ଡ. ସାମୁଏଲ ହନେମାନଙ୍କ ୨୬୭ତମ ଜନ୍ମ ବାର୍ଷିକୀ, ଡ. ଅଭିନ ଚନ୍ଦ୍ର ହୋମିଓପାଥିକ ମେଡିକାଲ କଲେଜ ପରିସରରେ, ପୂର୍ବାହ୍ନ ୧୧ଟା।
- ତ୍ରିଧର ପକ୍ଷରୁ ଏକାଇକା ଓଡିଶୀ ନୃତ୍ୟ ଉତ୍ସବ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।

ବାଲିଅନ୍ତା

- ବ୍ଲକସ୍ତରୀୟ ବିଜ୍ଞାନମେଳାସ ସତ୍ୟଭାମାପୁର ନୋଡାଲ ହାଇସ୍କୁଲ, ପୂର୍ବାହ୍ନ ୯ଟା।
- ଭଗବତମେଳଣ ବାଦୀପାଲା, ବେଣ୍ଟପୁର, ଦେୱାନାପାଟଣା, ମେଳଣ ପଡିଆ, ଅପରାହ୍ନ ୪ଟା।
- ରାମଲୀଳାର ପ୍ରଥମ ରଜନୀ ନାଟକ, ବେଣୁପୁର ରାମଲୀଳା ପଡିଆ, ରାତି ୧୧ଟା।
- ରାମଲୀଳା ନାଟକ ଓ ରାମଜନ୍ମ, ଶିବଧନୁଭଙ୍ଗ ଓ ସୀତା ବିବାହ, କାକରୁଦ୍ରପୁର ରାମଲୀଳା ପଡିଆ, ରାତି ୧୧ଟା।

ପୁରୀ

- ଦେକୁଦୀ ଗ୍ରାମବାସୀ ବୃନ୍ଦ ଓ ତାରିଣୀ ଉନ୍ନୟନ କମିଟି ପକ୍ଷରୁ ତାରିଣୀ ମହୋତ୍ସବ, ମା'ତାରିଣୀ ପୀଠ, ଦେକୁଦୀ, ବ୍ରହ୍ମଗିରି, ରାତି ୮ଟା।

# ସରିଲା ତୋଷାଳି, ୧୬ କୋଟିର ବେପାର





ମେଳାର ଉଦ୍‌ଯାପନ ଅବସରରେ ବିଭାଗୀୟ କମିଶନର ତଥା ଶାସନ ସଚିବ ଶୁଭା ଶର୍ମା ଓ ଅନ୍ୟମାନେ।

ଭୁବନେଶ୍ୱର,୧୦।୪(ବ୍ୟୁରୋ)

୧୪ଦିନ ଧରି ଜନତା ମଇଦାନରେ ଚାଲିଥିବା ଷୋଡ଼ଶ ତୋଷାଳି ଜାତୀୟ ହସ୍ତଶିଳ୍ପ ମେଳା ରବିବାର ଉଦ୍‌ଯାପିତ ହୋଇଛି। ଦୁଇବର୍ଷର ନିରାଶା ପରେ ଚଳିତ ବର୍ଷ ବ୍ୟବସାୟୀ ଓ ଆୟୋଜକଙ୍କ ମନରେ ନୂଆ ଆଶାର ସଞ୍ଚାର କରିଛି। ଗ୍ରାହକ ଓ ଦର୍ଶକ ମଧ୍ୟ ସୁଯୋଗକୁ ହାତ ଛଡ଼ା କରିନାହାନ୍ତି। ବୁଲାବୁଲି ସହ କିଣାକିଣିର ମଜା ଉଠାଇଥିବାବେଳେ ୧୬କୋଟିର ବେପାର ହୋଇଛି। ବିଭାଗ ପକ୍ଷରୁ ମାର୍ଚ୍ଚ ୨୮ରୁ ମେଳା ଆରମ୍ଭ ହୋଇଥିଲା। ଓଡ଼ିଶା ସମେତ ୨୪ ରାଜ୍ୟର କାରିଗର, ବୁଣାକାର, ଶିଳ୍ପୀ ଯୋଗଦେଇ ପ୍ରାୟ ୪୨୦ଟି ଷ୍ଟଲରେ ସେମାନଙ୍କ ହସ୍ତତନ୍ତ ଓ ହସ୍ତଶିଳ୍ପ ସାମଗ୍ରୀ ପ୍ରଦର୍ଶନ ସହ ବିକ୍ରୟ କରିଥିଲେ। ୩୦ଟି ଫୁଡ୍ ଷ୍ଟଲରେ ବିଭିନ୍ନ ପ୍ରକାରର ପାରମ୍ପରିକ ତଥା ସୁସ୍ୱାଦୁ ଆମିଷ ଏବଂ ନିରାମିଷ ଖାଦ୍ୟ ପରିବେଷଣ କରାଯାଇଥିଲା। ଫଳରେ ହସ୍ତଶିଳ୍ପରେ ପ୍ରାୟ ୬ କୋଟି ୧୮ ଲକ୍ଷ, ହସ୍ତତନ୍ତରେ ୭ କୋଟି ୪୭ ଲକ୍ଷ ଓ ଫୁଡ୍‌କୋର୍ଟରେ ପ୍ରାୟ ୨ କୋଟି ୪୭ ଲକ୍ଷ ଟଙ୍କାର କାରବାର ହୋଇଛି। ୧୯ ଲକ୍ଷରୁ ଊର୍ଦ୍ଧ୍ୱ ପରିଦର୍ଶକ ମେଳା ପରିଦର୍ଶନ କରିଥିବା ନେଇ ବିଭାଗ ସୂଚନା ଦେଇଛି।

ତେବେ ଉଦ୍‌ଯାପନ ସନ୍ଧ୍ୟାରେ ବିଭାଗୀୟ କମିଶନର ତଥା ଶାସନ ସଚିବ ଶୁଭା ଶର୍ମା ମେଳା ସଫଳତା ଲାଗି ସମସ୍ତ ଶିଳ୍ପୀ, କଳାକାର, ବୁଣାକାର, କାରିଗର, ସମସ୍ତ କର୍ମଚାରୀ, ଅଧିକାରୀ ଓ ବିଭିନ୍ନ ସହଯୋଗୀ ସଂସ୍ଥାଗୁଡ଼ିକୁ ମଧ୍ୟ ଧନ୍ୟବାଦ ଜଣାଇଥିଲେ। ଓଡ଼ିଶୀ ନୃତ୍ୟଶିଳ୍ପୀ ପ୍ରଦ୍ମଶ୍ରୀ ଇଲିଆନା ଚିତାରିସ୍ତିଙ୍କ ଓଡ଼ିଶୀ ନୃତ୍ୟ ଉଦ୍‌ଯାପନୀ ସନ୍ଧ୍ୟାକୁ ଆହୁରି ସ୍ମରଣୀୟ କରିଦେଇଥିଲା। ନୃତ୍ୟଶାଳା କଟକର କଳାକାରଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ ଓ ଲୋକନୃତ୍ୟ, ଶ୍ରୀଧରନାଥ ପରମାଣିକ ଲୋକକଳା ପରିଷଦ ବ୍ରହ୍ମଗିରିର କଳାକାରଙ୍କ ଦ୍ୱାରା ଧୁଡୁକି ପରିବେଷଣ କରାଯାଇଥିଲା। କଳାଜୀବୀ ବରଗଡ଼ର କଳାକାରମାନେ ସମ୍ବଲପୁରୀ ନୃତ୍ୟ ପରିବେଷଣ କରିଥିଲେ। ଶେଷ ଦିନରେ ପ୍ରବଳ ଗହଳି ଦେଖିବାକୁ ମିଳିଥିଲା। ଫଳରେ ରାସ୍ତାରେ ଅପରାହ୍ନରୁ ରାତି ପର୍ଯ୍ୟନ୍ତ ଟ୍ରାଫିକ ମଧ୍ୟ ଜାମ୍ ରହିଥିଲା ପରିଦର୍ଶକମାନେ ନିଜ ମନପସନ୍ଦର ହସ୍ତତନ୍ତ ଓ ହସ୍ତଶିଳ୍ପ ସାମଗ୍ରୀର କିଣାକିଣି କରିବା ସହିତ ବିଭିନ୍ନ ସୁସ୍ୱାଦୁ ଖାଦ୍ୟର ମଜା ଉଠାଇଥିଲେ।

## ୧୩ ଜଣଙ୍କୁ ମିଳିବ 'ରାଜଧାନୀ ଗୌରବ ସମ୍ମାନ'

**ଭୁବନେଶ୍ୱର, ୧୦।୪ (ବ୍ୟୁରୋ):** ୭୪ତମ ରାଜଧାନୀ ପ୍ରତିଷ୍ଠା ଦିବସ ଆସନ୍ତା ୧୩ରୁ ୧୫ ତାରିଖ ପର୍ଯ୍ୟନ୍ତ ୩ ଦିନ ଧରି ପାଳନ କରାଯିବା ପାଇଁ ସରକାରୀ ଭାବେ ନିଷ୍ପତ୍ତି ନିଆଯାଇଛି। ୧୩ ତାରିଖ ପୂର୍ବାହ୍ନ ୮ଟାରେ ରାଜଧାନୀ ଶିଳାନ୍ୟାସ ଫଳକ ସମ୍ମୁଖରେ ବେସାମରିକ ପରେଡ ଉତ୍ସବ ଅନୁଷ୍ଠିତ ହେବ। ଏହି ଅବସରରେ ରାଜଧାନୀର ୧୩ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ 'ରାଜଧାନୀ ଗୌରବ ସମ୍ମାନ'ରେ ସମ୍ମାନିତ କରାଯିବ। ଏଥିପାଇଁ ସଂସ୍କୃତି ବିଭାଗ, ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ, ଭୁବନେଶ୍ୱର ମହାନଗର ନିଗମ, ସୂଚନା ଓ ଲୋକସମ୍ପର୍କ ବିଭାଗ, ଖୋର୍ଦ୍ଧା ଜିଲାପାଳ, ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ କମିଟିର କର୍ମକର୍ତ୍ତାଙ୍କୁ ନେଇ ଏକ ଚୟନ କମିଟି ଗଠନ କରାଯାଇ ଏହି ନିଷ୍ପତ୍ତି ହୋଇଛି। କୋଭିଡ୍ ଯୋଦ୍ଧା ଭାବେ ଡ. ସଂଘମିତ୍ରା ପତି ଓ ଶୁଭେନ୍ଦୁ ସାହୁ, ବିଶିଷ୍ଟ ଶିଳ୍ପପତି ପଙ୍କଜଲୋଚନ ମହାନ୍ତି, ସମାଜସେବୀ ନୀଳମଣି ମିଶ୍ର, ଟ୍ରାଫିକ୍ କନଷ୍ଟେବଲ ଶେଷଦେବ ସାହୁ, ସୁଇପର ଶ୍ରୀମତୀ ସୁଷମା ଦେଇ ପ୍ରମୁଖ ୧୩ ଜଣଙ୍କୁ ଉକ୍ତ ସମାରୋହରେ ବାଚସ୍ପତି ଡ. ସୂର୍ଯ୍ୟନାରାୟଣ ପାତ୍ରଙ୍କ ଦ୍ୱାରା ସମ୍ମାନିତ କରାଯିବ। ଏନେଇ ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ କମିଟି ସଭାପତି ତଥା ବରିଷ୍ଠ ଖବରଦାତା ପ୍ରଦୋଷ ପଟ୍ଟନାୟକ, ସାଧାରଣ ସମ୍ପାଦକ ସନତ ମିଶ୍ର ଓ ଉପସଭାପତି ପ୍ରଦ୍ୟୁମ୍ନ ମହାନ୍ତି ସୂଚନା ଦେଇଛନ୍ତି।

# ସବୁଠି ଶୁଭିଲା ରାମ ନାମ

ଭୁବନେଶ୍ୱର,୧୦।୪(ବ୍ୟୁରୋ)



ପବିତ୍ର ରାମ ନବମୀ ଅବସରରେ ରବିବାର ରାଜଧାନୀ ଭୁବନେଶ୍ୱରଠାରୁ ଆରମ୍ଭ କରି ସାରା ରାଜ୍ୟରେ ଥିବା ରାମ ମନ୍ଦିରରେ ଉତ୍ସବର ପରିବେଶ ଦେଖିବାକୁ ମିଳିଥିଲା। ଦୁଇବର୍ଷ ପରେ କରୋନା କଟକଣା ହଟାଇ ଦିଆଯାଇଥିବାରୁ ପ୍ରଭୁ ଶ୍ରୀରାମଙ୍କ ଜନ୍ମ ଉତ୍ସବକୁ ଧୁମ୍‌ଧାମ୍‌ରେ ପାଳନ କରାଯାଇଥିଲା। ରାମ ମନ୍ଦିରଗୁଡ଼ିକରେ ଭକ୍ତଙ୍କ ଭିଡ଼ ଲାଗି ରହିଥିବାବେଳେ ସବୁଠି ଶୁଭିଥିଲା ଜୟ ଶ୍ରୀରାମ। ଭୁବନେଶ୍ୱର ରାମ ମନ୍ଦିରରେ ରାମ ନବମୀ ପାଇଁ ସ୍ୱତନ୍ତ୍ର ପ୍ରସ୍ତୁତି ଓ ପୂଜାନୀତି ହୋଇଥିଲା। ଭୋର ୫ଟା ୩୦ରେ ମନ୍ଦିର ପହଡ଼ ଖୋଲା ଯାଇ ବିଭିନ୍ନ ନୀତିକାନ୍ତି ଆରମ୍ଭ ହୋଇଥିଲା। ସକାଳ ୭ରୁ ଭକ୍ତଙ୍କ ଦର୍ଶନ ପାଇଁ ସୁଯୋଗ ମିଳିଥିଲା। ମଧ୍ୟାହ୍ନ ୧୨ଟା ୩୦ରେ ଶ୍ରୀରାମଙ୍କ ଜନ୍ମ ଉତ୍ସବ ଆୟୋଜିତ ହୋଇଥିଲା। ବଡ଼ସିଂହାର ବେଶ ପରେ ରାମ, ଲକ୍ଷ୍ମଣ ଓ ସୀତା ଅତ୍ୟନ୍ତ ସୁନ୍ଦର ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଥିଲେ। ସକାଳେ ପାଲା ଦାସକାଠିଆ ଓ ସନ୍ଧ୍ୟାରେ ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ହନୁମାନ ବେଶଧାରୀ ଭକ୍ତଙ୍କ ମନୋରଞ୍ଜନ ସହ ରାମଭକ୍ତିର ବାର୍ତ୍ତା ଦେଇଥିଲେ। ମନ୍ଦିର ବାହାରେ ବ୍ୟବସାୟୀମାନେ ଭୋଗ, ଫଳ, ଆଇସ୍‌କ୍ରିମ୍, ବେଲୁନ ଆଦି ବିଭିନ୍ନ ଦୋକାନ ଖୋଲି ବସିଥିଲେ। ବିଭିନ୍ନ ସଙ୍ଗଠନ, ବ୍ୟକ୍ତି ଓ ସାମାଜିକ କର୍ମୀ ଲୋକଙ୍କୁ ଜଳ ଓ ସର୍ବତ ଦାନ କରିଥିଲେ।

### ପ୍ରବଳ ଭିଡ଼, ସୁବ୍ୟବସ୍ଥିତ ଦର୍ଶନ

ଦୁଇବର୍ଷ ପରେ ସୁଯୋଗ ମିଳିଥିବାରୁ ରାମ ମନ୍ଦିରରେ ଭକ୍ତଙ୍କ ପ୍ରବଳ ଗହଳି ଦେଖିବାକୁ ମିଳିଥିଲା। ହେଲେ ଆବଶ୍ୟକ ବ୍ୟବସ୍ଥା ଗ୍ରହଣ କରାଯାଇଥିବାରୁ ଭକ୍ତମାନେ ଶୃଙ୍ଖଳିତ ତଥା ସୁରକ୍ଷିତ ଦର୍ଶନ କରିଥିଲେ। ପୁରୁଷ ଓ ମହିଳା ଭକ୍ତଙ୍କ ପାଇଁ ଅଲଗା ଧାଡ଼ି କରାଯାଇଥିଲା। ମନ୍ଦିରଠାରୁ ସେଣ୍ଟ ଜୋସେଫ୍ ସ୍କୁଲ ଟପି ଯାଇଥିଲା ଭକ୍ତଙ୍କ ଧାଡ଼ି। ଭକ୍ତି ଆଗରେ ଖରା କି ଗରମ କିଛି ବି ଲାଗି ନ ଥିଲା। ରାମ ଚରିତ ମାନସ ପଠନ, ତୁଳସୀ ପ୍ରସାଦର ବ୍ୟବସ୍ଥା ରହିଥିଲା। ଭକ୍ତମାନେ ବେଢା ପରିକ୍ରମା କରିଥିଲେ। ସମ୍ପର୍କୀୟଙ୍କ ସହ ସେଲ୍‌ଫି ଉଠାଇଥିଲେ। ଭୁବନେଶ୍ୱରର ମେୟର ସୁଲୋଚନା ଦାସ ଠାକୁରଙ୍କୁ ଦର୍ଶନ କରିବା ସହ ପ୍ରଭୁ ଶ୍ରୀ ରାମ ସମସ୍ତଙ୍କୁ ଭଲରେ ରଖନ୍ତୁ ବୋଲି କହିଥିଲେ। ଏଥିସହ ରାଜଧାନୀବାସୀଙ୍କୁ ଅଭିନନ୍ଦନ ଜଣାଇଥିଲେ। ସେହିପରି ରାମଙ୍କ ଆଦର୍ଶରେ ସମସ୍ତେ ଜିଇବା ଉଚିତ ବୋଲି ମନ୍ଦିରକୁ ଦର୍ଶନରେ ଆସିଥିବା ଭାଜପାର ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବୈଜୟନ୍ତ ପଣ୍ଡା କହିଥିଲେ।

### ଭକ୍ତଙ୍କ ମୁହଁରୁ

“୨ବର୍ଷ ପରେ ଏହି ସୁଯୋଗ ମିଳିଥିବାରୁ ବହୁତ ଖୁସି ଲାଗୁଛି। ଅନେକ ଉତ୍ସାହ ନେଇ ଭକ୍ତମାନେ ଦର୍ଶନ କରିବାକୁ ଆସିଛନ୍ତି। ପୋଲିସଙ୍କ ସହ ସ୍କାଉଟ୍ସ ପିଲାମାନେ ମଧ୍ୟ ଜଗି ରହିଛନ୍ତି। ଖରା ଜୋରରେ ହେଉଛି, ସେଥିପାଇଁ ଟେଣ୍ଟ ବାନ୍ଧି ଛାଇର ବ୍ୟବସ୍ଥା କରିଛନ୍ତି। ପାଣି ବି ସିଞ୍ଚୁଛନ୍ତି। ଶାନ୍ତି ଶୃଙ୍ଖଳାରେ ସମସ୍ତଙ୍କୁ ଧାଡିର ସହ ଭିତରକୁ ଛାଡୁଛନ୍ତି। ଭଲରେ ପ୍ରଭୁ ରାମଙ୍କ ଦର୍ଶନ ମିଳିଲା।

-ଅମ୍ରିତା ସାହୁ

“ଆଜିଭଳି ପବିତ୍ର ଦିନରେ ଅଯୋଧାରେ ଏବର୍ଷ ରାମ ମନ୍ଦିର ପ୍ରତିଷ୍ଠା ହୋଇଛି। ରାମ ଭକ୍ତଙ୍କ ପାଇଁ ଏହା ବଡ ଖୁସି ଖବର। ରାମଙ୍କ ଜନ୍ମଦିନରେ ଦର୍ଶନ ପାଇଁ ମନ୍ଦିର ଆସିଛି। ସମସ୍ତେ ଆରାମରେ ଦର୍ଶନ କରୁଛନ୍ତି। ଖରା ଯୋଗୁ ବାହାରେ ପଣାର ମଧ୍ୟ ବ୍ୟବସ୍ଥା ହୋଇଛି।

-ସନ୍ତୋଷ କୁମାର ବାହୁବଳ



ରାମ ନବମୀ ପାଇଁ ରବିବାର ଭୁବନେଶ୍ୱରସ୍ଥିତ ରାମ ମନ୍ଦିର ଉତ୍ସବ ମୁଖରିତ।



ଦର୍ଶନ ପାଇଁ ଶ୍ରଦ୍ଧାଳୁମାନେ ଧାଡ଼ିରେ ଠିଆ ହୋଇଛନ୍ତି।



ପୁରୀ ଷ୍ଟେଶନବଜାରସ୍ଥିତ ରାମ ମନ୍ଦିରରେ ଶ୍ରଦ୍ଧାଳୁ ଠାକୁରଙ୍କୁ ଦର୍ଶନ କରୁଛନ୍ତି।



କାର୍ମାଟୋର୍ସକ ରେଳ ଷ୍ଟେଶନ ଆକ୍ରମଣର ମାଷ୍ଟରମାଇଣ୍ଡ କୁହାଯାଉଥିବା ଜେନେରାଲ ଆଲେକ୍‌ଜାଣ୍ଡର ଭୋର୍ନିକୋଭ୍‌ଙ୍କୁ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ୟୁକ୍ରେନ୍ ପାଇଁ ନୂଆ କମାଣ୍ଡର ନିଯୁକ୍ତ କରିଛନ୍ତି। ଆଲେକ୍‌ଜାଣ୍ଡରଙ୍କୁ ୟୁକ୍ରେନ୍ ଆକ୍ରମଣ ଉଦ୍ଦେଶ୍ୟ ପୂରଣର ଦାୟିତ୍ୱ ଦିଆଯାଇଥିବା ରିପୋର୍ଟ ପ୍ରକାଶ ପାଇଛି। ୟୁକ୍ରେନ୍ ରାଜଧାନୀ କିଭ୍ ସମେତ ଅନ୍ୟ ପ୍ରମୁଖ ସହରକୁ କବ୍‌ଜା କରିବାକୁ ରୁଷୀୟ ସୈନ୍ୟ ସଂଘର୍ଷ କରୁଥିବାବେଳେ ପୁଟିନ୍ ନୂଆ କମାଣ୍ଡରଙ୍କ ଉପରେ ଭରସା କରିଛନ୍ତି।

## ସଂକ୍ଷେପରେ

### ଆଜି ମୋଦି-ବାଇଡେନ୍ ଭର୍ଚୁଆଲ ବୈଠକ

**ନୂଆଦିଲ୍ଲୀ,୧୦।୪:** ରୁଷିଆରୁ ଭାରତର ତୈଳ କିଣା ଚୁକ୍ତିନାମାକୁ ନେଇ ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକରୁ କୂଟନୈତିକ ସ୍ତରରେ ଚାପ ବଢ଼ୁଥିବାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋମବାର ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ ସହ ଭର୍ଚୁଆଲ ବୈଠକରେ ଯୋଗଦେବା କାର୍ଯ୍ୟକ୍ରମ ରହିଛି। ଏହି ବୈଠକରେ ଦୁଇ ନେତା ବର୍ତ୍ତମାନର ଦ୍ୱିପାକ୍ଷିକ ସହଯୋଗର ସମୀକ୍ଷା କରିବା ସହ ଦକ୍ଷିଣ ଏସିଆ, ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳ ଏବଂ ପାରସ୍ପରିକ ସ୍ୱାର୍ଥ ଥିବା ବିଶ୍ୱ ପ୍ରସଙ୍ଗର ବର୍ତ୍ତମାନର ସ୍ଥିତି ସମ୍ପର୍କରେ ଆଲୋଚନା କରିବେ ବୋଲି ଗଣମାଧ୍ୟମ ରିପୋର୍ଟରୁ ଜଣାପଡ଼ିଛି। ଏହି ଭର୍ଚୁଆଲ ବୈଠକ ଉଭୟ ପକ୍ଷ ମଧ୍ୟରେ ନିୟମିତ ତଥା ଉଚ୍ଚସ୍ତରୀୟ ଆଲୋଚନା ପାଇଁ ପଥ ପରିଷ୍କାର କରିବ। ଦ୍ୱିପାକ୍ଷିକ ବିସ୍ତୃତ ବିଶ୍ୱିକ ସାମରିକ ସହଯୋଗକୁ ଅଧିକ ମଜଭୁତ କରିବା ଏହାର ଲକ୍ଷ୍ୟ। ଆଲୋଚନାରେ ୟୁକ୍ରେନ୍ ପ୍ରସଙ୍ଗ ସ୍ଥାନ ପାଇବା ଆଶା କରାଯାଉଛି। ସୂଚନାଯୋଗ୍ୟ, ରୁଷିଆ ଉପରେ ପ୍ରତିବନ୍ଧକ ଲଗାଇବାର ମୁଖ୍ୟ ବିନ୍ଧାଣି ବାଇଡେନ ପ୍ରଶାସନର ଭାରତୀୟ ବଂଶୋଦ୍ଭବ ଦଲିପ୍ ସିଂ ମସ୍କୋରୁ ନୂଆଦିଲ୍ଲୀର ତେଲ ଆମଦାନୀକୁ ନେଇ ଚେତାବନୀ ଦେଇଥିଲେ। ତେଲ ଆମଦାନୀ କରିବା କୌଣସି ଦେଶର ନିଜସ୍ୱ ନିଷ୍ପତ୍ତି। ଭାରତ ଆମେରିକାରୁ ୧୦ ପ୍ରତିଶତ ତେଲ ଆମଦାନୀ କରୁଥିଲାବେଳେ ରୁଷିଆରୁ ମାତ୍ର ୧ରୁ ୨ ପ୍ରତିଶତ ଆମଦାନୀ କରିବା ଠିକ୍ ହେବ କି ନାହିଁ, ତାହା ନୂଆଦିଲ୍ଲୀ ନିଷ୍ପତ୍ତି ନେବ ବୋଲି ହ୍ୱାଇଟ୍ ହାଉସ ପ୍ରେସ୍ ସଚିବ ଜେନ୍ ସାକି କହିଥିଲେ। ମୋଦି-ବାଇଡେନ୍ ଭର୍ଚୁଆଲ ବୈଠକ ପରେ ଭାରତ-ଆମେରିକା ମଧ୍ୟରେ ଚତୁର୍ଥ ଟୁ ପ୍ଲସ୍ ଟୁ ମନ୍ତ୍ରୀସ୍ତରୀୟ ଆଲୋଚନା ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଏବଂ ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କରଙ୍କର ସେମାନଙ୍କ ଆମେରିକା ପ୍ରତିପକ୍ଷ ଲିଓଡ୍ ଅଷ୍ଟିନ୍ ଏବଂ ଆଣ୍ଟୋନି ବ୍ଲିଙ୍କେନ୍‌ଙ୍କ ମଧ୍ୟରେ ଅନୁଷ୍ଠିତ ହେବ।

### ପ୍ରାକୃତିକ କୃଷି ପଦ୍ଧତି ଉପରେ ମୋଦିଙ୍କ ଗୁରୁତ୍ୱ

**ନୂଆଦିଲ୍ଲୀ,୧୦।୪:** କୃଷକମାନେ ପ୍ରାକୃତିକ କୃଷି ପଦ୍ଧତି ଅବଲମ୍ବନ କରିବା ସହ ପୃଥିବୀ ମାତାର ସୁରକ୍ଷା ଉପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁତ୍ୱ ଦେଇଛନ୍ତି। ପୃଥିବୀ ସୁରକ୍ଷିତ ନ ହେଲେ ଦିନ ଆସିବ ଏହା କୃଷି ଉତ୍ପାଦନ ବନ୍ଦ କରିଦେବ ବୋଲି ପ୍ରଧାନମନ୍ତ୍ରୀ ସତର୍କ କରାଇ ଦେଇଛନ୍ତି। ଚାଷୀମାନଙ୍କ ଆର୍ଥିକ ସ୍ଥିତି ଯେତେ ସୁଦୃଢ଼ ହେବ ନୂଆ ଭାରତ ସେତେ ଅଧିକ ସମୃଦ୍ଧ ହେବ। ପିଏମ୍ କିଷାନ ସମ୍ମାନ ନିଧି ଏବଂ ଅନ୍ୟାନ୍ୟ କୃଷି ସମ୍ପର୍କିତ ଯୋଜନା ଦେଶର କୋଟି କୋଟି ଚାଷୀଙ୍କୁ ନୂଆ ବଳ ଦେଇଥିବା ରବିବାର ମୋଦି ଟୁଇଟ୍ କରିଛନ୍ତି। ୧୧.୩ କୋଟି ଚାଷୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ସିଧାସଳଖ ୧.୮୨ ଲକ୍ଷ କୋଟି ଟଙ୍କା ପଠାଯାଇଥିବାର ଏକ ଗ୍ରାଫିକ୍ ସେ ଟୁଇଟରରେ ଶେୟାର କରିଛନ୍ତି।

### ଶରଣ ଲାଗି ତାମିଲନାଡୁରେ ୩୯ ଶ୍ରୀଲଙ୍କା ନାଗରିକ

**ଚେନ୍ନାଇ,୧୦।୪:** ଶ୍ରୀଲଙ୍କାରେ ଆର୍ଥିକ ସଙ୍କଟ ଗମ୍ଭୀର ହୋଇଥିବା ବେଳେ ସେଠାରୁ ୩୯ ଜଣ ଭାରତରେ ଶରଣ ନେବା ଉଦ୍ଦେଶ୍ୟରେ ପଳାଇଆସିଲେଣି। ଜାଫ୍‌ନା ଏବଂ ମାନ୍ନାରରୁ ୧୯ ଜଣ ତାମିଲ ଏକ ବୋଟ୍ ଯୋଗେ ଆସି ରବିବାର ତାମିଲନାଡୁର ଧନୁଶକୋଡିରେ ପହଞ୍ଚିଛନ୍ତି। ଆର୍ଥିକ ସଙ୍କଟ ଯୋଗୁ ଶ୍ରୀଲଙ୍କାରେ ରହିବା କଷ୍ଟକର ହୋଇପଡ଼ିଛି ବୋଲି ସେମାନେ କହିଛନ୍ତି। ସେଠାରେ ଅତ୍ୟାବଶ୍ୟକ ସାମଗ୍ରୀ ଦର ଅତ୍ୟଧିକ ବୃଦ୍ଧି ପାଇଛି। ଶୁକ୍ରବାର ଏକ ଦମ୍ପତି ସେମାନଙ୍କର ୨ ପିଲାଙ୍କ ସହ ସମୁଦ୍ର ପାର ହୋଇ ଭାରତୀୟ ଉପକୂଳରେ ପହଞ୍ଚିଥିଲେ।

### କଶ୍ମୀରରେ ୨ ପାକ୍ ଆତଙ୍କବାଦୀ ନିହତ

**ଶ୍ରୀନଗର,୧୦।୪ (ଆଇଏଏନ୍‌ଏସ୍):** କେନ୍ଦ୍ରୀୟ କଶ୍ମୀରର ଶ୍ରୀନଗର ଜିଲାରେ ସୁରକ୍ଷା ବଳ ଗୁଳିରେ ଦୁଇଜଣ ପାକିସ୍ତାନୀ ଆତଙ୍କବାଦୀ ନିହତ ହୋଇଛନ୍ତି। ନିକଟରେ ସିଆରପିଏଫ୍ ଯବାନଙ୍କ ଉପରେ ହୋଇଥିବା ଆକ୍ରମଣ ଘଟଣାରେ ସେମାନେ ସମ୍ପୃକ୍ତ ଥିଲେ ବୋଲି ରବିବାର କଶ୍ମୀର ଜୋନ୍ ପୋଲିସ ଆଇଜି ବିଜୟ କୁମାର କହିଛନ୍ତି। ସେମାନଙ୍କଠାରୁ ଅସ୍ତ୍ର, ଗୁଳିଗୋଳା ଓ ଅନ୍ୟାନ୍ୟ ଆପରାଧିକ ସାମଗ୍ରୀ ଜବତ ହୋଇଛି। ଗତ ୪ ତାରିଖରେ ଆତଙ୍କବାଦ-ଅପରାଧ ତଦନ୍ତ ବେଳେ ଜଣେ ସିଆରପିଏଫ୍ ଯବାନ ନିହତ ହୋଇଥିଲେ। ଆତଙ୍କବାଦ ନିରୋଧୀ ଏନ୍‌କାଉଣ୍ଟରରେ ଶ୍ରୀନଗର ପୋଲିସ ପାଇଁ ଏହା ଏକ ବଡ଼ ସଫଳତା ବୋଲି ଆଇଜି କହିଛନ୍ତି।



ମହାରାଷ୍ଟ୍ରର ସାଙ୍ଗଲିରେ ରବିବାର ଆୟୋଜିତ ବଳଦ ଗାଡ଼ି ପ୍ରତିଯୋଗିତା।

## ମା' ହେଲେ ଟେଷ୍ଟ ଟ୍ୟୁବ୍ ବେବି

**ଲକ୍ଷ୍ନୌ,୧୦।୪**

ଉତ୍ତରପ୍ରଦେଶ ଲକ୍ଷ୍ନୌ ସହରର ପ୍ରଥମ ଟେଷ୍ଟ ଟ୍ୟୁବ୍ ବେବି ପ୍ରାର୍ଥନା ଏବେ ୨୩ ବର୍ଷରେ ପଦାର୍ପଣ କରିବା ସହ ଏକ କନ୍ୟା ସନ୍ତାନର ମାଆ ହୋଇଛନ୍ତି। ୧୫ ଦିନ ତଳେ ସେ ଝିଅ ଜନ୍ମ ଦେଇଥିଲେ। ସୂଚନାଯୋଗ୍ୟ, ୧୯୯୮ରେ ପ୍ରାର୍ଥନା ଲକ୍ଷ୍ନୌର ଅଜନ୍ତା ହସ୍ପିଟାଲରେ ଜନ୍ମ ହୋଇଥିଲେ। ଯେତେବେଳେ ଉକ୍ତ ହସ୍ପିଟାଲରେ କୌଣସି କାର୍ଯ୍ୟକ୍ରମକୁ ତାଙ୍କୁ ଡକାଯାଏ, ସେ ଘରକୁ ଆସିବା ଭଳି ଅନୁଭବ କରିଥାନ୍ତି ବୋଲି କହିଛନ୍ତି। ସେ ଆଇଭିଏଫ୍ ପଦ୍ଧତିରେ ଜନ୍ମିତ ହୋଇଥିବା, ତାଙ୍କ ମାଆବାପା ସ୍କୁଲ୍‌ରେ କହିବା ପରେ ସେ ଜାଣିବାକୁ ପାଇଥିଲେ। ତାଙ୍କ ମାଆବାପାଙ୍କୁ ସନ୍ତାନ ଦେବାରେ ସହାୟତା କରିଥିବାରୁ ଡା. ଗୀତା ଖାନ୍ନା ଓ ତାଙ୍କ ଟିମ୍‌ଙ୍କ ନିକଟରେ ଚିର କୃତଜ୍ଞ ବୋଲି ପ୍ରାର୍ଥନା କହିଛନ୍ତି।



ଶନିବାର ଅଜନ୍ତା ହସ୍ପିଟାଲ ପକ୍ଷରୁ ଆୟୋଜିତ ଉତ୍ସବରେ ପ୍ରାର୍ଥନା ମାତୃତ୍ୱ ସେଲିବ୍ରେଟ୍ କରୁଛନ୍ତି।

## ଶେହବାଜ୍ ବନାମ କୁରେଶୀ

### ପାକିସ୍ତାନରେ ପ୍ରଧାନମନ୍ତ୍ରୀ ନିର୍ବାଚନ ଆଜି

**ଇସଲାମାବାଦ,୧୦।୪**

ପାକିସ୍ତାନ ତେହରିକ୍-ଏ-ଇନ୍‌ଶାଫ୍ (ପିଟିଆଇ) ଅଧ୍ୟକ୍ଷ ଇମ୍ରାନ୍ ଖାନ୍ ଅନାସ୍ଥା ଭୋଟରେ ପରାଜିତ ହୋଇ ଗାଦିଚ୍ୟୁତ ହେବା ପରେ ଦେଶର ପ୍ରଧାନମନ୍ତ୍ରୀ ଆସନ କିଏ ଅଳଙ୍କୃତ କରିବେ, ତାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ତେବେ ପୂର୍ବରୁ ୩ ଥର ପ୍ରଧାନମନ୍ତ୍ରୀ ହୋଇଥିବା ନୱାଜ୍ ଶରିଫଙ୍କ ସାନଭାଇ ଶେହବାଜ୍ ଶରିଫଙ୍କୁ ବିପକ୍ଷ ମେଣ୍ଟ ଏହି ପଦବୀ ପାଇଁ ମିଳିତ ପ୍ରାର୍ଥୀ ଘୋଷଣା କରିଛି। ସୋମବାର ଅପରାହ୍ନରେ ପ୍ରଧାନମନ୍ତ୍ରୀ ନିର୍ବାଚନ ହେବାକୁ ଥିବାରୁ ପାକିସ୍ତାନ ମୁସଲିମ୍ ଲିଗ୍ (ନୱାଜ୍) ଅଧ୍ୟକ୍ଷ ତଥା ବିରୋଧୀ ଦଳ ନେତା ଶେହବାଜ୍ ନାମାଙ୍କନପତ୍ର ଦାଖଲ କରିଛନ୍ତି। ତାଙ୍କ ନାମାଙ୍କନ ପରେ ଇମ୍ରାନ୍‌ଙ୍କ ଦଳ ପିଟିଆଇ ପକ୍ଷରୁ ବିଦାୟୀ ବହିର୍ବ୍ୟାପାର ମନ୍ତ୍ରୀ ଶାହ ମେହମୁଦ କୁରେଶୀଙ୍କୁ ପ୍ରଧାନମନ୍ତ୍ରୀ ପ୍ରାର୍ଥୀ କରାଯାଇଛି।

ପାକିସ୍ତାନର ବିରୋଧୀ ମେଣ୍ଟ ଏବେ ଶାସକ ମେଣ୍ଟ ହେବାକୁ ଯାଉଛି। ୩୪୨ ଆସନ ବିଶିଷ୍ଟ ନ୍ୟାଶନାଲ ଆସେମ୍ବ୍ଲିରେ ସମାଜବାଦୀ, ଉଦାରପନ୍ଥୀ ଓ କଠୋରପନ୍ଥୀ ଧର୍ମୀୟ ଦଳଗୁଡ଼ିକର ୧୭୪ ଏମ୍‌ପି ରହିଛନ୍ତି। ଇମ୍ରାନ୍‌ଙ୍କୁ ହଟାଇ ନୂଆ ସରକାର ଗଠନ କରିବା ପାଇଁ ୧୭୨ ସଦସ୍ୟଙ୍କ ସମର୍ଥନ ଆବଶ୍ୟକ ଥିବାବେଳେ ବିରୋଧୀ ମେଣ୍ଟ ନିକଟରେ ତହିଁରୁ ଅଧିକ ୨ ଜଣ ଏମ୍‌ପି ଅଛନ୍ତି। ତେଣୁ ୭୦ ବର୍ଷୀୟ ଶେହବାଜ୍ ପ୍ରଧାନମନ୍ତ୍ରୀ ହେବା ଏକପ୍ରକାର ନିଶ୍ଚିତ ବୋଲି କୁହାଯାଉଛି। କିନ୍ତୁ ସେମାନଙ୍କୁ ୱାକ୍ ଓଭର ନ ଦେବା ପାଇଁ ପିଟିଆଇ ନେତୃତ୍ୱାଧୀନ ମେଣ୍ଟ କୁରେଶୀଙ୍କୁ ମଇଦାନକୁ ଓହ୍ଲାଇଛି। ୬୯ ବର୍ଷୀୟ ଇମ୍ରାନ୍ ହେଉଛନ୍ତି ଦେଶର ୧୯ତମ ପ୍ରଧାନମନ୍ତ୍ରୀ, ଯିଏକି ପୂରା ୫ ବର୍ଷ ଶାସନ ଗାଦିରେ ରହିପାରି ନାହାନ୍ତି। ଦେଶର ଅଧିକାଂଶ ପ୍ରଧାନମନ୍ତ୍ରୀଙ୍କୁ ସେନା କିମ୍ବା କୋର୍ଟ ହଟାଇଥିବାବେଳେ ଇମ୍ରାନ୍ ନିଜ ଯୋଗୁ କ୍ଷମତାରେ ରହିପାରି ନାହାନ୍ତି ବୋଲି ପାକିସ୍ତାନୀ ଖବରଦାତା ନିଜାମ ସେଠି ଟୁଇଟ୍ କରିଛନ୍ତି।



ଶେହବାଜ୍ ଶରିଫ



ଶାହ ମେହମୁଦ କୁରେଶୀ

> "ଆଇନ ଓ ସମ୍ବିଧାନ ରକ୍ଷା ପାଇଁ ନିରନ୍ତର ସଂଗ୍ରାମ କରିଥିବା ବିରୋଧୀ ନେତାମାନଙ୍କୁ ଧନ୍ୟବାଦ। ପାକିସ୍ତାନର ନୂଆ ସରକାର ଆଗକୁ ବଢ଼ିବ ଏବଂ ପ୍ରତିଶୋଧ ରାଜନୀତିରେ ଲିପ୍ତ ରହିବ ନାହିଁ।
> –ଶେହବାଜ୍ ଶରିଫ, ପିଏମ୍‌ଏଲ୍-ଏନ୍ ଅଧ୍ୟକ୍ଷ

### 'ସ୍ୱାଧୀନତା ସଂଗ୍ରାମ ପୁଣି ଆରମ୍ଭ ହେଲା'

ଇମ୍ରାନ୍ ଖାନ୍ ଭବିଷ୍ୟତ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ ଲାଗି ରବିବାର ପିଟିଆଇର ସେଣ୍ଟ୍ରାଲ କୋର୍ ଏକ୍‌ଜିକ୍ୟୁଟିଭ୍ କମିଟିର ଏକ ବୈଠକରେ ଅଧ୍ୟକ୍ଷତା କରିଛନ୍ତି। ଅନାସ୍ଥା ଭୋଟରେ ଅପମାନଜନକ ପରାଜୟ ପରେ ସେ ପୁଣିଥରେ 'ବିଦେଶୀ ଷଡ଼ଯନ୍ତ୍ର' ଦାବି ଦୋହରାଇଛନ୍ତି। ଇମ୍ରାନ୍ କହିଛନ୍ତି, ପାକିସ୍ତାନ ୧୯୪୭ରେ ସ୍ୱାଧୀନତା



ପାଇଥିଲା। କିନ୍ତୁ କ୍ଷମତା ପରିବର୍ତ୍ତନ ପାଇଁ ହୋଇଥିବା ବିଦେଶୀ ଷଡ଼ଯନ୍ତ୍ର ବିରୋଧରେ ସ୍ୱାଧୀନତା ସଂଗ୍ରାମ ଆଜି ଆରମ୍ଭ ହେଲା। ଦେଶବାସୀ ସେମାନଙ୍କ ସାର୍ବଭୌମତ୍ୱ ଓ ଗଣତନ୍ତ୍ରକୁ ସୁରକ୍ଷା ଦେବେ।

## ସେନାମୁଖ୍ୟଙ୍କୁ ହଟାଇବାକୁ ଚାହୁଁଥିଲେ ଇମ୍ରାନ୍ ଖାନ୍

ଇମ୍ରାନ୍ ଖାନ୍ ପାକିସ୍ତାନ ପ୍ରଧାନମନ୍ତ୍ରୀ ପଦରୁ ବିଦା ହେବା ପୂର୍ବରୁ ସେନାମୁଖ୍ୟ ଜେନେରାଲ କମାର ଜାଭେଦ ବାଜ୍‌ୱାଙ୍କୁ ହଟାଇବାକୁ ଉଦ୍ୟମ କରିଥିଲେ। ସେ ବାଜ୍‌ୱାଙ୍କୁ ବିଦା କରି ନିଜର ଜଣେ ଅନୁଗତ ସେନା ଅଧିକାରୀଙ୍କୁ ସାମରିକ ବଳର ମୁଖ୍ୟ କରିବାକୁ ଚାହିଁଥିଲେ, ଯାହାଙ୍କ ଜରିଆରେ ତଥାକଥିତ 'ବିଦେଶୀ ଷଡ଼ଯନ୍ତ୍ର'କୁ ପ୍ରମାଣିତ କରିପାରିଥାଆନ୍ତେ। ମିଡିଆ ରିପୋର୍ଟ ଅନୁସାରେ ଶନିବାର ରାତିରେ ପ୍ରଧାନମନ୍ତ୍ରୀଙ୍କ ବାସଭବନରେ ଏକ ହେଲିକପ୍ଟର ଅବତରଣ କରିଥିଲା। ସେଥିରୁ ଓହ୍ଲାଇଥିଲେ ଦୁଇଜଣ ଅନିମନ୍ତ୍ରିତ ଅତିଥି, ଯାହାଙ୍କୁ ସୈନ୍ୟମାନେ ଏସ୍କର୍ଟ ଦେଇ ଭିତରକୁ ପାଛୋଟିନେଇଥିଲେ। ଦୁଇ ଅତିଥି ବିଦାୟୀ ପ୍ରଧାନମନ୍ତ୍ରୀଙ୍କ ସହ ୪୫ ମିନିଟ ଧରି ଆଲୋଚନା କରିଥିଲେ। ଏହାର ଘଣ୍ଟାକ ପୂର୍ବରୁ ପ୍ରଧାନମନ୍ତ୍ରୀ ଏକ ନିର୍ଦ୍ଦେଶନାମା ଜାରି କରିଥିଲେ, ଯହିଁରେ ତାଙ୍କୁ ସାକ୍ଷାତ୍ କରିବାକୁ ଆସିଥିବା ଦୁଇ ଉଚ୍ଚପଦସ୍ଥ ସେନା ଅଧିକାରୀଙ୍କ ମଧ୍ୟରୁ ଜଣଙ୍କୁ ହଟାଯିବା ନେଇ ଉଲ୍ଲେଖ କରାଯାଇଥିଲା। ତେଣୁ ଅତିଥି ଦ୍ୱୟଙ୍କ ଅବାଞ୍ଛିତ ଆଗମନ ଅପ୍ରତ୍ୟାଶିତ ଥିଲା। ଇମ୍ରାନ୍ ଏକ ହେଲିକପ୍ଟରକୁ ଅପେକ୍ଷା କରିଥିଲେ। କିନ୍ତୁ ଅବତରଣ କରିଥିବା

### ବିଦା ହେବା ପୂର୍ବରୁ ବିଫଳ ପ୍ରୟାସ

ହେଲିକପ୍ଟର ତାଙ୍କୁ ଚକିତ କରିଦେଇଥିଲା। ଅପେକ୍ଷା କରିଥିବା ହେଲିକପ୍ଟର 'ନବନିଯୁକ୍ତ ଅଧିକାରୀ'ଙ୍କୁ ଆଣିବ, ଯିଏକି ସମସ୍ତ ରାଜନୈତିକ ଅଚଳାବସ୍ଥାର ଅବସାନ ଘଟାଇବେ ବୋଲି ଇମ୍ରାନ୍ ଆଶା କରିଥିଲେ। ତେବେ ଇମ୍ରାନ୍‌ଙ୍କୁ ସୁହାଇଲା ଭଳି ନୂଆ ନିଯୁକ୍ତି ପାଇଁ ଆବଶ୍ୟକ ବିଜ୍ଞପ୍ତି ଜାରି କରିବାକୁ ପ୍ରତିରକ୍ଷା ମନ୍ତ୍ରଣାଳୟ ମନା କରିଦେଇଥିବାରୁ ସେନାମୁଖ୍ୟଙ୍କୁ ବଦଳାଇବା ସମ୍ଭବ ହୋଇ ନ ଥିଲା। ଅନିମନ୍ତ୍ରିତ ଅତିଥି ଦ୍ୱୟ ଥିଲେ ସେନାମୁଖ୍ୟ ଜେନେରାଲ ବାଜ୍‌ୱା ଏବଂ ଇଣ୍ଟର-ସର୍ଭିସେସ୍ ଇଣ୍ଟେଲିଜେନ୍ସ (ଆଇଏସ୍ଆଇ) ମୁଖ୍ୟ ଲ୍ୟୁଟ୍‌ନାଣ୍ଟ ଜେନେରାଲ ନଦିମ ଅହମ୍ମଦ ଅଞ୍ଜୁମ୍। ୧୯୪୭ରେ ଭାରତଠାରୁ ଅଲଗା ହୋଇ ପାକିସ୍ତାନ ଗଠନ ହେବା ପରଠାରୁ କୌଣସି ପ୍ରଧାନମନ୍ତ୍ରୀ ୫ ବର୍ଷ କ୍ଷମତାରେ ରହିପାରି ନାହାନ୍ତି। ଶନିବାର ମଧ୍ୟରାତ୍ରିରେ ପାକିସ୍ତାନର ଇତିହାସ କଡ଼ ଲେଉଟାଇଥିଲା। ପ୍ରଥମ ଥର ପାଇଁ ଅନାସ୍ଥା ଭୋଟରେ ହାରି ପ୍ରଧାନମନ୍ତ୍ରୀ ଚୌକିରୁ ହଟିଥିଲେ ଇମ୍ରାନ୍।

## ଭାରତ ସର୍ବାଧିକ ସହାୟତା ଦେଇଛି: ୱିକ୍ରମ୍‌ସିଂହେ

**କଲମ୍ବୋ,୧୦।୪**

ଆର୍ଥିକ ଚ୍ୟାଲେଞ୍ଜକୁ ପରିଚାଳନା କରିବାରେ ଅପାରଗ ରାଜପାକ୍‌ସେ ସରକାର ଶ୍ରୀଲଙ୍କାକୁ ଗମ୍ଭୀର ଅର୍ଥନୈତିକ ଓ ରାଜନୈତିକ ସଙ୍କଟ ମଧ୍ୟକୁ ନେଇଯାଇଥିବା ପୂର୍ବତନ ପ୍ରଧାନମନ୍ତ୍ରୀ ରାନିଲ ୱିକ୍ରମ୍‌ସିଂହେ ରବିବାର ଅଭିଯୋଗ କରିଛନ୍ତି। ସଙ୍କଟ ସମୟରେ ଭାରତ ଶ୍ରୀଲଙ୍କାକୁ ସର୍ବାଧିକ ସହାୟତା ଯୋଗାଇଛି। ଇନ୍ଧନ ପାଇଁ ଭାରତ ଯୋଗାଇ ଦେଇଥିବା ଋଣ ମେ' ଦ୍ୱିତୀୟ ସପ୍ତାହ ପର୍ଯ୍ୟନ୍ତ ଯିବ। ଏହା ପରେ ଶ୍ରୀଲଙ୍କାର ସମସ୍ୟା ଆହୁରି ବଢ଼ିଯିବ। କେବଳ ଋଣ ନୁହେଁ, ନୂଆଦିଲ୍ଲୀ ଶ୍ରୀଲଙ୍କାକୁ ଡିଜେଲ ଓ ଅନ୍ୟାନ୍ୟ ଅତ୍ୟାବଶ୍ୟକ ସାମଗ୍ରୀ ମଧ୍ୟ ଯୋଗାଇ ଦେଇଥିବା ପୂର୍ବତନ ପ୍ରଧାନମନ୍ତ୍ରୀ କହିଛନ୍ତି।

ଗୋଟାବାୟା ସରକାରଙ୍କ ବିଫଳତା ଯୋଗୁ ଦେଶ ଏଭଳି ଅଭୂତପୂର୍ବ ସ୍ଥିତିର ସମ୍ମୁଖୀନ ହୋଇଛି, ଯେଉଁଠି ଲୋକଙ୍କୁ ଅତ୍ୟାବଶ୍ୟକ ସାମଗ୍ରୀ କିଣିବା ଲାଗି ଲମ୍ବା ଧାଡ଼ିରେ ଛିଡ଼ାହେବାକୁ ପଡୁଛି। ୨୦୧୯ରେ ୱିକ୍ରମସିଂହେ ପ୍ରଧାନମନ୍ତ୍ରୀ ଥିବାବେଳେ ଶ୍ରୀଲଙ୍କା ବଳକା ପୁଞ୍ଜି ସ୍ଥିତିରେ ରହିଥିଲା। ବର୍ତ୍ତମାନର ସରକାର ଲୋକଙ୍କୁ ରାସ୍ତାକୁ ନେଇଆସିଥିବା ସେ କହିଛନ୍ତି। ବିଦେଶୀ ବିନିମୟ ଭଣ୍ଡାରରେ ଯଥେଷ୍ଟ ଅର୍ଥ ନ ଥିବାରୁ ବିଲ୍ ପୈଠ ପାଇଁ ପ୍ରମୁଖ ରପ୍ତାନି କମ୍ପାନୀଗୁଡ଼ିକଠାରୁ ସରକାରଙ୍କୁ ଋଣ କରିବାକୁ ପଡୁଛି। ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠି (ଆଇଏମ୍ଏଫ୍)ରୁ ଋଣ ଆଣିବା ପାଇଁ ଶ୍ରୀଲଙ୍କା ଅର୍ଥମନ୍ତ୍ରୀ ଓ କେନ୍ଦ୍ରୀୟ ବ୍ୟାଙ୍କ ଗଭର୍ନର ଖୁବ୍‌ଶୀଘ୍ର ଏହା ସହ ଆଲୋଚନା କରିବାକୁ ଯାଉଛନ୍ତି।



## ଫ୍ରାନ୍ସରେ ରାଷ୍ଟ୍ରପତି ନିର୍ବାଚନ
## ଦ୍ୱିତୀୟ ପାଳି ଆଶାରେ ମାକ୍ରଁ

**ପ୍ୟାରିସ୍, ୧୦।୪**

ଫ୍ରାନ୍ସରେ ରାଷ୍ଟ୍ରପତି ନିର୍ବାଚନ ନିମନ୍ତେ ରବିବାର ପ୍ରଥମ ପର୍ଯ୍ୟାୟ ଭୋଟିଂ ହୋଇଛି। ଚଳିତ ଥର ୧୨ ପ୍ରାର୍ଥୀ ମଇଦାନକୁ ଓହ୍ଲାଇଛନ୍ତି। ଦ୍ୱିତୀୟ ପାଳି ଆରମ୍ଭ ପାଇଁ ବିଦାୟୀ ରାଷ୍ଟ୍ରପତି ଇମାନୁଏଲ ମାକ୍ରଁ ଆଶାବାଦୀ ଥିବାବେଳେ ଦକ୍ଷିଣ ପନ୍ଥୀଙ୍କ ପକ୍ଷରୁ ସେ କଡ଼ା ମୁକାବିଲା ସାମ୍ନା କରୁଛନ୍ତି। ଦକ୍ଷିଣ ପନ୍ଥୀ ନେତ୍ରୀ ମାରିନ୍ ଲି ପେନ୍ ଏବଂ ବାମପନ୍ଥୀ ନେତା ଜିନ୍-ଲୁସ୍ ମେଲନ୍‌କନ୍ ମାକ୍ରଁଙ୍କ ଦୃଢ଼ ପ୍ରତିଦ୍ୱନ୍ଦ୍ୱୀ ଭାବେ ଉଭା ହୋଇଛନ୍ତି। ଯଦି କୌଣସି ପ୍ରାର୍ଥୀ ଅର୍ଦ୍ଧାଧିକ ଭୋଟରଙ୍କ ଭୋଟ ନ ପାଆନ୍ତି ତେବେ ଦ୍ୱିତୀୟ ପର୍ଯ୍ୟାୟ ଭୋଟ ଗ୍ରହଣ କରାଯିବ। ଏଥିରେ ଦୁଇ ଶୀର୍ଷ ପ୍ରାର୍ଥୀଙ୍କ ମଧ୍ୟରେ ମୁକାବିଲା ହେବ। ଏପ୍ରିଲ ୨୪ରେ ଚୂଡ଼ାନ୍ତ ଦ୍ୱିତୀୟ ପର୍ଯ୍ୟାୟ ମତଦାନ ହେବ।

ଭାରତରେ ଥିବା ଫ୍ରାନ୍ସ ନାଗରିକ ମଧ୍ୟ ଭୋଟ ଦେଇଛନ୍ତି। କେନ୍ଦ୍ରଶାସିତ ଅଞ୍ଚଳ ପୁଡୁଚେରୀରେ ଥିବା ଫ୍ରାନ୍ସ ଲୋକ ମତଦାନ କରିଛନ୍ତି। ସୂଚନାଯୋଗ୍ୟ, ପୁଡୁଚେରୀ ଏକଦା ଫ୍ରାନ୍ସ ଉପନିବେଶ ଥିଲା। କେରଳ, ତାମିଲନାଡୁ, ପୁଡୁଚେରୀରେ ଥିବା ପ୍ରାୟ ୪,୫୬୪ ଫ୍ରାନ୍ସ ନାଗରିକ ସେଠାକାର ନିର୍ବାଚନରେ ରାଷ୍ଟ୍ରପତି ଚୟନ କରିବା ନିମନ୍ତେ ଭୋଟ ଦେବାକୁ ଯୋଗ୍ୟ।



ଇମାନୁଏଲ ମାକ୍ରଁ





ମାରିନ୍ ଲି ପେନ୍

## ନେପାଳରେ ଆର୍ଥିକ ସଙ୍କଟ

**କାଠମାଣ୍ଡୁ,୧୦।୪ (ପି.ଟି.)**

ଶ୍ରୀଲଙ୍କା, ପାକିସ୍ତାନ ପରେ ଏବେ ଭାରତର ଅନ୍ୟତମ ପଡ଼ୋଶୀ ନେପାଳ ଆର୍ଥିକ ସଙ୍କଟର ସମ୍ମୁଖୀନ ହୋଇଛି। ସେଠାରେ ନଗଦ ମୁଦ୍ରା ସଙ୍କଟ ଏବଂ ବିଦେଶୀ ବିନିମୟ ଭଣ୍ଡାର ହ୍ରାସ ପାଇବା ପରେ ବିଦେଶରୁ ଯାନ ଓ ଅନ୍ୟାନ୍ୟ ବିଳାସପୂର୍ଣ୍ଣ ସାମଗ୍ରୀ ଆମଦାନୀ ବନ୍ଦ କରିବା ପାଇଁ କେନ୍ଦ୍ରୀୟ ବ୍ୟାଙ୍କ ଘୋଷଣା କରିଛି। ତେବେ ଶ୍ରୀଲଙ୍କା ଭଳି ଆର୍ଥିକ ସଙ୍କଟ ଏଠାରେ ସୃଷ୍ଟି ହୋଇ ନ ଥିବା ନେପାଳ ସରକାର ଲୋକମାନଙ୍କୁ ଆଶ୍ୱାସନା ଦେଇଛନ୍ତି।

ଗତ ସପ୍ତାହରେ ଦେଶର ବ୍ୟବସାୟିକ ବ୍ୟାଙ୍କଗୁଡ଼ିକର ଅଧିକାରୀମାନଙ୍କ ସହ ଉଚ୍ଚସ୍ତରୀୟ ବୈଠକ ପରେ ନେପାଳ ରାଷ୍ଟ୍ର ବ୍ୟାଙ୍କ (ଏନ୍‌ଆର୍‌ବି) ଲକ୍‌ଜୁରୀ ସାମଗ୍ରୀ ଆମଦାନୀ ବନ୍ଦ କରିବା ଲାଗି ନିର୍ଦ୍ଦେଶନାମା ଜାରି କରିଥିଲା। ମୁଖ୍ୟତଃ ଆମଦାନୀ ବଢ଼ୁଥିବାରୁ ଦେଶରେ ଆର୍ଥିକ ସଙ୍କଟର ଆଭାସ ମିଳିଲାଣି। ତେଣୁ ଅତି ଜରୁରୀ ନ ଥିବା ସାମଗ୍ରୀ ଆମଦାନୀ ବନ୍ଦ କରିବା ନିମନ୍ତେ ଆଲୋଚନା ହୋଇଥିବା ଏନ୍‌ଆର୍‌ବି ମୁଖପାତ୍ର ଗୁନାଖର ଭଟ୍ଟ କହିଛନ୍ତି। ୨୦୨୧ ଜୁଲାଇରୁ ନେପାଳର ବିଦେଶୀ ବିନିମୟ ଭଣ୍ଡାର ହ୍ରାସ ପାଇଆସୁଛି। ଆମଦାନୀ ବୃଦ୍ଧି, ବାହାର ଦେଶରୁ ଅର୍ଥ ଆଗମନ କମିବା ସହ ପର୍ଯ୍ୟଟନ ଓ ରପ୍ତାନି କ୍ଷେତ୍ରରୁ ଆୟ ଯଥେଷ୍ଟ ହ୍ରାସ ପାଇଥିବାରୁ ଫରେକ୍ସ ରିଜର୍ଭ କମିଛି। ୨୦୨୨ ଫେବୃଆରୀ ସୁଦ୍ଧା ନେପାଳର ମୋଟ ଫରେକ୍ସ ରିଜର୍ଭ ୧୭ ପ୍ରତିଶତ ହ୍ରାସ ପାଇ ୯.୭୫ ବିଲିୟନ ଡଲାରରେ ପହଞ୍ଚିଥିଲା। ୨୦୨୧ ଜୁଲାଇ ମଧ୍ୟଭାଗରେ ବିଦେଶୀ ବିନିମୟ ଭଣ୍ଡାର ପରିମାଣ ୧୧.୭୫ ବିଲିୟନ ଡଲାର ଥିଲା ବୋଲି କେନ୍ଦ୍ରୀୟ ବ୍ୟାଙ୍କ ତଥ୍ୟରୁ ଜଣାପଡ଼ିଛି। ଯେତିକି ଫରେକ୍ସ ରିଜର୍ଭ ରହିଛି, ୭ ମାସ ପର୍ଯ୍ୟନ୍ତ ଦ୍ରବ୍ୟ ଓ ସେବା ଆମଦାନୀ ପାଇଁ ତାହା ଯଥେଷ୍ଟ ନୁହେଁ। ତେବେ ନେପାଳ ଶ୍ରୀଲଙ୍କା ଦିଗରେ ଯାଉ ନାହିଁ ବୋଲି ଏହାର ଅର୍ଥମନ୍ତ୍ରୀ ଜନାର୍ଦ୍ଦନ ଶର୍ମା କହିଛନ୍ତି। ଶ୍ରୀଲଙ୍କା ଭଳି ନେପାଳ ଅର୍ଥନୀତି ଭୁଶୁଡ଼ି ପଡ଼ିବ ବୋଲି ହେଉଥିବା ପ୍ରଚାରକୁ ଗୁଜବ ବୋଲି ଶୁକ୍ରବାର ଏନ୍‌ଆର୍‌ବି ଦ୍ୱାରା ଆୟୋଜିତ ଜାତୀୟ ସମ୍ମିଳନୀରେ ଉଦ୍‌ବୋଧନ ଦେଇ ଶର୍ମା କହିଥିଲେ। ଉତ୍ପାଦନ ଓ ରାଜସ୍ୱ ବ୍ୟବସ୍ଥାକୁ ଦେଖିଲେ କାଠମାଣ୍ଡୁର ଅର୍ଥନୀତି ତୁଳନାତ୍ମକ ଭାବେ ଭଲ ରହିଛି। ଦେଶ ଉପରେ ବିଦେଶୀ ଋଣର ବଡ଼ ବୋଝ ନାହିଁ ବୋଲି ସେ କହିଥିଲେ। ତେବେ ବିଦେଶୀ ବିନିମୟ ଭଣ୍ଡାର ହ୍ରାସ ପାଇଥିବା କଥାକୁ ସେ ସ୍ୱୀକାର କରିଛନ୍ତି।



### ବନ୍ଦହେଲା ବିଳାସପୂର୍ଣ୍ଣ ସାମଗ୍ରୀ ଆମଦାନୀ

## କିଭ୍‌ରେ ବୁଲିଲେ ବୋରିସ୍



ବ୍ରିଟେନ୍ ପ୍ରଧାନମନ୍ତ୍ରୀ ବୋରିସ୍ ଜନ୍‌ସନ୍‌ଙ୍କ ସହ ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି। ଉଭୟଙ୍କୁ ଉପହାର ଦେଇଥିବା ଜଣେ ମହିଳା ( ମଝି)।

**କିଭ୍, ୧୦।୪:** ଯୁଦ୍ଧ ପ୍ରଭାବିତ ୟୁକ୍ରେନ୍ ପ୍ରତି ଦୃଢ଼ ସମର୍ଥନ ପ୍ରଦର୍ଶନ ନିମନ୍ତେ ବ୍ରିଟେନ ପ୍ରଧାନମନ୍ତ୍ରୀ ବୋରିସ୍ ଜନ୍‌ସନ କିଭ୍‌ରେ ପହଞ୍ଚିଛନ୍ତି। ଶନିବାର ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କିଙ୍କୁ ଭେଟି ଆଲୋଚନା କରିବା ପରେ ବୋରିସ୍ ତାଙ୍କ ସହ କିଭ୍ ରାସ୍ତାରେ ଚାଲିଛନ୍ତି। ୟୁକ୍ରେନ୍‌କୁ ଅଚାନକ ଗସ୍ତ କରି ବୋରିସ୍ ଅଧିକ ସାମରିକ ଓ ଆର୍ଥିକ ସହାୟତାର ପ୍ରତିଶ୍ରୁତି ଦେଇଛନ୍ତି। କିଭ୍ ରାସ୍ତାରେ ବୋରିସ୍ ସେଠାକାର ନାଗରିକଙ୍କ ସହ ହାତ ମିଳାଇ କଥା ହୋଇଥିବା ଭିଡିଓରେ ଦେଖିବାକୁ ମିଳିଛି। ୟୁକ୍ରେନ୍ ନାଗରିକ ଏବଂ ରାଷ୍ଟ୍ରପତି ଜେଲେନ୍‌ସ୍କିଙ୍କ ସାହସିକତାକୁ ବୋରିସ୍ ପ୍ରଶଂସା କରିବା ସହ ବ୍ରିଟେନ୍ ଆଗକୁ ସହାୟତା ପ୍ରଦାନ ଜାରି ରଖିବ ବୋଲି ସେ କହିଛନ୍ତି।

## ଡିସ୍‌କମ୍‌ଗୁଡ଼ିକର ବକେୟା ହାରରେ ୧୭.୩% ବୃଦ୍ଧି

**ନୂଆଦିଲ୍ଲୀ, ୧୦।୪:** ଚଳିତ ବର୍ଷ ଏପ୍ରିଲ୍ ସୁଦ୍ଧା ଇଲେକ୍‌ଟ୍ରିକ୍‌ସିଟି ଡିଷ୍ଟ୍ରିବ୍ୟୁଶନ କମ୍ପାନୀ (ଡିସ୍‌କମ)ଗୁଡ଼ିକର ପାୱାର ପ୍ରଡ୍ୟୁସରଗୁଡ଼ିକ ପାଇଁ ଥିବା ବକେୟା ରାଶି ବୃଦ୍ଧି ପାଇ ୧,୨୩,୨୪୪ କୋଟି ଟଙ୍କାରେ ପହଞ୍ଚିଛି। ଭାରତ ସରକାରଙ୍କ ପ୍ରାପ୍ତି ପୋର୍ଟାଲ୍ ଅନୁସାରେ, ବାର୍ଷିକ ଆଧାରରେ ଏହି ବକେୟା ହାର ୧୭.୩% ବୃଦ୍ଧି ପାଇଛି। ପୂର୍ବବର୍ଷ ଅର୍ଥାତ୍ ୨୦୨୧ ଏପ୍ରିଲ୍‌ରେ ଏହି ବକେୟା ରାଶି ୧,୦୫,୦୨୯ କୋଟି ପରିମାଣର ଥିଲା। ପୋର୍ଟାଲ୍ ଅନୁସାରେ ଡିସକମ୍‌ଗୁଡ଼ିକର ବକେୟା ରାଶି ଗତ ମାସରେ ୧,୧୭,୩୯୦ କୋଟି ରହିଥିଲା।

### ସଂକ୍ଷେପରେ

## କୋଇଲା ଗ୍ୟାସିଫିକେଶନ୍ ପ୍ଲାଣ୍ଟ ସ୍ଥାପନ କରିବ ଜେଏସ୍‌ପିଏଲ୍

**ନୂଆଦିଲ୍ଲୀ, ୧୦।୪:** ଛତିଶଗଡ଼ର ରାୟଗଡ଼ଠାରେ ଥିବା ପ୍ଲାଣ୍ଟରେ କୋଇଲା ଗ୍ୟାସିଫିକେଶନ (କୋଇଲାକୁ ଗ୍ୟାସ୍‌ରେ ପରିଣତ କରିବା) ପ୍ଲାଣ୍ଟ ପ୍ରତିଷ୍ଠା କରିବା ସମ୍ପର୍କରେ ଜିନ୍ଦଲ ଷ୍ଟିଲ୍ ଆଣ୍ଡ୍ ପାୱାର ଲିମିଟେଡ୍ (ଜେଏସ୍‌ପିଏଲ୍) ପକ୍ଷରୁ ଯୋଜନା କରାଯାଉଛି। ଏହା ଦେଶର ୨ୟ କୋଇଲା ଗ୍ୟାସିଫିକେଶନ ପ୍ଲାଣ୍ଟ ଭାବରେ ପରିଚିତ ହେବ। ଏହାପୂର୍ବରୁ ଜେଏସ୍‌ପିଏଲ୍, ଓଡ଼ିଶାର ଅନୁଗୋଳସ୍ଥିତ ନିଜ ପ୍ଲାଣ୍ଟରେ ଇସ୍ପାତ ଉତ୍ପାଦନ ପାଇଁ କୋଇଲା ଗ୍ୟାସିଫିକେଶନ ପ୍ରଣାଳୀର ବ୍ୟବହାର କରୁଛି। ବାର୍ଷିକ ୨୦ ଲକ୍ଷ ଟନ୍ ଉତ୍ପାଦନ କ୍ଷମତାଯୁକ୍ତ ଏହି ପ୍ଲାଣ୍ଟ ୨୦୧୮ରେ ଆରମ୍ଭ ହୋଇଥିଲା। ଗ୍ୟାସିଫିକେଶନ ପ୍ରଣାଳୀରେ ଏବଂ ଘରୋଇ କୋଇଲା ବ୍ୟବହାର କରି ଇସ୍ପାତ ଉତ୍ପାଦନ କରିବାରେ ଏହା ଦେଶର ପ୍ରଥମ ଉଦ୍ୟୋଗ। କୋଇଲା ଉପଯୋଗରେ ବିବିଧକରଣକୁ ଆଗକୁ ନେବା ଆମ ମିଶନ୍‌ର ଅଂଶ ଭାବରେ ଆମେ ରାୟଗଡ଼ରେ ଦେଶର ୨ୟ ଗ୍ୟାସିଫିକେସନ ପ୍ଲାଣ୍ଟ ସ୍ଥାପନା କରିବାକୁ ଯାଉଥିବା ଜେଏସ୍‌ପିଏଲ୍‌ର ପରିଚାଳନା ନିର୍ଦ୍ଦେଶକ ବି.ଆର. ଶର୍ମା କହିଛନ୍ତି।

## ବିବାଦ ସତ୍ତ୍ୱେ ଭାରତ ପେ'ର ଅଭିବୃଦ୍ଧି

**ନୂଆଦିଲ୍ଲୀ,୧୦।୪ :** ଭାରତ ପେ' ଗତ କିଛିଦିନ ହେଲା ବିବାଦ ଘେରରେ ରହିଛି। କମ୍ପାନୀର ସହ-ସଂସ୍ଥାପକ ଅଶ୍ନୀର ଗ୍ରୋଭରଙ୍କ ସହ ଜଡ଼ିତ ବିବାଦକୁ ପଛରେ ଛାଡ଼ି କମ୍ପାନୀ ଗତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ବୃଦ୍ଧି ରେକର୍ଡ କରିଛି। କମ୍ପାନୀର ସିଇଓ ସୋହେଲ୍ ସମୀର୍ ଏ ସମ୍ପର୍କରେ କହିଛନ୍ତି ଯେ, ଭାରତ ପେ' ବର୍ତ୍ତମାନ ଉନ୍ନତି ଦିଗରେ ଅଗ୍ରସର ହେଉଛି। ଆଗାମୀ ଦେଢ଼ରୁ ଦୁଇବର୍ଷ ମଧ୍ୟରେ ଭାରତ ପେ' ଶେୟାର ବଜାରରେ ରେଜିଷ୍ଟ୍ରେସନ ପାଇଁ ଯୋଜନା ରଖିଥିବା ସମୀର କହିଛନ୍ତି।

# ବଢୁଛି ଇଭି ଚାହିଦା

ନୂଆଦିଲ୍ଲୀ, ୧୦।୪



- ପୂର୍ବ ବର୍ଷ ଅପେକ୍ଷା ୩ ଗୁଣ ବିକ୍ରି ବୃଦ୍ଧି
- ଇଭି ଦୁଇଚକିଆ ସେଗ୍‌ମେଣ୍ଟରେ ସର୍ବାଧିକ ବିକ୍ରି

ଦେଶରେ ଇଲେକ୍‌ଟ୍ରିକ୍ ଭେହିକିଲ୍ (ଇଭି)ର ଚାହିଦା ବୃଦ୍ଧି ପାଇବାରେ ଲାଗିଛି। ଏହାର ପ୍ରଭାବ ଦେଶର ଇଭି ବିକ୍ରି ହାର ଉପରେ ଦେଖିବାକୁ ମିଳିଛି। ଗତ ଆର୍ଥିକ ବର୍ଷ ଅର୍ଥାତ୍ ୨୦୨୧-୨୨ରେ ଦେଶର ଇଲେକ୍ଟ୍ରିକ୍ ଭେହିକିଲ୍‌ର ରିଟେଲ୍ ବିକ୍ରି ଉପରେ ତିନିଗୁଣା ବୃଦ୍ଧି ଘଟିଛି। ଆର୍ଥିକ ବର୍ଷରେ ଦେଶରେ ୪ଲକ୍ଷରୁ ଊର୍ଦ୍ଧ୍ୱ ଇଭି ବିକ୍ରି ହୋଇଛି। ତେବେ ଇଭି ମଧ୍ୟରେ ସର୍ବାଧିକ ଦୁଇଚକିଆ ଯାନକୁ ଗ୍ରାହକ କ୍ରୟ କରିଛନ୍ତି। ଫେଡେରେଶନ ଅଫ୍ ଅଟୋମୋବାଇଲ୍ ଡିଲର୍ସ ଆସୋସିଏଶନ୍ (ଫାଡା)ର ତଥ୍ୟରୁ ଏହା ଜଣାଯାଇଛି। ଆର୍ଥିକ ବର୍ଷ ୨୦୨୧-୨୨ରେ ଦେଶରେ ମୋଟ୍ ୪,୨୯,୨୧୭ ଇଭି ବିକ୍ରି ହୋଇଛି। ତେବେ ଏହାର ପୂର୍ବ ଆର୍ଥିକ ବର୍ଷ ଅର୍ଥାତ୍ ୨୦୨୦-୨୧ରେ ଇଭି ବିକ୍ରି ସଂଖ୍ୟା ୧,୩୪,୮୨୧ ଥିବାବେଳେ ୨୦୧୯-୨୦ରେ ୧,୬୮,୩୦୦ ସଂଖ୍ୟକ ବିକ୍ରି ହୋଇଥିଲା।

ତେବେ ୨୦୨୦-୨୧ ଆର୍ଥିକ ବର୍ଷରେ ଇଲେକ୍‌ଟ୍ରିକ୍ ପାସେଞ୍ଜର ଭେହିକିଲ୍‌ର ରିଟେଲ୍ ବିକ୍ରି ୪,୯୮୪ ଥିବାବେଳେ ଗତ ଆର୍ଥିକ ବର୍ଷ(୨୦୨୧-୨୨)ରେ ଏଥିରେ ୩ଗୁଣା ବୃଦ୍ଧି ଘଟି ବିକ୍ରି ସଂଖ୍ୟା ୧୭,୮୦୨ ରହିଛି। ଏହି ସେଗ୍‌ମେଣ୍ଟରେ ଘରୋଇ କମ୍ପାନୀ ଟାଟା ମୋଟର୍ସର ସର୍ବାଧିକ ୧୫,୧୯୮ ସଂଖ୍ୟକ ଯାନ ବିକ୍ରି ହୋଇଥିବା ବେଳେ ୨,୦୪୫ ସଂଖ୍ୟକ ଯାନ ବିକ୍ରି ସହ ଏମ୍‌ଜି ମୋଟର ଇଣ୍ଡିଆ ୨ୟ ସ୍ଥାନରେ ରହିଛି ଏବଂ ୧୫୬ ବିକ୍ରି ସହ ମହିନ୍ଦ୍ରା ଆଣ୍ଡ୍ ମହିନ୍ଦ୍ରା ୩ୟ ସ୍ଥାନରେ ରହିଛି। ଫଳରେ ଟାଟା ମୋଟର୍ସ ଏବଂ ଏମ୍‌ଜି ମୋଟର ଇଣ୍ଡିଆ ବଜାର ଭାଗୀଦାରି ଯଥାକ୍ରମେ ୮୫.୩୭% ଏବଂ ୧୧.୪୯% ଥିବାବେଳେ ମହିନ୍ଦ୍ରା ଆଣ୍ଡ୍ ମହିନ୍ଦ୍ରାର ୧%ରୁ କମ୍ ରହିଛି।

ସେହିପରି ଦୁଇଚକିଆ ସେଗ୍‌ମେଣ୍ଟରେ ୨୦୨୦-୨୧ରେ ଇଲେକ୍‌ଟ୍ରିକ୍ ଭେହିକିଲ୍ ବିକ୍ରି ୪୧,୦୪୬ ୟୁନିଟ୍ ଥିବାବେଳେ ୨୦୨୧-୨୨ରେ ଏଥିରେ ୫ଗୁଣ ବୃଦ୍ଧି ହୋଇ ୨,୩୧,୩୩୮ରେ ପହଞ୍ଚିଛି। ଏହି ସେଗ୍‌ମେଣ୍ଟରେ ୬୫,୩୦୩ ଯାନ ବିକ୍ରି ସହିତ ହିରୋ ଇଲେକ୍‌ଟ୍ରିକ୍ ଶୀର୍ଷ ସ୍ଥାନରେ ରହିଛି। ଏହାର ବଜାର ଭାଗୀଦାରି ୨୮.୨୩% ରହିଛି।

## ଡୁମୁଡୁମାରେ ଜୈବିକ ଖାଦ୍ୟ ଷ୍ଟୋର୍



ଭୁବନେଶ୍ୱର,୧୦।୪

ସହରବାସୀଙ୍କୁ ସୁସ୍ଥ ଓ ଜୈବିକ ଖାଦ୍ୟ ସମ୍ଭାର ଯୋଗାଇ ଦେବା ଆଶାରେ ରବିବାର ସ୍ଥାନୀୟ ଡୁମୁଡୁମାସ୍ଥିତ କସ୍ମପଲିସ ପରିସରରେ ଏକ ଜୈବିକ ଖାଦ୍ୟପଦାର୍ଥ ଷ୍ଟୋର 'ଗେଟ୍ ବ୍ୟାକ୍ ଟୁ ନେଚର୍'ର ଶୁଭାରମ୍ଭ ହୋଇଯାଇଛି। ଏହି ଅବସରରେ ପୂର୍ବତନ ଭୁବନେଶ୍ୱର ଏମ୍‌ପି ପ୍ରସନ୍ନ କୁମାର ପାଟ୍ଟଶାଣୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହାର ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏହାର ପ୍ରତିଷ୍ଠାତା ତଥା ଏମଡି ପୁନମ୍ ମହାପାତ୍ର ଏବଂ ତନୁଜ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଏ ସମ୍ପର୍କରେ 'ଗେଟ୍ ବ୍ୟାକ୍ ଟୁ ନେଚର୍'ର ପ୍ରତିଷ୍ଠାତା ତଥା ଏମଡି ପୁନମ୍ ମହାପାତ୍ର କହିଛନ୍ତି, ଆମର ଏହି ନୂତନ ଉଦ୍ୟମ ସହ ଆମର ସଂସ୍କୃତି ଓ ସଭ୍ୟତା ଓ ଜୈବିକ ଖାଦ୍ୟର ବ୍ୟବହାରର ଉପକାରିତା ବା ସୁସ୍ଥ ଜୀବନଯାପନ ଫେରାଇ ଆଣିବାକୁ ଚାହୁଁଛୁ। ପ୍ରାରମ୍ଭରୁ ଆମେ ଭୁବନେଶ୍ୱର ବୃହତ୍ ରେସିଡେନ୍ସିଆଲ୍ ଆପାର୍ଟମେଗୁଡିକରେ ଆଉଟଲେଟ୍ ଖୋଲିବାକୁ ଯୋଜନା ରଖିଛୁ। ସେହିଭଳି ଖୁବଶୀଘ୍ର ଆମେ ଭୁବନେଶ୍ୱରରେ ଆଉ ୧୦ଟି ଆଉଟ୍‌ଲେଟ୍‌ର ଶୁଭାରମ୍ଭ କରିବାକୁ ଯାଉଛୁ। ପରବର୍ତ୍ତୀ ସମୟରେ ଆମେ ଓଡିଶାର ଅନ୍ୟ ସହରରେ ଆମର ସ୍ୱତନ୍ତ୍ର ଆଉଟ୍‌ଲେଟ୍ ଆଣିବୁ। ଏଠାରେ ମସୁର ଡାଲି, ମହୁ, ଏ୨ ଘିଅ, ବାଦାମ, ଖାଇବା ତେଲ, ମସଲା, ଫଳ ଏବଂ ପନିପରିବା ଭଳି ଉତ୍ପାଦ ଉପଲବ୍ଧ ରହିଛି। ବର୍ତ୍ତମାନ ୨୦୦ରୁ ଊର୍ଦ୍ଧ୍ୱ ମାନବ ଶକ୍ତି ଏଥିରେ ନିୟୋଜିତ ଅଛନ୍ତି।

## ଭାରତ ମସଲା ପକ୍ଷରୁ ବ୍ୟବସାୟିକ କର୍ମଶାଳା

ଭୁବନେଶ୍ୱର, ୧୦।୪




ଦେଶର ଏକ ପ୍ରମୁଖ ଖାଦ୍ୟପ୍ରକ୍ରିୟାକରଣ କମ୍ପାନୀ ଭାରତ ମସଲା ଇତିମଧ୍ୟରେ ୨୨ବର୍ଷ ଅତିକ୍ରମ ସାରିଲାଣି। ଏହି ସମୟ ମଧ୍ୟରେ କମ୍ପାନୀ ଅନେକ ଘାତ ପ୍ରତିଘାତ ସହ ବନ୍ୟା, ବାତ୍ୟା, ଏପରିକି କୋଭିଡ ମହାମାରୀ ଭଳି ଏକ ଭୟାନକ ସମୟକୁ ମଧ୍ୟ ସମ୍ମୁଖୀନ କରି ଆଗକୁ ଆଗେଇ ଚାଲିଛି। ଏହି ପରିପ୍ରେକ୍ଷରେ କମ୍ପାନୀ ପକ୍ଷରୁ ନିକଟରେ ଏକ ସପ୍ତାହ ବ୍ୟାପୀ ବ୍ୟବସାୟିକ କର୍ମଶାଳା ଓ ରାଜ୍ୟସ୍ତରୀୟ ଆଲୋଚନାଚକ୍ରର ଆୟୋଜନ କରିଥିଲା। ଏହି ଅବସରରେ ଭାରତ ମସଲାର ପରିଚାଳନା ନିର୍ଦ୍ଦେଶକ ସୁଶାନ୍ତ କୁମାର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉକ୍ତ କର୍ମଶାଳାର ଉଦ୍‌ଯାପନ କରିଥିଲେ। ସେହିଭଳି କମ୍ପାନୀ ତା'ର ଉତ୍ପାଦନ ମସଲା ସାମଗ୍ରୀଗୁଡିକୁ ରାଜ୍ୟର କୋଣ ଅନୁକୋଣ ସମେତ ଦେଶ ଓ ବିଦେଶରେ ମଧ୍ୟ ପହଞ୍ଚାଇ ପାରିଛି ବୋଲି ପଣ୍ଡା ମତବ୍ୟକ୍ତ କରିଥିଲେ। ଏପ୍ରିଲ ପହିଲାଠାରୁ ସପ୍ତାହବ୍ୟାପୀ ପୁରୀଠାରେ ଆୟୋଜିତ ରାଜ୍ୟସ୍ତରୀୟ ଷ୍ଟକିଷ୍ଟ ଓ ସୁପର ଷ୍ଟକିଷ୍ଟମାନଙ୍କୁ ସୁଶାନ୍ତ ସାଧୁବାଦ ଜଣାଇଥିଲେ। ଏହି ପରିପ୍ରେକ୍ଷୀରେ ରାଜ୍ୟର ବିଭିନ୍ନ ଜିଲାରୁ ଭାରତ ମସଲାର ଷ୍ଟକିଷ୍ଟ ଓ ସୁପରଷ୍ଟକିଷ୍ଟ, ଏଏସ୍‌ଏମ୍, ମାର୍କେଟିଂ ହେଡ୍, ସେଲ୍ସ କୋଅର୍ଡିନେଟର, ନିର୍ଦ୍ଦେଶକ ଶ୍ରୀମନ୍ତ କୁମାର ପଣ୍ଡା, ଜେନେରାଲ ମ୍ୟାନେଜର ଅଶ୍ୱିନୀ କୁମାର ଦାସ ପ୍ରମୁଖ ଯୋଗଦେଇ ନିଜ ନିଜର ମତ ବିନିମୟ କରିଥିଲେ।

## ଷ୍ଟାର୍ଟଅପ୍ ଫଣ୍ଡିଂର ଉନ୍ନତ ପ୍ରଦର୍ଶନ

ନୂଆଦିଲ୍ଲୀ, ୧୦।୪

ଚଳିତ ବର୍ଷ ପ୍ରଥମ ୩ ମାସ ଅର୍ଥାତ୍ ଜାନୁୟାରୀ-ମାର୍ଚ୍ଚ ମଧ୍ୟରେ ଷ୍ଟାର୍ଟଅପ୍ ଇକୋସିଷ୍ଟମ ୧୪ଟି ୟୁନିକର୍ନ ନିର୍ମାଣ କରିଥିବା ଇଣ୍ଡଷ୍ଟ୍ରି ରିପୋର୍ଟରୁ ଜଣାଯାଇଛି। ଏଥିସହ ଲଗାତର ତୃତୀୟ ତ୍ରୈମାସ ପାଇଁ ଷ୍ଟାର୍ଟଅପ୍ ଇକୋସିଷ୍ଟମ୍ ୩୩୪ଟି ଫଣ୍ଡିଂ ଡିଲ୍ ଦ୍ୱାରା ୧୦ ବିଲିୟନ ଡଲାରରୁ ଊର୍ଦ୍ଧ୍ୱ ଅର୍ଥ ପ୍ରାପ୍ତ କରିଛି। ପ୍ରାଇସ୍ ୱାଟରହାଉସ୍ ଆଣ୍ଡ୍ କୁପର୍ସ (ପିଡବ୍ଲ୍ୟୁସି) ଇଣ୍ଡିଆର ରିପୋର୍ଟ ଅନୁସାରେ, ଏହି ୧୪ ୟୁନିକର୍ନର ନିର୍ମାଣ ଫଳରେ ଦେଶରେ ୧ ବିଲିୟନ ଡଲାରରୁ ଊର୍ଦ୍ଧ୍ୱ ମୂଲ୍ୟଯୁକ୍ତ ମୋଟ୍ ଷ୍ଟାର୍ଟଅପ୍ ସଂଖ୍ୟା ୮୪କୁ ବୃଦ୍ଧି ପାଇଛି। ଜାନୁୟାରୀ-ମାର୍ଚ୍ଚ ମଧ୍ୟରେ ଦେଶରେ ୧୪ଟି ଷ୍ଟାର୍ଟଅପ୍ ୟୁନିକର୍ନରେ ପରିଣତ ହେବା ସହିତ ମୋଟ୍ ପାଣ୍ଠିସଂଗ୍ରହ ୧୦.୮ ବିଲିୟନ ଡଲାରରେ ପହଞ୍ଚିଛି।

## ଭିଆଇଟିକୁ ଉନ୍ନତ ର୍‍ୟାଙ୍କିଙ୍ଗ୍

ନୂଆଦିଲ୍ଲୀ, ୧୦।୪

ଭେଲୋର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି (ଭିଆଇଟି)କୁ ଉନ୍ନତ ର୍‍ୟାଙ୍କିଙ୍ଗ୍ ପ୍ରଦାନ କରାଯାଇଛି। ବିଶେଷକରି ଇଞ୍ଜିନିୟରିଂ ଏବଂ ଟେକ୍ନୋଲୋଜି କ୍ଷେତ୍ରରେ ଗତ ବର୍ଷ ତୁଳନାରେ ଅଗ୍ରଗତି କରିଥିବା କ୍ୟୁଏସ୍ ୱାର୍ଲଡ୍ ୟୁନିଭର୍ସିଟି ର୍‍ୟାଙ୍କିଙ୍ଗ୍‌ର ସବ୍‌ଜେକ୍ଟ-୨୦୨୨ରୁ ଜଣାଯାଇଛି। ଗତବର୍ଷ ତୁଳନାରେ ଭିଆଇଟି ର୍‍ୟାଙ୍କିଙ୍ଗ୍ ୫୫ତମ ସ୍ଥାନ ଉପରକୁ ଉଠିଛି। ଭିଆଇଟି ଇଞ୍ଜିନିୟରିଂ ଏବଂ ଟେକ୍ନୋଲୋଜି କ୍ଷେତ୍ରରେ ଦେଶର ୯ମ ଏବଂ ବିଶ୍ୱର ୩୪୬ ତମ ସ୍ଥାନ ହାସଲ କରିଛି। ଆର୍ଟ୍ସ ଆଣ୍ଡ୍ ହ୍ୟୁମାନିଟିଜ୍, ଇଞ୍ଜିନିୟରିଂ ଆଣ୍ଡ୍ ଟେକ୍ନୋଲୋଜି, ଲାଇଫ୍ ସାଇନ୍ସେସ୍ ଆଣ୍ଡ୍ ମେଡିସିନ୍, ନ୍ୟାଚୁରାଲ୍ ସାଇନ୍ସ ଆଣ୍ଡ୍ ସୋସିଆଲ୍ ସାଇନ୍ସ, ମ୍ୟାନେଜ୍‌ମେଣ୍ଟ ଭଳି ୫ଟି ବ୍ୟାପକ କ୍ଷେତ୍ର ଥିବା ବିଷୟକୁ ନେଇ କ୍ୟୁଏସ୍ ପ୍ରତିବର୍ଷ ବିଶ୍ୱବିଦ୍ୟାଳୟଗୁଡ଼ିକରେ ର୍‍ୟାଙ୍କିଙ୍ଗ୍ ପ୍ରସ୍ତୁତ କରିଥାଏ। ଚଳିତ ବର୍ଷ କ୍ୟୁଏସ୍ ଦ୍ୱାରା ପ୍ରକାଶିତ ସୂଚୀରେ ଭିଆଇଟିର ୭ଟିବିଷୟକୁ ସାମିଲ୍ କରାଯାଇଥିଲା। କମ୍ପ୍ୟୁଟର ସାଇନ୍ସ ଆଣ୍ଡ୍ ଇନଫର୍ମେଶନ୍ ସିଷ୍ଟମ୍, ଇଲେକ୍‌ଟ୍ରିକାଲ୍ ଆଣ୍ଡ୍ ଇଲେକ୍ଟ୍ରୋନିକ୍ସ ଇଞ୍ଜିନିୟରିଂରେ ଗତବର୍ଷ ତୁଳନାରେ ୫୦ତମ ସ୍ଥାନ ଉନ୍ନତି ଘଟି ଦେଶର ୮ମ ସ୍ଥାନରେ ପହଞ୍ଚିଛି।

### ଫୁରସତ୍

# ମା'ଙ୍କର ସୁରକ୍ଷା ଜରୁରୀ

### ଜାତୀୟ ସୁରକ୍ଷିତ ମାତୃତ୍ୱ ଦିବସ



ପିଲାଟିଏ ଜନ୍ମ ହେବା ସହିତ ଉଭୟ ନବଜାତ ଶିଶୁ ଏବଂ ପ୍ରସୂତିଙ୍କ ସୁରକ୍ଷା ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ମା'ଙ୍କର ସୁରକ୍ଷାକୁ ଦୃଷ୍ଟିରେ ରଖି ସଚେତନତା ସୃଷ୍ଟି ପାଇଁ ପ୍ରତିବର୍ଷ ଏପ୍ରିଲ ୧୧ରେ ଜାତୀୟ ସୁରକ୍ଷିତ ମାତୃତ୍ୱ ଦିବସ ପାଳନ କରାଯାଇଥାଏ । ଗର୍ଭାବସ୍ଥାରେ, ପ୍ରସବ ସମୟରେ ଏବଂ ପ୍ରସବକାଳୀନ ସେବାରେ ପର୍ଯ୍ୟାପ୍ତ ଯତ୍ନ ନେବା କ୍ଷେତ୍ରରେ ସଚେତନତା ସୃଷ୍ଟି କରିବା ପାଇଁ ଏହା ଭାରତୀୟ ହ୍ୱାଇଟ ରିବନ ଆଲାଏନ୍ସର ଏକ ସ୍ୱତନ୍ତ୍ର ପଦକ୍ଷେପ। ଭାରତରେ ମାତୃ ମୃତ୍ୟୁ ହାର ୧୫ ପ୍ରତିଶତ, ଯାହାକି ପୃଥିବୀରେ ସର୍ବାଧିକ। ଗର୍ଭାବସ୍ଥାରେ ଯତ୍ନ ଅଭାବରୁ ପ୍ରତିବର୍ଷ ଭାରତରେ ୪୪,୦୦୦ ମହିଳାଙ୍କର ମୃତ୍ୟୁ ଘଟିଥାଏ । ୧୮୦୦ ସଂଗଠନର ମିଳିତ ମଞ୍ଚ ଭାରତୀୟ ହ୍ୱାଇଟ ରିବନ ଆଲାଏନ୍ସର ଅନୁରୋଧ କ୍ରମେ ଭାରତ ସରକାର ଏପ୍ରିଲ ୧୧କୁ ୨୦୦୩ରେ ଜାତୀୟ ସୁରକ୍ଷିତ ମାତୃତ୍ୱ ଦିବସ ଭାବରେ ଘୋଷଣା କରିଥିଲେ । ଏହି ଦିନଟି କସ୍ତୁରବା ଗାନ୍ଧୀଙ୍କ ଜନ୍ମ ବାର୍ଷିକୀ ଭାବେ ମଧ୍ୟ ପାଳନ କରାଯାଇଥାଏ । ଗର୍ଭବତୀ ଏବଂ ସ୍ତନ୍ୟପାନ କରାଉଥିବା ମହିଳାଙ୍କ ପାଇଁ ଉପଯୁକ୍ତ ସ୍ୱାସ୍ଥ୍ୟସେବା ଏବଂ ପ୍ରସୂତି ସୁବିଧା ବିଷୟରେ ସଚେତନତା ସୃଷ୍ଟି କରିବା ଲାଗି ଏହି ଦିବସ ପାଳନ ଅବସରରେ ଅଭିଯାନ ଆୟୋଜିତ ହୋଇଥାଏ । ମହିଳାମାନଙ୍କର ନିରାପତ୍ତା ବିଷୟରେ ସଚେତନତା ସୃଷ୍ଟି କରିବା ଏବଂ ନିରାପଦ ପ୍ରସବ ଏବଂ ଗର୍ଭଧାରଣ ସମେତ ଯେକୌଣସି ଅବସ୍ଥାରେ ସେମାନଙ୍କ ପାଇଁ ଜୀବନ ବଞ୍ଚିବାର ଅଧିକାରକୁ ସୁନିଶ୍ଚିତ କରିବା ଲାଗି ଏହି ଦିବସ ପାଳନ ଅବସରରେ ଆୟୋଜିତ କାର୍ଯ୍ୟକ୍ରମଗୁଡ଼ିକରେ ଲକ୍ଷ୍ୟ ରଖାଯାଇଥାଏ । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ତଥ୍ୟ ଅନୁଯାୟୀ, ଗର୍ଭଧାରଣ ଏବଂ ପ୍ରସବ ସମ୍ବନ୍ଧୀୟ ପ୍ରତିରୋଧକ କାରଣରୁ ପ୍ରତିଦିନ ପ୍ରାୟ ୮୩୦ ମହିଳାଙ୍କର ମୃତ୍ୟୁ ଘଟିଥାଏ । ବିକାଶଶୀଳ ଦେଶମାନଙ୍କରେ ମାତୃ ମୃତ୍ୟୁହାର ମଧ୍ୟ ଅଧିକ ରହିଛି। ପ୍ରସବ ପୂର୍ବରୁ, ସମୟରେ ଏବଂ ପରେ ମା'ଙ୍କର ଏବଂ ନବଜାତ ଶିଶୁଙ୍କର ଜୀବନ ରକ୍ଷା କରିବା ଲାଗି ଏହି ଅବସରରେ ସଚେତନତା ସୃଷ୍ଟି କରାଯାଇଥାଏ।

## ରାମ ଅବତାରରେ ପ୍ରଭାସଙ୍କ ପୋଷ୍ଟର



**ମୁମ୍ବାଇ:** ସାଉଥ୍ ଇଣ୍ଡଷ୍ଟ୍ରିର ଆଗଧାଡିର ଅଭିନେତା ପ୍ରଭାସଙ୍କ ଅଭିନୀତ ଫିଲ୍ମ 'ଆଦିପୁରୁଷ'କୁ ନେଇ ଚର୍ଚ୍ଚା ଲାଗିରହିଛି। ଏଥିରେ ସବୁଠାରୁ ଭିନ୍ନ ଚରିତ୍ରରେ ପ୍ରଭାସଙ୍କୁ ଦେଖିବାକୁ ମିଳିବ । ପ୍ରଭାସ 'ଆଦିପୁରୁଷ'ରେ ଭଗବାନ ରାମଙ୍କ ଚରିତ୍ରରେ ନଜର ଆସିବେ। ରାମ ନବମୀ ଅବସରରେ ନିର୍ଦ୍ଦେଶକ ଓମ ରାଉତ ଏକ ଭିଡିଓ ଶେୟାର କରିଛନ୍ତି। କେତେକ ପୋଷ୍ଟରକୁ ନେଇ ଏକ ଭିଡିଓ ତାଙ୍କ ଅଫିସିଆଲ ଟୁଇଟର ଆକାଉଣ୍ଟରେ ଅପ୍‌ଲୋଡ୍ କରିଛନ୍ତି। ଏଥିରେ ପ୍ରଶଂସକଙ୍କ ଦ୍ୱାରା ପ୍ରସ୍ତୁତ କେତେକ ଛବି ରହିଛି। ଏହି ପୋଷ୍ଟରଗୁଡ଼ିକରେ ପ୍ରଭାସଙ୍କୁ ରାମ ଅବତାରରେ ଦେଖିବାକୁ ମିଳିଛି। ଏପରି ଭିଡିଓରେ ଜାରି କରି ନିର୍ଦ୍ଦେଶକ ପ୍ରଶଂସକଙ୍କୁ ରାମ ନବମୀର ଶୁଭେଚ୍ଛା ଜଣାଇଛନ୍ତି। ଫିଲ୍ମ 'ଆଦିପୁରୁଷ'ରେ କ୍ରୀତି ସାନନ୍, ସୈଫ ଅଲ୍ଲୀ ଖାନ୍ ମଧ୍ୟ ଅଭିନୟ କରିଛନ୍ତି। ୨୦୨୧ ଅଗଷ୍ଟରେ ଏହି ଚଳଚ୍ଚିତ୍ର ମୁକ୍ତିଲାଭ କରିବାକୁ ସ୍ଥିର ହୋଇଥିଲା। କିନ୍ତୁ ପରେ ତାହା ୨୦୨୩ ଜାନୁୟାରୀକୁ ଘୁଞ୍ଚାଯାଇଛି। ଟି-ସିରିଜ୍‌ର କ୍ରିଷନ କୁମାର, ଭୂଷଣ କୁମାର ଏବଂ ରେଟ୍ରୋଫାଇଲ୍ସର ଓମ୍ ରାଉତ, ପ୍ରସାଦ ସୂତାର, ରାଜେଶ ନାଏର ଫିଲ୍ମର ପ୍ରଯୋଜନା ଦାୟିତ୍ୱ ତୁଲାଇଛନ୍ତି। ଶେଷଥର ପାଇଁ 'ରାଧେଶ୍ୟାମ'ରେ ପ୍ରଭାସଙ୍କୁ ଦେଖିବାକୁ ମିଳିଥିଲା। ଏବେ ତାଙ୍କ ହାତରେ ପ୍ରଶାନ୍ତ ନିଲ୍‌ଙ୍କ 'ସଲାର' ଫିଲ୍ମ ରହିଛି।

## ହଜାରେ କୋଟି ଆୟ କଲା 'ଆର୍‌ଆର୍‌ଆର୍'

ମୁମ୍ବାଇ



'ଦ କଶ୍ମୀର ଫାଇଲ୍ସ' ପରେ ଏବେ ବକ୍ସ ଅଫିସରେ ହିଟ୍ କରୁଛି ଏସ୍‌ଏସ୍ ରାଜମୌଲିଙ୍କ ଫିଲ୍ମ 'ଆର୍‌ଆର୍‌ଆର୍'। ଏଥିରେ ରାମ ଚରଣ ଏବଂ ଜୁନିୟର ଏନ୍‌ଟିଆର୍ ମୁଖ୍ୟ ଭୂମିକାରେ ନଜରକୁ ଆସିଛନ୍ତି। ତେବେ ସିନେମାର ରିଲିଜ୍ ୨ ସପ୍ତାହରୁ ଅଧିକ ଦିନ ହେଲେ ମଧ୍ୟ ଦର୍ଶକଙ୍କ ମଧ୍ୟରେ ଏହାର କ୍ରେଜ୍ କମିନାହିଁ। ମୁଭିର ଆୟ ଏବେ ୧ ହଜାର କୋଟିରେ ପହଞ୍ଚିଛି। ଏହା ପରେ ମଧ୍ୟ ରୋଜଗାରରେ ବ୍ରେକ୍ ଲାଗିନି। ଚଳଚ୍ଚିତ୍ର ସମାଲୋଚକ ତରଣ ଆଦର୍ଶ ବକ୍ସ ଅଫିସର କଲେକ୍ସନ୍ ବିଷୟରେ ସୋସିଆଲ ମିଡିଆରେ ଜଣାଇଛନ୍ତି। ସେ ୧ ହଜାର କୋଟି ବିଜ୍‌ନେସ୍‌ର ପୋଷ୍ଟର ଶେୟାର କରି କ୍ୟାପସନ୍‌ରେ ଲେଖିଛନ୍ତି, ଆର୍‌ଆର୍‌ଆର୍ ଦୁନିଆଯାକରେ ୧ ହଜାର କୋଟିର ଆୟ କରିସାରିଲାଣି। ଏସ୍‌ଏସ୍ ରାଜମୌଲି ପୁଣି ଥରେ ଭାରତୀୟ ସିନେମାର ଚମକ ଫେରାଇ ଆଣିଛନ୍ତି ବୋଲି ଲେଖିଛନ୍ତି। ଆଉ ମଧ୍ୟ ସେ ଲେଖିଛନ୍ତି, ରାମ ଚରଣ ଏବଂ ଜୁନିୟର ଏନ୍‌ଟିଆର୍ ଏବେ ୧ ହଜାର କୋଟି କ୍ଲବରେ ଡେବ୍ୟୁ କରିଛନ୍ତି। ସିନେମାରେ ରାମ ଚରଣ ଏବଂ ଜୁନିୟର ଏନ୍‌ଟିଆର୍‌ଙ୍କ ସହ ଆଲିଆ ଭଟ୍ଟ ଏବଂ ଅଜୟ ଦେବଗନଙ୍କୁ ମଧ୍ୟ ପ୍ରମୁଖ ଭୂମିକାରେ ଦେଖିବାକୁ ମିଳିଛି। ଏଥିରେ ୨ଜଣ ସ୍ୱତନ୍ତ୍ର ସେନାଙ୍କ କାହାଣୀ ବର୍ଣ୍ଣନା କରାଯାଇଛି। 'ବାହୁବଳୀ' ପରେ ରାଜମୌଲିଙ୍କ ଏହି ଫିଲ୍ମକୁ ବିପୁଳ ସଫଳତା ମିଳିଛି।

## ସୁଟ୍ ବୁଟ୍‌ରେ ଚାଟ୍ ବିକ୍ରି

ପଟିଆଲା



ଜଣେ ୨୨ ବର୍ଷୀୟ ଯୁବକ ସୁଟ୍ ବୁଟ୍ ପିନ୍ଧି ରାସ୍ତାକଡରେ ଚାଟ୍, ଗୁପଚୁପ ବିକ୍ରି କରୁଛନ୍ତି। ଏପରି ଏକ ଭିଡିଓକୁ ନିକଟରେ ୟୁଟ୍ୟୁବର ହ୍ୟାରି ଉପଲ ସୋସିଆଲ ମିଡିଆରେ ଶେୟାର କରିଥିଲେ, ଯାହା ଏବେ ଭାଇରାଲ ହେବାରେ ଲାଗିଛି। ତାଙ୍କର ଏପରି ବେଶଭୂଷାକୁ ଦେଖି ଅନେକେ ବିଭିନ୍ନ ପ୍ରକାର ପ୍ରତିକ୍ରିୟା ରଖିଛନ୍ତି। ୟୁଟ୍ୟୁବ୍‌ର ହ୍ୟାରି ତାଙ୍କୁ ଦୋକାନରେ ଏପରି ସୁଟ୍ ବୁଟ୍ କାହିଁକି ପିନ୍ଧିଛନ୍ତି ବୋଲି ପ୍ରଶ୍ନ କରିଥିଲେ। ଉତ୍ତରରେ ସେ କହିଛନ୍ତି, ନିଜ ବିଜନେସ୍‌କୁ ସଫଳ କରିବା ପାଇଁ ସେ ଏପରି କାର୍ଯ୍ୟ କରୁଛନ୍ତି। ତାଙ୍କ ପାଖରେ ହୋଟେଲ ମ୍ୟାନେଜମେଣ୍ଟର ସାର୍ଟିଫିକେଟ୍ ରହିଥିଲେ ମଧ୍ୟ ସେ ତାଙ୍କ ନିଜ ବିଜନେସ୍ କରିବାକୁ ଚାହାନ୍ତି ବୋଲି କହିଥିଲେ। ୨୨ ବର୍ଷୀୟ ମଞ୍ଜିନ୍ଦର ସିଂ ବଡଭାଇଙ୍କ ସହ ମିଶି ଏହି ବିଜନେସ୍ କରିବାକୁ ଆଗେଇ ଆସିଛନ୍ତି। ସେମାନେ ତାଙ୍କ ଦୋକାନରେ ଚାଟ୍‌ର ବିଭିନ୍ନ ଭେରାଇଟି ତିଆରି କରି ବିକ୍ରି କରୁଛନ୍ତି। ଦୁହିଙ୍କ ଏପରି ପ୍ରୟାସକୁ କେତେକ ଲୋକ ପସନ୍ଦ କରିଛନ୍ତି। ଦୁହେଁ ପଟିଆଲାର ମୋହାଲିରେ ଏକ ଚାଟ୍ ଦୋକାନ କରିଛନ୍ତି। ସେମାନେ ଲୋକଙ୍କୁ କିଛି ନୂଆ ସ୍ୱାଦ ଚଖାଇବାକୁ ପ୍ରୟାସ କରୁଛନ୍ତି।

## 'ମା' ତୁମକୁ ସ୍ୱର୍ଗରେ ଦେଖା ହେବି'

କିଭ୍




'ମା ତୁମକୁ ଏବେ ସ୍ୱର୍ଗରେ ଦେଖା ହେବି। ପୂରା ଚେଷ୍ଟା କରୁଛି ଯେପରି ମୁଁ ଭଲ ମଣିଷ ହେବି, ଯେଉଁଥିପାଇଁ ମତେ ସ୍ୱର୍ଗରେ ଜାଗା ମିଳିବ। ମୋ ଜୀବନର ସବୁଠାରୁ ସୁନ୍ଦର ୯ ବର୍ଷ ମୋତେ ଦେଇଥିବାରୁ ତୁମକୁ ଧନ୍ୟବାଦ। ମୋ ପିଲାଦିନ ପାଇଁ ମୁଁ ତୁମ ପାଖରେ ବହୁତ କୃତଜ୍ଞ। ତୁମେ ଏହି ଦୁନିଆର ସବୁଠାରୁ ଭଲ ମା' ଥିଲ। ମୁଁ ତୁମକୁ କେବେ ଭୁଲିପାରିବି ନାହିଁ।' ଏପରି ଚିଠିର ଏକ ଫଟୋ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ରିପୋର୍ଟ ମୁତାବକ, ୟୁକ୍ରେନ୍‌ର ୯ ବର୍ଷ ବୟସର ଜଣେ ଛୋଟ ଝିଅ ଏବଂ ତାଙ୍କ ମା' ରୁଷିଆ ଆକ୍ରମଣରୁ ନିଜକୁ ରକ୍ଷା କରିବା ପାଇଁ ଦେଶ ଛାଡ଼ିବାକୁ ଚେଷ୍ଟା କରୁଥିଲେ। ହେଲେ ମିଶାଇଲ ଆକ୍ରମଣରେ ତାଙ୍କ ମା'ଙ୍କ ମୃତ୍ୟୁ ଘଟିଛି। ନିଜ ଦୁଃଖ ବାଣ୍ଟିବାକୁ ଯାଇ ବାଳିକା ଜଣକ ତାଙ୍କ ମା'ଙ୍କ ନାମରେ ଏକ ଚିଠି ଲେଖିଛନ୍ତି। ଚିଠିଟିକୁ ୟୁକ୍ରେନ୍ ପାର୍ଲାମେଣ୍ଟର ଜଣେ ସଦସ୍ୟ ଟୁଇଟରରେ ଶେୟାର କରିଛନ୍ତି। ଯୁଦ୍ଧ ପ୍ରଭାବିତ ୟୁକ୍ରେନ୍‌ର ସାଧାରଣ ନାଗରିକଙ୍କ ଦୁର୍ଦ୍ଦଶା ଏଥିରୁ ଅନୁମେୟ ବୋଲି ସେ କହିଛନ୍ତି।

# ରୋମାଞ୍ଚକ ବିଜୟ ସହ ଶୀର୍ଷରେ ରାଜସ୍ଥାନ

ମୁମ୍ବାଇ, ୧୦।୪

ଇଣ୍ଡିଆନ ପ୍ରିମିୟର ଲିଗ୍‌ର ରବିବାର ଅନୁଷ୍ଠିତ ଡବଲ ହେଡର ଦ୍ୱିତୀୟ ମ୍ୟାଚରେ ରାଜସ୍ଥାନ ରୟାଲ୍ସ ରୋମାଞ୍ଚକଭାବେ ୩ ରନରେ ଲକ୍ଷ୍ନୌ ସୁପର ଜିଆଣ୍ଟ୍ସକୁ ପରାସ୍ତ କରିଛି। ରାଜସ୍ଥାନ ୨୦ ଓଭରରେ ୬ ଉଇକେଟ ହରାଇ ୧୬୫ ରନ କରିଥିଲା। ଲକ୍ଷ୍ନୌ ସୁପର ଜିଆଣ୍ଟ୍ସ ବିଜୟର ନିକଟତର ହୋଇଥିଲେ ହେଁ ୨୦ ଓଭରରେ ୮ ଉଇକେଟ ହରାଇ ୧୬୨ ରନରେ ସୀମିତ ରହିଥିଲା। ୪ ମ୍ୟାଚରୁ ତୃତୀୟ ବିଜୟ ସହ ରାଜସ୍ଥାନ ଟେବୁଲର ଶୀର୍ଷକୁ ଉନ୍ନୀତ ହୋଇଛି। ଅନ୍ୟପକ୍ଷରେ ଲକ୍ଷ୍ନୌ ଦଳ ୫ ମ୍ୟାଚରୁ ଦ୍ୱିତୀୟ ପରାଜୟ ବରଣ କରିଛି।

ଟସ୍ ହାରି ପ୍ରଥମେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ରାଜସ୍ଥାନ ୬୪ ରନରେ ଟପ୍ ଅର୍ଡରର ୪ଟି ଉଇକେଟ ହରାଇଥିଲା। ଫର୍ମରେ ଥିବା ଜୋଶ ବଟଲର ୧୩, ଯୁବ ଓପନର ଦେବଦତ୍ତ ପଡିକାଲ ୨୯, ଅଧିନାୟକ ସଞ୍ଜୁ ସାମସନ ୧୩ ଓ ରସି ଭାନ୍ ଡର ଡୁସେନ ୪ ରନରେ ଆଉଟ ହୋଇଥିଲେ। ହେଟମେର ୩୬ ବଲ୍‌ରୁ ୧ ଚୌକା ଓ ୬ ଛକା ସହାୟତାରେ ୫୯ ରନରେ ଅପରାଜିତ ରହିବା ସହ ଦଳର ରନ୍ ସଂଖ୍ୟାକୁ ୧୫୦ ଅତିକ୍ରମ କରାଇଥିଲେ। ରବିଚନ୍ଦ୍ରନ ଅଶ୍ୱିନ ୨୮ ରନକରି ରିଟାୟର୍ଡ ଆଉଟ ହୋଇଥିଲେ। ଲକ୍ଷ୍ନୌ ବୋଲରଙ୍କ ମଧ୍ୟରେ ଜାସନ ହୋଲ୍ଡର ଓ କ୍ରିଷ୍ଣାପ୍ପା ଗୋଥାମ ୨ଟି ଲେଖାଏ ଏବଂ ଆଭେଶ ଖାଁ ଗୋଟିଏ ଉଇକେଟ ନେଇଥିଲେ। ଅନ୍ୟପକ୍ଷରେ କ୍ରମାଗତ ବ୍ୟବଧାନରେ ଉଇକେଟ ପତନ ଲକ୍ଷ୍ନୌ ଦଳପାଇଁ ମହଙ୍ଗା ପଡ଼ିଥିଲା। ଶେଷ ଓଭରରେ ବିଜୟ ପାଇଁ ଦଳକୁ ୧୫ ରନ ଆବଶ୍ୟକ ହେଉଥିବାବେଳେ ୧୧ ରନ ସଂଗ୍ରହ ହୋଇ ପାରିଥିଲା। କ୍ୱିଣ୍ଟନ ଡି'କକ୍ ସର୍ବାଧିକ ୩୯ ରନ କରିଥିବାବେଳେ ମାର୍କୁସ ଷ୍ଟୋଇନିସ ୩୮ (୧୭ ବଲ, ୨ ଚୌକା, ୪ ଛକା) ରନରେ ଅପରାଜିତ ରହିଥିଲେ। ଦୀପକ ହୁଡା ୨୫ ଓ କୃନାଲ ପାଣ୍ଡ୍ୟା ୨୨ ରନର ଯୋଗଦାନ ଦେଇଥିଲେ। ରାଜସ୍ଥାନ ପକ୍ଷରୁ ୪ ଉଇକେଟ ହାସଲ କରିଥିବା ଯୁଜବେନ୍ଦ୍ର ଚହଲ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଟ୍ରେଣ୍ଟ ବୋଲ୍ଟଙ୍କୁ ୨ଟି ଉଇକେଟ ମିଳିଥିଲା।


ଉଇକେଟ ନେବାପରେ ସାଥୀ ଖେଳାଳିଙ୍କ ସହ ଯୁଜବେନ୍ଦ୍ର ଚହଲ (ମଝି)।

**ସଂକ୍ଷିପ୍ତ ସ୍କୋର**

ରାଜସ୍ଥାନ ରୟାଲ୍ସ ୨୦ ଓଭରରେ ୧୬୫/୬ (ଶିମରନ ହେଟମେର-୫୯*, ଦେବଦତ୍ତ ପଡିକାଲ-୨୯, ଜାସନ ହୋଲ୍ଡର-୨/୫୦, କ୍ରିଷ୍ଣାପ୍ପା ଗୋଥାମ-୨/୩୦, ଆଭେଶ୍ ଖାଁ-୧/୩୧)। ଲକ୍ଷ୍ନୌ ସୁପର ଜିଆଣ୍ଟ୍ସ ୨୦ ଓଭରରେ ୧୬୨/୮ (କ୍ୱିଣ୍ଟନ ଡି'କକ୍-୩୯, ଦୀପକ ହୁଡା-୨୫, ମାର୍କୁସ ଷ୍ଟୋଇନିସ-୩୮*, କୃନାଲ ପାଣ୍ଡ୍ୟା-୨୨, ଯୁଜବେନ୍ଦ୍ର ଚହଲ-୪/୪୧, ଟ୍ରେଣ୍ଟ ବୋଲ୍ଟ-୨/୩୦, ପ୍ରସିଦ୍ଧ କ୍ରିଷ୍ଣା-୧/୩୫, କୁଲଦୀପ ସେନ୍-୧/୩୫)।

## ଆଇପିଏଲ୍‌ରେ ପ୍ରଥମ ରିଟାୟର୍ଡ ଆଉଟ୍

**ମୁମ୍ବାଇ, ୧୦।୪:** ରାଜସ୍ଥାନ ରୟାଲ୍ସ ଅଲରାଉଣ୍ଡର ରବିଚନ୍ଦ୍ରନ ଅଶ୍ୱିନ ଆଇପିଏଲ୍ ଇତିହାସର ପ୍ରଥମ ଖେଳାଳି ଭାବେ ରିଟାୟର୍ଡ ଆଉଟ୍ ହୋଇଛନ୍ତି। ଲକ୍ଷ୍ନୌ ସୁପର ଜିଆଣ୍ଟ୍ସ ବିପକ୍ଷ ମ୍ୟାଚ୍‌ରେ ଅଶ୍ୱିନ ୨୩ ବଲରେ ୨୮ ରନ୍‌ର ଉପଯୋଗୀ ପାଳି ଖେଳିଥିଲେ। ହେଲେ ଅନ୍ତିମ ଓଭରରେ ଦଳ ପାଇଁ ଦ୍ରୁତ ଗତିରେ ରନ୍ କରିବାରେ ବିଫଳ ଥିବାରୁ ଭେଟେରାନ ଅଲରାଉଣ୍ଡର ନିଜ ଉଇକେଟ ପରବର୍ତ୍ତୀ ବ୍ୟାଟର ରିୟାନ ପରାଗଙ୍କ ଲାଗି ବଳିଦାନ ଦେଇଥିଲେ। ୨୦୦୮ରୁ ଆରମ୍ଭ ହୋଇଥିବା ଟୁର୍ନାମେଣ୍ଟ ଇତିହାସରେ ଏଭଳି କଦାପି ଘଟି ନ ଥିଲା। କିନ୍ତୁ ଅଶ୍ୱିନଙ୍କ ଏଭଳି ନିଷ୍ପତ୍ତିକୁ ୱେଷ୍ଟଇଣ୍ଡିଜ କିମ୍ବଦନ୍ତୀ ଇଆନ ବିଶୋପ, ପୂର୍ବତନ ଇଂଲଣ୍ଡ ଅଧିନାୟକ ମାଇକେଲ ଭନ, ପୂର୍ବତନ ଭାରତୀୟ ଅଲରାଉଣ୍ଡର ଇର୍ଫାନ ପଠାନ ପ୍ରଶଂସା କରିଛନ୍ତି।

## ସନ୍ଦୀପ, ରୋହିତ, ପ୍ରଶାନ୍ତଙ୍କ ଶତକ

**ଭୁବନେଶ୍ୱର, ୧୦।୪:** ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ଆନୁକୂଲ୍ୟରେ ଚାଲିଥିବା କଳାହାଣ୍ଡି କପ୍ ଦିନିକିଆ ଟୁର୍ନାମେଣ୍ଟରେ ଡାଇମଣ୍ଡ ଗ୍ରୁପ୍‌ରେ ରବିବାର ୬ଟି ମ୍ୟାଚ୍ ଖେଳାଯାଇଥିଲା। ସେହି ମ୍ୟାଚ୍‌ରେ ଇଷ୍ଟ କୋଷ୍ଟ ରେଲୱେ, କଟକ ବି', ବିବିଏସ୍ଆର ଏ', ଝାରସୁଗୁଡ଼ା, କଟକ ଏ', ବିବିଏସ୍ଆର ବି' ବିଜୟ ଲାଭ କରିଛନ୍ତି। ସନ୍‌ସାଇନ ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚ୍‌ରେ ଇଷ୍ଟ କୋଷ୍ଟ ରେଲୱେ ୫୦ ଓଭରରେ ୮ ଉଇକେଟ ହରାଇ ୩୧୨ ରନ୍ କରିଥିଲା। ଜବାବରେ ୧୮୬ ରନ୍‌ରେ ସୀମିତ ରହିଥିଲା ଖୋର୍ଦ୍ଧା। ମ୍ୟାଚ୍‌ରେ ବିଜୟୀ ଦଳ ପାଇଁ ସୂର୍ଯ୍ୟକାନ୍ତ ପ୍ରଧାନ ୫ ଉଇକେଟ ନେଇଥିଲେ। ସେହିଭଳି ଶିବାଶିଷ ସାହୁଙ୍କ ୬ ଉଇକେଟ ସଫଳତା ଯୋଗୁ ସୁନ୍ଦରଗଡ଼ ମାତ୍ର ୧୨୪ ରନ୍‌ରେ ଅଲଆଉଟ୍ ହୋଇଯାଇଥିଲା। ପରେ ବିଜୟଲକ୍ଷ୍ୟକୁ ୬ ଉଇକେଟ ହରାଇ କଟକ ବି' ହାସଲ କରି ନେଇଥିଲା। ସି.ଭି. ରମଣ ଗ୍ରାଉଣ୍ଡରେ ସନ୍ଦୀପ କେ.ପଟ୍ଟନାୟକ (୧୧୮)ଙ୍କ ଶତକ ବଳରେ ବିବିଏସ୍ଆର ଏ' ୫୭ ରନ୍‌ରେ ସମ୍ବଲପୁରକୁ ହରାଇ ଦେଇଛି। ସମ୍ବଲପୁର ପାଇଁ ପ୍ରଶାନ୍ତ କେ ଦାସ ୧୧୨ ରନ୍‌ର ଅପରାଜିତ ପାଳି ଖେଳିଥିଲେ। ଅନ୍ୟ ଏକ ମ୍ୟାଚ୍‌ରେ ରାଉରକେଲାକୁ ୬ ଉଇକେଟରେ ହରାଇ ଦେଇଛି ଝାରସୁଗୁଡ଼ା। ରେଭେନ୍ସାର ଦ୍ୱିତୀୟ ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚ୍‌ରେ କଟକ ଏ' ୬ ଉଇକେଟରେ ୩୩୧ ରନ୍ କରିଥିବା ବେଳେ ଯାଜପୁର ୧୮୧ ରନ୍‌ରେ ଅଲଆଉଟ୍ ହୋଇଯାଇଥିଲା। ସେହିପରି ବିବିଏସ୍ଆର୍ ବି' (୩୩୬/୭) ୯୯ ରନ୍‌ରେ ମୟୂରଭଞ୍ଜ(୨୩୭/୯)କୁ ହରାଇ ଦେଇଛି। ବିଜୟୀ ଦଳ ପାଇଁ ରୋହିତ ସାଗର ୧୧୬ ରନ୍‌ର ଶତକୀୟ ପାଳି ଖେଳିଥିଲେ।

# ସମ୍ବିତ, ଅନ୍ୱେଷ ଚାମ୍ପିୟନ


ରାଜ୍ୟ ର୍‍ୟାପିଡ୍ ଓ ବ୍ଲିଜ୍ ଚେସ୍‌ର କୃତୀ ପ୍ରତିଯୋଗୀମାନେ ପୁରସ୍କାର ସହ ଅତିଥିଙ୍କ ଗହଣରେ।

**ରାଜ୍ୟ ର୍‍ୟାପିଡ, ବ୍ଲିଜ୍ ଚେସ୍ ଉଦ୍‌ଯାପିତ**

ଭୁବନେଶ୍ୱର, ୧୦।୪ (କ୍ରୀଡ଼ା ପ୍ରତିନିଧି)

କଟକ ଜିଲା ଚେସ୍ ଆସୋସିଏଶନ ଆନୁକୂଲ୍ୟରେ ବାରବାଟୀ ଷ୍ଟାଡିୟମ ପରିସରରେ ରବୀନ୍ଦ୍ର ନାଥ ସାହୁ ସ୍ମାରକୀ ରାଜ୍ୟ ର୍‍ୟାପିଡ ଓ ବ୍ଲିଜ୍ ଚେସ୍ ଚାମ୍ପିୟନଶିପ ରବିବାର ଉଦ୍‌ଯାପିତ ହୋଇଛି। ଏହାର ର୍‍ୟାପିଡ ବିଭାଗରେ ସମ୍ବିତ ପଣ୍ଡା ଓ ବ୍ଲିଜ୍‌ରେ ଅନ୍ତର୍ଜାତୀୟ ମାଷ୍ଟର ଅନ୍ୱେଷ ଉପାଧ୍ୟାୟ ଚାମ୍ପିୟନ ହୋଇଛନ୍ତି।

ର୍‍ୟାପିଡ ବିଭାଗରେ ସମ୍ବିତ ୭.୫ ପଏଣ୍ଟ ସହିତ ପ୍ରଥମସ୍ଥାନ ଅଧିକାର କରିଥିବାବେଳେ ମନୀଷ କୁମାର, ଫକିର ମାଝି (ଉଭୟେ ୭ ପଏଣ୍ଟ), ଅନ୍ୱେଷ ଉପାଧ୍ୟାୟ, ସଞ୍ଜୀବନ ନାୟକ (ଉଭୟେ ୬.୫) ଟପ୍-୫ରେ ରହିଥିଲେ। ସେହିପରି ବ୍ଲିଜ୍‌ରେ ଅନ୍ୱେଷ, ରାକେଶ କୁମାର ଜେନା, ମନୋଜ କୁମାର ପାଣିଗ୍ରାହୀ ଓ ସଞ୍ଜୀବନ ନାୟକ ୭ ପଏଣ୍ଟ ଲେଖାଏ ପାଇ ପ୍ରଥମ ୪ ସ୍ଥାନ ଅଧିକାର କରିଛନ୍ତି। ନିଲ୍‌ସୁ ପଟ୍ଟନାୟକ ୬.୫ ପଏଣ୍ଟ ସହ ୫ମ ସ୍ଥାନରେ ରହିଛନ୍ତି। ଉଦ୍‌ଯାପନୀ ଉତ୍ସବରେ ଓଡ଼ିଶା ଅଲିମ୍ପିକ୍ ଆସୋସିଏଶନ ସମ୍ପାଦକ ଅଭିଜିତ ପାଲ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। କଟକ ଜିଲା ଚେସ୍ ଆସୋସିଏଶନ ସମ୍ପାଦକ ଅଜୟ କୁମାର ନାୟକ, ଯୁଗ୍ମ ସମ୍ପାଦକ ତାପସ ମହାନ୍ତି, ସଭାପତି ବିବେକ ତିବରୱାଲ, ଉପସଭାପତି ସନ୍ତୋଷ କୁମାର ପୃଷ୍ଟି, ସର୍ବଭାରତୀୟ ଚେସ୍ ଫେଡେରେଶନ ଯୁଗ୍ମ ସମ୍ପାଦକ ରଞ୍ଜନ ମହାନ୍ତି, ଅଲ୍‌ଓଡ଼ିଶା ଚେସ୍ ଆସୋସିଏଶନ ସଭାପତି ଜି.ସି. ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ରାଜ୍ୟର ପ୍ରଥମ ଗ୍ରାଣ୍ଡମାଷ୍ଟର ଦେବାଶିଷ ଦାସଙ୍କୁ ଆୟୋଜକ ଆସୋସିଏଶନର ଆଜୀବନ ସଦସ୍ୟଭାବେ ଗ୍ରହଣ କରାଯାଇଥିଲା। ଅନ୍ତର୍ଜାତୀୟ ଆର୍ବିଟର ନିହାର ରଞ୍ଜନ ସାସମଲ, ତାପସ ମହାନ୍ତି ଓ ଫିଡେ ଆର୍ବିଟର ଜ୍ୟୋତି ଶଙ୍କର ନନ୍ଦ ଟୁର୍ନାମେଣ୍ଟ ପରିଚାଳନା କରିଥିଲେ।

# ସବିତାଙ୍କ ନୂଆ ରେକର୍ଡ

**ରାଜ୍ୟ ଆଥଲେଟିକ୍ସ ମିଟ୍**

**ଭୁବନେଶ୍ୱର, ୧୦।୪ (କ୍ରୀଡ଼ା ପ୍ରତିନିଧି):** କିଟ୍ ଆଥଲେଟିକ୍ ଷ୍ଟାଡିୟମରେ ଚାଲିଥିବା ୬୮ତମ ରାଜ୍ୟ ସିନିୟର ଓ ଜୁନିୟର ଆଥଲେଟିକ୍ସ ଚାମ୍ପିୟନଶିପ୍‌ରେ ନୂଆ ମିଟ୍ ରେକର୍ଡ ସୃଷ୍ଟି କରିଛନ୍ତି ଭୁବନେଶ୍ୱରର ସବିତା ଟପ୍ପୋ। ୧୮ ବର୍ଷରୁ କମ୍ ବାଳିକା ୧୦୦ ମିଟର ହର୍ଡଲ୍ସରେ ସବିତା ୧୪.୮ ସେକେଣ୍ଡ ସମୟ ନେଇ ପୂର୍ବ ରେକର୍ଡ ଭାଙ୍ଗିଥିଲେ। ଏହି ଇଭେଣ୍ଟରେ ପୁରୁଣା ରେକର୍ଡ ୧୫.୧ ସେକେଣ୍ଡ ଥିଲା। ଗତ ୩ ଦିନ ପ୍ରତିଯୋଗିତା ମଧ୍ୟରେ ୭ଟି ନୂଆ ମିଟ୍ ରେକର୍ଡ ପ୍ରତିଷ୍ଠା ହୋଇଛି। ଏହା ମଧ୍ୟରେ ଗୋଟିଏ ରାଜ୍ୟ ରେକର୍ଡ ମଧ୍ୟ ସାମିଲ।


ସବିତା ଟପ୍ପୋ

## ପ୍ରଶଂସକଙ୍କ ଫୋନ ଭାଙ୍ଗିଲେ ରୋନାଲ୍ଡୋ

**ମାଞ୍ଚେଷ୍ଟର, ୧୦।୪ (ଏପି):** ଏଭରଟନଠାରୁ ହାରିବା ପରେ ମାଞ୍ଚେଷ୍ଟର ୟୁନାଇଟେଡ୍ ଷ୍ଟାର ଖ୍ରିଷ୍ଟିଆନୋ ରୋନାଲ୍ଡୋ ଜଣେ ପ୍ରଶଂସକଙ୍କ ଫୋନ ଭାଙ୍ଗିଛନ୍ତି। ଏହି ଘଟଣାର ତଦନ୍ତ ଆରମ୍ଭ କରିଛି ପୋଲିସ। ପର୍ତ୍ତୁଗାଲ ଷ୍ଟାର ରୋନାଲ୍ଡୋ ଶନିବାର ଏକ ଇନ୍‌ଷ୍ଟାଗ୍ରାମ ପୋଷ୍ଟରେ ଲେଖିଛନ୍ତି, କଷ୍ଟକର ମୁହୂର୍ତ୍ତରେ ଭାବନାକୁ ନିୟନ୍ତ୍ରଣରେ ରଖିବା ସହଜ ନୁହେଁ। ମୋ କାର୍ଯ୍ୟ ପାଇଁ କ୍ଷମା ଚାହୁଁଛି। ଯଦି ସମ୍ଭବ ମୁଁ ସେହି ପ୍ରଶଂସକଙ୍କୁ ଓଲ୍ଡ ଟ୍ରାଫର୍ଡରେ ଏକ ମ୍ୟାଚ୍ ଦେଖିବାକୁ ଆମନ୍ତ୍ରଣ କରିବାକୁ ଚାହେଁ।

# ନୀଳକଣ୍ଠେଶ୍ୱର ବୁଲ୍ସ ଏପିଏଲ୍ ଚାମ୍ପିୟନ

**ଭୁବନେଶ୍ୱର, ୧୦।୪ (ସ୍ପୋର୍ଟ୍ସ ବ୍ୟୁରୋ):** ଅନନ୍ତପୁର ପ୍ରିମିୟର ଲିଗ୍ (ଏପିଏଲ୍)ର ପ୍ରଥମ ସଂସ୍କରଣ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଜେତା ହୋଇଛି ନୀଳକଣ୍ଠେଶ୍ୱର ବୁଲ୍ସ। ଫୁଲନଖରା ନିକଟସ୍ଥ ଅନନ୍ତପୁର ଗ୍ରାମରେ ଅନୁଷ୍ଠିତ ପ୍ରଥମ ଶର୍ଟ ବାଉଣ୍ଡାରି ଦିବାରାତ୍ର କ୍ରିକେଟ ଟୁର୍ନାମେଣ୍ଟରେ ୫ଟି ଦଳ ଭାଗ ନେଇଥିଲେ। ଆଇପିଏଲ ଶୈଳୀରେ ଅନୁଷ୍ଠିତ ଟୁର୍ନାମେଣ୍ଟର ଫାଇନାଲ ଅନନ୍ତପୁର ବୁଲ୍ସ ଏବଂ ରେଞ୍ଜର୍ସ-୧୧ ମଧ୍ୟରେ ଖେଳାଯାଇଥିଲା। ଏଥିରେ ରେଞ୍ଜର୍ସ-୧୧କୁ ୩୫ ରନ୍‌ରେ ହରାଇ ନୀଳକଣ୍ଠେଶ୍ୱର ବୁଲ୍ସ ଟାଇଟଲ ବିଜୟୀ ହୋଇଥିଲା। ବିଜୟୀ ଦଳକୁ ସାମାଜିକ କର୍ମୀ ବିନୋଦ ସାମନ୍ତରାୟ ପୁରସ୍କାର ଆକାରରେ ଟ୍ରଫି ଏବଂ ୧୫ ହଜାର ଟଙ୍କା ପ୍ରଦାନ କରିଥିଲେ। ନୀଳକଣ୍ଠେଶ୍ୱର ବୁଲ୍ସ ପକ୍ଷରୁ ଅଧିନାୟକ ଦେବାଶିଷ ସାସ୍ମଲ ଏବଂ ଓପ୍‌ନର ଅଶୋକ ସାମନ୍ତରାୟ ଟ୍ରଫି ଗ୍ରହଣ କରିଥିଲେ। ଚାମ୍ପିୟନ ଦଳର ସୁନୀଲ କୁମାର ଦାସ ମ୍ୟାନ୍ ଅଫ୍ ଦି ସିରିଜ୍ ପୁରସ୍କାର ପାଇଥିଲେ।


ପୁରସ୍କାର ଗ୍ରହଣ ଅବସରରେ ନୀଳକଣ୍ଠେଶ୍ୱର ବୁଲ୍ସ ଖେଳାଳି।

## ରାଜ୍ୟ ଖବର

# ୨ ବର୍ଷ ପରେ ଚାଲିଲା ଇଣ୍ଟରସିଟି



ଟ୍ରେନ୍ ଛାଡ଼ିବା ସମୟରେ ଉପସ୍ଥିତ ନେତୃବୃନ୍ଦ ଓ ଅନ୍ୟମାନେ।

ସମ୍ବଲପୁର,୧୦।୪(ବ୍ୟୁରୋ)

କୋଭିଡ୍ କଟକଣା ଯୋଗୁ ୨ ବର୍ଷ ଧରି ବନ୍ଦ ରହିଥିବା ସମ୍ବଲପୁର-ପୁରୀ ଇଣ୍ଟରସିଟି ଏକ୍ସପ୍ରେସ୍ ପୁଣି ରବିବାରଠାରୁ ଚଳାଚଳ ଆରମ୍ଭ କରିଛି। ଏହା ଚାଲିବା ପରେ ସମ୍ବଲପୁର ସମେତ ପଶ୍ଚିମ ଓଡ଼ିଶା ଜିଲାବାସୀ ବେଶ୍ ଖୁସିବ୍ୟକ୍ତ କରିଛନ୍ତି। ସକାଳ ୬ଟାରେ ଟ୍ରେନ୍ ଚାଲିବାର ପ୍ରଥମ ଦିନରେ ବହୁସଂଖ୍ୟକ ଯାତ୍ରୀ ଭୁବନେଶ୍ୱର ଓ ଅନ୍ୟ ସ୍ଥାନକୁ ଯାତ୍ରା କରିଥିଲେ। ନିର୍ଦ୍ଧାରିତ ସମୟରେ ଟ୍ରେନ୍ ଛାଡ଼ିବା ପୂର୍ବରୁ ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ରେଙ୍ଗାଲି ବିଧାୟକ ନାଉରୀ ନାଏକ, ଜିଲା ସଭାପତି ଗିରିଶ ପଟେଲ, ରାମଚନ୍ଦ୍ର ମେହେର, ଗୋବିନ୍ଦ ଅଗ୍ରୱାଲ, ମାନସ ରଞ୍ଜନ ବକ୍ସି ପ୍ରମୁଖ ଭାଜପା କର୍ମକର୍ତ୍ତା ସମ୍ବଲପୁର ରେଳଷ୍ଟେଶନରେ ପହଞ୍ଚିଥିଲେ। ଟ୍ରେନ୍ ଚାଳକଙ୍କୁ ଫୁଲମାଳ ପିନ୍ଧାଇ ସମ୍ବର୍ଦ୍ଧନା ଦେବା ସହ ଯାତ୍ରୀମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ। ପୂର୍ବଭଳି ପ୍ରତିଦିନ ସକାଳ ସମୟରେ ଏହି ଟ୍ରେନ୍ ଚାଲିବ ବୋଲି ରେଳ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ, କୋଭିଡ୍ କଟକଣା ଯୋଗୁ ରେଳ ଚଳାଚଳ ବନ୍ଦ ରହିଥିଲା। ପରିସ୍ଥିତି ସାମାନ୍ୟ ସ୍ୱାଭାବିକ ହେବା ପରେ କେତେକ ଟ୍ରେନ୍ ଚଳାଚଳ କରିଥିଲା। ହେଲେ ଇଣ୍ଟରସିଟି ଚାଲୁ ନ ଥିଲା। ଏହାର ଚଳାଚଳ ପାଇଁ ବିଭିନ୍ନ ରାଜନୈତିକ ଦଳ, ବୁଦ୍ଧିଜୀବୀ, ବରିଷ୍ଠ ନାଗରିକ ସଂଘ, ସମ୍ବଲପୁର ସମେତ ପଶ୍ଚିମ ଓଡ଼ିଶାର ବିଭିନ୍ନ ଜିଲାର ବହୁ ଅନୁଷ୍ଠାନ ଦାବିକରି ଆସୁଥିଲେ। ଏପରି କି କିଛିଦିନ ପୂର୍ବରୁ ସମ୍ବଲପୁର ବିଧାୟକ ମିଶ୍ର, ରେଙ୍ଗାଲି ବିଧାୟକ ନାଏକଙ୍କ ସମେତ ପ୍ରତିନିଧି ଦଳ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଭେଟି ଇଣ୍ଟରସିଟି ଚଳାଇବାକୁ ଦାବି କରିଥିଲେ। ଏପ୍ରିଲ ୧୦ରେ ଏହି ଟ୍ରେନ୍ ଚଳାଚଳ କରିବ ବୋଲି ସମ୍ବଲପୁର ରେଳମଣ୍ଡଳ କାର୍ଯ୍ୟାଳୟ ପକ୍ଷରୁ ମଧ୍ୟ ସୂଚନା ଦିଆଯାଇଥିଲା। ଏବେ ଟ୍ରେନ୍ ଚଳାଚଳ କରିବା ଫଳରେ ବିଭିନ୍ନ ସ୍ଥାନକୁ ବସ୍ ଓ ଅନ୍ୟ ଗାଡ଼ିରେ ଯାଉଥିବା ଯାତ୍ରୀଙ୍କ ଯାତାୟାତରେ ସୁବିଧା ହୋଇଛି।

# ରୁପ୍ରାରୋଡ୍ ଷ୍ଟେଶନରେ ଟ୍ରେନ୍ ରହଣି ଦାବିରେ ରେଳରୋକୋ

**ରାୟଗଡ଼ା-ସମ୍ବଲପୁର ଡିଭିଜନ ମଧ୍ୟରେ ଟ୍ରେନ୍ ଚଳାଚଳ ପ୍ରଭାବିତ**

ଭବାନୀପାଟଣା ୧୦।୪ (ସ୍ୱ.ପ୍ର.)

କଳାହାଣ୍ଡି ଜିଲା ନର୍ଲା ବ୍ଲକ ରୁପ୍ରାରୋଡ ରେଳଷ୍ଟେଶନରେ ଲକ୍‌ଡାଉନ ପୂର୍ବରୁ ଏକ୍ସପ୍ରେସ ଓ ପାସେଞ୍ଜର ଟ୍ରେନ୍ ରହୁଥିଲା। ଲକ୍‌ଡାଉନ କୋହଳ ହେବା ପରେ ବି ପୂର୍ବରୁ ରହଣି ଥିବା ଟ୍ରେନଗୁଡିକ ଆଉ ରହୁନାହିଁ। ଫଳରେ ଲୋକେ ନାହିଁନ ଥିବା ଅସୁବିଧା ଭୋଗୁଛନ୍ତି। ଏହି ସମସ୍ୟା ନେଇ ଅଞ୍ଚଳବାସୀ ବିଭାଗୀୟ ଅଧିକାରୀ, ରେଳମନ୍ତ୍ରୀ ଓ ସ୍ଥାନୀୟ ନେତାଙ୍କୁ ବାରମ୍ବାର ଜଣାଇଛନ୍ତି। ହେଲେ କୌଣସି ସୁଫଳ ନ ମିଳିବାରୁ ଶେଷରେ ରୁପ୍ରାରୋଡ ରେଳଯାତ୍ରୀ ସୁରକ୍ଷା ସମିତି ରେଳରୋକୋ ଆନ୍ଦୋଳନକୁ ଓହ୍ଲାଇଛି। ରବିବାର ସକାଳୁ ସ୍ଥାନୀୟ ଜଗନ୍ନାଥ ମନ୍ଦିରରୁ ଆନ୍ଦୋଳନକାରୀମାନେ ଏକ ଶୋଭାଯାତ୍ରାରେ ବାହାରି ରେଳ ଷ୍ଟେଶନକୁ ଯାଇଥିଲେ। ଏହା ପୂର୍ବରୁ ସେଠାରେ ମୃତୟନ ରେଲୱେ ସୁରକ୍ଷା କର୍ମୀ ଓ ସ୍ଥାନୀୟ ପୋଲିସ ଆନ୍ଦୋଳନକାରୀଙ୍କୁ ଭିତରକୁ ପ୍ରବେଶ କରାଇ ନ ଦେବା ପାଇଁ ଉଦ୍ୟମ କରିଥିଲା। ହେଲେ ଶହଶହ ଆନ୍ଦୋଳନକାରୀ ବ୍ୟାନର ଧରି ଭିତରେ ପ୍ରବେଶ କରି ଦୀର୍ଘସମୟ ରେଳ ଧାରଣା ଉପରେ ବସିଥିଲେ। ଏଥିଯୋଗୁ ରାୟଗଡ଼ା-ସମ୍ବଲପୁର ରେଳ ଡିଭିଜନ ମଧ୍ୟରେ ରେଳ ଚଳାଚଳ ପ୍ରଭାବିତ ହୋଇଛି। ଫଳରେ ଯାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହୋଇଥିଲେ।

ସୂଚନାଯୋଗ୍ୟ, ଶନିବାର ରେଳ ବିଭାଗ ବରିଷ୍ଠ ଅଧିକାରୀ, ଜିଲା ପ୍ରଶାସନ ଅଧିକାରୀ, ନର୍ଲା ପୋଲିସ ଓ ରେଳଯାତ୍ରୀ ସୁରକ୍ଷା ସମିତି କର୍ମକର୍ତ୍ତାଙ୍କୁ ନେଇ ଏକ ବୈଠକ ହୋଇଥିଲା। ବୈଠକରେ କୌଣସି ସମାଧାନ ନ ହେବାରୁ ରବିବାର ସକାଳୁ ନର୍ଲା ବ୍ଲକ ଉପାଧ୍ୟକ୍ଷ ତଥା ରେଳଯାତ୍ରୀ ସୁରକ୍ଷା ସମିତି ଅଧ୍ୟକ୍ଷ ଦୁର୍ଗା ପ୍ରସାଦ ମହାନ୍ତି ଓ ଲକ୍ଷ୍ମୀ ନାରାୟଣ ଖେତାନଙ୍କ ନେତୃତ୍ୱରେ ଶତାଧିକ ଆନ୍ଦୋଳନକାରୀ ସକାଳୁ ରୁପ୍ରାରୋଡ ଷ୍ଟେଶନରେ ରେଳରୋକୋ ଆନ୍ଦୋଳନ କରିଥିଲେ।

# ବାଇକ୍‌ରେ ୧୫ କି.ମି. ବୋହିନେଲେ ଝିଅର ମୃତଦେହ

**ସ୍ୱର୍ଗରଥରେ ନେବା ପାଇଁ ଟଙ୍କା ମାଗିଲେ କର୍ମଚାରୀ**

ମାଲକାନଗିରି,୧୦।୪ (ଡି.ଏନ.ଏ.)

ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ସରକାର ଅନେକ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ଶିଶୁଙ୍କ ସୁରକ୍ଷା ପାଇଁ ମମତା ଯୋଜନାଠାରୁ ମୃତ୍ୟୁହେଲେ ସତ୍କାର ପାଇଁ ହରିଶ୍ଚନ୍ଦ୍ର ଯୋଜନା ପର୍ଯ୍ୟନ୍ତ ବିଭିନ୍ନ ଯୋଜନା କାର୍ଯ୍ୟକାରୀ ହେଉଛି। ମାତ୍ର କେତେକ କ୍ଷେତ୍ରରେ ଯୋଜନା କାର୍ଯ୍ୟକାରିତା ଦାୟିତ୍ୱରେ ଥିବା କର୍ମଚାରୀଙ୍କ ଅବହେଳା ଯୋଗୁ ଲୋକେ ଏହାର ସୁଫଳ ପାଇପାରୁନାହାନ୍ତି। ଏଭଳି ଏକ ଘଟଣା ରବିବାର ମାଲକାନଗିରି ଜିଲାରେ ଦେଖିବାକୁ ମିଳିଛି। ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ଝିଅର ମୃତ୍ୟୁ ପରେ ମୃତଦେହ ନେବାକୁ ସ୍ୱର୍ଗରଥ ନ ମିଳିବାରୁ ପରିବାର ଲୋକେ ବାଇକ୍‌ରେ ବୋହି ନେବା ପରି ଘଟଣା ସାମ୍ନାକୁ ଆସିଛି। ଏହା ସାଧାରଣରେ ଆଲୋଡ଼ନ ସୃଷ୍ଟି କରିଛି।


ଇର୍ମା ବାଇକ୍‌ରେ ଝିଅର ମୃତଦେହ ଗ୍ରାମକୁ ନେଉଛନ୍ତି।

ଖବରରୁ ଜଣାପଡ଼ିଛି ସିନ୍ଧ୍ରିମାଳ ପଞ୍ଚାୟତ ଅନ୍ତର୍ଗତ ଟଙ୍ଗଗୁଡା ଗ୍ରାମର ଇର୍ମା ମାଡ଼ିଙ୍କ ୪ ବର୍ଷର ଝିଅ ରଶ୍ମିତାଙ୍କ ଦେହ ଖରାପ ହୋଇଥିଲା। ସେ ମ୍ୟାଲେରିଆରେ ଆକ୍ରାନ୍ତ ହୋଇ ଅପପୁଷ୍ଟିର ଶିକାର ହୋଇଥିଲେ। ତାଙ୍କୁ ଅପପୁଷ୍ଟି କେନ୍ଦ୍ରକୁ ନେଇ ଚିକିତ୍ସା କରାଯାଉଥିଲା। ସେଠାରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ପରିବାର ଲୋକେ ନେଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ରଶ୍ମିତାଙ୍କ ମୃତ୍ୟୁ ଘଟିଥିଲା। ମୃତ୍ୟୁ ପରେ ପାଖରେ ଟଙ୍କା ନ ଥିବାରୁ ଇର୍ମା ଝିଅର ମୃତଦେହ କିପରି ଗ୍ରାମକୁ ନେବେ ଚିନ୍ତାରେ ପଡ଼ିଥିଲେ। ସେ ଚିକିତ୍ସାଳୟ କର୍ମଚାରୀଙ୍କୁ ସ୍ୱର୍ଗରଥ ଯୋଗାଇ ଦେବାକୁ ଅନୁରୋଧ କରିଥିଲେ। ମାତ୍ର ଏଥିପାଇଁ ଟଙ୍କା ଦେବାକୁ ପଡିବ ବୋଲି ଦାୟିତ୍ୱରେ ଥିବା କର୍ମଚାରୀ ଜଣକ କହିଥିଲେ। ପାଖରେ ଟଙ୍କା ନ ଥିବାରୁ ଶେଷରେ ନିରାଶ ହୋଇ ଇର୍ମା ନିଜ ବାଇକ୍‌ରେ ଝିଅର ମୃତଦେହ ୧୫ କି.ମି. ଦୂର ନିଜ ଗ୍ରାମ ଟଙ୍ଗଗୁଡାକୁ ନେଇଥିଲେ। ସୂଚନାଯୋଗ୍ୟ, ରାଜ୍ୟ ସରକାର ଲୋକଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାକୁ ଅନେକ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ସରକାରୀ ନିୟମ ଅନୁଯାୟୀ ଚିକିତ୍ସାଳୟରେ ରୋଗୀଙ୍କ ମୃତଦେହକୁ ଡାକ୍ତରଖାନା ପକ୍ଷରୁ ଘରେ ଛଡାଯିବା କଥା। ମାତ୍ର ଏଠାରେ ତାହା ହୋଇନାହିଁ। ସ୍ୱର୍ଗରଥ ଦାୟିତ୍ୱରେ ଥିବା କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଲାଗି ସାଧାରଣରେ ଦାବି ହେଉଛି। ଏ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ପ୍ରଫୁଲ୍ଲ କୁମାର ନନ୍ଦଙ୍କୁ ପଚାରିବାରୁ ସେ କହିଲେ-ସରକାରଙ୍କ ନିୟମ ଅନୁଯାୟୀ କିଲୋମିଟର ପ୍ରତି ରହିଥିବା ଦେୟ ଦାଖଲ କରି ସ୍ୱର୍ଗରଥ ଗାଡି ନେବାକୁ ଦାୟିତ୍ୱରେ ଥିବା କର୍ମଚାରୀ ଇର୍ମାଙ୍କୁ କହିଥିଲେ। ମାତ୍ର ସେ ଏହା ନ କରି ବାଇକ୍‌ରେ ମୃତଦେହ ତାଙ୍କ ଗ୍ରାମକୁ ନେଇଥିଲେ। ନେବା ସମୟରେ ମୁଁ ଏତେ ଟଙ୍କା ଦେଇପାରିବିନି ବୋଲି ଅଣ୍ଡରଟେକିଂ ଲେଖି ତାଙ୍କ ଝିଅର ମୃତଦେହ ନେଇଥିବା ନନ୍ଦ କହିଛନ୍ତି।

CLASSIFIED DISPLAY
ALL EDITION - B/W (Everyday)
TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

for Booking Contact: 0674-2580385, 8637280816, 7894447167, 9338226625

ସରକାରୀ ସୁବିଧାର ଉଠାନ୍ତୁ ଲାଭ
(୧) କୃଷି ସୋଲାର ପମ୍ପ ଯୋଜନା
(୨) ଗୃହ ସୋଲାର ପ୍ୟାନେଲ ଯୋଜନା
(୩) ପ୍ରଧାନ ମନ୍ତ୍ରୀ ମୁଦ୍ରା ଲୋନ ଯୋଜନା
(୪) କିଷାନ କ୍ରେଡିଟ କାର୍ଡ ଯୋଜନା
6399403124

ମୁଦ୍ରା ଫାଇନାନ୍ସ
PM ମୁଦ୍ରା ଯୋଜନା
ଅଧୀନରେ 1ରୁ 90 ଲକ୍ଷ ପର୍ଯ୍ୟନ୍ତ ମାର୍କସିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ।
2% ସୁଧ, 40% ରିହାତି।
ମହିଳାଙ୍କ ପାଇଁ ବିଶେଷ ରିହାତି।
ଅନ୍‌ଲାଇନ୍ ସୁବିଧା।
Mudra Finance
Mob. 8987604637, 9471160476
Whatsapp: 8902923601

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ମନେ ପଡ଼ନ୍ତି

ନବମ ଶ୍ରାଦ୍ଧବାର୍ଷିକୀ

ସ୍ୱର୍ଗତ ସରୋଜକାନ୍ତ ପଟ୍ଟନାୟକ (ଟୁଟୁ)
ଆବିର୍ଭାବ: ୦୪।୦୨।୧୯୭୯
ତିରୋଧାନ: ୨୦।୦୪।୨୦୧୩ (ଚୈତ୍ର ଶୁକ୍ଳ ଦଶମୀ)
ସମୟ ସ୍ରୋତରେ ଆଠବର୍ଷ ବିତିଗଲାଣି। ଆଜି ବି ସମସ୍ତେ ତୋତେ ସେହିପରି ଖୋଜନ୍ତି, ଭଲ ପାଆନ୍ତି। ଠାକୁର କାହିଁକି ଏପରି କଲେ ତା'ର ଉତ୍ତର ଆଜି ବି ଆମେ ପାଉନୁ। ତୋରି ମା' ଝାଡ଼େଶ୍ୱରୀଙ୍କ ପାଖେ ପ୍ରାର୍ଥନା ସେ ତୋତେ ତାଙ୍କ ପାଖରେ ସୁରକ୍ଷିତ ରଖିଥାନ୍ତୁ।
ବନ୍ଧୁ ଓ ପରିବାରବର୍ଗ।
ଧ-୬୧୯୩୭

ପ୍ରଥମ ଶ୍ରାଦ୍ଧବାର୍ଷିକୀ

୰ତାପସ ରଞ୍ଜନ ରାୟ
ନୂଆପଡ଼ା, ବାଲିପାଟଣା, ଖୋର୍ଦ୍ଧା
ଆବିର୍ଭାବ: ୦୩।୦୬।୧୯୬୪
ତିରୋଧାନ: ୨୨।୦୪।୨୦୨୧
ଆପଣଙ୍କର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ: ଜୟଦେବ ଯୁବ ସାମ୍ବାଦିକ ସଂଘ ତରଫରୁ ବାଲିପାଟଣା ସ୍ଥିତ ଶିଶୁ ଅନନ୍ତ ମହାବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନ ବିଭାଗର ଅଧ୍ୟାପକ ୰ତାପସ ସାର୍‌ଙ୍କୁ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି
ଧ-୬୧୮୮୭

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୧୧ ଏପ୍ରିଲ, ୨୦୨୨



# ଅଂଶୁଘାତ ସତର୍କତା


ଡା. ବସନ୍ତ କୁମାର ଷଡ଼ଙ୍ଗୀ

"ମନୁଷ୍ୟ ଜଳବାୟୁ ସହିତ ଖାପଖୁଆଇବା ସହ ଶରୀରରେ ତାପମାତ୍ରା ହ୍ରାସ ପାଇବା ଓ ବୃଦ୍ଧି ପାଇବାକୁ ସନ୍ତୁଳିତ ପାଇଁ ମସ୍ତିଷ୍କରେ 'ହାଇପୋ ଥାଲାମସ' ନାମକ ଏକ ଗ୍ରନ୍ଥି ରହିଛି। ଯେତେବେଳେ ଉକ୍ତ ନିୟନ୍ତ୍ରଣ ପ୍ରକ୍ରିୟା ଶରୀରରେ ଠିକ୍ ଭାବେ ହୋଇପାରି ନ ଥାଏ, ସେତେବେଳେ ମନୁଷ୍ୟ ସୌର ତାପ ସହ୍ୟ କରି ନ ପାରି ଅଂଶୁଘାତର ଶିକାର ହୋଇଥାଏ।"



ଧରାପୃଷ୍ଠରେ ମନୁଷ୍ୟ ସମାଜ, ବୃକ୍ଷଲତା, କୀଟପତଙ୍ଗ ଆଦି ସମଗ୍ର ପ୍ରାଣୀଜଗତ ତିଷ୍ଠି ରହିବା ନିମନ୍ତେ ଯେତେ ଶକ୍ତି ରହିଛି, ତନ୍ମଧ୍ୟରୁ ସୌରଶକ୍ତି ହିଁ ସର୍ବଶ୍ରେଷ୍ଠ ଶକ୍ତି ଭାବରେ ବିବେଚନା କରାଯାଏ। ସୂର୍ଯ୍ୟ କିରଣ ବିନା ପୃଥିବୀ ପୃଷ୍ଠରେ ଜୀବଜଗତ ତିଷ୍ଠି ରହିବା ଅସମ୍ଭବ। ସୂର୍ଯ୍ୟ ରଶ୍ମି ଦ୍ୱାରା ବୃକ୍ଷଲତା ସମୂହ ଅମ୍ଳଜାନ ସୃଷ୍ଟି କରି ବାୟୁମଣ୍ଡଳକୁ ଛାଡ଼ିଥାଏ। ମନୁଷ୍ୟ ସ୍ୱଚ୍ଛ ଅମ୍ଳଜାନ ଗ୍ରହଣ କରି ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିଥାଏ। ଏହା ଆମକୁ ସୁସ୍ଥ ଓ ଦୀର୍ଘାୟୁ ଜୀବନଯାପନ ବିତାଇବାରେ ସହାୟକ ହୋଇଥାଏ। ସକାଳ ସୂର୍ଯ୍ୟ ରଶ୍ମିରେ ପ୍ରଚୁର ପରିମାଣରେ ଭିଟାମିନ-ଡି ଓ କ୍ୟାଲସିୟମ ରହିଥାଏ, ଯାହାକି ମନୁଷ୍ୟ ପାଇଁ ଅତ୍ୟନ୍ତ ଦରକାରୀ। ତେଣୁ ସୂର୍ଯ୍ୟ କିରଣ ମନୁଷ୍ୟ ସମାଜ ପାଇଁ ପ୍ରକୃତିର ବରଦାନ ବୋଲି କୁହାଯାଏ।

ସୂର୍ଯ୍ୟ କିରଣ ଆମ ଜୀବଜଗତ ପାଇଁ ବହୁ ଉପକାରୀ। ଆମ ଭାରତୀୟ ସଂସ୍କୃତି ଓ ପରମ୍ପରାରେ ଜ୍ୟୋତର୍ବିଦ୍‌ଙ୍କ ଗଣନା ଅନୁଯାଇ ପ୍ରତିବର୍ଷ ଜାନୁୟାରୀ ମାସ ୧୪ ତାରିଖ (ମକର ସଂକ୍ରାନ୍ତି)ଠାରୁ ଜୁନ୍ ମାସ ୨୧ ତାରିଖ ପର୍ଯ୍ୟନ୍ତ ସୂର୍ଯ୍ୟ ଉତ୍ତରାୟଣ ହୋଇଥାନ୍ତି। ଏହାଦ୍ୱାରା ଧରାପୃଷ୍ଠରେ ସୂର୍ଯ୍ୟ କିରଣ ପ୍ରଖର ହୋଇ ପ୍ରବଳ ଗ୍ରୀଷ୍ମ ପ୍ରବାହ ଅନୁଭୂତ ହୋଇଥାଏ ଏବଂ ଜନଜୀବନ ଅସ୍ତବ୍ୟସ୍ତ ହୋଇଥାଏ। ଗ୍ରୀଷ୍ମ ଋତୁରେ ଦିନ ବଡ଼ ହୋଇ ରାତି ଛୋଟ ହୋଇଥାଏ। ଦିନ ପ୍ରାୟ ୧୧ଟାଠାରୁ ୩ଟା ଯାଏ ପ୍ରବଳ ଗରମ ଅନୁଭୂତ ହେଉଥିବାରୁ ଏହି ସମୟରେ ମନୁଷ୍ୟ ଘରୁ ପଦାକୁ ବାହାରିଲେ ଅଂଶୁଘାତ (SUN-STROK) ହେବାର ଅଧିକ ଆଶଙ୍କା ଥାଏ। ତେଣୁ ଏହି ସମୟରେ ପଦାକୁ ବାହାରିବା ଠିକ୍ ନୁହେଁ। ଏହି ଋତୁରେ ଜଳବାୟୁରେ ଜଳୀୟ ଅଂଶ ହ୍ରାସ ପାଇବା ସହ ସ୍ୱାଭାବିକ ତାପମାତ୍ରା ବୃଦ୍ଧି ପାଇ ବେଳେବେଳେ ୪୦ ରୁ ୪୫ ଡିଗ୍ରୀ କିମ୍ବା



ତା'ଠାରୁ ଅଧିକ ଅନୁଭୂତ ହୋଇଥାଏ, ଯାହାକି ମନୁଷ୍ୟ ପାଇଁ ଅହିତକର।

**ଅଂଶୁଘାତର କାରଣ**

ମନୁଷ୍ୟ ଜଳବାୟୁ ସହିତ ଖପଖୁଆଇବା ସହ ଶରୀରରେ ତାପମାତ୍ରା ହ୍ରାସ ପାଇବା ଓ ବୃଦ୍ଧି ପାଇବାକୁ ସନ୍ତୁଳିତ ପାଇଁ ମସ୍ତିଷ୍କରେ 'ହାଇପୋ ଥାଲାମସ' ନାମକ ଏକ ଗ୍ରନ୍ଥି ରହିଛି। ଯେତେବେଳେ ଉକ୍ତ ନିୟନ୍ତ୍ରଣ ପ୍ରକ୍ରିୟା ଶରୀରରେ ଠିକ୍ ଭାବେ ହୋଇପାରି ନ ଥାଏ। ସେତେବେଳେ ମନୁଷ୍ୟ ସୌର ତାପ ସହ୍ୟ କରି ନ ପାରି ଅଂଶୁଘାତର ଶିକାର ହୋଇଥାଏ। ଜଳବାୟୁରେ ତାପମାତ୍ରା ଅଧିକ ଥିବାବେଳେ ମନୁଷ୍ୟ ଚଳପ୍ରଚଳ କଲେ ଶରୀରରେ ତାପମାତ୍ରା ବୃଦ୍ଧିପାଇବା ସହ ଶାରୀରିକ ଓ ମାନସିକ ସ୍ତରରେ ପରିବର୍ତ୍ତନ ଘଟିଥାଏ। ତେଣୁ ଅଂଶୁଘାତ ସମୟରେ ବେଳେବେଳେ ମନୁଷ୍ୟ ଚେତାଶୂନ୍ୟ ହୋଇଯାଏ। ବେଳେବେଳେ ବାତ ମାରିବା ପରି ଲକ୍ଷଣ ଦେଖାଯାଏ। ଶରୀରର ବାହ୍ୟ ଚର୍ମଭାଗ ଶୁଷ୍କ ଓ ଉତ୍ତାପ ଯୁକ୍ତ ହେବାସହ, ଶରୀରରୁ ଅଳ୍ପ ଝାଳ ନିର୍ଗତ ହୁଏ, ପୁଣି ବେଳେବେଳେ ଆଦୌ ଝାଳ ବାହାରି ନ ଥାଏ। ଦୁର୍ବଳ ଲାଗିବା, ମୁଣ୍ଡ ଘୂରାଇବା, ବାନ୍ତି ଲାଗିବା ପରି ଲକ୍ଷଣ ଦେଖାଯାଏ। ଏହି ସମୟରେ ଉପଯୁକ୍ତ ପ୍ରତିକାର କରା ନ ଗଲେ ମନୁଷ୍ୟ ମୃତ୍ୟୁମୁଖରେ ପଡ଼ିବାର ଆଶଙ୍କା ରହିଥାଏ। ପ୍ରକୃତିର ଜଳବାୟୁ ପରିବର୍ତ୍ତନ ଅନୁଯାୟୀ ଆମ ଶରୀରର ଉତ୍ତାପ ବୃଦ୍ଧି ଓ ହ୍ରାସ ପାଇବା ନିୟନ୍ତ୍ରଣ ସ୍ୱତଃପ୍ରବୃତ୍ତ ଭାବରେ ହୋଇଥାଏ। ଏହି ପ୍ରକ୍ରିୟାରେ ବ୍ୟତିକ୍ରମ ଘଟିଲେ ଆମ ଶରୀର ଅଧିକ ତାପମାତ୍ରା ସହ୍ୟ କରି ନପାରି ଆମେ ଅଂଶୁଘାତର ସାମନା କରିଥାଉ।

ଚିକିତ୍ସା ଶାସ୍ତ୍ର ମତରେ ଛୋଟ ପିଲାମାନଙ୍କ ଶରୀରର ହାରାହାରି ତାପମାତ୍ରା, ୯୭.୯ ଡିଗ୍ରୀ ଫାରେନହାଇଟ (୩୬.୬ ଡିଗ୍ରୀ ସେଲସିୟସ) ରୁ ୯୯ ଡିଗ୍ରୀ ଫାରେନହାଇଟ (୩୭.୨ଡିଗ୍ରୀ ସେଲସିୟସ) ଏବଂ ପ୍ରାପ୍ତ ବୟସ୍କ (୬୫ ବର୍ଷରୁ ଅଧିକ) ବୟସ୍କଙ୍କ ଠାରେ ହାରାହାରି ତାପମାତ୍ରା ୯୮.୬ ଡିଗ୍ରୀ ଫାରେନହାଇଟ (୩୭ ଡିଗ୍ରୀ ସେଲସିୟସ) ରହିବା ଉଚିତ। ଜଳବାୟୁରେ ଅଧିକ ତାପମାତ୍ର ବୃଦ୍ଧି ହେତୁ, ଶରୀରରେ ସ୍ୱାଭାବିକ ସ୍ଥିତି ବିଗିଡ଼ିଯାଏ, ଯାହାଫଳରେ ଜଣେ ବ୍ୟକ୍ତି ନିମ୍ନ ରକ୍ତଚାପ, ନିଃଶ୍ୱାସ ପ୍ରଶ୍ୱାସରେ ପ୍ରଖରତା, ନାଡ଼ିର ଗତି ହେବା ସମସ୍ୟାର ସମ୍ମୁଖୀନ ହୋଇଥାଏ। ପରିସ୍ରା ପରିମାଣ କମି ହଳଦିଆ ରଙ୍ଗ ହେବା ସହ ଦୁର୍ଗନ୍ଧ ହୋଇଥାଏ। ଶରୀରର ମାଂସପେଶୀ ଆକସ୍ମିକ ଭାବେ ଆକୁଞ୍ଚନ ହୋଇ ଯନ୍ତ୍ରଣା ଅନୁଭୂତ ହୋଇଥାଏ। ମୁଣ୍ଡ ବିନ୍ଧିବା, ଦୁର୍ବଳ ଲାଗିବା, ଆଳସ୍ୟ ଲାଗିବା ଆଦି ମଧ୍ୟ ଅଂଶୁଘାତର ଲକ୍ଷଣ ଅଟେ।

**ପ୍ରତିକାର ଉପାୟ**

ମନୁଷ୍ୟ ଅଂଶୁଘାତରେ ଶିକାର ହେଲେ ସଂଗେ ସଂଗେ ଥଣ୍ଡା ସ୍ଥାନକୁ ନେଇ ରୋଗୀ ପିନ୍ଧିଥିବା ପୋଷାକକୁ ଢିଲା କରି ଦିଅନ୍ତୁ। ଖୋଲା ଥଣ୍ଡା ପବନ ସଂସ୍ପର୍ଶରେ ସଂପୃକ୍ତ ବ୍ୟକ୍ତିଙ୍କୁ ରଖିବା ଦରକାର। ମାଟିପାତ୍ରରେ ଥିବା ଥଣ୍ଡା ଜଳ ଦ୍ୱାରା ଗାଧୋଇବା ଦ୍ୱାରା ଆରାମ ମିଳିଥାଏ। ପଇଡ଼ ପାଣି, ଲେମ୍ବୁ, ଲୁଣ, ଚିନି ମିଶା ଥଣ୍ଡା ଜଳ, ଫଳ ରସ, ଦହି ସର୍ବତ ଆଦି ପିଆଇବା ଉଚିତ। ଅଂଶୁଘାତରେ ପୀଡ଼ିତ ବ୍ୟକ୍ତିର ସ୍ୱାସ୍ଥ୍ୟାବସ୍ଥାକୁ ଦେଖି ଆବଶ୍ୟକସ୍ଥଳେ ନିକଟସ୍ଥ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେବା ଆବଶ୍ୟକ।

**ଅଂଶୁଘାତ ପାଇଁ ସତର୍କତା**

ଗ୍ରୀଷ୍ମ ଋତୁରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ହେତୁ ନିହାତି ଜରୁରୀ କାମ ନ ଥିଲେ ପଦାକୁ ବାହାରିବା ଅନୁଚିତ। ଅଧିକ ପାଣି ପିଅନ୍ତୁ। ଧଳା ଟୋପି କିମ୍ବା ଓଦା ଗାମୁଛା ମୁଣ୍ଡରେ ପିନ୍ଧିବା, କଳା ଚଷମା ଲଗାଇବା, ଛତା ଧରି ବାହାରିବା ସହ କପା ସୂତାରେ ତିଆରି ଧଳା ରଙ୍ଗର ପତଳା, ହାଲୁକା, ଢିଲା ବସ୍ତ୍ର ପରିଧାନ କରିବା ଉଚିତ। ଅଂଶୁଘାତ ପ୍ରତିରୋଧ ପାଇଁ ଅଧିକ ଥଣ୍ଡାପାଣି, ଦହି, ସର୍ବତ, ପିଇ ପାରନ୍ତି। ସାଧରଣତଃ ଅସ୍ୱାଭାବିକ ରକ୍ତଚାପ ଥିବା ବ୍ୟକ୍ତି, ଡାଇବେଟିସ୍, ଯକ୍ଷ୍ମାରେ ସଂକ୍ରମିତ ରୋଗୀ, ଦୁର୍ବଳ ବ୍ୟକ୍ତି, ଛୋଟ ପିଲା, ବୟସ୍କ, ଗର୍ଭବତୀ, ଖରାରେ ଅଧିକ କାମ କରୁଥିବା ବ୍ୟକ୍ତି, ଅଧିକ ମୋଟାପଣ ଥିବା ବ୍ୟକ୍ତି, ଦୀର୍ଘସ୍ଥାୟୀ ରୋଗରେ ଆକ୍ରାନ୍ତ ବ୍ୟକ୍ତିମାନେ ଅଂଶୁଘାତରେ ଆକ୍ରାନ୍ତ ହେବାର ଅଧିକ ଆଶଙ୍କା ରହିଥାଏ। ସାମ୍ପ୍ରତିକ ପରିସ୍ଥିତିରେ ପ୍ରତିବର୍ଷ ଅଂଶୁଘାତଜନିତ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଜଙ୍ଗଲ କାଟିବା, କଳକାରଖାନା ତଥା ଗାଡ଼ିମୋଟର ଆଦିରୁ ନିର୍ଗତ ଅଙ୍ଗାରକାମ୍ଳ ବାଷ୍ପ ଦ୍ୱାରା ଜଳବାୟୁରେ ମାତ୍ରାଧିକ ଉତ୍ତାପ ବୃଦ୍ଧି ଘଟୁଛି। ଜଳବାୟୁରେ ଅସ୍ୱାଭାବିକ ଗରମ ଅନୁଭୂତ ହୋଇ ଅଂଶୁଘାତର ଆଶଙ୍କା ଅଧିକ ହୋଇଥାଏ। ତେଣୁ ଅଂଶୁଘାତଜନିତ ସମସ୍ୟାକୁ କମାଇବା ପାଇଁ ଆମେ ନିଜେ ସତର୍କତା ଅଲମ୍ବନ କରିବା ସହ ସବୁ ସ୍ତରରେ ସତର୍କତା ଓ ସଚେତନତାର ଆବଶ୍ୟକତା ରହିଛି।

-ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର
ଚନ୍ଦାହାଣ୍ଡି, ନବରଙ୍ଗପୁର
ମୋ: ୭୮୯୪୧୧୨୪୮୭

## ପାଚନ କ୍ରିୟା ବୃଦ୍ଧିର ସହଜ ଉପାୟ



ଆମେ ଯେଉଁ ଖାଦ୍ୟ ଖାଉଛେ ତାହା ଠିକ୍ ଭାବରେ ହଜମ ହେବା ଦରକାର। ନ ହେଲେ କେତେକ ସ୍ୱାସ୍ଥ୍ୟ ସମସ୍ୟା ଦେଖାଯାଇଥାଏ। ତେବେ ଆମର ପାଚନ କ୍ରିୟା ବା ହଜମ ଶକ୍ତି ଭଲ ଭାବରେ କାମ କରିବା ଆବଶ୍ୟକ। ଏହାର ଏକ ସରଳ ଉପାୟ ରହିଛି। ନିୟମିତ ଖାଦ୍ୟ ତାଲିକାରେ ଆପଣ ଅମୃତଭଣ୍ଡା ସାମିଲ କରନ୍ତୁ। କାରଣ ଏହାକୁ ନିୟମିତ ଖାଇବା ଦ୍ୱାରା ଏଥିରେ ଥିବା 'ପାପାଇନ୍' ନାମକ ତତ୍ତ୍ୱ ପାଚନ କ୍ରିୟାକୁ ଆହୁରି ଦୃଢ଼ କରିବାରେ ସାହାଯ୍ୟ କରେ। କେବଳ ସେତିକି ନୁହେଁ, ଅମୃତଭଣ୍ଡାରୁ ପ୍ରସ୍ତୁତ ଖାଦ୍ୟ ଖାଇଲେ ତାହା ଦୃଷ୍ଟିଶକ୍ତିକୁ ଆହୁରି ପ୍ରଖର କରିଥାଏ। କୋଲେଷ୍ଟରଲଜନିତ ସମସ୍ୟାରୁ କେତେକାଂଶରେ ଉପଶମ ଦେଇଥାଏ ଅମୃତଭଣ୍ଡା। ସବୁଠାରୁ ଖାସ୍ କଥା ହେଲା, ଏହାକୁ ନିୟମିତ ଖାଇଲେ ରୋଗ ପ୍ରତିରୋଧକ ଶକ୍ତି ମଧ୍ୟ ବଢ଼ିଥାଏ।

## ସ୍ମରଣ ଶକ୍ତି ବଢ଼ାଏ ଯୋଗ

ଶରୀରକୁ ସୁସ୍ଥ, ସୁନ୍ଦର ଓ ସନ୍ତୁଳିତ ରଖିବା ପାଇଁ ଶାରୀରିକ ବ୍ୟାୟାମ ସହ ମାନସିକ ଯୋଗର ମଧ୍ୟ ଆବଶ୍ୟକତା ରହିଛି। ବର୍ତ୍ତମାନର ବ୍ୟସ୍ତବହୁଳ ଜୀବନ ମଧ୍ୟରେ ଆମେ ଆମ ଶରୀରର ଯତ୍ନ ନେବାକୁ ଭୁଲିଯାଉଛେ, ଯାହା ଦ୍ୱାରା ଆମେ ଅନେକ ରୋଗର ଶିକାର ହେଉଛେ। ତେଣୁ ଶରୀରକୁ ଫିଟ୍ ରଖିବା ପାଇଁ ଯୋଗକୁ ବିକଳ୍ପ ଭାବେ ଆପଣେଇ ପାରନ୍ତି। ଯୋଗ କରିବା ଦ୍ୱାରା ଆମ ଶରୀରର ଅଙ୍ଗପ୍ରତ୍ୟଙ୍ଗଗୁଡ଼ିକ ମଜଭୁତ୍ ହୋଇଥାଏ। ଶରୀରରେ ରକ୍ତ ସଞ୍ଚାଳନ ମଧ୍ୟ ଠିକ୍ ଭାବେ ହୁଏ, ଯାହା ଆମ ଅଭ୍ୟନ୍ତରୀଣ ଅଙ୍ଗଗୁଡ଼ିକୁ ଶକ୍ତ କରିଥାଏ। ରକ୍ତଚାପକୁ ଏହା ସନ୍ତୁଳିତ ଅବସ୍ଥାରେ ରଖେ ଯଦ୍ୱାରା ଡାଇବେଟିସ୍, ହୃଦ୍‌ରୋଗ, ଉଚ୍ଚ ରକ୍ତଚାପ, କ୍ୟାନ୍‌ସର ଭଳି ଅନେକ ରୋଗରୁ ଆମେ ରକ୍ଷା ପାଇଥାଉ। ଅନେକ ସମୟରେ ଅଧିକାଂଶ ଲୋକ ଚାପର ବଶବର୍ତ୍ତୀ ହୋଇ ଠିକ୍ ଭାବେ ଶୋଇ ପାରନ୍ତି ନାହିଁ। ଫଳରେ ସେମାନେ ନିଦ୍ରାହୀନତାର ଶିକାର ହୁଅନ୍ତି। ଏଥିରୁ ଯୋଗ କେତେକାଂଶରେ ଉପଶମ ଦେଇଥାଏ। ମାନସିକ ଭାରସାମ୍ୟ ଠିକ୍ ରଖିବା ଓ ସ୍ମରଣ ଶକ୍ତି ବଢ଼ାଇବା ଦିଗରେ ମଧ୍ୟ ଏହା ପ୍ରମୁଖ ଭୂମିକା ଗ୍ରହଣ କରିଥାଏ।



## ଆଲର୍ଜିରୁ ରକ୍ଷା ପାଇବା ପାଇଁ...



ଭିଟାମିନ୍ 'ଇ' ଆମ ଶରୀର ପାଇଁ ବେଶ୍ ଲାଭପ୍ରଦ ସାବ୍ୟସ୍ତ ହୋଇଥାଏ। ବିଶେଷ ଭାବରେ ଏଥିରେ ଥିବା ସ୍ୱାସ୍ଥ୍ୟୋପକାରୀ ଗୁଣ ଆଲର୍ଜି ଭଳି ସମସ୍ୟାରୁ କେତେକାଂଶରେ ରକ୍ଷା କରିଥାଏ। କେବଳ ସେତିକି ନୁହେଁ, ଏପରି ଖାଦ୍ୟ ଖାଇବା ଦ୍ୱାରା ଆମ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ିଥାଏ। ଭିଟାମିନ୍ 'ଇ' ଯୁକ୍ତ ଖାଦ୍ୟ ଚର୍ବିରେ ମିଶିଲେ ତାହା ଆଣ୍ଟିଅକ୍ସିଡାଣ୍ଟ ପରି କାମ କରେ। ଏହାର ଆଉ ଏକ ଉପକାରୀ ଗୁଣ ମଧ୍ୟ ରହିଛି। ଏହା ଶରୀରରେ କୋଲେଷ୍ଟରଲ୍‌ର ପରିମାଣକୁ ସନ୍ତୁଳିତ ରଖିଥାଏ। ଭିଟାମିନ୍ 'ଇ' ଯୁକ୍ତ ଖାଦ୍ୟ ଶରୀରରେ ଲାଲ୍ ରକ୍ତ କୋଷିକା ଗଠନରେ ମଧ୍ୟ ସାହାଯ୍ୟ କରେ। ଆମ ଶରୀରରେ ପିଟ୍ୟୁଟାରୀ ଗ୍ରନ୍ଥି ଏବଂ ଥାଏରଏଡ୍ ଗ୍ରନ୍ଥିର କାର୍ଯ୍ୟଦକ୍ଷତା ବୃଦ୍ଧି କରିବାରେ ଏହା ମଧ୍ୟ ସହାୟକ ହୋଇଥାଏ। ଗଜାମୁଗ, ଗଜାବୁଟ, ସୂର୍ଯ୍ୟମୁଖୀ ତେଲ, ପାଳଙ୍ଗ ଶାଗ, ଚିନାବାଦାମ ଆଦିରେ ଭିଟାମିନ୍ 'ଇ' ପ୍ରଚୁର ମାତ୍ରାରେ ଭରି ରହିଛି।

## ବ୍ୟାକ୍ଟେରିଆ ଓ ପାଟିର ଲାଳ

ଆମେ ସମ୍ମୁଖୀନ ହେଉଥିବା କେତେକ ସ୍ୱାସ୍ଥ୍ୟ ସମସ୍ୟା ପାଇଁ ବ୍ୟାକ୍ଟେରିଆ ଦାୟୀ। ହେଲେ ଏହାକୁ ରୋକିବାର ଏକ ସହଜ ଉପାୟ ରହିଛି। ଏ ସମ୍ପର୍କିତ ବିଷୟକୁ ନେଇ କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଏକ ଗବେଷଣା କରିଥିଲେ। ସେମାନଙ୍କ ଦ୍ୱାରା ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ, ପାଟିର ଲାଳ ଦ୍ୱାରା କେତେକ ବ୍ୟାକ୍ଟେରିଆକୁ ଆମେ ନିୟନ୍ତ୍ରଣ କରିପାରିବା। ଖାଦ୍ୟ ଖାଇସାରିବା ପରେ ଆମେ ଭଲ ଭାବରେ କୁଳି କରିବା ଦରକାର। ଏହାଦ୍ୱାରା ପାଟି ଭିତରେ ଥିବା କିଛି ବ୍ୟାକ୍ଟେରିଆ ବାହାରି ଯାଇଥାଆନ୍ତି। ଖାସ୍ କଥା ହେଲା, ଆମ ପାଟିରୁ କ୍ଷରଣ ହେଉଥିବା ଲାଳ କେତେକ ବ୍ୟାକ୍ଟେରିଆଙ୍କ ବଂଶ ବୃଦ୍ଧିକୁ ରୋକିବାରେ ସହାୟକ ହୋଇଥାଏ।



## ସ୍ୱାସ୍ଥ୍ୟ ସୂଚନା

- ଖାଇସାରିବା ପରେ ଚା', କଫି କିମ୍ବା କୋଲ୍ଡ ଡ୍ରିଙ୍କସ୍ ଆଦୌ ପିଅନ୍ତୁ ନାହିଁ। କାରଣ ଏହା ଦ୍ୱାରା ଖାଦ୍ୟର ପ୍ରୋଟିନ୍ ଅଂଶ ନଷ୍ଟ ହୋଇଯାଇଥାଏ ଓ ଏହା ରକ୍ତ ସଂଚାଳନ ଉପରେ ପ୍ରଭାବ ପକାଏ।
- ଡାଇବେଟିସ୍ ରୋଗୀମାନେ ଖାଇ ସାରିବା ପରେ ସାଙ୍ଗେ ସାଙ୍ଗେ ପାଣି ପିଇବା ଠିକ୍ ନୁହେଁ। ଏହା ଦ୍ୱାରା ମେଦ ବୃଦ୍ଧି ହୋଇଥାଏ।
- ଦାନ୍ତକୁ ସଫା ରଖିବା ପାଇଁ ହେଲେ ପ୍ରତିଦିନ ସକାଳେ ଓ ରାତ୍ରି ଭୋଜନ ପରେ ଭଲଭାବରେ ବ୍ରସ୍ କରନ୍ତୁ। ଏହା ସହ ନିୟମିତ ସମୟ ଅନ୍ତରାଳରେ ଅଭିଜ୍ଞ ଦନ୍ତରୋଗ ବିଶେଷଜ୍ଞ ସହ ପରାମର୍ଶ କରନ୍ତୁ।
- ପ୍ରତିଦିନ ସକାଳୁ କିଛି କିଛି ଷ୍ଟ୍ରେଚିଙ୍ଗ୍ ଏକ୍ସରସାଇଜ୍ କରନ୍ତୁ। ଏହା ଆମ ଶରୀରରେ ହେଉଥିବା ପାଚନ ପ୍ରକ୍ରିୟାକୁ ଠିକ୍ ରଖିବା ସହ ଅଣ୍ଟାଜନିତ ବ୍ୟଥାରୁ ମଧ୍ୟ କେତେକାଂଶରେ ରକ୍ଷା କରିଥାଏ।
- ଦିନତମାମ ଖାଉଥିବା ଖାଦ୍ୟ ମଧ୍ୟରେ ଅଧିକ ବ୍ୟବଧାନ ରଖିବା ଠିକ୍ ନୁହେଁ। ଏକାଥରେ ଆବଶ୍ୟକତାଠାରୁ ଅଧିକ ଖାଦ୍ୟ ଖାଇବା ଠିକ୍ ନୁହେଁ। ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ ଅଳ୍ପ ଅଳ୍ପ କରି ଖାଦ୍ୟ ଖାଆନ୍ତୁ।
- ବୟସ୍କ ବ୍ୟକ୍ତିମାନେ ସବୁବେଳେ ନିଜକୁ ଚିନ୍ତାଠାରୁ ଦୂରେଇ ରହିବାକୁ ଚେଷ୍ଟା କରନ୍ତୁ। ନିୟମିତ ସମୟ ଅନ୍ତରାଳରେ ସ୍ୱାସ୍ଥ୍ୟ ପରୀକ୍ଷା କରାଇ ନିଅନ୍ତୁ।



# ଆବେଲ ପୁରସ୍କାର


ଇଂ. ମାୟାଧର ସ୍ୱାଇଁ

"ଚଳିତ ବର୍ଷ ପାଇଁ ଯୁକ୍ତରାଷ୍ଟ୍ର ଆମେରିକାର ଷ୍ଟୋନ୍ ବ୍ରୁକ୍ ବିଶ୍ୱବିଦ୍ୟାଳୟର ପ୍ରଫେସର ଡେନିସ୍ ସୁଲିଭାନ୍‌ଙ୍କୁ ଆବେଲ ପୁରସ୍କାର ପ୍ରଦାନ ପାଇଁ ଘୋଷଣା କରାଯାଇଛି। ଗତ୍ୟାତ୍ମିକ ଗୋଷ୍ଠୀ ବା ଡାଇନାମିକ୍ ସିଷ୍ଟମ୍ ଏବଂ ସଂସ୍ଥିତି ବିଜ୍ଞାନ ବା ଟପୋଲୋଜିରେ ତାଙ୍କର ଉଲ୍ଲେଖନୀୟ ଅବଦାନ ପାଇଁ ଚୟନକର୍ତ୍ତାମାନେ ତାଙ୍କୁ ଏହି ପୁରସ୍କାର ପାଇଁ ମନୋନୀତ କରିଛନ୍ତି।"

ଆବେଲ ପୁରସ୍କାର ହେଉଛି ଗଣିତର ଶ୍ରେଷ୍ଠ ଓ ସମ୍ମାନଜନକ ପୁରସ୍କାର। ଏହାକୁ ନୋବେଲ ପୁରସ୍କାର ସହିତ ସମାନ ଭାବେ ବିବେଚନା କରାଯାଏ। ସୂଚନାଯୋଗ୍ୟ ଯେ ଗଣିତ ପାଇଁ ନୋବେଲ ପୁରସ୍କାର ନାହିଁ। ନରୱେ ସରକାର ୨୦୦୧ରେ ସେହି ଦେଶର ବିଶିଷ୍ଟ ଗଣିତଜ୍ଞ ନିଲସ୍ ହେନେରିକ୍ ଆବେଲଙ୍କ ନାମରେ ଏହି ପୁରସ୍କାର ପ୍ରତିଷ୍ଠା କରିଛନ୍ତି। ଆନ୍ତର୍ଜାତୀୟ ସ୍ତରରେ ଗଣିତରେ ଉତ୍କର୍ଷ ଲାଭ କରିଥିବା ବ୍ୟକ୍ତିଙ୍କୁ ଆବେଲ ପୁରସ୍କାର ପ୍ରଦାନ କରାଯାଇଥାଏ। ଏଥିପାଇଁ ପାଞ୍ଚଜଣ ବିଶିଷ୍ଟ ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ଗଣିତଜ୍ଞଙ୍କୁ ନେଇ ଗୋଟିଏ ଚୟନ କମିଟି ଗଠିତ ହୋଇଥାଏ। ଏହାର ପ୍ରଥମ ପୁରସ୍କାର ୨୦୦୩ରେ ପ୍ରଦାନ କରାଯାଇଥିଲା। ପୁରସ୍କାର ଅର୍ଥ ବାବଦରେ ବିଜୟୀଙ୍କୁ ଛଅ ନିୟୁତ କ୍ରୋନ (ଭାରତୀୟ ମୁଦ୍ରାରେ ପ୍ରାୟ ସାଢେ ସାତ କୋଟି ଟଙ୍କା) ପ୍ରଦାନ କରାଯାଇଥାଏ।

ଚଳିତ ବର୍ଷ ପାଇଁ ଯୁକ୍ତରାଷ୍ଟ୍ର ଆମେରିକାର ଷ୍ଟୋନ ବ୍ରୁକ୍ ବିଶ୍ୱବିଦ୍ୟାଳୟର ପ୍ରଫେସର ଡେନିସ୍ ସୁଲିଭାନ୍‌ଙ୍କୁ ଆବେଲ ପୁରସ୍କାର ପ୍ରଦାନ ପାଇଁ ଘୋଷଣା କରାଯାଇଛି। ଗତ୍ୟାତ୍ମକ ଗୋଷ୍ଠୀ ବା ଡାଇନାମିକ୍ ସିଷ୍ଟମ୍ ଏବଂ ସଂସ୍ଥିତି ବିଜ୍ଞାନ ବା ଟପୋଲୋଜିରେ ତାଙ୍କର ଉଲ୍ଲେଖନୀୟ ଅବଦାନ ପାଇଁ ଚୟନକର୍ତ୍ତାମାନେ ତାଙ୍କୁ ଏହି ପୁରସ୍କାର ପାଇଁ ମନୋନୀତ କରିଛନ୍ତି। ଟପୋଲୋଜି ହେଉଛି ବିଭିନ୍ନ ଜ୍ୟାମିତିକ ଆକୃତିର ବର୍ଗୀକରଣ ଓ ଅଧ୍ୟୟନ। ଆବେଲ ପୁରସ୍କାର କମିଟିର ଅଧ୍ୟକ୍ଷ ଓ ନରୱେର ବର୍ଜେନ ବିଶ୍ୱବିଦ୍ୟାଳୟର ଗଣିତଜ୍ଞ ହାନସ୍ ମୁନ୍ଥେକାସ୍ ପ୍ରକାଶ କରିଛନ୍ତି ଯେ, '୧୯୭୦ ଦଶକଠାରୁ ଆଧୁନିକ ଟପୋଲୋଜିରେ ଡେନିସ୍ ସୁଲିଭାନ୍ ଜଣେ ପ୍ରଭାବଶାଳୀ ବ୍ୟକ୍ତି ଭାବେ ରହିଆସିଛନ୍ତି।'

ସୁଲିଭାନ ଯୁକ୍ତରାଷ୍ଟ୍ର ଆମେରିକାର ମିଚିଗାନ୍ ରାଜ୍ୟରେ ପୋର୍ଟ ହୋରୋନ୍‌ଠାରେ ୧୯୪୧ ମସିହା ଫେବୃୟାରୀ ୧୨ ତାରିଖରେ ଜନ୍ମ ଗ୍ରହଣ କରିଥିଲେ। ଜନ୍ମର ଅଳ୍ପଦିନ ପରେ ତାଙ୍କ ପରିବାର ଟେକ୍ସାସ୍ ରାଜ୍ୟର ହୋଷ୍ଟନ୍ ଚାଲିଗଲେ। ସେ ସେଠାରେ ସ୍କୁଲ୍ ଶିକ୍ଷା ସମାପ୍ତ କରି ହୋଷ୍ଟନ୍‌ର ରାଇସ୍ ବିଶ୍ୱବିଦ୍ୟାଳୟରେ ରସାୟନ ବିଜ୍ଞାନ ଅଧ୍ୟୟନ କରିବା ପାଇଁ ନାମ ଲେଖାଇଲେ। ଏକ ବର୍ଷ ପରେ ସେ ଗଣିତକୁ ମୁଖ୍ୟ ବିଷୟ ନେଇ ପଢିଲେ ଏବଂ ୧୯୬୩ ମସିହାରେ ବି.ଏ. ଡିଗ୍ରୀ ହାସଲ କଲେ। ସେ ଏହାପରେ ପ୍ରିନ୍‌ସଟନ୍ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ କରି ସେଠାରୁ ୧୯୬୬ ମସିହାରେ ଗଣିତରେ ପିଏଚ୍.ଡି. ଡିଗ୍ରୀ ଲାଭ କଲେ।

ସୁଲିଭାନ ୧୯୬୬ ରୁ ୧୯୬୭ ମସିହା ପର୍ଯ୍ୟନ୍ତ ନାଟୋ ଫେଲୋସିପ୍ ପାଇ ଇଂଲଣ୍ଡର ୱାରଉଇକ୍ ବିଶ୍ୱବିଦ୍ୟାଳୟରେ ଏବଂ ୧୯୬୭ରୁ ୧୯୬୯ ମସିହା ପର୍ଯ୍ୟନ୍ତ କାଲିଫର୍ଣ୍ଣିଆ ବିଶ୍ୱବିଦ୍ୟାଳୟରେ ମିଲ୍‌ର ଫିଲୋସିପ୍ ପାଇଁ କାର୍ଯ୍ୟ କରିଥିଲେ। ସେ ଏଠାରେ ମୁଖ୍ୟତଃ ଜ୍ୟାମିତିକ ଟାପୋଲୋଜି ଏବଂ ବିଶେଷ ଭାବେ ଗାଲୋଇସ ସମମିତି ଉପରେ କାର୍ଯ୍ୟ କରିଥିଲେ। ସେ ୧୯୬୯ରୁ ୧୯୭୩ ମସିହା ପର୍ଯ୍ୟନ୍ତ ମାସାଚଜ୍ୟେଟସ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍‌ନୋଲୋଜିଠାରେ ସ୍ଲୋଆନ୍ ଫେଲୋସିପ୍ ପାଇଁ କାର୍ଯ୍ୟ କରିଥିଲେ। ସେ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଆଡଭାନସ୍‌ଡ୍ ଷ୍ଟଡିଜ୍‌ରେ ୧୯୬୭-୧୯୬୮, ୧୯୬୮-୧୯୭୦ ଓ ୧୯୭୫ ମସିହାରେ ପରିବ୍ରାଜକ ପ୍ରଫେସର ଭାବରେ କାର୍ଯ୍ୟ କରିଥିଲେ। ସେ ୧୯୭୩ରୁ ୧୯୭୪ ମସିହା ପର୍ଯ୍ୟନ୍ତ ପ୍ୟାରିସ୍ ସୁଦ୍ ବିଶ୍ୱବିଦ୍ୟାଳୟରେ ଆସୋସିଏଟ୍‌ପ୍ରଫେସର୍ ଥିଲେ ଏବଂ ୧୯୭୪ମସିହାରେ ପ୍ୟାରିସ୍‌ର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଆଡଭାନସଡ୍ ଷ୍ଟଡିଜ୍‌ରେ ପ୍ରଫେସର ଭାବେ ଯୋଗ ଦେଲେ। ସେ ୧୯୮୧ମସିହାରେ ନ୍ୟୁୟର୍କର ସିଟି ବିଶ୍ୱବିଦ୍ୟାଳୟରେ ଆଲବର୍ଟ ଆଇନ୍‌ଷ୍ଟାଇନ୍ ଚେୟାର୍‌ରେ ଗଣିତ ପ୍ରଫେସର୍ ଭାବେ ଯୋଗ ଦେଲେ। ସେ ୧୯୮୨ ମସିହାରେ ଷ୍ଟୋନି ବ୍ରୁକ୍ ବିଶ୍ୱବିଦ୍ୟାଳୟରେ ଯୋଗ ଦେଇ ସେଠାରେ ଆଜି ପର୍ଯ୍ୟନ୍ତ କାର୍ଯ୍ୟରତ ଅଛନ୍ତି। ସେ ଏଠାରେ 'ସିମନସ୍ ଜ୍ୟାମିତି ଓ ପଦାର୍ଥ ବିଜ୍ଞାନ କେନ୍ଦ୍ର' ସ୍ଥାପନ କରିଛନ୍ତି।

ସୁଲିଭାନ୍ ତାଙ୍କ ଜୀବନର ଅଧିକାଂଶ ସମୟ ଟପୋଲୋଜିକାଲ ସ୍ପେସ୍ ବା ସାଂସ୍ଥିତିକ ବିଶ୍ୱ ଉପରେ ଅଧ୍ୟୟନ କରିଛନ୍ତି। ସେ ଏଥିରୁ ସର୍ଜେରୀ ତତ୍ତ୍ୱ ବିକାଶ କରିଥିଲେ ଯେଉଁଥିରେ ତାଙ୍କ ପତ୍ନୀ ତଥା ଗଣିତଜ୍ଞ ମୋଇରା ଚାସ୍ ସାହାଯ୍ୟ କରିଥିଲେ।




ଡେନିସ୍ ସୁଲିଭାନ୍

ସୁଲିଭାନ୍ ୧୯୮୩ ମସିହାରେ ଜାତୀୟ ବିଜ୍ଞାନ ଏକାଡେମୀ, ୧୯୯୧ ମସିହାରେ ଆମେରିକା କଳା ଓ ବିଜ୍ଞାନ ଏକାଡେମୀ ଏବଂ ୨୦୧୨ ମସିହାରେ ଆମେରିକା ଗଣିତ ସୋସାଇଟିର ସଦସ୍ୟ ଭାବେ ନିର୍ବାଚିତ ହୋଇଛନ୍ତି। ତାଙ୍କ କୃତିତ୍ୱ ପାଇଁ ତାଙ୍କୁ ୧୯୭୧ରେ ଜ୍ୟାମିତି ପାଇଁ ଅସୱାଲଡ୍ ଭେବ୍ଲେନ୍ ପୁରସ୍କାର, ୧୯୮୧ରେ ଫ୍ରାନ୍‌ସ ବିଜ୍ଞାନ ଏକାଡେମୀର ପ୍ରିକସ୍ ଇଲେ କାର୍ଟାନ୍ ପୁରସ୍କାର, ୧୯୯୪ରେ କିଙ୍ଗ୍ ଫଇସାଲ ଅନ୍ତର୍ଜାତୀୟ ପୁରସ୍କାର, ୨୦୦୪ରେ ଜାତୀୟ ବିଜ୍ଞାନ ପଦକ, ୨୦୦୬ରେ ଷ୍ଟିଲେ ପୁରସ୍କାର, ୨୦୧୦ ମସିହାରେ ଉଲଫ୍ ପୁରସ୍କାର ଏବଂ ୨୦୧୪ରେ ବାଲଜାନ୍ ପୁରସ୍କାର ପ୍ରଦାନ କରାଯାଇଛି।

- ୭୦, ଲକ୍ଷ୍ମୀବିହାର ଫେଜ୍-୧
ଭୁବନେଶ୍ୱର
ମୋ : ୯୪୩୮୬୯୩୭୨୪

# ଭାରତୀୟ ଦଳରେ ଓଡ଼ିଶାର ଦେବାଶିଷ




ଭାରତୀୟ ଜୁନିୟର ଡେଭିସ୍ କପ୍ ଟେନିସ ପାଇଁ ମନୋନୀତ ଖେଳାଳିଙ୍କ ସହ ଓଡ଼ିଶାର ଦେବାଶିଷ ସାହୁ (ବାମ)।

**ଜୁନିୟର ଡେଭିସ କପ୍ ଟେନିସ**

ଭୁବନେଶ୍ୱର, ୧୦।୪ (କ୍ରୀଡ଼ା ପ୍ରତିନିଧି)

ଓଡ଼ିଶା ଟେନିସ ପ୍ରତିଭା ଦେବାଶିଷ ସାହୁ ଭାରତୀୟ ଜୁନିୟର ଡେଭିସ୍ କପ୍ ଦଳରେ ସ୍ଥାନ ପାଇଛନ୍ତି। ଏସିଆ-ଓସେନିଆ ୧୬ ବର୍ଷରୁ କମ୍ ଜୁନିୟର କ୍ୱାଲିଫାଇଂ ଜୋନ୍ ଡେଭିସ୍ କପ ଏବଂ ଜୁନିୟର ବିଲି ଜନ କିଙ୍ଗ୍ କପ୍-୨୦୨୨ ନୂଆଦିଲ୍ଲୀର ଡିଏଲ୍‌ଟିଏ କମ୍ପ୍ଲେକ୍ସରେ ଅନୁଷ୍ଠିତ ହେବ। ଏଥିପାଇଁ ଭାରତୀୟ ଦଳରେ ଦେବାଶିଷଙ୍କ ବ୍ୟତୀତ ବିଶ୍ୱର ୧୬୬ ର୍‌ୟାଙ୍କ୍‌ପ୍ରାପ୍ତ ରୁଶିଲ ଖୋସ୍‌ଲା ଏବଂ ୧୮ ବର୍ଷରୁ କମ୍ ବର୍ଗରେ ୨୫୯ ର୍‌ୟାଙ୍କ୍ ଖେଳାଳି ବୁଶାନ ହାଓବାମ ସାମିଲ ଅଛନ୍ତି। ସାଜିଦ ଲୋଦି କ୍ୟାପଟେନ ଦାୟିତ୍ୱ ତୁଲାଇବେ। ଦେବାଶିଷ ଓଡ଼ିଶାର ପ୍ରତିଷ୍ଠିତ କୋଚ୍ ଫରହାନ ଅଲୀଙ୍କଠାରୁ ପ୍ରଶିକ୍ଷଣପ୍ରାପ୍ତ।

ସୋମବାରଠାରୁ ଆରମ୍ଭ ହେବାକୁ ଯାଉଥିବା ପ୍ରତିଯୋଗିତା ପାଇଁ ୭ମ ସିଡ୍ ଭାରତ ଟପ୍ ସିଡ୍ ଅଷ୍ଟ୍ରେଲିଆ, ପାକିସ୍ତାନ ଓ ଇଣ୍ଡୋନେସିଆ ସହିତ ଗୋଟିଏ ଗ୍ରୁପ୍‌ରେ ରହିଛି। ପ୍ରଥମ ଦିବସରେ ପାକିସ୍ତାନ ବିପକ୍ଷରେ ମ୍ୟାଚ ଖେଳି ଭାରତ ଅଭିଯାନ ଆରମ୍ଭ କରିବ। ଅନ୍ୟତମ ପ୍ରତିଭାସମ୍ପନ୍ନ ଟେନିସ ଖେଳାଳି ବଂଶ ନନ୍ଦଲ ଭାରତୀୟ ଦଳରେ ସ୍ଥାନ ପାଇବା ଦୌଡ଼ରେ ଥିଲେ। ପ୍ରସ୍ତୁତି କ୍ୟାମ୍ପରେ ବୁଶାନ ସମସ୍ତ ଟ୍ରାଏଲ ମ୍ୟାଚ ଜିତି ବାଜି ମାରିଥିଲେ। ଆଗାମୀ ପ୍ରତିଯୋଗିତାରେ ଭାରତ ନିଶ୍ଚିତ ଭଲ ପ୍ରଦର୍ଶନ କରିବ ବୋଲି ଦୃଢ଼ ଆଶା ପୋଷଣ କରିଛନ୍ତି କ୍ୟାପ୍‌ଟେନ ଲୋଦି। ଗ୍ରୁପ୍ ପର୍ଯ୍ୟାୟରୁ ନକ୍‌ଆଉଟକୁ ଯିବା ଭାରତୀୟ ଦଳର ପ୍ରଥମ ଲକ୍ଷ୍ୟ ରହିବ। ପ୍ରତି ଗ୍ରୁପ୍‌ର ଶ୍ରେଷ୍ଠ ୨ଟି ଲେଖାଏ ଦଳ କ୍ୱାର୍ଟର ଫାଇନାଲ ପାଇଁ ଯୋଗ୍ୟ ବିବେଚିତ ହେବ। ଗ୍ରୁପ୍ 'ବି'ରେ ଇରାନ, ମାଲେସିଆ, ସିରିଆ, ସିଙ୍ଗାପୁର ରହିଥିବାବେଳେ ଗ୍ରୁପ୍ 'ସି'ରେ କାଜାଖସ୍ତାନ, ଶ୍ରୀଲଙ୍କା, ଭିଏତନାମ, ଥାଇଲାଣ୍ଡ ଏବଂ ଗ୍ରୁପ୍ 'ଡି'ରେ ଜାପାନ, ଉଜବେକିସ୍ତାନ, କୋରିଆ ଓ ହଂକଂ ସ୍ଥାନ ପାଇଛନ୍ତି।

## ଲେକ୍‌ଲେରେକ୍ ଜିତିଲେ ଅଷ୍ଟ୍ରେଲିଆନ ଗ୍ରାଁ ପ୍ରି

**ମେଲବୋର୍ନ, ୧୦।୪(ଏପି):** ଫେରାରୀ ଡ୍ରାଇଭର ମୋନାକୋର ଚାର୍ଲ୍ସ ଲେକ୍‌ଲେରେକ୍ ରବିବାର ଅନୁଷ୍ଠିତ ଅଷ୍ଟ୍ରେଲିଆନ ଗ୍ରାଁ ପ୍ରି ଫର୍ମୁଲା ୱାନ ମୋଟର ରେସିଂରେ ଚାମ୍ପିୟନ ହୋଇଛନ୍ତି। ପୋଲ୍ ପୋଜିଶନରୁ ରେସ୍ ଆରମ୍ଭ କରିଥିବା ଲେକ୍‌ଲେରେକ୍ ଆଧିପତ୍ୟ ବିସ୍ତାର କରି ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଚଳିତ ସିଜନରେ ଲେକ୍‌ଲେରେକଙ୍କର ଏହା ଦ୍ୱିତୀୟ ବିଜୟ। ସିଜନ ପ୍ରାରମ୍ଭ ବାହାରିନ୍ ଗ୍ରାଁ ପ୍ରିରେ ମଧ୍ୟ ସେ ଚାମ୍ପିୟନ ହୋଇଥିଲେ। ଏଠାରେ ସେ ପ୍ରତିଦ୍ୱନ୍ଦ୍ୱୀ ରେଡ୍‌ବୁଲ୍‌ର ସର୍ଗିଓ ପେରେଜଙ୍କୁ ୨୦.୫୨୪ ସେକେଣ୍ଡରେ ପଛରେ ପକାଇ ଦେଇଥିଲେ। ମର୍ସିଡିଜ୍‌ର ଜର୍ଜ ରସେଲ, ଲୁଇସ ହାମିଲଟନ, ମ୍ୟାକ୍‌ଲରେନର ଲାନ୍‌ଡୋ ନୋରିସ, ଡାନିଏଲ ରିକାର୍ଡୋ, ଆଲ୍‌ପିନେର ଏଟେବାନ ଓକନ, ଆଲ୍‌ଫା ରୋମିଓର ଭାଲ୍‌ଟେରୀ ବୋଟାସ, ଆଲ୍‌ଫା ଟୌରୀର ପିଏରେ ଗାସ୍‌ଲେ ଏବଂ ୱିଲିୟମ୍ସର ଆଲେକ୍‌ଜାଣ୍ଡର ଆଲବନ ଟପ୍-୧୦ ଫିନିଶ କରିଛନ୍ତି। ବିଶ୍ୱ ଚାମ୍ପିୟନ ମ୍ୟାକ୍ସ ଭର୍ଷ୍ଟାପେନଙ୍କ ପାଇଁ ଏହି ରେସ୍ ନୈରାଶ୍ୟ ଆଣିଛି। ଯାନ୍ତ୍ରିକ ବିଫଳତା ଯୋଗୁ ସେ ରେସ୍ ଅଧାରୁ ଓହରି ଯାଇଥିଲେ। ଏହି ରେସ୍ ପରେ ଡ୍ରାଇଭର୍ସ ଷ୍ଟାଣ୍ଡିଂରେ ଲେକ୍‌ଲେରେକ୍ ୭୧ ପଏଣ୍ଟ ସହିତ ନିଜ ସ୍ଥାନକୁ ସୁଦୃଢ଼ କରିଛନ୍ତି। ମର୍ସିଡିଜ୍ ଜର୍ଜ ରସେଲ ୩୭ ଓ ଫେରାରୀର କାର୍ଲୋସ ସିଞ୍ଜ୍ ଜୁନିୟର ପରବର୍ତ୍ତୀ ୨ ସ୍ଥାନରେ ଅଛନ୍ତି। କନ୍‌ଷ୍ଟ୍ରକ୍ଟର ଷ୍ଟାଣ୍ଡିଂରେ ଫେରାରୀ ୧୦୪ ପଏଣ୍ଟ ସହିତ ଶୀର୍ଷରେ ଥିବାବେଳେ ମର୍ସିଡିଜ୍ ୬୫ ପଏଣ୍ଟ ପାଇ ଦ୍ୱିତୀୟରେ ରହିଛି।

# ସ୍କୁଲ ଛାତ୍ରଙ୍କୁ କ୍ରିକେଟ କିଟ୍ ବଣ୍ଟନ

**ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଓଡ଼ିଶା ଏବେ କ୍ରୀଡ଼ା ରାଜଧାନୀ: କ୍ରୀଡ଼ାମନ୍ତ୍ରୀ**

କଟକ ଅଫିସ, ୧୦।୪

ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଓଡ଼ିଶା ଏବେ ଦେଶର କ୍ରୀଡ଼ା ରାଜଧାନୀ ଭାବେ ଉଭା ହୋଇଛି। କ୍ରିକେଟ କ୍ଷେତ୍ରରେ ପ୍ରୋତ୍ସାହନ ଅତ୍ୟନ୍ତ ସ୍ୱାଗତଯୋଗ୍ୟ। କ୍ରିକେଟ ବ୍ୟତୀତ ଅନ୍ୟ କ୍ରୀଡ଼ାରେ ଯେଉଁମାନେ ଓଡ଼ିଶା ପାଇଁ ସମ୍ମାନ ଓ ଗୌରବ ଆଣିବାକୁ ସଂକଳ୍ପ ନେଇଛନ୍ତି, ସେମାନଙ୍କୁ ଆମେ ସମସ୍ତ ପ୍ରକାର ସାହାଯ୍ୟ ଏବଂ ସହଯୋଗ ଯୋଗାଇଦେବାକୁ ପ୍ରତିଶ୍ରୁତିବଦ୍ଧ ବୋଲି କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା କହିଛନ୍ତି। ଶ୍ୟାମ ଭାଟିଆ ଚାରିଟେବଲ ଟ୍ରଷ୍ଟ (କ୍ରିକେଟ ଫର୍ କେୟାର), ଶ୍ରୀଜଗନ୍ନାଥ ଷ୍ଟିଲ ଆଣ୍ଡ ପାୱାର ଲିଃ ଏବଂ ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ)ର ମିଳିତ ଆନୁକୂଲ୍ୟରେ କଟକ ବାରବାଟୀ ଷ୍ଟାଡିୟମଠାରେ କ୍ରିକେଟ କିଟ୍ ବଣ୍ଟନ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଯୋଗଦେଇ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ଉପରୋକ୍ତ ମତବ୍ୟକ୍ତ କରିଥିଲେ। ସେହିପରି ଆଲାମ ଷ୍ଟିଲ୍‌ର ଅଧ୍ୟକ୍ଷ ଶ୍ୟାମ ଭାଟିଆ କହିଥିଲେ, ଏଠାରେ ଉପସ୍ଥିତ ପିଲାଙ୍କ ଭିତରେ ଗାଭାସ୍କର, ରବି ଶାସ୍ତ୍ରୀ, ମହେନ୍ଦ୍ର ସିଂ ଧୋନୀ ଓ ବିରାଟ କୋହଲିଙ୍କ ପରି ମହାନ୍ କ୍ରିକେଟରଙ୍କ ପ୍ରତିଭା ଲୁଚି ରହିଛି। ସେମାନେ ଯଦି କ୍ରିକେଟ୍‌କୁ ଗୁରୁତ୍ୱ ଦେଇ ଖେଳିବେ, ଦିନେନା ଦିନେ ମହାନ୍ କ୍ରିକେଟର ହେବା ସହ ଓଡ଼ିଶାର ନାମକୁ ବିଶ୍ୱ ଦରବାରରେ ଆଲୋକିତ କରିବେ। ଏପର୍ଯ୍ୟନ୍ତ ମୁଁ ଅନେକ କ୍ରିକେଟରଙ୍କୁ ବିଶ୍ୱ କ୍ରିକେଟକୁ ଆଣିଛି। ତନ୍ମଧ୍ୟରୁ ସର୍ଫରାଜ ଖାଁ ଅନ୍ୟତମ ବୋଲି ଭାଟିଆ କହିଥିଲେ। ଓସିଏ ସମ୍ପାଦକ ସଞ୍ଜୟ ବେହେରା କହିଥିଲେ ଯେ, ୨୦୨୪କୁ ଦୃଷ୍ଟିରେ ରଖି ସାରା ରାଜ୍ୟରେ କ୍ରିକେଟର ବିକାଶ କରାଯାଉଛି। ଏହି କ୍ରମରେ ବିଭିନ୍ନ କମ୍ପାନୀ ମାନଙ୍କ ସହ ଯୋଗାଯୋଗ ଅବ୍ୟାହତ ରହିଛି। ଏହି କାର୍ଯ୍ୟକ୍ରମ ତାହାର ଏକ ଅଂଶବିଶେଷ।

ରାଜ୍ୟର ୩୦ ଜିଲାରୁ ଆସିଥିବା ୫୦ ସ୍କୁଲର ଛାତ୍ର ଓ ସ୍କୁଲ ପ୍ରତିନିଧିଙ୍କୁ କ୍ରିକେଟ କିଟ୍ ବଣ୍ଟନ କରାଯାଇଛି। ପ୍ରତ୍ୟେକ କିଟ୍‌ରେ ୩ ସେଟ୍ କ୍ରିକେଟ ସରଞ୍ଜାମ ରହିଛି। ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ପୂର୍ବତନ ଅନ୍ତର୍ଜାତୀୟ କ୍ରିକେଟ ଖେଳାଳି ଦେବାଶିଷ ମହାନ୍ତି, ଶ୍ରୀଜଗନ୍ନାଥ ଷ୍ଟିଲ ଆଣ୍ଡ ପାୱାର ଲିଃର ଅଧ୍ୟକ୍ଷ ପ୍ରଶାନ୍ତ କୁମାର ଆହ୍ଲୁୱାଲିଆ, ଫୁଟ୍‌ବଲ ଆସୋସିଏଶନ ଅଫ୍ ଓଡ଼ିଶା ସମ୍ପାଦକ ଆଶୀର୍ବାଦ ବେହେରା, ଓଡ଼ିଶା କ୍ରିକେଟ ଆସୋସିଏଶନ ସଭାପତି ପଙ୍କଜ ଲୋଚନ ମହାନ୍ତି, ସମ୍ପାଦକ ସଞ୍ଜୟ ବେହେରାଙ୍କ ସମେତ ଅନେକ କର୍ମକର୍ତ୍ତା ଯୋଗଦେଇଥିଲେ। ସୂଚନାଯୋଗ୍ୟ, କ୍ରିକେଟ୍ ଖେଳାଳିଙ୍କୁ ବିଶ୍ୱସ୍ତରରେ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଶ୍ୟାମ ଭାଟିଆ ବିଶ୍ୱର ବିଭିନ୍ନ ସ୍କୁଲରେ ଏଭଳି କ୍ରିକେଟ୍ କିଟ୍ ବଣ୍ଟନ କରିଆସୁଛନ୍ତି।



କଟକ ବାରବାଟୀ ଷ୍ଟାଡିୟମରେ ରବିବାର ସ୍କୁଲ ଛାତ୍ରଙ୍କୁ କ୍ରିକେଟ କିଟ୍ ବଣ୍ଟନ ଅବସରରେ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା ଓ ଅନ୍ୟ ଅତିଥିମାନେ।

# ଭାରତୀୟ ମହିଳା ହକି ଦଳ ଶୀର୍ଷକୁ ଉଠିଲା

**ଇଂଲଣ୍ଡ ବିପକ୍ଷ ପ୍ରୋ ଲିଗ୍ ମ୍ୟାଚ୍ ବାତିଲ**

ଭୁବନେଶ୍ୱର, ୧୦।୪ (କ୍ରୀଡ଼ା ପ୍ରତିନିଧି)

କଳିଙ୍ଗ ଷ୍ଟାଡିୟମରେ ହେବାକୁଥିବା ଭାରତ-ଇଂଲଣ୍ଡ ମହିଳା ହକି ପ୍ରୋ ଲିଗ୍ ମ୍ୟାଚ୍ ବାତିଲ ହୋଇଛି। ଏହି ଦୁଇ ଦଳ ମଧ୍ୟରେ ଏପ୍ରିଲ ୨ ଓ ୩ ତାରିଖରେ ମ୍ୟାଚ ଖେଳାଯିବାର ଥିଲା। ମାତ୍ର ଇଂଲଣ୍ଡ ଦଳର ଅଧିକାଂଶ ଖେଳାଳି କୋଭିଡ୍-୧୯ରେ ସଂକ୍ରମିତ ହେବା ଏବଂ କେତେକ ଖେଳାଳି ଆହତ ସମସ୍ୟାରେ ରହିଥିବାରୁ ମ୍ୟାଚ୍‌କୁ ସ୍ଥଗିତ ରଖାଯାଇଥିଲା। ଦୁଇ ଦଳ ମଧ୍ୟରେ ମ୍ୟାଚ୍‌ର କାର୍ଯ୍ୟସୂଚୀ ପୁନଃ ନିର୍ଦ୍ଧାରିତ କରାଯିବାର ଥିଲା। ମାତ୍ର ସମୟ ଧାର୍ଯ୍ୟ ହୋଇ ନ ପାରିବାରୁ ଏହାକୁ ସମ୍ପୂର୍ଣ୍ଣ ବାତିଲ କରାଯାଇଛି ବୋଲି ଅନ୍ତର୍ଜାତୀୟ ହକି ଫେଡେରେଶନ (ଏଫ୍‌ଆଇଏଚ୍) ପକ୍ଷରୁ ସ୍ପଷ୍ଟ କରାଯାଇଛି। ଫଳରେ ଏଫ୍‌ଆଇଏଚ୍ ଏବଂ ଦୁଇ ଦେଶର ସହମତିକ୍ରମେ ଭାରତକୁ ୬ (୩+୩) ପଏଣ୍ଟ ପ୍ରଦାନ କରାଯାଇଛି। ଫଳରେ ପଏଣ୍ଟ ଟେବୁଲରେ ଭାରତ ଅଲିମ୍ପିକ୍ସ ଚାମ୍ପିୟନ ନେଦରଲାଣ୍ଡସ୍‌କୁ ପଛରେ ପକାଇ ଶୀର୍ଷକୁ ଉନ୍ନୀତ ହୋଇଛି। ଭାରତ ପୂର୍ବରୁ ୮ ମ୍ୟାଚ୍‌ରୁ ୪ ବିଜୟ, ୧ ଶୁଟ୍‌ଆଉଟ ବିଜୟ, ୨ ଶୁଟ୍ ଆଉଟ ପରାଜୟ ଓ ୧ ପରାଜୟ ସହ ୧୬ ପଏଣ୍ଟ ପାଇଥିଲା। ଏବେ ଏହି ପଏଣ୍ଟ ସଂଖ୍ୟା ୨୨ରେ ପହଞ୍ଚି ଯାଇଛି। ନେଦରଲାଣ୍ଡସ୍ ୮ ମ୍ୟାଚ୍‌ରୁ ୧୯ ପଏଣ୍ଟ ପାଇଥିବାରୁ ଦ୍ୱିତୀୟକୁ ଖସିଛି। ଜର୍ମାନୀ ୧୩ ଓ ଆର୍ଜେଣ୍ଟିନା ୧୨ ପଏଣ୍ଟ ପାଇ ପରବର୍ତ୍ତୀ ୨ ସ୍ଥାନରେ ରହିଛନ୍ତି।

# ବିଜୟ ପଥକୁ ଫେରିଲା ଦିଲ୍ଲୀ

ମୁମ୍ବାଇ, ୧୦।୪

ଓପ୍‌ନର ପୃଥ୍ୱୀ ଶ' ଓ ଡେଭିଡ୍ ୱାର୍ନରଙ୍କ ବିସ୍ଫୋରକ ବ୍ୟାଟିଂ ପରେ କୁଲଦୀପ ଯାଦବଙ୍କ ଆକର୍ଷଣୀୟ ବୋଲିଂ ସହାୟତାରେ ଦିଲ୍ଲୀ କ୍ୟାପିଟାଲ୍ସ ଇଣ୍ଡିଆନ ପ୍ରିମିୟର ଲିଗ୍‌ର ରବିବାର ଅନୁଷ୍ଠିତ ମ୍ୟାଚ୍‌ରେ ୪୪ ରନ୍‌ରେ କୋଲକାତା ନାଇଟ୍ ରାଇଡର୍ସ (କେକେଆର)କୁ ହରାଇ ଦେଇଛି। କ୍ରମାଗତ ୨ ପରାଜୟ ପରେ ବିଜୟ ପଥକୁ ଫେରିଛି ରିଷଭ ପନ୍ତଙ୍କ ଦିଲ୍ଲୀ କ୍ୟାପିଟାଲ୍ସ। ପ୍ରଥମେ ବ୍ୟାଟିଂ କରିଥିବା ଦିଲ୍ଲୀ ୨୦ ଓଭରରେ ୫ ଉଇକେଟ ହରାଇ ୨୧୫ ରନ୍ କରିଥିଲା। କୋଲକାତା ୧୯.୪ ଓଭରରେ ୧୭୧ ରନ୍‌କରି ଅଲ୍‌ଆଉଟ ହୋଇଯାଇଥିଲା। ଟସ୍ ଜିତି ବୋଲିଂ ନିଷ୍ପତ୍ତି ନେଇଥିଲେ ହେଁ କୋଲକାତା ଅଧିନାୟକ ଶ୍ରେୟାସ ଆୟାର ଏଥିରୁ ଫାଇଦା ଉଠାଇ ପାରି ନ ଥିଲେ। ଦିଲ୍ଲୀର ଦୁଇ ଓପନର ପୃଥ୍ୱୀ (୫୧ ରନ୍, ୭ ଚୌକା ଓ ୨ ଛକା) ଏବଂ ୱାର୍ନର (୬୧ ରନ୍, ୬ ଚୌକା ଓ ୨ ଛକା) ଆରମ୍ଭରୁ ଆକ୍ରମଣାତ୍ମକ ଖେଳିଥିଲେ। ଦୁହେଁ ମାତ୍ର ୮.୪ ଓଭରରେ ଓପ୍‌ନିଂ ଯୋଡ଼ିରେ ୯୩ ରନ୍ ଯୋଡ଼ିଥିଲେ। କିନ୍ତୁ ଇନିଂସ୍‌ର ଦ୍ୱିତୀୟ ଭାଗରେ ଦିଲ୍ଲୀ କ୍ରମାଗତ ବ୍ୟବଧାନରେ ଅଧିନାୟକ ପନ୍ତ (୨୭), ଲଳିତ ଯାଦବ (୧) ଓ ରବମାନ ପାୱେଲ (୮)ଙ୍କ ଉଇକେଟ ହରାଇଥିଲା। ଶେଷଆଡ଼କୁ ଅକ୍ଷର ପଟେଲଙ୍କ ୨୨ (୨ ଚୌକା ଓ ୧ ଛକା) ଏବଂ ଶାର୍ଦ୍ଦୂଳ ଠାକୁରଙ୍କ ୨୯ (୧ ଚୌକା ଓ ୩ ଛକା)ରନ୍ ଯୋଗୁ ଦିଲ୍ଲୀ ୨୦ ଓଭରରେ ୫ ଉଇକେଟ ହରାଇ ୨୧୫ କରିଥିଲା। କୋଲକାତା ପାଇଁ ସୁନୀଲ ନାରିନ ୨ ଉଇକେଟ ନେଇଥିବା ବେଳେ ଉମେଶ ଯାଦବ ଗୋଟିଏ ସଫଳତା ପାଇଥିଲେ। ୨୧୬ ରନ୍‌ର ବିଶାଳ ଟାର୍ଗେଟ ନେଇ ଓହ୍ଲାଇଥିବା କେକେଆର୍ ୫ ଓଭର ମଧ୍ୟରେ ଦୁଇ ଓପ୍‌ନରଙ୍କ ଉଇକେଟ ହରାଇଥିଲା। ପରେ ଅଧିନାୟକ ଶ୍ରେୟାସ ଆୟାର (୫୪ ରନ୍, ୫ ଚୌକା ଓ ୨ ଛକା), ନୀତିଶ ରାଣା (୩୦), ଆନ୍ଦ୍ରେ ରସେଲ (୨୪), ସାମ ବିଲିଙ୍ଗ୍‌ସ (୧୫)ଙ୍କ ପ୍ରୟାସ ସତ୍ତ୍ୱେ ୧୭୧ ରନ୍‌ରେ ଅଲଆଉଟ୍ ହୋଇଯାଇଥିଲା କୋଲକାତା। ଦଳର ସର୍ବାଧିକ କ୍ଷତି ଘଟାଇଥିଲେ ପୂର୍ବତନ କେକେଆର ସଦସ୍ୟ ତଥା ଚାଇନାମ୍ୟାନ୍ କୁଲଦୀପ ଯାଦବ। ସେ ଗୋଟିଏ ଓଭରରେ ୩ ଉଇକେଟକୁ ମିଶାଇ ମୋଟ ୪ ଉଇକେଟ ନେଇଥିଲେ। ଖଲିଲ ଅହମ୍ମଦ ୩ ଏବଂ ଶାର୍ଦ୍ଦୂଳ ୨ଟି ଉଇକେଟ ହାତେଇଥିଲେ। କୁଲଦୀପଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା।



କୁଲଦୀପ ଯାଦବ

**ଆଇପିଏଲ୍-୧୫**

**ଆଜିର ମ୍ୟାଚ**

ସନ୍‌ରାଇଜର୍ସ ହାଇଦ୍ରାବାଦ ବନାମ ଗୁଜରାଟ ଟାଇଟାନ୍ସ

ସ୍ଥାନ: ମୁମ୍ବାଇ

ସମୟ: ରାତି ୭ଟା ୩୦

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

**ସଂକ୍ଷିପ୍ତ ସ୍କୋର**

ଦିଲ୍ଲୀ କ୍ୟାପିଟାଲ୍ସ ୨୦ ଓଭରରେ ୨୧୫/୫ (ଡେଭିଡ ୱାର୍ନର-୬୧, ପୃଥ୍ୱୀ ଶ'-୫୧, ଶାର୍ଦ୍ଦୂଳ ଠାକୁର-୨୯*, ସୁନୀଲ ନାରିନ-୨/୨୧, ଉମେଶ ଯାଦବ-୧/୪୮, ବରୁଣ ଚକ୍ରବର୍ତ୍ତୀ-୧/୪୪, ଆନ୍ଦ୍ରେ ରସେଲ-୧/୧୬)। କୋଲକାତା ନାଇଟ ରାଇଡର୍ସ ୧୯.୪ ଓଭରରେ ୧୭୧/ଅଲ୍‌ଆଉଟ (ଶ୍ରେୟାସ ଆୟାର-୫୪, ନୀତୀଶ ରାଣା-୩୦, କୁଲଦୀପ ଯାଦବ-୪/୩୫, ଖଲିଲ ଅହମଦ-୩/୨୫, ଶାର୍ଦ୍ଦୂଳ ଠାକୁର-୨/୩୦, ଲଳିତ ଯାଦବ-୧/୮)।

# ସେମିରେ ହାରିଲା ଭାରତ

**ଜୁନିୟର ମହିଳା ହକି ବିଶ୍ୱକପ**

**ପୋଚ୍‌ଫେଷ୍ଟ୍ରୁମ, ୧୦।୪ (ପି.ଟି.):** ଏଠାରେ ଚାଲିଥିବା ଜୁନିୟର ମହିଳା ହକି ବିଶ୍ୱକପର ସେମିଫାଇନାଲରେ ଭାରତ ହାରି ଯାଇଛି। ଶନିବାର ଅନୁଷ୍ଠିତ ପ୍ରଥମ ସେମିଫାଇନାଲରେ ଭାରତ ୦-୩ ଗୋଲରେ ନେଦରଲାଣ୍ଡସ୍‌ଠାରୁ ପରାଜିତ ହୋଇଛି। ତିନିଥର ଚାମ୍ପିୟନ ନେଦରଲାଣ୍ଡସ୍ ସମ୍ପୂର୍ଣ୍ଣ ଆଧିପତ୍ୟ ବିସ୍ତାରକରି ଖେଳିଥିଲା। ଦଳ ପକ୍ଷରୁ ଟେସା ବିସ୍ମା ୧୨, ଲୁନା ଫୋକେ ୫୩ ଓ ଜିପ୍ ଡିକେ ୫୪ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ୨୦୧୩ ମସିହାରେ ଭାରତ ବ୍ରୋଞ୍ଜ ପଦକ ହାସଲ କରିଥିଲା। ଟୁର୍ନାମେଣ୍ଟରେ ଭାରତର ଏହା ଏପର୍ଯ୍ୟନ୍ତ ଶ୍ରେଷ୍ଠ ପ୍ରଦର୍ଶନ ହୋଇ ଆସିଛି। ଏଥର କିନ୍ତୁ ଦଳ ଫାଇନାଲରେ ପ୍ରବେଶ ଆଶା ରଖିଥିଲା। ମାତ୍ର ଦଳକୁ ବ୍ରୋଞ୍ଜ ପଦକ ମୁକାବିଲାରେ ଖେଳିବାକୁ ପଡ଼ିବ।

# ଆର୍‌ସିବି ବାୟୋ ବବଲ ଛାଡ଼ିଲେ ହର୍ଷଲ

**ପୁଣେ, ୧୦।୪ (ପିଟି):** ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆର୍‌ସିବି) ପେସର ହର୍ଷଲ ପଟେଲ ଶନିବାର ରାତିରେ ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷ ମ୍ୟାଚ୍ ପରେ ଦଳୀୟ ହୋଟେଲ ଛାଡ଼ିଛନ୍ତି। ପରିବାର ସଦସ୍ୟଙ୍କ ମୃତ୍ୟୁ କାରଣରୁ ତାଙ୍କୁ ଏଭଳି ପଦକ୍ଷେପ ନେବାକୁ ପଡ଼ିଛି। ମୁମ୍ବାଇ ବିପକ୍ଷ ମ୍ୟାଚ୍ ପରେ ପରିବାରରେ ଘଟିଥିବା ଦୁଃଖଦ ଘଟଣା ସମ୍ପର୍କରେ ସେ ଜାଣିବାକୁ ପାଇଥିଲେ। ଗତ ଦୁଇ ସିଜନ ହେଲା ଆର୍‌ସିବି ପାଇଁ ଶ୍ରେଷ୍ଠ ପ୍ରଦର୍ଶନ କରୁଥିବା ହର୍ଷଲ ମୁମ୍ବାଇ ବିପକ୍ଷରେ ୨ ଉଇକେଟ ନେଇଥିଲେ। ''ଦୁର୍ଭାଗ୍ୟବଶତଃ, ହର୍ଷଲଙ୍କୁ ପରିବାର ସଦସ୍ୟଙ୍କ ମୃତ୍ୟୁ ଯୋଗୁ ଦଳୀୟ ବାୟୋ ବବଲ ଛାଡ଼ିବାକୁ ପଡ଼ିଛି। ମୃତକ ତାଙ୍କ ଭଉଣୀ ଥିଲେ। ଆସନ୍ତା ୧୨ ତାରିଖରେ ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ) ବିପକ୍ଷ ମ୍ୟାଚ୍ ପୂର୍ବରୁ ସେ ବାୟୋ ବବଲରେ ଯୋଗଦେବେ'' ବୋଲି ସୂତ୍ରରୁ କୁହାଯାଇଛି।













1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

# ଟଙ୍କା ପାଇବା ଆଶଙ୍କାରେ ଜମାକାରୀ

**ରାଉତପଡ଼ା ସମବାୟ ବ୍ୟାଙ୍କରୁ ୧.୫୦ କୋଟି ଆତ୍ମସାତ ଘଟଣା**

- ଏକାଧିକଙ୍କ ସମ୍ପୃକ୍ତି ରହିଛି, ଚାପି ଦେବାକୁ ଷଡ଼ଯନ୍ତ୍ର ଅଭିଯୋଗ
- ଇଓଡବ୍ଲ୍ୟୁକୁ ତଦନ୍ତ ପାଇଁ ଜିଲାପାଳ ସୁପାରିସ କରିଛନ୍ତି

ଖୋର୍ଦ୍ଧା ଅଫିସ,୧୦।୪

ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ଅଧୀନସ୍ଥ ରାଉତପଡ଼ା ଶାଖାରେ ଶତାଧିକ ଗ୍ରାମବାସୀଙ୍କ ୧କୋଟି ୫୦ଲକ୍ଷ ସ୍ଥାୟୀ ଜମା ଓ ସଞ୍ଚୟ ଟଙ୍କା ହେରଫେର ନେଇ ଅଭିଯୋଗ ହୋଇଥିଲା । ଏନେଇ ଜିଲାପାଳଙ୍କ ନିକଟରେ ଗ୍ରାମବାସୀ ଅଭିଯୋଗ କରିଥିଲେ । ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ଏହି ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି । ଏଥିସହ ଆର୍ଥିକ ଅନିୟମିତତାର ତଦନ୍ତ ଲାଗି କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ)କୁ ସୁପାରିସ କରିଛନ୍ତି । ଜିଲାପାଳ ହେଉଛନ୍ତି ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ (କେସିସିବି)ର ମୁଖ୍ୟ ପ୍ରଶାସକ । ତେବେ ଜମାକାରୀ ଟଙ୍କା ଫେରି ପାଇବା ନେଇ ଜିଲାପାଳ କୌଣସି ସ୍ପଷ୍ଟ ମତ ରଖିନାହାନ୍ତି । ଫଳରେ ଜମାକାରୀ ଟଙ୍କା ଫେରି ପାଇବା ନେଇ ଆଶଙ୍କା ସୃଷ୍ଟି ହୋଇଛି ।

ରାଉତପଡ଼ା ହେଉଛି ବୁଣାକାର କାରିଗରଙ୍କ ଗ୍ରାମ । ଲୁଗା ବୁଣିଲେ ଗ୍ରାମବାସୀଙ୍କ ପରିବାର ଚଳେ । ମୁଣ୍ଡ ଝାଳ ତୁଣ୍ଡରେ ମାରି କଷ୍ଟ ଉପାର୍ଜିତ ଧନକୁ ସ୍ଥାନୀୟ କେସିସିବି ଶାଖାରେ ରଖିଥିଲେ । ତେବେ ଜମାକାରୀଙ୍କ ଲକ୍ଷାଧିକ ଟଙ୍କାକୁ କର୍ମଚାରୀଙ୍କ ସହ ମିଶି ଜଣେ ଅବସରପ୍ରାପ୍ତ ଅଧିକାରୀ ଚଳୁ କରିଦେଇଛନ୍ତି । ଏହି ଆର୍ଥିକ ଅନିୟମିତତା ପଛରେ ଏକାଧିକଙ୍କ ହାତ ରହିଥିବା ଜଣାପଡ଼ିଛି । ଘଟଣା ଜଣାପଡ଼ିବା ପରେ ନିଜ ଉପରୁ ଦୋଷ ଖସାଇବାକୁ ଉଦ୍ୟମ ଚାଲିଛି । ତେବେ ଜଣେ ଅଧିକାରୀ ଉକ୍ତ ଶାଖାରୁ ଅବସର ଗ୍ରହଣ ପରେ କିପରି ଓ କାହା ପ୍ରୋତ୍ସାହନରେ ବ୍ୟାଙ୍କ କାର୍ଯ୍ୟରେ ହସ୍ତକ୍ଷେପ କରୁଥିଲେ, ତାହାକୁ ନେଇ ଏବେ ପ୍ରଶ୍ନ ସୃଷ୍ଟି ହୋଇଛି । ଦୀର୍ଘଦିନ ଧରି ଆର୍ଥିକ ଅନିୟମିତା ଚାଲିଥିବା ବେଳେ କେସିସିବିର ଉପରିସ୍ଥ ଅଧିକାରୀମାନେ କିପରି କିଛି ଜାଣିପାରିଲେନି ତାହା ବିସ୍ମୟ ସୃଷ୍ଟି କରିଛି । ଘଟଣାକୁ ଚାପି ଦେବା ଲାଗି ଷଡ଼ଯନ୍ତ୍ର ଚାଲିଛି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଉପଯୁକ୍ତ ସମୟରେ ଆର୍ଥିକ ସମୀକ୍ଷା କରାଯାଇଥିଲେ, ହୁଏତ ଏଭଳି ଘଟଣା ଘଟି ନ ଥାନ୍ତା ବୋଲି ସାଧାରଣରେ ମତ ପ୍ରକାଶ ପାଉଛି । ଅଭିଯୋଗ ପରେ କେସିସିବି ମୁଖ୍ୟ କାର୍ଯ୍ୟନିର୍ବାହୀ (ସିଇଓ) ଅନନ୍ତ ସାମଲ ବ୍ୟାଙ୍କକୁ ଯାଇ କାଗଜପତ୍ର ଅନୁଧ୍ୟାନ କରିଛନ୍ତି । ସିଇଓଙ୍କ ପ୍ରାଥମିକ ରିପୋର୍ଟ ଭିତ୍ତିରେ ଜିଲାପାଳ ସମ୍ପୃକ୍ତ ବ୍ୟକ୍ତିବିଶେଷଙ୍କ ବିରୋଧରେ ମାମଲା ରୁଜୁ ଲାଗି ନିର୍ଦ୍ଦେଶ ଦେଇଛନ୍ତି । ତେବେ ଜମାକାରୀ କିପରି ଟଙ୍କା ଫେରିପାଇବେ, ତାହା ଉପରେ ଅଦ୍ୟାବଧି ବ୍ୟାଙ୍କ କର୍ତ୍ତୃପକ୍ଷ କିମ୍ବା ଜିଲାପାଳ କେହି ଗୁରୁତ୍ୱ ଦେଉ ନ ଥିବା ଗ୍ରାମବାସୀ ଗଣମାଧ୍ୟମ ଆଗରେ ଅଭିଯୋଗ କରିଛନ୍ତି ।

ଗ୍ରାମବାସୀଙ୍କଠାରୁ ମିଳିଥିବା ସୂଚନା ଅନୁଯାୟୀ, ରାଉତପଡ଼ା ବ୍ୟାଙ୍କ ଶାଖାର ପୂର୍ବତନ ହିସାବ ରକ୍ଷକ ବୁଦ୍ଧିରାମ ଦାସ ଦୁଇବର୍ଷ ତଳେ ଅବସର ଗ୍ରହଣ ପରେ ମଧ୍ୟ ଏଠାରେ କାର୍ଯ୍ୟ କରୁଥିଲେ । ଫଳରେ ଲୋକଙ୍କ ବିଶ୍ୱାସଭାଜନ ହୋଇଥିଲେ । ଗ୍ରାମବାସୀଙ୍କ ଅନଭିଜ୍ଞତା କାରଣରୁ ବ୍ୟାଙ୍କ ସମ୍ପର୍କିତ ବିଭିନ୍ନ କାର୍ଯ୍ୟରେ ସେ ସହଯୋଗ କରୁଥିଲେ । ତେବେ ଜମାକାରୀଙ୍କ ସରଳ ବିଶ୍ୱାସର ସୁଯୋଗ ନେଇ ସେ ସ୍ଥାୟୀ ଜମା ଓ ସଞ୍ଚୟ ଜମା ପ୍ରମାଣପତ୍ର ପ୍ରଭୃତି ନବୀକରଣ ଆଳରେ ବ୍ୟାଙ୍କ ଜାଲ୍ ପ୍ରମାଣପତ୍ର ଦେଇ ଓ ଜାଲ୍ ସ୍ୱାକ୍ଷର କରି ୧.୫୦ କୋଟି ଟଙ୍କା ଆତ୍ମସାତ କରିଛନ୍ତି । ଦୁଇ ସପ୍ତାହ ତଳେ କେତେଜଣ ଗ୍ରାମବାସୀ ଜମାପୁଞ୍ଜିର ବିବରଣୀ ଜାଣିବାକୁ ଶାଖା କାର୍ଯ୍ୟାଳୟକୁ ଯାଇଥିବା ବେଳେ କୌଣସି ବିବରଣୀ ପାଇ ନ ଥିଲେ । ସେମାନେ ଏନେଇ କେନ୍ଦ୍ର ସମବାୟ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଅଭିଯୋଗ ପରେ ବିଭାଗ ପକ୍ଷରୁ ଅନୁସନ୍ଧାନ କରାଯିବାରୁ ଟଙ୍କା ଆତ୍ମସାତ ହୋଇଥିବା ଜଣାପଡ଼ିଥିଲା । ଏହାସତ୍ତ୍ୱେ ସମ୍ପୃକ୍ତ କର୍ମଚାରୀ ଏବଂ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ । ଫଳରେ ଜମାକାରୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି । ତୁରନ୍ତ କାର୍ଯ୍ୟାନୁଷ୍ଠାନ ସହ ଜମାକାରୀଙ୍କ ଟଙ୍କା ନ ଫେରାଇଲେ ଆନ୍ଦୋଳନ କରାଯିବ ବୋଲି ଗ୍ରାମବାସୀ ଚେତବନୀ ଦେଇଛନ୍ତି ।

## ସଂକ୍ଷେପରେ

### ସିଦ୍ଧିଦାତ୍ରୀ ବେଶରେ ଦର୍ଶନ ଦେଲେ ଜାଗୁଲାଇ



**ଜଟଣୀ,୧୦।୪(ଡି.ଏନ୍.ଏ.):** ଜଟଣୀ ପୌରାଞ୍ଚଳ ଅନ୍ତର୍ଗତ କୁଦିଆରୀ ଗ୍ରାମର ଗ୍ରାମଦେବୀ ମା'ଜାଗୁଲାଈଙ୍କ ଶକ୍ତିପୀଠରେ ବାସନ୍ତିକ ଦୁର୍ଗାପୂଜା ଓ ନବରାତ୍ର ମହୋତ୍ସବ ଜାରି ରହିଛି। ରବିବାର ସକାଳେ ସୂର୍ଯ୍ୟ ପୂଜା ଓ ସନ୍ଧ୍ୟାରେ ମହାସ୍ନାନ ପରେ ମା'ଙ୍କୁ ସିଦ୍ଧିଦାତ୍ରୀ ବେଶରେ ସଜ୍ଜିତ କରାଯାଇଥିଲା। ଏହି ବେଶ ଦର୍ଶନ ପାଇଁ ବିଳମ୍ବିତ ରାତି ପର୍ଯ୍ୟନ୍ତ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ୯ଜଣ କୁମାରୀକନ୍ୟାଙ୍କୁ ମା'ଙ୍କ ୯ଟି ସ୍ୱରୂପରେ ସଜାଯାଇ ଯଜ୍ଞମଣ୍ଡପ ଉପରେ ସମସ୍ତ ମାନସିକ ବ୍ରତଧାରୀ ପୂଜାର୍ଚ୍ଚନା ସହିତ ବିଭିନ୍ନ ଉପହାର ଦେଇଥିଲେ। ହିସାବ ସମୀକ୍ଷକ ବିଜୟ ରାଜା ମନ୍ଦିର ପରିଦର୍ଶନରେ ଆସି କାର୍ଯ୍ୟକ୍ରମ ତଦାରଖ ପରେ ସନ୍ତୋଷ ପ୍ରକାଶ କରିଥିଲେ। ସଭାପତି ରାଧାମୋହନ ପଟ୍ଟନାୟକ, ଚନ୍ଦ୍ରଶେଖର ପଣ୍ଡା, ଅଶୋକ ଦାସ,ଏଲ୍.ଡି ମହାନ୍ତି, ପବିତ୍ରମୋହନ ରଣସିଂହ, ପୂର୍ଣ୍ଣଚନ୍ଦ୍ର ସାହାଣୀ, ସତିଶ ପରିଡ଼ା, ସୁନିଲ ମହାନ୍ତି, ଜିଶୁ ସାହାଣୀ, ଶଶାଙ୍କ ଶେଖର ରାୟ, ଶଶିକାନ୍ତ ମହାପାତ୍ର, ଅନନ୍ତ ବେହେରା କାର୍ଯ୍ୟ ପରିଚାଳନା କରିଥିଲେ।

### ମୁଖା ରାମଲୀଳା ନାଟକ ଆରମ୍ଭ

**ବେଗୁନିଆ,୧୦।୪(ଡି.ଏନ୍.ଏ.):** ବେଗୁନିଆ ବ୍ଲକର ବାଘମାରୀ ତଳସାହି, ରାଧାକାନ୍ତପୁର ପଞ୍ଚାୟତର ସୁଆଁଳ, ବୋତଲମା ପଞ୍ଚାୟତ ଅନ୍ତର୍ଗତ ଛତ୍ରପଡା ଆଦି ଗ୍ରାମରେ ରବିବାରଠାରୁ ରାମଲୀଳା ନାଟକ ଆରମ୍ଭ ହୋଇଯାଇଛି। ଏହା ସହିତ ବ୍ଲକର ବିଭିନ୍ନ ଗ୍ରାମରେ ଥିବା ମନ୍ଦିର ପରିସରରେ ଶ୍ରୀରାମ ଜନ୍ମ ଓ ଅଭିଷେକ ପର୍ବ ପାଳନ କରାଯାଇଛି। ଏହା ୯ ଦିନ ଧରି ଚାଲିବ। ପ୍ରଥମ ଦିବସରେ ଶାସ୍ତ୍ରବିଧି ମୁତାବକ ସ୍ଥାନୀୟ ଠାକୁରଙ୍କ ପୀଠରେ ଅଯୋଧ୍ୟାର ରାଜା ଦଶରଥଙ୍କ ପୁତ୍ର ରାମ, ଭରତ, ଲକ୍ଷ୍ମଣ, ଶତ୍ରୁଘ୍ନଙ୍କର ଜନ୍ମନୀତି ପାଳନ କରାଯାଇଥିଲା। ପରେ ନାଭିକଟା, କ୍ଷୀରପାନ, ଶୈଶବ ଅବସ୍ଥାର ଅବିକଳ ବିଧି ମୁତାବକ ପୂଜାପାଠ କରାଯାଇଥିଲା। ବାଘମାରୀ ତଳସାହିସ୍ଥିତ ମହାବୀରଙ୍କ ପୀଠରେ କାଠରେ ତିଆରି ରାମଚନ୍ଦ୍ରଙ୍କ ପୁରୁଣା ଧନୁପୂଜା ଆରମ୍ଭ ହୋଇଛି। ରଘୁନାଥ ଦେବ ନାଟ୍ୟ ସଂସଦ ପକ୍ଷରୁ ଏଠାରେ ରାମଲୀଳା ନାଟକ ପରିବେଷଣ କରାଯାଇଛି। ରାମାୟଣର କଥାବସ୍ତୁକୁ ନେଇ ମୁକ୍ତ ରଙ୍ଗମଞ୍ଚରେ ପଖାଉଜ ଓ ଗିନିର ତାଳେ ତାଳେ ଗୀତ ଓ ନୃତ୍ୟ ପରିବେଷଣ କରାଯାଇଥିଲା।

### ଜମି ବିକ୍ରି ଆଳରେ ରେଳ କର୍ମଚାରୀଙ୍କୁ ୫ ଲକ୍ଷ ଠକେଇ

**ଭୁବନେଶ୍ୱର,୧୦।୪(ବ୍ୟୁରୋ):** ଜମି ବିକ୍ରି କରିବା ଆଳରେ ରେଳ କର୍ମଚାରୀଙ୍କଠାରୁ ୫ଲକ୍ଷ ଟଙ୍କା ଠକି ନେଇଥିବା ମୁଖ୍ୟ ଅଭିଯୁକ୍ତଙ୍କୁ ମଞ୍ଚେଶ୍ୱର ଥାନା ପୋଲିସ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ସେ ହେଲେ ଖଣ୍ଡଗିରି ତପୋବନବସ୍ତିର ମୃତ୍ୟୁଞ୍ଜୟ ଜେନା ଓରଫ ବାପି। ଏଥିରେ ସମ୍ପୃକ୍ତ ଟୁକୁ ନାମକ ଜଣେ ମଧ୍ୟସ୍ଥଙ୍କୁ ଧରିବାକୁ ପୋଲିସ ଉଦ୍ୟମ ଚଳାଇଛି। ସୂଚନା ଅନୁଯାୟୀ, ପୂର୍ବତଟ ରେଳୱେ କଲୋନୀରେ ରହୁଥିବା ବରିଷ୍ଠ ଟେକ୍ନିକାଲ କର୍ମଚାରୀ ଗୋବର୍ଦ୍ଧନ ସିଂ ରାଣା ଭୁବନେଶ୍ୱରରେ ଜମି କିଣିବା ପାଇଁ ଚାହୁଁଥିଲେ। ପୂର୍ବରୁ ପରିଚିତ ଥିବା ଟୁକୁ ତାଙ୍କୁ ନେଇ ଅଭିଯୁକ୍ତ ମୃତ୍ୟୁଞ୍ଜୟଙ୍କ ସହ ଦେଖା କରାଇଥିଲେ। ମୃତ୍ୟୁଞ୍ଜୟ ନିଜକୁ ଜମି ମାଲିକ ସବ୍ୟସାଚୀ ବାରିକ ବୋଲି ପରିଚୟ ଦେଇଥିଲେ। ପରେ ଉଭୟ ଗୋବର୍ଦ୍ଧନଙ୍କୁ ତମାଣ୍ଡୋ ବିଜିପୁର ଅଞ୍ଚଳରେ ଏକ ଜମି ଦେଖାଇଥିଲେ। ଜମି ବାବଦକୁ ୩୮ଲକ୍ଷ ଟଙ୍କା ହୋଇଥିଲା। ଗୋବର୍ଦ୍ଧନ ଏକ ଚୁକ୍ତିପତ୍ର କରି ଏପ୍ରିଲ ୨୯ରେ ୫ଲକ୍ଷ ଆଡ୍‌ଭାନ୍ସ ଦେଇଥିଲେ। ହେଲେ ଜମିର ଅସଲି କାଗଜପତ୍ର ଦେଖିବାକୁ ଚାହିଁବାରୁ ସେମାନେ ଦେଇ ନ ଥିଲେ। ଏପରିକି ମଧ୍ୟସ୍ଥି କରିଥିବା ଟୁକୁ ଫୋନ୍‌ରେ ତାଙ୍କୁ ଗାଳିଗୁଲଜ କରିଥିଲେ। ପରବର୍ତ୍ତୀ ସମୟରେ ଗୋବର୍ଦ୍ଧନ ଜାଣିବାକୁ ପାଇଲେ ଯେ, ମୃତ୍ୟୁଞ୍ଜୟ ହେଉଛନ୍ତି ଜଣେ ବୋଲେରୋ ଡ୍ରାଇଭର। ଉକ୍ତ ଜମିର ପ୍ରକୃତ ମାଲିକ ସବ୍ୟସାଚୀ ବାରିକ ହେଉଛନ୍ତି ଅନ୍ୟଜଣେ। ଦିନେ ସବ୍ୟସାଚୀ ଓ ମୃତ୍ୟୁଞ୍ଜୟଙ୍କ ମଧ୍ୟରେ ସାକ୍ଷାତ ହୋଇଥିଲା। ଏକ ଜମି ବିକ୍ରି କରିବାକୁ ଗ୍ରାହକ ଖୋଜୁଥିବା ସବ୍ୟସାଚୀ ତାଙ୍କୁ କହିଥିଲେ।

## 'ନିଶା କୁ ନା' ସଚେତନତା କାର୍ଯ୍ୟକ୍ରମ

ଜଟଣୀ,୧୦।୪(ଡି.ଏନ୍.ଏ.)

ଜଟଣୀ ବ୍ଲକ ଦେଉଳବସ୍ତ ଗ୍ରାମସ୍ଥିତ ସେଣ୍ଟ ଜାଭିୟର ଶିକ୍ଷାନୁଷ୍ଠାନ ପରିସରରେ ରବିବାର ବିଶ୍ୱାମିତ୍ର ଜନସେବା ଟ୍ରଷ୍ଟ ପକ୍ଷରୁ 'ନିଶା କୁ ନା' ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହିପରିପ୍ରେକ୍ଷୀରେ ହରିପୁର ପଞ୍ଚାୟତର ସରପଞ୍ଚ ଲକ୍ଷ୍ମୀପ୍ରିୟା ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ହରିପୁର ପଞ୍ଚାୟତର ପ୍ରତ୍ୟେକ ଗ୍ରାମରେ ନିଶା ନିବାରଣ ଅଭିଯାନ ଆରମ୍ଭ କରିବାକୁ ଘୋଷଣା ସରପଞ୍ଚ ପ୍ରଧାନ କହିଥିଲେ । କବିତାରାଣୀ ପରିଡା ମୁଖ୍ୟ ଅତିଥିଭାବେ ଯୋଗଦେଇ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ନିଶାମୁକ୍ତ ପରିବାର ଗଠନ କରିବା ଦିଗରେ ଧ୍ୟାନ ଦେବାକୁ ପରାମର୍ଶ ଦେଇଥିଲେ । ଟ୍ରଷ୍ଟର ଅଧ୍ୟକ୍ଷ ରାମଶଙ୍କର, ସମାଜସେବୀ ବିଦ୍ୟୁଲତା ବେହେରା, ସାମାଜିକ କର୍ମୀ ରମେଶ ଚନ୍ଦ୍ର ପ୍ରଧାନ ଯୋଗଦେଇ ମତବ୍ୟକ୍ତ କରିଥିଲେ । ବେଣାପଞ୍ଜରୀ ପଞ୍ଚାୟତର ଶେଖ ହୁସେନ, ବିଜୟ ଶ୍ରୀଚନ୍ଦନ, ବଳଭଦ୍ର ବିଶ୍ୱାଳ, ଧୀରେନ ପ୍ରତିହାରୀ ଗ୍ରାମର ଯୁବକଙ୍କୁ ନେଇ ଜନସଚେତନତା କାର୍ଯ୍ୟକ୍ରମ ଆୟୋଜନ କରିବାର ପ୍ରସ୍ତାବ ଗୃହୀତ ହୋଇଥିଲା । ସୁରେନ୍ଦ୍ର ବେହେରା ଧନ୍ୟବାଦ ଦେଇଥିଲେ ।

## ପଛପଟୁ ଗାଡ଼ିକୁ ଧକ୍କା ଦେଲା ମିନିଟ୍ରକ



ଅଗ୍ନିଶମ କର୍ମଚାରୀ ଦୁର୍ଘଟଣାଗ୍ରସ୍ତ ଟ୍ରକ କ୍ୟାବିନ୍‌କୁ କାଟୁଛନ୍ତି ।



ଆହତ ଟ୍ରକ ଚାଳକଙ୍କୁ ଉଦ୍ଧାର କରାଯାଇଛି ।

**କ୍ୟାବିନ ଭାଙ୍ଗି ଡ୍ରାଇଭରଙ୍କୁ ଉଦ୍ଧାର କଲେ ଅଗ୍ନିଶମ କର୍ମଚାରୀ**

ଖୋର୍ଦ୍ଧା ଅଫିସ,୧୦।୪

ଭୁବନେଶ୍ୱର-ଚେନ୍ନାଇ ୧୬ନମ୍ବର ଜାତୀୟ ରାଜପଥ ପାର୍ଶ୍ୱସ୍ଥ ଖୋର୍ଦ୍ଧା ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ରବିବାର ପୂର୍ବାହ୍ନ ସାଢେ ୯ଟାରେ ଏକ ସଡ଼କ ଦୁର୍ଘଟଣା ଘଟିଛି । ଏକ ମିନିଟ୍ରକ (ଓଡି୦୨-ପି-୨୩୮୩) ଭାରସାମ୍ୟ ହରାଇ ଆଗରେ ଯାଉଥିବା ଏକ ଅଜଣା ଗାଡ଼ିକୁ ଧକ୍କା ଦେଇ ଦୁର୍ଘଟଣାଗ୍ରସ୍ତ ହୋଇଛି । ଧକ୍କା ଏତେ ତୀବ୍ର ଥିଲା ଯେ, ମିନିଟ୍ରକର ସମ୍ମୁଖ ସମ୍ପୂର୍ଣ୍ଣ ଚୁରମାର ହୋଇଯାଇଛି । ମିନିଟ୍ରକ ଡ୍ରାଇଭରଙ୍କ ଡାହାଣ ଗୋଡ଼ ଷ୍ଟିୟରିଂ ତଳ ଭାଗରେ କ୍ୟାବିନ ଭିତରେ ଚାପିହୋଇ ରହିଯାଇଥିଲା । ଖବରପାଇ ଟାଉନ ପୋଲିସ ଏବଂ ଅଗ୍ନିଶମ ସେବା ସଂସ୍ଥା କର୍ମଚାରୀ ପହଞ୍ଚିଥିଲେ । ଅଗ୍ନିଶମ କର୍ମଚାରୀ ଗ୍ୟାସ କଟର ସାହାଯ୍ୟରେ କ୍ୟାବିନକୁ କାଟି ଡ୍ରାଇଭରଙ୍କୁ ଉଦ୍ଧାର କରିଥିଲେ । ପରେ ଆମ୍ବୁଲାନ୍ସରେ ତାଙ୍କୁ ଖୋର୍ଦ୍ଧା ମେଡିକାଲକୁ ନିଆଯାଇଛି । ତାଙ୍କ ଗୋଡ଼ରେ ଗଭୀର ଆଘାତ ଲାଗିଛି । ପ୍ରାୟ ଦେଢ ଘଣ୍ଟାର ପରିଶ୍ରମ ପରେ ଅଗ୍ନିଶମ କର୍ମଚାରୀମାନେ ତାଙ୍କୁ ବାହାର କରିବାରେ ସକ୍ଷମ ହୋଇଥିଲେ । ସୂଚନା ଅନୁଯାୟୀ, ପୂର୍ବାହ୍ନରେ ଉକ୍ତ ୪୦୭ ମିନିଟ୍ରକ ଭୁବନେଶ୍ୱର ପଟୁ ଖୋର୍ଦ୍ଧା ଆସୁଥିଲା । ଏହି ସମୟରେ ମିନିଟ୍ରକ ଡ୍ରାଇଭର ନିୟନ୍ତ୍ରଣ ହରାଇ ଆଗରେ ଯାଉଥିବା ଏକ ଅଜଣା ଗାଡ଼ିକୁ ପଛପଟୁ ଧକ୍କା ଦେଇଥିଲେ । ତେବେ ସମ୍ପୃକ୍ତ ଅଜଣା ଗାଡ଼ିଟି ସେଠାରୁ ଚାଲିଯାଇଥିଲା । ଡ୍ରାଇଭର ଗୁରୁତର ଆହତ ହୋଇ ସେଠାରେ ପଡ଼ିରହିଥିଲେ । କଂଗ୍ରେସ ଯୁବନେତା ପ୍ଲାବନ ପଟ୍ଟନାୟକ ଏବଂ ଅନ୍ୟମାନେ ସେଠାରେ ପହଞ୍ଚି ପୋଲିସ ଏବଂ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ । ୮ଜଣିଆ ଅଗ୍ନିଶମ କର୍ମଚାରୀ ତାଙ୍କୁ ଉଦ୍ଧାର କରି ମେଡିକାଲ ପଠାଇଥିଲେ । ପୋଲିସ ଟ୍ରାଫିକ ନିୟନ୍ତ୍ରଣ କରିଥିଲା ।

## ନଦୀରୁ ମହିଳାଙ୍କ ମୃତଦେହ ଜବତ

ନିରାକାରପୁର,୧୦।୪(ଡି.ଏନ୍.ଏ.)

ମଳାଗୁଣୀ ନଦୀରୁ ରବିବାର ଜଙ୍କିଆ ଥାନା ପୋଲିସ ଜଣେ ମହିଳାଙ୍କ ମୃତଦେହ ଜବତ କରିଛି । ମୃତା ହେଲେ ଏହି ଥାନା ଅନ୍ତର୍ଗତ ଓରବରସିଂ ପଞ୍ଚାୟତ କୃଷ୍ଣପୁର ଗ୍ରାମର ମମତା ସୁନ୍ଦରାୟ(୪୦) । ମୃତାଙ୍କ ଭିଣୋଇ ଅଇଁଠା ସ୍ୱାଇଁଙ୍କ ଅଭିଯୋଗ ଅନୁଯାୟୀ, ମମତା ଶୌଚ ପାଇଁ ନଦୀକୁ ଯାଇଥିବା ବେଳେ ଗୋଡ଼ ଖସି ପାଣିରେ ବୁଡ଼ି ମୃତ୍ୟୁ ହୋଇଛି । ବ୍ୟବଚ୍ଛେଦ ପରେ ପୋଲିସ ମୃତଦେହ ପରିବାରଲୋକଙ୍କୁ ହସ୍ତାନ୍ତର କରିଛି । ଏ ସମ୍ପର୍କରେ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୬/୨୨) ରୁଜୁକରି ତଦନ୍ତ ଚଳାଇଛି ।

## କ୍ରିକେଟ: ସେମିଫାଇନାଲରେ ଦେଉଳଟାଙ୍ଗୀ, ପାନବରଜ

ଖୋର୍ଦ୍ଧା ଅଫିସ,୧୦।୪

ଖୋର୍ଦ୍ଧା ବ୍ଲକ କାଇପଦର ପଞ୍ଚାୟତର ଦେଉଳ ଟାଙ୍ଗୀରେ ଚାଲିଥିବା ମା' ବଘେଇ କ୍ରିକେଟ ଟୁର୍ନାମେଣ୍ଟର ପଞ୍ଚମ ଦିବସରେ ଦେଉଳଟାଙ୍ଗୀ ଓ ପାନବରଜ ସେମିଫାଇନାଲକୁ ଉନ୍ନୀତ ହୋଇଛନ୍ତି । ରବିବାର ଜରିପୁଟ ଓ ଦେଉଳଟାଙ୍ଗୀ ଟିମ୍ ମଧ୍ୟରେ ପ୍ରଥମ ମ୍ୟାଚ ଅନୁଷ୍ଠିତ ହୋଇଥିଲା ଟସ୍ ଜିତି ଦେଉଳଟାଙ୍ଗୀ ଦଳ ୧୮ ଓଭରରେ ୬ଉଇକେଟ ହରାଇ ୧୬୯ ରନ କରିଥିଲା । ଜରିପୁଟ ଦଳ ନିର୍ଦ୍ଧାରିତ ଓଭରରେ ୯ ଉଇକେଟ ହରାଇ ୧୫୯ ରନ କରି ହାରିଯାଇଥିଲା । ଦେଉଳଟାଙ୍ଗର ଗଙ୍ଗାଧର ବେହେରା ମ୍ୟାନ୍ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ । ସେହିପରି ପାନବରଜ ଓ ବାଲିଆପଡ଼ା ମଧ୍ୟରେ ଦ୍ୱିତୀୟ ମ୍ୟାଚ ଅନୁଷ୍ଠିତ ହୋଇଥିଲା । ଟସ୍ ଜିତି ପାନବରଜ ଦଳ ନିର୍ଦ୍ଧାରିତ ଓଭରରେ ୨୨୨ ରନ କରିଥିଲା । ଜବାବରେ ବାଲିଆପଡ଼ା ଦଳ ସମସ୍ତ ଉଇକେଟ ହରାଇ ୧୮୬ ରନ କରି ପରାସ୍ତ ହୋଇଥିଲା । ପାନବରଜ ଦଳର ଜୟଦୀପ ପଟ୍ଟନାୟକ ମ୍ୟାନ୍ ଅଫ ଦି ମ୍ୟାଚ ହୋଇଥିଲେ । କୈଳାସ ଚନ୍ଦ୍ର ଶ୍ରୀଚନ୍ଦନ ଓ ମଦନ ମୋହନ ସ୍ୱାଇଁ ମ୍ୟାଚ ପରିଚାଳନା କରିଥିଲେ ।

## ବିଭିନ୍ନ ସ୍ଥାନରେ ରାମନବମୀ



ଶ୍ରୀରାମ ନବମୀ ଅବସରରେ ବାହାରିଥିବା ବାଇକ୍ ଶୋଭାଯାତ୍ରା ।

ଖୋର୍ଦ୍ଧା ଅଫିସ/ବୋଲଗଡ/ଝାଁଳା, ୧୦।୪ (ଡି.ଏନ୍.ଏ.)

ଶ୍ରୀରାମନବମୀ ଅବସରରେ ରବିବାର ଗ୍ରାମାଞ୍ଚଳ ଠାରୁ ସହରାଞ୍ଚଳ ପର୍ଯ୍ୟନ୍ତ ସବୁଠି ଦେଖିବାକୁ ମିଳିଛି ଉତ୍ସାହ । ଶ୍ରୀରାମ ନବମୀ ସମନ୍ୱୟ ସମିତି ପକ୍ଷରୁ ଖୋର୍ଦ୍ଧାରେ ଏକ ବିଶାଳ ଶୋଭାଯାତ୍ରା ଆୟୋଜନ କରାଯାଇଥିଲା । ମୁକୁନ୍ଦପ୍ରସାଦଠାରୁ ଶତାଧିକ କର୍ମୀ ପ୍ରାୟ ୫ଶହରୁ ଉର୍ଦ୍ଧ୍ୱ ବାଇକ୍ ଶୋଭାଯାତ୍ରାରେ ବାହାରି ନଗର ପରିକ୍ରମା କରି ଜାତୀୟ ରାଜପଥ ଦେଇ ଜରିପୁଟ ସ୍ଥିତ ହନୁମାନ ମନ୍ଦିର ପର୍ଯ୍ୟନ୍ତ ଯାଇଥିଲା । ସେଠାରେ ହୋମଯଜ୍ଞ ଆୟୋଜନ କରାଯାଇଥିଲା । ଜୟ ଶ୍ରୀରାମ ମନ୍ତ୍ରଧ୍ୱନିରେ ପରିବେଶ ମୁଖରିତ ହୋଇଥିଲା । ସହରରେ ଏକ ଆଧ୍ୟାତ୍ମିକ ବାତାବରଣ ସୃଷ୍ଟି ହୋଇଥିଲା । ଏଥିସହିତ ଗଡଖୋର୍ଦ୍ଧାସ୍ଥିତ ଶ୍ରୀରଘୁନାଥ, ଗୁରୁଜଙ୍ଗସ୍ଥିତ ହନୁମାନ ମନ୍ଦିର, ଶ୍ରୀରାମ ନଗର ସ୍ଥିତ ଶ୍ରୀରାମ ମନ୍ଦିର, ଖୋର୍ଦ୍ଧା ସବ୍‌ଜେଲ ସ୍ଥିତ ହନୁମାନ ମନ୍ଦିରରେ ହୋମଯଜ୍ଞ, ପାରାୟଣ ପାଠ, ହନୁମାନ ଚାଳିଶା ଆଦି କରାଯାଇଥିଲା ।

ବୋଲଗଡ଼ ସଦର ମହକୁମା ଅନ୍ତର୍ଗତ ଗୋପବନ୍ଧୁ ବିହାର ଠାରେ ରାମନବମୀ ଅବସରରେ ରବିବାର ଶ୍ରୀରାମ ଜନ୍ମୋତ୍ସବ, ଶ୍ରୀମହାବୀର ଓ ବୈଷ୍ଣୋଦେବୀ ମନ୍ଦିରର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଗୋପବନ୍ଧୁ ବିକାଶ ପରିଷଦ ସୌଜନ୍ୟରେ ଆୟୋଜିତ ଏହି ଉତ୍ସବରେ ଶନିବାର ଅଧିବାସ, ଅଙ୍କୁରାରୋପଣ ଓ ବେଦି ମଣ୍ଡନ, ରବିବାର କଳସଯାତ୍ରା, ଘଟସ୍ଥାପନ, ହୋମଯଜ୍ଞ, ପୂର୍ଣ୍ଣାହୁତି ଓ ସନ୍ଧ୍ୟା ଆଳତି ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ସୋମବାର ଠାକୁରଙ୍କ ମୃଣ୍ମୟ ମୂର୍ତ୍ତିକୁ ବିସର୍ଜନ କରାଯିବ । କିଶୋର ମିଶ୍ର ପୂଜାର୍ଚ୍ଚନା କରିଥିବା ବେଳେ ଗୁଣନିଧି ହୋତା କର୍ତ୍ତା ଭାବେ ଉପବିଷ୍ଟ ଥିଲେ । ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ରାମନାଟକ ଅନୁଷ୍ଠିତ ହୋଇଥିଲା । ସେହିପରି ବୋଲଗଡ ବ୍ଲକ ଅଞ୍ଚଳର ବିଭିନ୍ନ ପାହାଡ ଉପରେ ଥିବା ରାମମନ୍ଦିର ଯଥା ମୁଣ୍ଡିଆପଡା ରଘୁନାଥ ଆଶ୍ରମ, ଜକଲା ମହାବୀର ଆଶ୍ରମ , ଝିଙ୍କିମିକି ଶ୍ରୀରାମ ଆଶ୍ରମ, ଯୋଡାପଡା ରାମ ମନ୍ଦିର, ଚୁଡା ଗେଡିମୁଣ୍ଡିଆ ରାମମନ୍ଦିର ସହ ମାଣିବନ୍ଧ ମହାବୀର ଆଶ୍ରମ, ମାଣିକାଗୋଡା ହନୁମାନ ମଠ, ସଂପୁର ହନୁମାନ ମଠରେ ଶ୍ରୀରାମଙ୍କ ଜନ୍ମୋତ୍ସବ ପାଳିତ ହୋଇଯାଇଛି ।

ଜଟଣୀ ବ୍ଲକ ମୁଣ୍ଡମୁହାଣ ଗ୍ରାମର ରଘୁନାଥ ମନ୍ଦିରରେ ପ୍ରଭୁ ଶ୍ରୀରାମଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । ସକାଳୁ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗି ରହିଥିଲା । ରଘୁନାଥ ଦେବଙ୍କ ଚଳନ୍ତି ପ୍ରତିମାକୁ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯାଇଥିଲା । ରାମନବମୀ ଅବସରରେ ରବିବାରଠାରୁ ରାମଲୀଳା ନାଟ୍ୟ ସଂସଦର କଳାକାରମାନେ ରାମଲୀଳା ନଟକ ପରିବେଷଣ କରିଥାନ୍ତି । ବିଶେଷ କରି ସୀତା ବିବାହ, ରାମ ବନବାସ, ବାଳି ବଧ, ଲଙ୍କାପୋଡ଼ି, ରାବଣ ବଧ ଓ ରାମାଭିଷେକ ଦେଖିବାକୁ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥାଏ ।

## ନିର୍ମାଣ ସରିନି, ତରବରିଆ ଉଦ୍‌ଘାଟନ

ନିରାକାରପୁର,୧୦।୪(ଡି.ଏନ୍.ଏ.)



ମହାବିଦ୍ୟାଳୟ ପରିସରରେ ଚାଲିଥିବା ନୂତନ ଗୃହ ।

ଖୋର୍ଦ୍ଧା ଜିଲା ନିରାକାରପୁର ପଞ୍ଚାୟତସ୍ଥିତ କ୍ଷେତ୍ରବାସୀ ଡିଏଭି ମହାବିଦ୍ୟାଳୟରେ ନୂତନ ଗୃହ ନିର୍ମାଣ ସମ୍ପୂର୍ଣ୍ଣ ଶେଷ ହୋଇ ନ ଥିବା ବେଳେ ଏହାର ଉଦ୍‌ଘାଟନକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ପ୍ରକାଶ ଯେ, ଏହି ମହାବିଦ୍ୟାଳୟ ପରିସରରେ ଓଡ଼ିଶା ରାଜ୍ୟ ପୋଲିସ ହାଉସିଂ ୱେଲଫେୟାର କର୍ପୋରେଶନ ଲିମିଟେଡ ଦ୍ୱାରା ନୂତନ ଗୃହ ନିର୍ମାଣ କରାଯାଉଛି । ତବେ ଉପର ଘର ଓ ବାହାର କାର୍ଯ୍ୟ ସମ୍ପୂର୍ଣ୍ଣ ଶେଷ ହୋଇ ନ ଥିବା ବେଳେ ତରବରିଆ ଭାବେ ଗତ ୬ ତାରିଖରେ ଉଦ୍‌ଘାଟନ କରାଯାଇଛି । ଫଳକରେ ପ୍ରଫେସର ଶରତ କୁମାର ସ୍ୱାଇଁ, ଷ୍ଟାଫ, ଛାତ୍ରୀଛାତ୍ର, ଆଲୁମନି ମେମ୍ବରଙ୍କ ଉପସ୍ଥିତିରେ ଏହି ନୂତନ ଗୃହକୁ ଖୋର୍ଦ୍ଧା ଉପଜିଲାପାଳ ଉଦ୍‌ଘାଟନ କରିଥିବା ନେଇ ଉଲ୍ଲେଖ ରହିଛି । ଯାହାକୁ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି । ଏ ସମ୍ପର୍କରେ କଲେଜ ଅଧ୍ୟକ୍ଷ ଶରତ କୁମାର ସ୍ୱାଇଁଙ୍କୁ ପଚାରିବାରେ କୁହନ୍ତି, ଗ୍ରାଉଣ୍ଡ ଫ୍ଲୋର କାର୍ଯ୍ୟ ସରିଛି । ଠିକାଦାର ଏହି ନୂତନ ଗୃହ ହ୍ୟାଣ୍ଡଓଭର କରିଦେଇଥିବାରୁ ଉଦ୍‌ଘାଟନ କରାଗଲା ବୋଲି ସଫେଇ ଦେଇଛନ୍ତି ।

## 'କାଙ୍ଗାଳୀ ଗୁରୁ' ପୁସ୍ତକ ଲୋକାର୍ପିତ



ଅତିଥିମାନେ 'କାଙ୍ଗାଳୀ ଗୁରୁ' ପୁସ୍ତକକୁ ଲୋକାର୍ପଣ କରୁଛନ୍ତି ।

ଖୋର୍ଦ୍ଧା ଅଫିସ,୧୦।୪

ଶ୍ରୀରାମ ନବମୀ ଅବସରରେ ଖୋର୍ଦ୍ଧା ସାହିତ୍ୟ ସଂସଦ ଓ ଆମରି ସତ୍ୟ ପକ୍ଷରୁ ମିଳିତ ଆନୁକୂଲ୍ୟରେ ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ ମୈତ୍ରୀ ଭବନ ପରିସରରେ ଶିକ୍ଷାବିତ ତଥା ନାରୁଣୀ କଲେଜର ପୂର୍ବତନ ଅଧ୍ୟକ୍ଷ ଡ.ସନ୍ତୋଷ ନାୟକଙ୍କ ରଚିତ ରମ୍ୟରଚନା 'କାଙ୍ଗାଳୀ ଗୁରୁ' ପୁସ୍ତକ ରବିବାର ଲୋକାର୍ପିତ ହୋଇଯାଇଛି । ସଂସଦର ସଭାପତି ପ୍ରାଧ୍ୟାପକ ଗୋପାଳ କୃଷ୍ଣ ଦାସଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର, ପୂର୍ବତନ କୁଳପତି ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି ମୁଖ୍ୟବକ୍ତା, ଓଡ଼ିଶା ବିଜ୍ଞାନ ଏକାଡେମୀ ସଭାପତି ଡ.ବିଭୂତି ଭୂଷଣ ମିଶ୍ର, କଥାକାର ଡ.ପଦ୍ମଜ ପାଳ, ସାରସ୍ୱତ ସାଧକ ଡ.ଶରତ ଚନ୍ଦ୍ର ମହାପାତ୍ର, ଶିକ୍ଷାବିତ ସତ୍ୟବାଦୀ ବଳିୟାରସିଂ ଓ ଗାଳ୍ପିକ କୈଳାସ ମହାରଣା ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ । ଡ.ନାୟକ ପୁସ୍ତକ ସମ୍ପର୍କରେ ସୂଚନା ଦେଇଥିଲେ । ଆମରି ସତ୍ୟର ପୂର୍ବତନ ଅଧ୍ୟକ୍ଷ ଡ.ପ୍ରମୋଦ ଚନ୍ଦ୍ର ଦାଶ ସଂଯୋଜନା କରିଥିଲେ । ବହୁ ସାରସ୍ୱତ ସାଧକ, କବି, ଲେଖକ, କଲେଜର ଅଧ୍ୟାପିକା, ଅଧ୍ୟାପକମାନେ ଉପସ୍ଥିତ ଥିଲେ ।

## ଭେଇକିଲ ଅଣ୍ଡରପାସ ନିର୍ମାଣ ଦାବିରେ ବିକ୍ଷୋଭ

ଖୋର୍ଦ୍ଧା ଅଫିସ,୧୦।୪




ଖୋର୍ଦ୍ଧା ବିକାଶ ମଞ୍ଚ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି ।

ଭୁବନେଶ୍ୱର-ଚେନ୍ନାଇ ୧୬ନମ୍ବର ଜାତୀୟ ରାଜପଥ ଗଡ଼ଖୋର୍ଦ୍ଧା ଏବଂ ବାଟମଙ୍ଗଳା ଛକଠାରେ ଭେଇକିଲ ଅଣ୍ଡରପାସ ନିର୍ମାଣ ଦାବିରେ ଖୋର୍ଦ୍ଧା ବିକାଶ ମଞ୍ଚ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ଚାଲିଥିବା ଜାତୀୟ ରାଜପଥର ନିର୍ମାଣସ୍ଥଳରେ ବିକ୍ଷୋଭ କରାଯାଇଛି । ଏହି ଦୁଇ ଛକ ଏବେ ମରଣଯନ୍ତା ପାଲଟିଛି । ଦୈନିକ ଦୁର୍ଘଟଣା ଘଟୁଛି । ଉଭୟ ଛକ ସହରର ପ୍ରବେଶ ଦ୍ୱାର ହୋଇଥିବାରୁ ପ୍ରାୟ ଯାନ ଏହି ଛକ ଦେଇ ରାସ୍ତା ପାର ହେବା ବେଳେ ଦୁର୍ଘଟଣାଗ୍ରସ୍ତ ହେଉଛନ୍ତି । ଏଠାରେ ଭେଇକିଲ୍ ଅଣ୍ଡରପାସ ନିର୍ମାଣ ଲାଗି ବାରମ୍ବାର ଦାବି ହୋଇ ଆସୁଛି । ନିକଟରେ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ନିକଟରେ ଖୋର୍ଦ୍ଧାର ବୁଦ୍ଧିଜୀବୀ ଏବଂ ଫୋରମ କର୍ମକର୍ତ୍ତା ଏଠାରେ ଅଣ୍ଡରପାସ ନିର୍ମାଣ ଲାଗି ଦାବି ଉପସ୍ଥାପନ କରିଥିଲେ । ତେବେ କର୍ତ୍ତୃପକ୍ଷ ଏ ଦିଗରେ କୌଣସି କର୍ଣ୍ଣପାତ କରୁନଥିବା ବିକାଶ ମଞ୍ଚର ଆବାହକ ନରେନ୍ଦ୍ର ପୃଷ୍ଟି କହିଛନ୍ତି । ଏଠାରେ ଅଣ୍ଡରପାସ ନିର୍ମାଣ ହେଲେ ଦୁର୍ଘଟଣା କମିବା ସହ ଟ୍ରାଫିକ ସମସ୍ୟା ଦୂର ହୋଇପାରିବ । ତୁରନ୍ତ ଏ ଦିଗରେ କର୍ତ୍ତୃପକ୍ଷ ପଦକ୍ଷେପ ଗ୍ରହଣ ନ କଲେ, ଆନ୍ଦୋଳନକୁ ତୀବ୍ର କରାଯିବ । ଜାତୀୟ ରାଜପଥରେ ଚାଲିଥିବା ନିର୍ମାଣ କାର୍ଯ୍ୟକୁ ବନ୍ଦ କରି ଦିଆଯିବ ବୋଲି ଚେତାବନୀ ଦେଇଛନ୍ତି । ଖୋର୍ଦ୍ଧାବାସୀଙ୍କ ସ୍ୱାର୍ଥ ଦୃଷ୍ଟିରୁ ଏଠାରେ ଅଣ୍ଡରପାସର ଆବଶ୍ୟକତା ରହିଛି ବୋଲି ଖୋର୍ଦ୍ଧା ଓକିଲ ସଂଘ ସଭାପତି ବିଜୟ ସାମନ୍ତସିଂହାର କହିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ଓକିଲ ବିକ୍ରମ ଚମ୍ପତି, ନାସିରୁଦ୍ଦିନ ଖାଁ, କାଉନସିଲର ପ୍ରଶାନ୍ତ ସେଠୀ, କମଳ ପ୍ରଧାନ, ସାମାଜିକ କର୍ମୀ ଇତିଶ୍ରୀ ସାହୁ, ରାଜେନ୍ଦ୍ର ସେନାପତି, ଶତ୍ରୁଘ୍ନ ସାହୁ, ଶୁଭ୍ରଜିତ ମଙ୍ଗରାଜ, ଅନନ୍ତ କାଣ୍ଡି, ସୁବାସ ନାୟକ, ସନ୍ତୋଷ ମହାନ୍ତି, ପ୍ରମୋଦ ମାନ୍ଧାତା ପ୍ରମୁଖ ସାମିଲ ହୋଇଥିଲେ ।

## ୨ଲକ୍ଷ ଟଙ୍କାର ରୁପା ଅଳଙ୍କାର ଲୁଟି ନେଲେ ଦୁର୍ବୃତ୍ତ

କଣାସ,(ସ୍ୱ.ପ୍ର.): କଣାସ ବ୍ଲକ ଅନ୍ତର୍ଗତ କାଦୁଆ ପଞ୍ଚାୟତ ସାନଓରା ଛକରେ ରବିବାର ସକାଳ ସାଢେ ୯ଟାରେ ୨ ଜଣ ଦୁର୍ବୃତ୍ତ ୨ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ରୁପା ଅଳଙ୍କାର ଲୁଟିଥିବା ଗଡିଶାଗୋଡା ଥାନାରେ ଅଭିଯୋଗ ହୋଇଛି। ପ୍ରକାଶ ଯେ, ଖୋର୍ଦ୍ଧା ଜିଲାର ଜଙ୍କିଆ ଥାନା ଛଣଗିରି ଗ୍ରାମର ପ୍ରକାଶ ନନ୍ଦି ସବୁଦିନ ଭଳି ରବିବାର ରୁପା ବାସନ ସହ ରୁପା ଅଳଙ୍କାର ଆଣି କଣାସ ବ୍ଲକର କାଦୁଆ, ବଡାଲ ଗୋପୀନାଥପୁର ପଞ୍ଚାୟତର ବିଭିନ୍ନ ଗ୍ରାମରେ ବିକ୍ରି କରିବାକୁ ଯାଇଥିଲେ। ସାନଓରା ଛକର ଜଳଖିଆ ଦୋକାନରେ ଜଳଖିଆ ଖାଉଥିଲେ। ତାଙ୍କ ସହ ଆଉ ୨ଜଣ ମଧ ସେଠାରେ ଜଳଖିଆ ଖାଉଥିଲେ। ପ୍ରକାଶ ଖାଇ ସାରି ଅଳ୍ପ କିଛି ଦୂରରେ ପରିସ୍ରା କରୁଥିବାବେଳେ ପ୍ରକାଶଙ୍କ ଲୁନାରେ ବ୍ୟାଗରେ ଥିବା ୨ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ରୁପା ଅଳଙ୍କାରକୁ ଉକ୍ତ ୨ଜଣ ନେଇ ପଳାଇଥିଲେ।



**ଶ୍ରୀମନ୍ଦିର ହୁଣ୍ଡିରୁ ଆୟ**

୧୦।୪।୨୦୨୨

| | |
|---|---|
| ୭,୪୯,୭୪୮ ଟଙ୍କା | |
| ସୁନା | ୨୦୦ମିଲି ଗ୍ରାମ |
| ରୁପା | ୩୫.୪୬୦ ଗ୍ରାମ |

# ଶ୍ରୀକ୍ଷେତ୍ରରେ ସାହି ଯାତ ଆରମ୍ଭ

**ପୁରୀ ଅଫିସ, ୧୦।୪:**

ଶ୍ରୀଜଗନ୍ନାଥ ସଂସ୍କୃତି ସହ ଜଡ଼ିତ ସାହିଯାତ ରବିବାର ପବିତ୍ର ଶ୍ରୀରାମ ନବମୀଠାରୁ ଶ୍ରୀକ୍ଷେତ୍ରରେ ଆରମ୍ଭ ହୋଇଛି। ଗତ ଦୁଇବର୍ଷ ହେବ ମହାମାରୀ କରୋନା କଟକଣା କାରଣରୁ ଏହା ଫିକା ପଡ଼ିଥିବାବେଳେ ଚଳିତବର୍ଷ ଧୁମ୍‌ଧାମରେ ଆୟୋଜନ କରାଯାଇଛି। ସାହିଯାତ ପାଇଁ ଚଳଚଞ୍ଚଳ ହୋଇପଡ଼ିଛି ଶ୍ରୀକ୍ଷେତ୍ର। ଶ୍ରୀରାମଙ୍କ ଜନ୍ମ ଲୀଳାରୁ ଆରମ୍ଭ ହୋଇଥିବା ଏହି ଯାତ ଆସନ୍ତା ୨୪ତାରିଖରେ ରାମାଭିଷେକରେ ସମାପନ ହେବ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଉପାସନାର ଏକ ଅଙ୍ଗ ଭାବେ ଶ୍ରୀରାମଲୀଳାକୁ ବିବେଚନା କରାଯାଏ। ଶ୍ରୀମନ୍ଦିରରେ ଏହି ଲୀଳା ପାଳିତ ହେବା ସହ ଶ୍ରୀକ୍ଷେତ୍ରରେ ସାହିଯାତ ମାଧ୍ୟମରେ ପାଳନ ହୋଇଥାଏ। ସାହିଯାତରେ ପାରମ୍ପରିକ ସାମରିକ କଳା, ଲୋକକଳା, ଲୋକନୃତ୍ୟ ଓ ସାଂସ୍କୃତିକ ପରମ୍ପରା ପରିଲକ୍ଷିତ ହୋଇଥାଏ। ପୁରୀର ସାହି ଆଖଡ଼ା ପକ୍ଷରୁ ସାହିଯାତ ଅନୁଷ୍ଠିତ ହୋଇଥାଏ। ସାହିଯାତରେ ରାମ ଜନ୍ମ, ଯଜ୍ଞରକ୍ଷା, ସୀତା ବିବାହ, ଶ୍ରୀରାମଙ୍କ ବନବାସ, ଲଙ୍କାପୋଡ଼ି, ସେତୁବନ୍ଧ, ରାବଣ ବଧ ଏବଂ ରାମାଭିଷେକ ଲୀଳା ସମ୍ପନ୍ନ ହୋଇଥାଏ। ରବିବାର ରାମନବମୀରେ ସାହିଯାତର ପ୍ରଥମ ଦିବସରେ କାଳିକାଦେବୀ ସାହି ଆଖଡ଼ା ପକ୍ଷରୁ ରାମଜନ୍ମ ନୀତି ପ୍ରସ୍ତାବ ଆଗତ କରାଯିବା ସହ ଶ୍ରୀରାମ ଜନ୍ମ ନୀତି ସମ୍ପନ୍ନ ହୋଇଛି। ଶ୍ରୀମନ୍ଦିରରେ ଶ୍ରୀବିଗ୍ରହଙ୍କ ଦ୍ୱିପ୍ରହର ଧୂପ ସରିବା ପରେ ଶ୍ରୀରାମ ଜନ୍ମନୀତି ସମ୍ପନ୍ନ ହୋଇଥିଲା। ସାହି ଆଖଡାରୁ ସନ୍ଧ୍ୟାରେ ରାମ, ଲକ୍ଷ୍ମଣ, ଭରତ, ଶତ୍ରୁଘ୍ନ, ହନୁମାନଙ୍କ ସହ ଋଷି ଶୃଙ୍ଗ ବାହାରି ଶ୍ରୀମନ୍ଦିରକୁ ଯାଇ ମହାପ୍ରଭୁଙ୍କ ଦର୍ଶନ କରିବା ପରେ ଶ୍ରୀନଅରକୁ ଯାଇଥିଲେ। ସେଠାରୁ ବାଦିସାହି ମାଟିମଣ୍ଡପ ସାହି ଦେଇ ପୁଣି କାଳିକା ଦେବୀ ସାହିକୁ ଫେରିଥିଲେ। ପ୍ରିୟାଂଶୁ ରାଜାରଣା ରାମ, କାର୍ତ୍ତିକେଶ୍ୱର ମହାନ୍ତି ଲକ୍ଷ୍ମଣ, ସୌମ୍ୟରଞ୍ଜନ ବାରିକ୍ ଭରତ, ରୁଦ୍ର ନାରାୟଣ ଲାଲା ଶତ୍ରୁଘ୍ନ ଏବଂ ଗଦାଧର ଦାଶ ଋଷି ଶୃଙ୍ଗ ବେଶରେ ସଜ୍ଜିତ ହୋଇଥିଲେ। ପରେ ରାତିରେ ସାହି ଆଖଡ଼ାରୁ ଆଗରେ ନିଶାଣ ରହି ପଟୁଆର ବାହାରିଥିଲା। ପଟୁଆରରେ ନୃସିଂହ ମେଢ, ନାଗା, ନବଶିରା, କାଳୀ ମେଢ, ହନୁମାନ ମେଢ ଏବଂ ଫୁଲ ମେଢ ଆଦି ସାମିଲ ହୋଇଥିଲେ। ରଘୁନାଥ ପଣ୍ଡା ନୃସିଂହ ମେଢ ବନ୍ଧାଇଥିବା ବେଳେ ଶବି ଶଙ୍କର ସ୍ୱାଇଁ ମେଢ ବେଶ, ଅନୀଲ କୁମାର ମହାପାତ୍ର ଓ ଶୁଭମ ଭରତ ବିଶ୍ୱାଳ ନାଗା, ରାକେଶ କୁମାର ବାରିକ୍ ନବଶିରା, ଶଙ୍କର କୁମାର ରାଉତ, ସୌମେନ୍ଦ୍ର ବାରିକ୍ ଏବଂ ସୁଜିତ୍ ସାହୁ କାଳୀ ମେଢ, ଦେବଦତ୍ତ ସାମନ୍ତରା ହନୁମାନ ମେଢ ଏବଂ ଅର୍ପିତା ପ୍ରିୟଦର୍ଶୀନୀ ଓ ହୃଷିକେଶ ମହାନ୍ତି ଫୁଲ ମେଢ ବେଶରେ ପଟୁଆରରେ ସାମିଲ ହୋଇଥିଲେ। ପଟୁଆର କାଳିକାଦେବୀ ସାହି ପରିକ୍ରମା କରି ସିଂହଦ୍ୱାରକୁ ଆସିଥିଲା। ସେଠାରୁ ସାଥି ସାହି ମାଟମଣ୍ଡପ ସାହିକୁ ଯାଇ ପରିକ୍ରମା କରିଥିଲା। ସହରବାସୀ ବିଳମ୍ବିତ ରାତି ପର୍ଯ୍ୟନ୍ତ ଯାତକୁ ଉପଭୋଗ କରିଥିଲେ। ୧୧ ତାରିଖ ସୋମବାର ହରଚଣ୍ଡୀ ସାହିରୁ ଯଜ୍ଞରକ୍ଷା ଓ ନାକକାନ ଛେଦନ ପ୍ରସ୍ତାବ ଆଗତ ହେବ। ୧୨ ତାରିଖ ମଙ୍ଗଳବାର ହରଚଣ୍ଡୀ ସାହି ପକ୍ଷରୁ ସୀତାବିବାହ ଓ ପର୍ଶୁରାମ ପ୍ରସ୍ତାବ ଆଗତ ହୋଇ ସାଥିସାହି ବାଲିସାହି ଆସିବ। ୧୩ ତାରିଖ ବୁଧବାର ମାର୍କଣ୍ଡେଶ୍ୱର ସାହିଆଙ୍କ ବନବାସ ପ୍ରସ୍ତାବ, ୧୫ ତାରିଖ ଶୁକ୍ରବାର ସୀତାଚୋରି ପ୍ରସ୍ତାବ କୁଣ୍ଡେଇବେଣ୍ଟ ସାହି ପକ୍ଷରୁ ବାହାରି ସାଥି ସାହି ଦୋଳମଣ୍ଡପ ସାହି ଯିବେ। ୧୬ ତାରିଖ ଶନିବାର ଦୋଳମଣ୍ଡପ ସାହି ପକ୍ଷରୁ ଲଙ୍କାପୋଡ଼ି ପ୍ରସ୍ତାବ ଆଗତ ହୋଇ କୁଣ୍ଡେଇବେଣ୍ଟ ସାହି ଯିବେ। ୧୭ ତାରିଖ ରବିବାର ବାଲିସାହିଆଙ୍କ ପକ୍ଷରୁ ରାବଣଙ୍କ ସେତୁବନ୍ଧ ପ୍ରତିଷ୍ଠା ପ୍ରସ୍ତାବ ଓ ୧୮ ତାରିଖ ସୋମବାର ରାବଣ ବଧ ପ୍ରସ୍ତାବ ସହ ସାହିଯାତ ହରଚଣ୍ଡୀ ସାହି ପ୍ରଦକ୍ଷିଣ କରିବ। ୨୪ ତାରିଖ ରବିବାର ଗୌଡ଼ବାଡ଼ ସାହି ପକ୍ଷରୁ ଶ୍ରୀରାମାଭିଷେକ ଉତ୍ସବ ଅନୁଷ୍ଠିତ ହୋଇ ସାହିଯାତ ସମ୍ପନ୍ନ ହେବ।



## ହସ୍ତଶିଳ୍ପ ମେଳା ଉଦ୍‌ଯାପିତ

**କୋଣାର୍କ,୧୦।୪(ଡି.ଏନ୍.ଏ.):**

ବିକାଶ ଆୟୁକ୍ତ ହସ୍ତଶିଳ୍ପ, ବସ୍ତ୍ର ମନ୍ତ୍ରଣାଳୟ ଭାରତ ସରକାରଙ୍କ ପ୍ରୋତ୍ସାହନରେ କୋଣାର୍କ ଏନ୍‌ଏସି କଲ୍ୟାଣ ମଣ୍ଡପ ପରିସରରେ ୧୦ଦିନ ଧରି ଚାଲିଥିବା ହସ୍ତଶିଳ୍ପ ମେଳା ରବିବାର ଉଦ୍‌ଯାପିତ ହୋଇଯାଇଛି। ଏହି ମେଳାରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ହସ୍ତଶିଳ୍ପ କାରିଗରମାନେ ଅଂଶଗ୍ରହଣ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ସ୍ଥାନୀୟ ହସ୍ତଶିଳ୍ପ ବିସ୍ତାର କେନ୍ଦ୍ରର ବରିଷ୍ଠ ସହାୟକ ନିର୍ଦ୍ଦେଶକ ଅଶୋକ କୁମାର ହୋତା ମୁଖ୍ୟ ଅତିଥିଭାବେ ଯୋଗଦେଇ ଥିଲେ। କାରିଗରଙ୍କଠାରୁ ବିଭିନ୍ନ ତଥ୍ୟ ସଂଗ୍ରହ କରିବା ସହିତ ପ୍ରଦର୍ଶନୀ ସମ୍ବନ୍ଧରେ ଆଲୋଚନା କରିଥିଲେ। ଆୟୋଜକ ସଂସ୍ଥା ସନ ଲାଇନ ପକ୍ଷରୁ ଅଶୋକ କୁମାର ସ୍ୱାଇଁ ସମସ୍ତ ଅଂଶଗ୍ରହଣ କାରିଗର ଓ ଅଧିକାରୀଙ୍କୁ ଧନ୍ୟବାଦ ଦେଇଥିଲେ।

## ପ୍ରଥମ ବ୍ୟାଚ୍ ଏମ୍‌ବିବିଏସ୍ ଛାତ୍ରୀଛାତ୍ରଙ୍କ ସ୍ୱାଗତ ଉତ୍ସବ ଆଜି

**ପୁରୀ ଅଫିସ,୧୦।୪:**

ନବନିର୍ମିତ ଶ୍ରୀଜଗନ୍ନାଥ ମେଡିକାଲ କଲେଜ ଉଦ୍‌ଘାଟନ ସହ ପ୍ରଥମ ବ୍ୟାଚ୍ ଏମ୍‌ବିବିଏସ୍ ଛାତ୍ରୀଛାତ୍ରଙ୍କ ସ୍ୱାଗତ ଉତ୍ସବ ସୋମବାର ଅନୁଷ୍ଠିତ ହେବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି କଲେଜକୁ ଉଦ୍‌ଘାଟନ କରିବେ। ଏହି ଅବସରରେ ପ୍ରଥମ ବ୍ୟାଚ୍‌ର ଶହେ ଏମ୍‌ବିବିଏସ୍ ଛାତ୍ରୀଛାତ୍ର ନୂଆ ମେଡିକାଲ ବିଲ୍ଡିଂର ଶ୍ରେଣୀଗୃହରେ ଉପସ୍ଥିତ ରହିବେ। ସକାଳ ୮ଟାରୁ ୧୦ଟା ପର୍ଯ୍ୟନ୍ତ ଓରିଏଣ୍ଟେଶନ କାର୍ଯ୍ୟକ୍ରମ ହେବ। ମୁଖ୍ୟମନ୍ତ୍ରୀ ମେଡିକାଲ ବୁଲି ଦେଖିବା ସହ ଛାତ୍ରୀଛାତ୍ର ଏବଂ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିବେ। ମେଡିକାଲ କଲେଜର ଗୀତଗୋବିନ୍ଦ ଭବନ (ଅଡିଟୋରିୟମ୍) ହଲ୍‌ରେ ପୂର୍ବାହ୍ନ ୧୦ଟାରୁ ମଧ୍ୟାହ୍ନ ୧୨ଟା ମଧ୍ୟରେ ପ୍ରଥମ ବ୍ୟାଚ ଛାତ୍ରୀଛାତ୍ରଙ୍କ ସ୍ୱାଗତ ଉତ୍ସବ ହେବ। ପିପିଟି ପ୍ରେଜେଣ୍ଟେଶନ ଓ ଚରକ ଶପଥ କାର୍ଯ୍ୟକ୍ରମ ମଧ ଅନୁଷ୍ଠିତ ହେବ। ଉକ୍ତ କାର୍ଯ୍ୟକ୍ରମରେ ଶ୍ରୀଜଗନ୍ନାଥ ମେଡିକାଲ କଲେଜର ଡିନ୍ ଓ ପ୍ରିନ୍ସପାଲ୍ ପ୍ରଫେସର ମାୟା ପାଢ଼ୀ, ସୁପରିଣ୍ଟେଣ୍ଡେଣ୍ଟ ପ୍ରଫେସର କୌଶିକ ମିଶ୍ର, ସିଡିଏମ୍‌ଓ ସୁଜାତା ମିଶ୍ର, ପ୍ରଫେସର ରମାରମଣ ମହାନ୍ତି, ପ୍ରଫେସର ସି.ବି.କେ. ମହାନ୍ତି, ପ୍ରଫେସର ବି.ଏନ୍. ମହାପାତ୍ର ଓ ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ରାଜକୁମାର ଶର୍ମା ପ୍ରମୁଖ ଅତିଥି ଭାବେ ଯୋଗଦେବେ। ଏହି ଅବସରରେ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରାଯିବ ବୋଲି ସୂଚନା ମିଳିଛି।

## ସଂକ୍ଷେପରେ

### ଯୌତୁକ ପାଇଁ ନିର୍ଯାତନା

ନିମାପଡ଼ା,୧୦।୪(ଡି.ଏନ୍.ଏ.): ନିମାପଡ଼ା ଥାନା ଅନ୍ତର୍ଗତ ସୁଧବାରିମୂଳ ଗ୍ରାମର ଜାନକୀ ଦାସଙ୍କୁ ଯୌତୁକ ପାଇଁ ଶାଶୁଘର ଲୋକେ ନିର୍ଯାତନା ଦେବା ସହ ଘରୁ ବାହାର କରିଦେଇଛନ୍ତି। ଏଥିସହ ତାଙ୍କୁ ଜୀବନରେ ମାରିଦେବାକୁ ଉଦ୍ୟମ କରାଇଥିବା ଜାନକୀ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ପୋଲିସ ୯ଜଣଙ୍କ ବିରୋଧରେ ଏକ ମାମଲା (ନଂ.୧୧୨/୨୨)ରୁଜୁକରି ତଦନ୍ତ ଚଳାଇଛି। ସୂଚନା ମୁତାବକ, ୨୦୧୮ ରେ ବଳଙ୍ଗା ଥାନା ଅନ୍ତର୍ଗତ ବେରୁହାଁଶାସନ ଗ୍ରାମର ଜାନକୀ ସୁଧବାରିମୂଳ ଗ୍ରାମର ଦିଲୀପ କୁମାର ଦାସଙ୍କୁ ବିବାହ କରିଥିଲେ। ବିବାହ ସମୟରେ ଦାବି ମୁତାବକ ୫୨ହଜାର ଟଙ୍କା, ଆସବାବପତ୍ର, ସୁନା ଅଳଙ୍କାର ଦିଆଯାଇଥିଲା। ମାତ୍ର ବିବାହର କିଛି ମାସ ପରେ ବାପଘରୁ ଅଧିକ ୫୦ହଜାର ଟଙ୍କା ଆଣିବା ପାଇଁ ଶାଶୁଘର ଲୋକେ ଜାନକୀଙ୍କୁ କହିଥିଲେ। ଏଥିରେ ଅରାଜି ହେବାରୁ ଶାଶୁଘର ଲୋକେ ତାଙ୍କୁ ନିର୍ଯାତନା ଦେବା ସହ ଘରୁ ବାହାର କରିଦେଇଛନ୍ତି। ଫଳରେ ସେ ବାପଘରେ ଆଶ୍ରୟ ନେଇଛନ୍ତି। ତୁରନ୍ତ ନିର୍ଯାତନାକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜାନକୀ ପୋଲିସ ନିକଟରେ ଦାବି କରିଛନ୍ତି।

### ବିଜେଡି କାର୍ଯ୍ୟାଳୟରେ ବୈଠକବେଳେ ଠେଲାପେଲା

ଗୋପ,୧୦।୪(ଡି.ଏନ୍.ଏ.): ଗୋପ ବିଜେଡି କାର୍ଯ୍ୟାଳୟରେ ରବିବାର ମଧ୍ୟାହ୍ନରେ କେତେକ କର୍ମୀଙ୍କ ବାଦ ବିବାଦ ପରେ ଠେଲାପେଲା ହୋଇଥିବା ଗଣଶିକ୍ଷାମନ୍ତ୍ରୀ ସମୀର ରଞ୍ଜନ ଦାଶଙ୍କ ନିକଟରେ ଅଭିଯୋଗ ହୋଇଛି। ଏ ନେଇ ଖୁବ୍ ଶୀଘ୍ର କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମନ୍ତ୍ରୀ ଦାଶ କହିଛନ୍ତି। ପ୍ରକାଶ ଯେ, ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଗୋପ ପଞ୍ଚାୟତରେ ଦଳୀୟ କନ୍ଦଳ ଯୋଗୁ ସରପଞ୍ଚ, ସମିତି ସଭ୍ୟା ପ୍ରାର୍ଥୀଙ୍କ ମଧ୍ୟରେ ଭୋଟ କମ୍ ବେଶି ହୋଇଥିଲା। ଏନେଇ ବ୍ଲକ ଅଧ୍ୟକ୍ଷା ପଦ ଦୌଡରୁ ସମିତି ସଭ୍ୟାଙ୍କୁ ବାଦ ଦିଆଯାଇଥିଲା। ରବିବାର ଏନେଇ ବିଜେଡି ସଭାପତି ମଧୁସୂଦନ ପାଇକରାୟଙ୍କ ଅଧ୍ୟକ୍ଷତାରେ ଗୋପ କୁଶୁପୁରସ୍ଥିତ ବିଜେଡି କାର୍ଯ୍ୟାଳୟଠାରେ ପଞ୍ଚାୟତ କୋର୍ କମିଟି ବୈଠକ ଡକାଯାଇଥିଲା। କିନ୍ତୁ ଦଳୀୟ କନ୍ଦଳ ଯୋଗୁ କେତେକ ସଭ୍ୟାସଭ୍ୟଙ୍କୁ ଡକାଯାଇ ନ ଥିଲା। ବୈଠକରେ ଜନୈକା ସଭ୍ୟାଙ୍କ ସ୍ୱାମୀ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ମୋ ସ୍ତ୍ରୀଙ୍କର ଭୋଟ କ'ଣ ପାଇଁ କମିଲା କହିବାରୁ ବାଦାନୁବାଦ ସୃଷ୍ଟି ହୋଇଥିଲା। ପରେ ଉକ୍ତ ସଭ୍ୟାଙ୍କ ସ୍ୱାମୀଙ୍କୁ ବିଦା କରାଯାଇଥିଲା।

### ୪ର୍ଥ ଦିବାରାତ୍ର ଭଲିବଲ୍ ଟୁର୍ନାମେଣ୍ଟ ଉଦ୍‌ଘାଟିତ

#### ପରସ୍ପର ମଧ୍ୟରେ ବନ୍ଧୁତା ସୃଷ୍ଟି କରିଥାଏ ଖେଳକୁଦ

ଗୋପ,୧୦।୪(ଡି.ଏନ୍.ଏ.): ଖେଳକୁଦ ଏକତାର ବାର୍ତ୍ତା ଦେବା ସହ ପରସ୍ପର ମଧ୍ୟରେ ବନ୍ଧୁତା ସୃଷ୍ଟି କରିଥାଏ ବୋଲି ଗଣଶିକ୍ଷାମନ୍ତ୍ରୀ ସମୀର ରଞ୍ଜନ ଦାଶ କହିଛନ୍ତି। ରବିବାର ଗୋପ ବାଳିକା ବିଦ୍ୟାଳୟ ପରିସରରେ ଆୟୋଜିତ ୪ର୍ଥ ମା' ଭବାନୀ ଭଲିବଲ୍ ଟୁର୍ନାମେଣ୍ଟରେ ମୁଖ୍ୟ ଅତିଥି ଭାବେ ମନ୍ତ୍ରୀ ଦାଶ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ପିପିଲି ବିଧାୟକ ରୁଦ୍ର ପ୍ରସାଦ ମହାରଥୀ ଯୋଗଦେଇ ଏଭଳି କାର୍ଯ୍ୟକ୍ରମରେ ଗାଁ ଓ ସହର ମଧ୍ୟରେ ସୁସମ୍ପର୍କ ସୃଷ୍ଟି ହୋଇଥାଏ ବୋଲି ମତବ୍ୟକ୍ତ କରିଥିଲେ। ଏହି ଦିବାରାତ୍ରି ଭଲିବଲ୍ ଟୁର୍ନାମେଣ୍ଟରେ ଜିଲା ଓ ରାଜ୍ୟର ୮ଟି ଦଳ ଭାଗ ନେଇଥିଲେ। ମନ୍ତ୍ରୀ ଓ ବିଧାୟକ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ପରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ପ୍ରଥମ ମ୍ୟାଚ ଗୋପ ଭଲିବଲ୍ କ୍ଲବ ଓ ପୁରୀ ଶ୍ରୀକ୍ଷେତ୍ର ଭଲିବଲ୍ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଟୁର୍ନାମେଣ୍ଟରେ ୧୧ନଂ ଜୋନ୍‌ର ଜିଲା ପରିଷଦ ସଦସ୍ୟ ଧର୍ମେନ୍ଦ୍ର ସାହୁ, ଅଧ୍ୟାପକ ପ୍ରକାଶ ଚନ୍ଦ୍ର ଖଟୋଇ, ବିଭୂତି ଭୂଷଣ ପଟ୍ଟନାୟକ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ଏହି ଖେଳ ବିଳମ୍ବିତ ରାତ୍ର ପର୍ଯ୍ୟନ୍ତ ଚାଲିବ ବୋଲି ଆୟୋଜକଙ୍କ ପକ୍ଷରୁ ଜଣାପଡ଼ିଛି।




ପୁରୀଠାରେ ରବିବାର ଅନୁଷ୍ଠିତ ଓଡିଶା ରାଜ୍ୟ ଆଶାକର୍ମୀ ସଂଘର ବାର୍ଷିକ ପ୍ରାଦେଶିକ ସମ୍ମିଳନୀରେ ମଞ୍ଚାସୀନ ଅତିଥିବୃନ୍ଦ।

# ଶ୍ରୀମନ୍ଦିରରେ ଶ୍ରୀରାମ ଜନ୍ମ ନୀତି

**ପୁରୀ ଅଫିସ, ୧୦।୪:**

ପବିତ୍ର ରାମନବମୀରେ ରବିବାର ଶ୍ରୀମନ୍ଦିରରେ ଶ୍ରୀରାମ ଜନ୍ମ ନୀତି ଅନୁଷ୍ଠିତ ହେବା ସହ ଶ୍ରୀକ୍ଷେତ୍ରରେ ପାରମ୍ପରିକ ସାହିଯାତ ଆରମ୍ଭ ହୋଇଛି। ଶ୍ରୀମନ୍ଦିରରେ ଭୋର ୫ଟା ୨୦ରେ ଶ୍ରୀମନ୍ଦିର ଦ୍ୱାର ଫିଟାଯାଇ ଭିତରଶୋଧ, ମଙ୍ଗଳ ଆଳତି, ମଇଲମ, ତଡ଼ପଲାଗି, ଅବକାଶ, ସକାଳଧୂପ ସହ ବିଭିନ୍ନ ନୀତି ବଢି ଅପରାହ୍ନ ୩ଟା ୪୦ରେ ଯାତ୍ରାଙ୍ଗୀ ମହାସ୍ନାନ କରାଯାଇ ମହାପ୍ରଭୁଙ୍କ ଘଣ୍ଟଛତାଳ ସର୍ବାଙ୍ଗ ସମ୍ପନ୍ନ କରାଯାଇଥିଲା। ପରେ ମହାପ୍ରଭୁଙ୍କୁ ଛ'ମୂର୍ତ୍ତି ଅଳଙ୍କାର ଲାଗି କରାଯାଇ ବେଶ କରାଯାଇଥିଲା। ମଧ୍ୟାହ୍ନ ଧୂପ ସମ୍ପନ୍ନ ହୋଇ ଧୋ ପଖାଳ ହୋଇଥିଲା। ଏହାପରେ ଶ୍ରୀରାମ ଜନ୍ମ ନୀତି ଆରମ୍ଭ ହୋଇଥିଲା। ଜନ୍ମ ନୀତି ଏକ ଗୁପ୍ତ ନୀତି ହୋଇଥିବାରୁ ଏହି ସମୟରେ ଜୟ ବିଜୟ ଦ୍ୱାର ବନ୍ଦ ରଖାଯାଇଥିଲା। ଜୟବିଜୟ ଦ୍ୱାର ବନ୍ଦ ହେବା ପରେ ଶୁଦ୍ଧ ସୁଆର ଭଣ୍ଡାର ଘର ଆଗରେ ପୋଛା ମାରିବା ପରେ ପୂଜାପଣ୍ଡା ସାମନ୍ତ ପଞ୍ଚ ମୁରୁଜରେ ଜନ୍ମମଣ୍ଡଳ କାଟିଥିଲେ। ଏହାପରେ ବନ୍ଦାପନା କରାଯାଇ ବରୁଣ ପୂଜା କରାଯାଇଥିଲା। ଦକ୍ଷିଣୀ ଘର ଭୋଗ ଶେଷ ହେବା ପରେ ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କ ପ୍ରତିମାଙ୍କୁ ମହାଜନ ସେବକ ରତ୍ନସିଂହାସନକୁ ବିଜେ କରାଇଥିଲେ। ମୁଦିରସ୍ତ ଧଣ୍ଡି ପ୍ରସାଦ ଲାଗିକରିବା ପରେ ପ୍ରସାଦ ଉଲାଗି ହୋଇ ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କୁ ଆଜ୍ଞାମାଳ ପ୍ରଦାନ କରାଯାଇଥିଲା। ମହାଜନ ସେବକମାନେ ଶ୍ରୀରାମଚନ୍ଦ୍ରଙ୍କ ପ୍ରତିମାକୁ ଉକ୍ତ ଜନ୍ମମଣ୍ଡଳ ଉପରେ ବିଜେ କରାଇଥିଲେ। ମହାଜନ ସେବାୟତଙ୍କ ମଧ୍ୟରୁ ଜଣେ ଦଶରଥ ଓ ଜଣେ କୌଶଲ୍ୟା ଭାବେ ଖଣ୍ଡୁଆ ଘୋଡ଼ାଇ ହୋଇ ଜନ୍ମବିଧି ନୀତି ସମ୍ପନ୍ନ କରିଥିଲେ। ଏହାପରେ କର୍ପୂର ଆଳତି ବନ୍ଦାପନା ନୀତି ସମ୍ପାଦନ କରାଯାଇଥିଲା। ମହାସୁଆର ସେବକ ଠାକୁରଙ୍କୁ ଗଣ୍ଡୁଷ ମସଲା ଓ କ୍ଷୀର ମଣୋହି କରାଇଥିଲେ। ପରେ ପାଳିଆ ପୂଜାପଣ୍ଡା ସାମନ୍ତ ଜନ୍ମବିଧି ଓ ଶୀତଳ ଭୋଗ ମଣୋହି ନୀତି କରିଥିଲେ। ମହାସୁଆର ସେବାୟତ ଜୟବିଜୟ ଦ୍ୱାର ନିକଟରେ ଠାକୁରଙ୍କୁ ଚରୁଭାତ ମଣୋହୀ କରିବା ପରେ ଠାକୁର ଦକ୍ଷିଣୀ ଘରକୁ ବାହୁଡ଼ା ବିଜେ କରିଥିଲେ।

# ଓଡ଼ିଶା ଘରୋଇ ହୋମିଓପାଥିକ୍ ଚିକିତ୍ସକ ସଂଘର ବାର୍ଷିକ ସମ୍ମିଳନୀ

**କଟକ ଅଫିସ, ୧୦।୪**

ସାମୁଏଲ ହ୍ୟାନିମାନ୍‌ଙ୍କ ଜୟନ୍ତୀ ଅବସରରେ କଟକ ଶହୀଦ ଭବନରେ ଓଡ଼ିଶା ଘରୋଇ ହୋମିଓପାଥିକ୍ ଚିକିତ୍ସକ ସଂଘର ୭ମ ବାର୍ଷିକୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଡା. ପ୍ରଦୀପ ରାଓ ମୁଖ୍ୟ ଅତିଥି, ଆଇନଜୀବୀ ରମଣୀକାନ୍ତ ପଟ୍ଟନାୟକ ମୁଖ୍ୟବକ୍ତା, ଡା. ବିଚିତ୍ରାନନ୍ଦ ସ୍ୱାଇଁ ସମ୍ମାନିତ ଅତିଥି ଓ ମୁଖ୍ୟ ପରାମର୍ଶଦାତା ନୀହାର ରଞ୍ଜନ ବିଶ୍ୱାଳ ଯୋଗଦେଇ ହ୍ୟାନିମାନ୍‌ଙ୍କ ଫଟୋଚିତ୍ର ନିକଟରେ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ସଂଘ ପକ୍ଷରୁ ଏହି ଦିବସର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରାଯାଇଥିଲା। ଏଥିସହ କୋଭିଡ ମହାମାରୀରେ ମୃତ୍ୟୁ ଘଟିଥିବା ସଂଘର ଆଜୀବନ ସଦସ୍ୟମାନଙ୍କ ଉଦ୍ଦେଶ୍ୟରେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ସାଧାରଣ ସମ୍ପାଦକ ପ୍ରଫୁଲ୍ଲ କୁମାର ବାରିକ ବିବରଣୀ ପାଠ କରିଥିବାବେଳେ କୋଷାଧ୍ୟକ୍ଷ ମହେନ୍ଦ୍ର କୁମାର ସାହୁ ୨୦୧୪-୧୫ଠାରୁ ୨୦୨୧-୨୨ ପର୍ଯ୍ୟନ୍ତ ଆୟବ୍ୟୟର ହିସାବ ପ୍ରଦାନ କରିଥିଲେ। ସଭାପତି ନେତ୍ରାନନ୍ଦ ଭୋଇ ଆସୋସିଏଶନର ଆଗାମୀ କାର୍ଯ୍ୟପନ୍ଥା ଉପରେ ସୂଚନା ଦେଇଥିଲେ। ଏହି ଅବସରରେ ସଂଘର ନବ ନିର୍ବାଚିତ କର୍ମକର୍ତ୍ତାମାନଙ୍କ ନାମ ଘୋଷଣା କରାଯାଇଥିଲା। ସଭାପତି ଭାବେ ନେତ୍ରାନନ୍ଦ ଭୋଇ, ଉପସଭାପତି ଜଗନ୍ନାଥ ଦାଶ, ସାଧାରଣ ସମ୍ପାଦକ ପ୍ରଫୁଲ୍ଲ କୁମାର ବାରିକ, ସମ୍ପାଦକ ଗୁରୁଚରଣ ସାହୁ, କୋଷାଧ୍ୟକ୍ଷ ମହେନ୍ଦ୍ର କୁମାର ସାହୁ, ସାଙ୍ଗଠନିକ ସମ୍ପାଦକ ଭାବେ କେଶବ ଚନ୍ଦ୍ର ତ୍ରିପାଠୀ, କପିଳେନ୍ଦ୍ର ଗିରି, ସୁଶାନ୍ତ କୁମାର ଜେନା ଓ ସୁଜିତ୍ ପ୍ରଧାନଙ୍କ ନାଁ ଘୋଷଣା ହୋଇଥିଲା। ସେହିପରି ରାଜ୍ୟ କାର୍ଯ୍ୟକାରିଣୀ କମିଟି ସଦସ୍ୟ ପୂର୍ଣ୍ଣଚନ୍ଦ୍ର ରାଉତରାୟ, ଅନନ୍ତ ନାରାୟଣ ସାହୁ, ଅଶୋକ କୁମାର ଆଚାର୍ଯ୍ୟ, କାଳିପ୍ରସନ୍ନ ରାଉତ, ବିକାଶ ମହାନ୍ତି, ଶର୍ମିଷ୍ଠା ମହାପାତ୍ର, କୃତୀବାସ ପ୍ରଧାନ, ରାଜେନ୍ଦ୍ର ମହାରଣା ଓ ସୁଧାଂଶୁ ଭୂଷଣ ନନ୍ଦଙ୍କ ନାମ ଘୋଷଣା ହୋଇଥିଲା। ରଞ୍ଜିତ ଆଚାର୍ଯ୍ୟ ସଭାକାର୍ଯ୍ୟ ପରିଚାଳନା ଓ ନାରାୟଣ ବିଶୋଇ ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବହୁ ସଦସ୍ୟ, କମ୍ପାନୀ ମ୍ୟାନେଜର ଏବଂ ମେଡିସିନ ରିପ୍ରେଜେଣ୍ଟେଟିଭମାନେ ଉପସ୍ଥିତ ଥିଲେ।

**ନିର୍ବାଚିତ କର୍ମକର୍ତ୍ତାଙ୍କ ନାମ ଘୋଷଣା**

## ଦାଣ୍ଡମୁକୁନ୍ଦପୁରରେ ଶ୍ରୀରାମ ରଥଯାତ୍ରା

**ପିପିଲି/କଣାସ୧୦।୪(ଡି.ଏନ୍.ଏ./ସ୍ୱ.ପ୍ର.):**

ଦାଣ୍ଡମୁକୁନ୍ଦପୁରରେ ରବିବାର ଶ୍ରୀରାମ ରଥଯାତ୍ରା ପାଳିତ ହୋଇଯାଇଛି। ଶ୍ରୀରାମ କମିଟି, ବିଶ୍ୱ ହିନ୍ଦୁ ପରିଷଦ ଜନସ୍ୱାର୍ଥ ସୁରକ୍ଷା ସମିତିର ମିଳିତ ସହଯୋଗରେ ଆୟୋଜିତ ଏହି ରଥଯାତ୍ରା ଶ୍ରୀଜୟଗୋପାଳ ଦେବଙ୍କ ମନ୍ଦିର ପରିସରରୁ ଆରମ୍ଭ ହୋଇଥିଲା। ପ୍ରତ୍ୟୁଷରୁ ମଙ୍ଗଳ ଆଳତି ପରେ ନୀତି ନିର୍ଘଣ୍ଟ ଅନୁସାରେ ପୂଜାର୍ଚ୍ଚନା କରାଯାଇ ଶଙ୍ଖ, ଘଣ୍ଟଧ୍ୱନି ସହିତ ଶ୍ରୀରାମଚନ୍ଦ୍ର, ଲକ୍ଷ୍ମଣ, ସୀତା ଓ ହନୁମାନଙ୍କ ବିଗ୍ରହକୁ ରଥାରୂଢ଼ କରାଯିବା ପରେ ସକାଳ ୭ଟାରେ ରଥଟଣା ଆରମ୍ଭ ହୋଇଥିଲା। ରଥ ଦାଣ୍ଡମୁକୁନ୍ଦପୁର ଶାସନ, ମଠସାହି, ମାନସିଂପାଟଣା, ନୂଆସାହି, ବସୁଦେଇପୁର, କରଣସାହି ପ୍ରଭୃତି ଗ୍ରାମ ପରିକ୍ରମା କରି ଦୁଆରି ଭୋଗ ଖାଇଥିଲେ। ଏହି ଅବସରରେ ପ୍ରବଚନ ଆୟୋଜିତ ହୋଇଥିଲା। ଉତ୍ସବ କମିଟି ପକ୍ଷରୁ ସନ୍ତୋଷ କୁମାର ମିଶ୍ର ପ୍ରସନ୍ନ ଦାସ, ବଂଶୀଧର ସାହୁ, ରଣଜିତ୍ ପଣ୍ଡା, ଅଭିଷେକ ଲେଙ୍କା, ଶିଶିର କୁମାର ମହାନ୍ତି, ପ୍ରଭାକର ସେଠୀ ପ୍ରମୁଖ ରଥଯାତ୍ରା ପରିଚାଳନା କରିଥିଲେ।

# କୃଷି ବିଜ୍ଞାନ କେନ୍ଦ୍ର କାର୍ଯ୍ୟାଳୟ ଉଦ୍‌ଘାଟିତ

**ସାକ୍ଷୀଗୋପାଳ,୧୦।୪ (ଡି.ଏନ୍.ଏ./ସ୍ୱ.ପ୍ର.)**

ପୁରୀ ଜିଲା କୃଷି ବିଜ୍ଞାନ କେନ୍ଦ୍ର(କେଭିକେ)ର ମୁଖ୍ୟ ପ୍ରଶାସନିକ କାର୍ଯ୍ୟାଳୟ ରବିବାର ସାକ୍ଷୀଗୋପାଳରେ ଉଦ୍‌ଘାଟିତ ହୋଇଯାଇଛି। ୧କୋଟି ୮୪ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଏହି କାର୍ଯ୍ୟାଳୟକୁ ମନ୍ତ୍ରୀ ଡ. ଅରୁଣ ସାହୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଅନୁଷ୍ଠିତ ସଭାରେ ମନ୍ତ୍ରୀ ସାହୁ ଉଦ୍‌ବୋଧନ ଦେଇ ଏହି କେଭିକେକୁ କୃଷିର ଏକ ପ୍ରୟୋଗଶାଳା ଭାବେ ଗଢିତୋଳିବାକୁ ନିଷ୍ପତ୍ତି ନିଆଯାଇଛି ବୋଲି କହିଥିଲେ। କୃଷିଭିତ୍ତିକ ପର୍ଯ୍ୟଟନ କେନ୍ଦ୍ର ସହ ପୁରୀ କେଭିକେ ଅନ୍ୟମାନଙ୍କ ପାଇଁ ଶିକ୍ଷଣୀୟ ହେବ। ଏଠାରୁ ଆଧୁନିକ ଜ୍ଞାନକୌଶଳ ଆହରଣ କରି ଯୁବପିଢ଼ି କୃଷିକୁ ଜୀବିକା ଭାବେ ଗ୍ରହଣ କରି ଉପାର୍ଜନ କ୍ଷମ ହେବାକୁ ମନ୍ତ୍ରୀ ପରାମର୍ଶ ଦେଇଥିଲେ। ଫନୀରେ କ୍ଷତିଗ୍ରସ୍ତ ସାକ୍ଷୀଗୋପାଳ ଉଦ୍ୟାନ କୃଷିର ବିକାଶ ନିମନ୍ତେ ରାଜ୍ୟ ସରକାର ୨ କୋଟି ୮୦ ଲକ୍ଷ ଟଙ୍କା ଅନୁଦାନ ମଞ୍ଜୁର କରିଛନ୍ତି ବୋଲି ସମ୍ମାନିତ ଅତିଥି ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ କହିଥିଲେ। ଛତୁ, ମାଛ, ଫଳ ଓ ପନିପରିବା ଚାଷ ନିମନ୍ତେ ଅତ୍ୟାଧୁନିକ ଜ୍ଞାନକୌଶଳ ଉତ୍କୃଷ୍ଟ ମାନର ସେବା ଯୋଗାଇଦେବାରେ ଏହି କେନ୍ଦ୍ରର ପ୍ରମୁଖ ଭୂମିକା ରହିବ ବୋଲି ଡ. ପଵନ କୁମାର ଅଗ୍ରୱାଲ ସଭାପତିତ୍ୱ କରି କହିଥିଲେ। ଓୟୁଏଟିର ଡିନ୍ ଡ.ପ୍ରସନ୍ନଜିତ ମିଶ୍ର ସ୍ୱାଗତ ଅଭିଭାଷଣ ଦେଇଥିଲେ। କେଭିକେର ମୁଖ୍ୟ ବୈଜ୍ଞାନିକ ଡ. ସଞ୍ଜୟ କୁମାର ମହାନ୍ତି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହିଅବସରରେ ଆୟୋଜିତ କୃଷି ପ୍ରଦର୍ଶନୀକୁ ଅତିଥିମାନେ ବୁଲି ଦେଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷ ସୁନୀଲ କୁମାର ପଣ୍ଡା, ଆତ୍ମା ଅଧ୍ୟକ୍ଷ ରାମଚନ୍ଦ୍ର ମହାନ୍ତି, ବ୍ଲକ ଉପାଧ୍ୟକ୍ଷା ନିବେଦିତା ପାତ୍ର, ଡ. ଜ୍ଞାନରଞ୍ଜନ ମିଶ୍ର, କଲ୍ୟାଣ ରାୟ, ସୁବାସ ଚନ୍ଦ୍ର ବେହେରା ପ୍ରମୁଖ ଯୋଗଦେଇଥିଲେ।

# ଅଲ୍ ବ୍ୟାଙ୍କ ଗୋଲ୍ଡ ଆପ୍ରାଇଜର ୟୁନିୟନ ବୈଠକ



ବୈଠକରେ ମଞ୍ଚାସୀନ ଅତିଥି।

**ପୁରୀ ଅଫିସ, ୧୦।୪:**

ଅଲ୍ ବ୍ୟାଙ୍କ ଗୋଲ୍ଡ ଆପ୍ରାଇଜର ୟୁନିୟନ ଓଡ଼ିଶା ଶାଖାର ରାଜ୍ୟସ୍ତରୀୟ ବନ୍ଧୁମିଳନ ଉତ୍ସବ ଏବଂ ପ୍ରଥମ ବୈଠକ ରବିବାର ସ୍ଥାନୀୟ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଘର ଅଧ୍ୟକ୍ଷ ସଦାଶିବ ମହାପାତ୍ର, ସଭାପତି ଗଣେଶ ସାହୁ, ସମ୍ପାଦକ କୃଷ୍ଣଚନ୍ଦ୍ର ସାହୁ, ସଦସ୍ୟ ଲକ୍ଷ୍ମୀନାରାୟଣ ପୃଷ୍ଟି, ଅକ୍ଷୟ କୁମାର ସାହୁ, ବସନ୍ତ କୁମାର ସାହୁ, ନବ କିଶୋର ସାହୁ, ପୂର୍ଣ୍ଣଚନ୍ଦ୍ର ସାହୁ, ମୃତ୍ୟୁଞ୍ଜୟ ମହାପାତ୍ର, ରୋଶନ କୁମାର ସାହୁ ଏବଂ ଗୌତମ ସାହୁ ମଣ୍ଡଳ ପ୍ରମୁଖ ମଞ୍ଚାସୀନ ଥିଲେ। କର୍ମଚାରୀଙ୍କ ସ୍ୱାର୍ଥ ସୁବିଧା ଓ ସୁନାରଣ ସଂକ୍ରାନ୍ତୀୟ ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରାଯାଇଥିଲା। ବ୍ୟାଙ୍କର ନିରାପଦଜନିତ ବ୍ୟବସାୟ ସୁନା ଋଣରେ ଆପ୍ରାଇଜର ଭାଇ ସଂଶ୍ଳିଷ୍ଟ ଥାଇ ସବୁକାର୍ଯ୍ୟ ପଛରେ ପକାଇ କାମକୁ ଆଗ୍ରାଧିକାର ଦେଇଥାନ୍ତି। ମାତ୍ର ସେମାନେ ସେମାନଙ୍କ ଉପଯୁକ୍ତ ପାରିଶ୍ରମିକ ପାଇପାରୁନାହାନ୍ତି। ଉକ୍ତ ସମସ୍ୟାର ସମାଧାନ ପାଇଁ ବ୍ୟାଙ୍କ ପଦାଧିକାରୀ ଓ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବାପାଇଁବୈଠକରେନିଷ୍ପତ୍ତିନିଆଯାଇଛି।

# ତେଜିଲା ମେଡିକାଲ ଶ୍ରେୟ ରାଜନୀତି

**ପୁରୀ ଅଫିସ,୧୦।୪:**

**ପୁରୀସ୍ଥିତ ଶ୍ରୀଜଗନ୍ନାଥ ମେଡିକାଲ କଲେଜ ଉଦ୍‌ଘାଟନ ପୂର୍ବରୁ ଏହାକୁ ନେଇ ରାଜନୀତି ତେଜିଛି। ସୋମବାର ମେଡିକାଲ କଲେଜ ଉଦଘାଟନ ହେବାକୁ ଥିବାବେଳେ ରାଜ୍ୟ ସରକାର ଓ ଭାଜପା ମଧ୍ୟରେ ଶ୍ରେୟ ଲଢେଇ ଆରମ୍ଭ ହୋଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମେଡିକାଲ କଲେଜ ଉଦଘାଟନ କରିବାର କାର୍ଯ୍ୟକ୍ରମ ରହିଥିବାରୁ ଏବଂ ମେଡିକାଲ ନିର୍ମାଣରେ ୬୦ପ୍ରତିଶତ ଅର୍ଥ କେନ୍ଦ୍ର ସରକାର ବହନ କରିଥିବାରୁ ପ୍ରଧାନମନ୍ତ୍ରୀଙ୍କୁ ସୌଜନ୍ୟମୂଳକ ନିମନ୍ତ୍ରଣ ଦିଆଯିବା କଥା ବୋଲି ଭାଜପା ରାଷ୍ଟ୍ରୀୟ ମୁଖପାତ୍ର ସମ୍ବିତ ପାତ୍ର ଟୁଇଟ୍ କରିଛନ୍ତି। କେନ୍ଦ୍ରୀୟ ଯୋଜନାରେ ହୋଇଥିବା ଏହି ମେଡିକାଲ କଲେଜର ଶିଳାନ୍ୟାସ ବେଳେ ରାଜ୍ୟ ସରକାର କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟକୁ ଅବଗତ କରିବା ଉଚିତ୍ ଥିଲା ବୋଲି ଭାଜପା କହିଛି। ଏହି ପ୍ରସଙ୍ଗରେ ପୁରୀର ବିଭିନ୍ନ ରାଜନୈତିକ ଦଳ ପ୍ରତିକ୍ରିୟା ରଖିଛନ୍ତି।**

### ପ୍ରଧାନମନ୍ତ୍ରୀଙ୍କୁ ନିମନ୍ତ୍ରଣ କରିବା ଉଚିତ ହୋଇଥାନ୍ତା



ପ୍ରଧାନମନ୍ତ୍ରୀଙ୍କୁ ନିମନ୍ତ୍ରଣ କରିବେ କିମ୍ବା ନ କରିବେ ତାହା ରାଜ୍ୟ ସରକାରଙ୍କ ଉପରେ ନିର୍ଭର କରେ। ପୁରୀ ନିର୍ବାଚନମଣ୍ଡଳୀରେ ଏହି ପ୍ରକଳ୍ପ ହେଉଥିବାରୁ ବିଧାୟକ ଭାବେ ମୋତେ ନିମନ୍ତ୍ରଣ କରାଯାଇଛି। ମୁଁ ମଧ ଉପସ୍ଥିତ ରହିବି। କେନ୍ଦ୍ର- ରାଜ୍ୟର ୬୦-୪୦ ଅର୍ଥ ଖର୍ଚ୍ଚରେ ଏହି ମେଡିକାଲ କଲେଜ ନିର୍ମାଣ ହେଉଥିବାରୁ କେନ୍ଦ୍ର ସରକାରଙ୍କ ପ୍ରତିନିଧିଙ୍କୁ ଡାକିବା ଉଚିତ ହୋଇଥାନ୍ତା। ମାତ୍ର ଡାକିବା, ନ ଡ଼ାକିବା ରାଜ୍ୟ ସରକାରଙ୍କ ବିବେକ ଉପରେ ନିର୍ଭର କରୁଛି। ଏହି ପ୍ରସଙ୍ଗରେ ମୁଁ କୌଣସି ମନ୍ତବ୍ୟ ଦେବାକୁ ଚାହୁଁନାହିଁ।

**-ଜୟନ୍ତ ଷଡ଼ଙ୍ଗୀ, ବିଧାୟକ, ପୁରୀ**

### ରାଜ୍ୟ ସରକାର ଶ୍ରେୟ ନେବାକୁ ଚାହୁଁଛନ୍ତି



କେନ୍ଦ୍ର ସରକାରଙ୍କ ଅର୍ଥରେ ରାଜ୍ୟ ସରକାର ସବୁବେଳେ ବାହାବାହା ନେଉଛନ୍ତି। ଗୋଷ୍ଠୀ ସ୍ୱାର୍ଥକୁ ଦୃଷ୍ଟିରେ ରଖି ମେଡିକାଲ ନିର୍ମାଣ ହେଉଛି। ଏଣୁ ସମସ୍ତ ରାଜନୈତିକ ଦଳ ସମେତ କେନ୍ଦ୍ର ସରକାରଙ୍କୁ ମଧ ନିମନ୍ତ୍ରଣ ଦେବା ଉଚିତ୍ ଥିଲା। ଏକଚାଟିଆ ଭାବେ କେବଳ ରାଜ୍ୟ ସରକାର ଶ୍ରେୟ ନେବା ପାଇଁ ଏଭଳି କରୁଛନ୍ତି। କଂଗ୍ରେସ ରାଜ୍ୟ ସରକାରଙ୍କର ଏଭଳି ଆଭିମୁଖ୍ୟକୁ ବିରୋଧ କରିବା ସହ ସବୁ ଦଳଙ୍କୁ ଏହି କାର୍ଯ୍ୟକ୍ରମରେ ସାମିଲ କରୁ ବୋଲି ଦାବି କରୁଛି।

**– ଛବିନ୍ଦ୍ର ପଢ଼ିହାରୀ, ନଗର କଂଗ୍ରେସ ସଭାପତି, ପୁରୀ**

### ଶ୍ରେୟ ରାଜନୀତିରୁ ଉର୍ଦ୍ଧ୍ୱରେ ରାଜ୍ୟ ସରକାର



ବିରୋଧୀଙ୍କ ଅଭିଯୋଗ ସମ୍ପୂର୍ଣ୍ଣ ମିଥ୍ୟା। କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ନିମନ୍ତ୍ରଣ ଦିଆଯାଇଛି। ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଭିଡିଓ କନଫରେନ୍ସ ମାଧ୍ୟମରେ ସେ ଯୋଗଦେବେ। ରାଜ୍ୟ ସରକାର ରାଜ୍ୟବାସୀଙ୍କ ସେବାରେ ସମର୍ପିତ ଓ ଶ୍ରେୟ ନେବା ରାଜନୀତିରୁ ଖୁବ୍ ଉର୍ଦ୍ଧ୍ୱରେ। ବିରୋଧୀ ରାଜ୍ୟ ସରକାରଙ୍କ ସଫଳତା ଓ ଲୋକପ୍ରିୟତାରେ ଈର୍ଷାନ୍ୱିତ ହୋଇ ଏଭଳି ପ୍ରତିକ୍ରିୟା ରଖୁଛନ୍ତି। ମେଡିକାଲ କଲେଜ ନିର୍ମାଣ ପାଇଁ ରାଜ୍ୟ ସରକାରଙ୍କ ଉଦ୍ୟମ ସଫଳ ହୋଇଛି ଓ ଯାହାକୁ ଯେଉଁଭଳି ଭାବେ ଶ୍ରେୟ ଦେବା କଥା ତାହା ଦିଆଯାଉଛି।

**-ଶୁଭାଶିଷ ଖୁଣ୍ଟିଆ, ରାଜ୍ୟ ଉପସଭାପତି, ବିଜୁ ଯୁବ ଜନତା ଦଳ।**

### ରୋଗୀଙ୍କୁ ଅତ୍ୟାଧୁନିକ ଚିକିତ୍ସା ସୁବିଧା ମିଳୁ



ପୁରୀକୁ ଅତ୍ୟାଧୁନିକ ମେଡିକାଲ ସେବା ମିଳୁ ନ ଥିଲା। ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟରୁ ଗୁରୁତର ରୋଗୀଙ୍କୁ କଟକ କିମ୍ବା ଭୁବନେଶ୍ୱରକୁ ସ୍ଥାନାନ୍ତର କରାଯାଉଥିଲା। ଅତ୍ୟାଧୁନିକ ମେଡିକାଲ କଲେଜ ପୁରୀବାସୀଙ୍କ ବହୁଦିନର ସ୍ୱପ୍ନ, ଯାହା ପୂରଣ ହେବାକୁ ଯାଉଛି। ଜଣେ ସାଧାରଣ ନାଗରିକ ଭାବେ ମେଡିକାଲ ନିର୍ମାଣରେ କାହାର ଅଧିକ ଅବଦାନ ରହିଛି ସେସମ୍ପର୍କରେ ଜାଣିବାର ସାମାନ୍ୟତମ ଇଚ୍ଛା ଆମର ନାହିଁ। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ଉଦ୍ୟମରେ ହସ୍ପିଟାଲ୍ କାର୍ଯ୍ୟକ୍ଷମ ହେବା ସହ ରୋଗୀଙ୍କୁ ଉତ୍ତମ ତଥା ଅତ୍ୟାଧୁନିକ ଚିକିତ୍ସା ସୁବିଧା ମିଳୁ, ତାହା ହିଁ ଆମର ଆଶା ରହିବ।

**-ସ୍ୱପ୍ନ ସାର୍ଥକ ସ୍ୱାଇଁ, ପୁରୀ ସହର ବାସିନ୍ଦା।**

## ଗଳ୍ପ ସଙ୍କଳନ ଲୋକାର୍ପିତ

**କଟକ ଅଫିସ:** ଚଳଚ୍ଚିତ୍ର ଜଗତ ସମ୍ପାଦକ ଆଦିକନ୍ଦ ରାଉତଙ୍କ ଦ୍ୱାରା ମୁଦ୍ରିତ ପ୍ରଥମ ଗଳ୍ପ ସଙ୍କଳନ ନିଦ ଓ ଅନ୍ୟାନ୍ୟ ଗଳ୍ପ ରବିବାର ଖପୁରିଆସ୍ଥିତ ଓସ୍‌ମେ ହଲ୍‌ରେ ଲୋକାର୍ପିତ ହୋଇଯାଇଛି। ଶ୍ରୀଜଗନ୍ନାଥ ସାହିତ୍ୟ ସମାଜର ସଭାପତି ପ୍ରସନ୍ନ କୁମାର ଜେନାଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ପ୍ରଫେସର ବୈଷ୍ଣବ ଚରଣ ସାମଲ, ମୁଖ୍ୟ ବକ୍ତା ଡ. ବାବାଜୀ ଚରଣ ପଟ୍ଟନାୟକ, ସମ୍ମାନିତ ଅତିଥିଭାବେ ପ୍ରଫେସର ଗୌରୀଶଙ୍କର ଆଚାର୍ଯ୍ୟ, ଓଡ଼ିଶା ସାହିତ୍ୟ ଏକାଡ଼େମୀ ସଚିବ ପ୍ରବୋଧ ରାଉତ ଯୋଗଦେଇ ପୁସ୍ତକର ଲୋକାର୍ପଣ କରିଥିଲେ। ଏଥିରେ ବିଜୟ ରାଉତରାୟ, କଣ୍ଠଶିଳ୍ପୀ କୁମାର ଜାନୁ, ନୃତ୍ୟ ନିର୍ଦ୍ଦେଶିକା ଶୈବାଳିନୀ ତ୍ରିପାଠୀ, ଶୁଚିସ୍ମିତା ରାଉତରାୟ, ଅଖିଳ ରଞ୍ଜନ ଦାସସାମନ୍ତରାୟ, ବନସ୍ମିତା ରାଉତରାୟଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

# ପ୍ରହସନ ପାଲଟିଛି ଅଂଶୁଘାତ ବୈଠକ

**ବାଙ୍କୀ,୧୦।୪(ସ୍ୱ.ପ୍ର.)**

- ମାସେରୁ ଊର୍ଦ୍ଧ୍ୱ ବିତିଯାଇଥିଲେ ମଧ ପଦକ୍ଷେପ ନିଆଯାଇ ନାହିଁ
- ଟୋଲ ଫ୍ରି ନମ୍ବର ଜାରି ହୋଇନାହିଁ

ଅଂଶୁଘାତ ମୁକାବିଲା, ରୌଦ୍ର ତାପରୁ ରକ୍ଷା ପାଇଁ ଜନସାଧାରଣଙ୍କୁ ସଚେତନ କରାଇବା ସହ ବିଭିନ୍ନ ସ୍ଥାନରେ ଜଳ ଛତ୍ର ଖୋଲିବା ଉଦ୍ଦେଶ୍ୟରେ ମାର୍ଚ୍ଚ ୮ରେ ଉପଖଣ୍ଡସ୍ତରୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ବାଙ୍କୀ ଉପଜିଲାପାଳ ରଞ୍ଜନ କୁମାର ଜେନା ଅଧ୍ୟକ୍ଷତା କରିଥିଲେ। ବୈଠକରେ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଯୋଗଦେଇ ଅଂଶୁଘାତର ମୁକାବିଲା ସମ୍ପର୍କରେ ଆଲୋଚନା କରିଥିଲେ। ମାତ୍ର ଏହା ପ୍ରହସନ ପାଲଟିଥିବା ନେଇ ସାଧାରଣରେ ଅଭିଯୋଗ ହୋଇଛି। ବୈଠକକୁ ଏକ ମାସରୁ ଊର୍ଦ୍ଧ୍ୱ ସମୟ ବିତିଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ କୌଣସି ପଦକ୍ଷେପ ନିଆଯାଇନାହିଁ। ବିଭିନ୍ନ ସ୍ଥାନରେ ଜଳଛତ୍ର ଖୋଲିବା, ଜାତମୁଣ୍ଡିଆ ଛକରେ ଜନସାଧାରଣଙ୍କୁ ଖରାରୁ ତ୍ରାହି ପାଇଁ ଛାମୁଣ୍ଡିଆ ଓ ସ୍ୱଚ୍ଛ ପିଇବା ପାଣି ପାଇଁ ଜଳଛତ୍ର ବ୍ୟବସ୍ଥା କରିବା ଲାଗି ନିର୍ଦ୍ଦେଶ ଦିଆଯାଇଥିଲା। ମାତ୍ର ଏପର୍ଯ୍ୟନ୍ତ ଏହା କାର୍ଯ୍ୟକାରୀ ହୋଇନାହିଁ। ରୌଦ୍ର ତାପରୁ ରକ୍ଷା ପାଇବା ପାଇଁ ବସ୍‌ଗୁଡ଼ିକରେ ସ୍ୱଚ୍ଛ ପାନୀୟ ଜଳ ରଖିବା ପାଇଁ ଆଲୋଚନା ହୋଇଥିଲା। ମାତ୍ର ଏପର୍ଯ୍ୟନ୍ତ ତାହା ପୂରଣ ହୋଇପାରିନାହିଁ। ଶ୍ରମିକମାନେ ଦିନ ୧୧ଟା ପରେ କାମ ନ କରିବାକୁ ବୈଠକରେ ନିଷ୍ପତ୍ତି ହୋଇଥିଲା। ଏହା କେବଳ ଆଲୋଚନାରେ ସୀମିତ ହୋଇ ରହିଯାଇଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଏପର୍ଯ୍ୟନ୍ତ ଅଂଶୁଘାତ ନିରାକରଣ ପାଇଁ ପ୍ରଶାସନ ପକ୍ଷରୁ ଟୋଲ ଫ୍ରି ନମ୍ବର ଜାରି କରାଯାଇନାହିଁ। ବାଙ୍କୀ ଏନ୍‌ଏସି ପକ୍ଷରୁ ମଧ୍ୟ ଅଂଶୁଘାତ ସଚେତନତା ପାଇଁ କୌଣସି ଆଖିଦୃଶିଆ କାର୍ଯ୍ୟକ୍ରମ ହୋଇନାହିଁ। ବାଙ୍କୀ ବଜାରରେ ସହରାଞ୍ଚଳ ପାନୀୟ ଜଳ ଯୋଗାଣ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ବଡ ବଡ ପାଣି ଟାଙ୍କି ନିର୍ମାଣ କରାଯାଇଥିଲେ ମଧ୍ୟ ସେଥିରେ ପାଣି ରହୁନି। ବିଭିନ୍ନ ପଞ୍ଚାୟତରେ ଲୋକେ ପାନୀୟ ଜଳ ମୁନ୍ଦେ ପାଇଁ ମାଇଲ ମାଇଲ ବାଟ ଯିବାକୁ ବାଧ ହେଉଛନ୍ତି। ଏଭଳିସ୍ଥିତିରେ ଅଂଶୁଘାତର ବୈଠକକୁ ନେଇ ବୁଦ୍ଧିଜୀବୀମାନେ ପ୍ରଶ୍ନ କରିଛନ୍ତି। ଏ ସମ୍ପର୍କରେ ବାଙ୍କୀ ଉପଜିଲାପାଳ ଜେନା କହିଛନ୍ତି, ବୈଠକ ପରେ ପୌର ନିର୍ବାଚନ ପାଇଁ ସବୁ ଅଧିକାରୀମାନେ ବ୍ୟସ୍ତ ଥିଲେ। ତେଣୁ ପଦକ୍ଷେପ ନେବାରେ ବିଳମ୍ବ ହୋଇଛି। ଖୁବ୍‌ଶୀଘ୍ର ସମସ୍ତ ୱାର୍ଡ ଓ ବାଙ୍କୀର ଜନଗହଳି ପୂର୍ଣ୍ଣସ୍ଥାନରେ ଜଳଛତ୍ର ଖୋଲାଯିବା ସହ ଅନ୍ୟାନ୍ୟ ସମସ୍ୟାଗୁଡ଼ିକର ସମାଧାନ କରାଯିବ।

## ଉତ୍ତ୍ୟକ୍ତ ମହିଳା ଭାଙ୍ଗିଲେ ମଦଭାଟି

**ଚୌଦ୍ୱାର,୧୦।୪(ଡି.ଏନ୍.ଏ.)**



ଚୌଦ୍ୱାର ପୌରପାଳିକା ୧୭ ନଂ. ୱାର୍ଡ ଅନ୍ତର୍ଗତ ନୂଆସାହିରେ ରବିବାର ସନ୍ଧ୍ୟାରେ ଉତ୍ତ୍ୟକ୍ତ ମହିଳାମାନେ ଏକ ବେଆଇନ ମଦଭାଟି ଭାଙ୍ଗିଛନ୍ତି। ଏଥିସହ ଭାଟିର ମାଲିକାଣୀ ଓ ଅନ୍ୟ ୨ ଜଣ ସହଯୋଗୀଙ୍କୁ ମାଡ ମାରିଥିଲେ। ଖବରପାଇ ଚୌଦ୍ୱାର ପୋଲିସ ଘଟଣାସ୍ଥଳରେ ପହଞ୍ଚି ବିପୁଳ ପରିମାଣର ମଦବୋତଲ ଜବତ କରିବା ସହ ମାଡ ଖାଇଥିବା ମହିଳାଙ୍କୁ ଉଦ୍ଧାର କରି ତଦନ୍ତ ଚଳାଇଛି। ମହିଳାମାନଙ୍କ ଅଭିଯୋଗ ଅନୁଯାୟୀ, ଦୀର୍ଘ ୩୦ବର୍ଷ ଧରି ଉକ୍ତ ଗ୍ରାମରେ ବେଆଇନ ଭାବେ ଉକ୍ତ ମଦଭାଟି ଚାଲିଥିଲା। ସେଠାରୁ ମଦ ପିଇବା ପରେ ନିଶାସକ୍ତ ବ୍ୟକ୍ତିମାନେ ସ୍ଥାନୀୟ ଲୋକଙ୍କୁ ଗାଳିଗୁଲଜ କରୁଥିଲେ। ବିଶେଷକରି ଦିନମଜୁରିଆମାନେ ମଜୁରି ଲାଗି ଆଣୁଥିବା ଟଙ୍କାକୁ ଘରେ ନ ଦେଇ ମଦ ପିଉଥିଲେ। ପରେ ଘରକୁ ଯାଇ ଝଗଡା କରିବାରୁ ପରିବାରରେ ଅଶାନ୍ତି ସୃଷ୍ଟି ହେଉଥିଲା। ତୁରନ୍ତ ଏହି ଭାଟିକୁ ହଟାଇବା ପାଇଁ ମହିଳାମାନେ ଦାବି କରିଥିଲେ। ହେଲେ ଏ ଦିଗରେ ପଦକ୍ଷେପ ନିଆ ନ ଯିବାରୁ ବାଧହୋଇ ସେମାନେ ରବିବାର ସନ୍ଧ୍ୟାରେ ଏକତ୍ରିତ ହୋଇଥିଲେ। ପରେ ସେମାନେ ଭାଟି ଓ ମଦବୋତଲ ଭାଙ୍ଗିଥିଲେ।

## ସଂକ୍ଷେପରେ

### ଉପନ୍ୟାସ 'କର୍ମଫଳ' ଉନ୍ମୋଚିତ

**କଟକ ଅଫିସ,୧୦।୪:** ସ୍ଥାନୀୟ ଶତାବ୍ଦୀ ବିହାର ନଳିନୀ ମଣ୍ଡପଠାରେ ବାଇମୁଣ୍ଡି ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି ସୁରକ୍ଷା ପରିଷଦ ପକ୍ଷରୁ ଭାଷା ପ୍ରକାଶନ ଦ୍ୱାରା ପ୍ରକାଶିତ ଲେଖକ ଦୀନବନ୍ଧୁ ସାହୁଙ୍କ ଉପନ୍ୟାସ 'କର୍ମଫଳ' ଉନ୍ମୋଚିତ ହୋଇଯାଇଛି। ଆଇନଜୀବୀ ସୁରେନ୍ଦ୍ର ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସାହିତ୍ୟିକ ପ୍ରଫେସର ବୈଷ୍ଣବ ଚରଣ ସାମଲ ପୁସ୍ତକକୁ ଉନ୍ମୋଚନ କରିଥିଲେ। ଏଥିରେ ମୁଖ୍ୟବକ୍ତା ଭାବେ ନାଟ୍ୟକାର ସଞ୍ଜିତ କୁମାର ପଟ୍ଟନାୟକ, ସମ୍ମାନିତ ଅତିଥି ଭାବରେ ସାହିତ୍ୟିକ କାଞ୍ଚି ନାରାୟଣ ମହାନ୍ତି, କିଶୋର ଚନ୍ଦ୍ର ସାହୁ, ଜଗବନ୍ଧୁ ସାହୁ ଯୋଗଦେଇଥିଲେ। ଏହି ଅବସରରେ କବି ପ୍ରହଲ୍ଲାଦ ବେହେରା, ସାହିତ୍ୟିକ ସୁଦର୍ଶନ ମହାପାତ୍ର ଓ ଅନିତା କରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ କିଶୋର ସାହୁ, ବିଜୟ ନାଥ, ଶରତ ମହାନ୍ତି, ବସନ୍ତ କୁମାରୀ ନନ୍ଦ, ବସନ୍ତ ସେଠୀ, ବିକ୍ରମ ଲେଙ୍କା, ଜ୍ୟୋତି ଭୂଷଣ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

### ଇଚ୍ଛାବତୀ ରଥଙ୍କ ଜୟନ୍ତୀ ପାଳିତ

**କଟକ ଅଫିସ,୧୦।୪:** ଡ୍ରିମ୍‌ସ ଶିକ୍ଷାନୁଷ୍ଠାନ ସମୂହର ଅନ୍ତେବାସୀଙ୍କ ପକ୍ଷରୁ ଇଚ୍ଛାବତୀ ରଥଙ୍କ ଜନ୍ମଦିନ ରବିବାର ପାଳନ କରାଯାଇଛି। ଏହି ଅବସରରେ ସ୍ଥାନୀୟ ଛାତ୍ରୀନିବାସରେ ଆୟୋଜିତ କାର୍ଯ୍ୟକ୍ରମରେ ଇଚ୍ଛାବତୀଙ୍କ ପ୍ରତିକୃତିରେ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା। 'ଡ୍ରିମ୍‌ସ' ଅଧକ୍ଷ ପ୍ରମୋଦ ଚନ୍ଦ୍ର ରଥ, ପ୍ରଦୀପ୍ତ ଚନ୍ଦ୍ର ରଥ ଶ୍ରଦ୍ଧାଞ୍ଜଳି ଜଣାଇ ଇଚ୍ଛାବତୀ ପରୋପକାରୀ ମଣିଷ ଥିଲେ ବୋଲି କହିଥିଲେ। ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶକ ଲୋକନାଥ ବେହେରା, ପ୍ରଶାସନିକ ଅଧିକାରୀ ଆଶୁତୋଷ ଦ୍ୱିବେଦୀ, ପ୍ରାଧାପିକା ମିହିତା ମଧୁସ୍ମିତା ସାହୁ, ଅଧାପିକା ସାଗରିକା ନାୟକ, ପ୍ରଦୀପ କୁମାର ଷଡଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ।

### ଦୁର୍ନୀତି ବିରୋଧରେ ଆନ୍ଦୋଳନ ପାଇଁ ସଙ୍କଳ୍ପ

**କଟକ ସଦର,୧୦।୪(ଡି.ଏନ.ଏ):** କଟକ ସଦର ବ୍ଲକ ଅନ୍ତର୍ଗତ କମରପଦାଠାରେ ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଉତ୍କଳ ବିକାଶ ପରିଷଦର ଏକ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ପରିଷଦର ସଭାପତି ପ୍ରକାଶ ଚନ୍ଦ୍ର ସେଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସ୍ୱେଚ୍ଛାସେବୀମାନେ ଯୋଗଦେଇ ଦୁର୍ନୀତି ବିରୋଧରେ ଆନ୍ଦୋଳନ କରିବା ପାଇଁ ସଂକଳ୍ପ ନେଇଥିଲେ। ପଞ୍ଚାୟତ, ବ୍ଲକ ଓ ଜିଲାସ୍ତରରେ ଚାଲିଥିବା ଦୁର୍ନୀତିମୂଳକ କାମ ବିରୋଧରେ ପଦକ୍ଷେପ ନେବା ପାଇଁ ସୁରେଶ ଚନ୍ଦ୍ର ଜେନାଙ୍କୁ ଦାୟିତ୍ୱ ଦିଆଯାଇଥିଲା। ପରିଷଦର ସ୍ୱେଚ୍ଛାସେବୀମାନେ ପ୍ରତି କ୍ଷେତ୍ରରେ ଜେନାଙ୍କୁ ସହଯୋଗ କରିବାକୁ ସେଠୀ ଆହ୍ୱାନ ଦେଇଥିଲେ। ଆବଶ୍ୟକ ପଡିଲେ ନ୍ୟାୟ ପାଇଁ ହାଇକୋର୍ଟଙ୍କ ଆଶ୍ରୟ ନିଆଯିବ ବୋଲି ସର୍ବସମ୍ମତିକ୍ରମେ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ଏହି ବୈଠକରେ ଦେବୀ ପତି, ନିରଞ୍ଜନ ରାଉଳ, ଅଶୋକ ସାହୁ, ବିମଳ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ।

### ମୃତ୍ତିକାହୀନ ହାଇଡ୍ରୋପୋନିକ୍ ଚାଷ ସମ୍ପର୍କିତ କର୍ମଶାଳା ଉଦ୍‌ଯାପିତ

**କଟକ ଅଫିସ,୧୦।୪:** ରେଭେନ୍‌ଶା ବିଶ୍ୱବିଦ୍ୟାଳୟରେ ମୃତ୍ତିକାହୀନ ହାଇଡ୍ରୋପୋନିକ୍ ଚାଷ ସମ୍ପର୍କିତ ୪ ଦିନିଆ କର୍ମଶାଳା ରବିବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍ଭିଦ ବିଜ୍ଞାନ ବିଭାଗ ପକ୍ଷରୁ ଆୟୋଜିତ ଏହି କର୍ମଶାଳାରେ ରାଜ୍ୟର ବିଭିନ୍ନ ବିଶ୍ୱବିଦ୍ୟାଳୟର ୨୫ ଜଣ ଛାତ୍ରୀଛାତ୍ର ଯୋଗଦେଇଥିଲେ। ଏହି ପ୍ରଣାଳୀ କିପରି ଚାଷୀଙ୍କ ପାଖରେ ପହଞ୍ଚିପାରିବ ଓ ଏହାର ପ୍ରଚାର ପ୍ରସାର ହୋଇପାରିବ ସେ ଦିଗରେ କାର୍ଯ୍ୟ କରିବା ଆବଶ୍ୟକ ବୋଲି ଉପସ୍ଥିତ ସଦସ୍ୟମାନେ ମତବ୍ୟକ୍ତ କରିଥିଲେ। ଏହି ପ୍ରଣାଳୀରେ ସମସ୍ତ ପନିପରିବା ଓ ଫୁଲ ଚାଷ ହୋଇପାରିବ। ରେଭେନ୍‌ଶାରେ ବର୍ତ୍ତମାନ ଏହି ପ୍ରଣାଳୀରେ ଜାନିଆ, ଜାରବେରା, ଡାଲିଆ, ଗେଣ୍ଡୁ ଆଦି ଚାଷ କରାଯାଉଛି। ଏହି ଉଦ୍‌ଯାପନୀ ଉତ୍ସବରେ କୁଳପତି ପ୍ରଫେସର ସଞ୍ଜୟ କୁମାର ନାୟକ ଅଧକ୍ଷତା କରିଥିଲେ। ଉଦ୍ଭିଦ ବିଜ୍ଞାନ ବିଭାଗ ମୁଖ୍ୟ ପ୍ରଫେସର ପ୍ରଦୀପ କୁମାର ମହାପାତ୍ର ଓ କର୍ମଶାଳାର ନିର୍ଦ୍ଦେଶକ ଡ. କ୍ଷୀରୋଦ କୁମାର ସାହୁ ଯୋଗଦେଇ କହିଥିଲେ, ଏହି ପ୍ରଣାଳୀ ଓଡ଼ିଶାର କୃଷକମାନଙ୍କୁ ପ୍ରୋତ୍ସାହିତ କରିବ।



ରାମ ନବମୀ ଅବସରରେ ରବିବାର କଟକ ଚହଟାସ୍ଥିତ ଶ୍ରୀ ରାମନିଗମେଶ୍ୱର ମନ୍ଦିରରେ ପୂଜାର୍ଚ୍ଚନା ପାଇଁ ଶ୍ରଦ୍ଧାଳୁଙ୍କ ଗହଳି।

## ଚଇତି ହୋଲି ଖେଳିଲେ ମହାପ୍ରଭୁ

**ନିଶ୍ଚିନ୍ତକୋଇଲି,୧୦।୪(ସ୍ୱ.ପ୍ର.)**

### ଅସୁରେଶ୍ୱର ପ୍ରସିଦ୍ଧ ଶ୍ରୀରାମ ନବମୀ ଯାତ୍ରା



ନିଶ୍ଚିନ୍ତକୋଇଲି ବ୍ଲକ ଅସୁରେଶ୍ୱର ରଘୁନାଥ ମନ୍ଦିରରେ ପ୍ରସିଦ୍ଧ ଶ୍ରୀରାମ ନବମୀ ଯାତ୍ରା ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥିଲା। ପ୍ରଭାତରେ ପାରମ୍ପରିକ ରୀତିନୀତି ଅନୁଯାୟୀ, ଶ୍ରୀରାମଙ୍କ ଜନ୍ମୋତ୍ସବ ପରେ ବାଲଧୂପ, ମଧାହ୍ନ ଧୂପ ଓ ସନ୍ଧ୍ୟାରେ ମହାଆଳତି ପରେ ରାତିରେ ସ୍ୱତନ୍ତ୍ର ନୀତି ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ରାମ, ଲକ୍ଷ୍ମଣ, ସୀତା ଏକ ସୁସଜ୍ଜିତ ବିମାନରେ ମନ୍ଦିରରୁ ବାହାରି ପଟୁଆରରେ ଦଧିବାମନ ମନ୍ଦିର ପର୍ଯ୍ୟନ୍ତ ଯାଇଥିଲେ। ସେଠାରେ ମିଳନ ଉତ୍ସବ ହେବା ପରେ ପରମ୍ପରା ଅନୁଯାୟୀ, ଚଇତି ହୋଲି ଖେଳାଯାଇଥିଲା। ଦଧିବାମନ ଓ ରଘୁନାଥଙ୍କ ସେବକ ପରସ୍ପରକୁ ଅବିର ଲଗାଇଥିଲେ। ଏହା ଦେଖିବା ପାଇଁ ଭକ୍ତଙ୍କ ଭିଡ଼ ଜମିଥିଲା। ସୋମବାର ସକାଳୁ ମହାପ୍ରଭୁ ପୁନର୍ବାର ନିଜ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିବା ପରେ ରଘୁନାଥଙ୍କ ମନ୍ଦିରରେ ପୁନଃ ନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯିବ। ଯାତ୍ରାସ୍ଥଳରେ ଆଇନ ଶୃଙ୍ଖଳା ରକ୍ଷା କରିବା ପାଇଁ ନିଶ୍ଚିନ୍ତକୋଇଲି ଥାନା ଅଧିକାରୀ ଚିନ୍ମୟୀ ସାହୁଙ୍କ ତତ୍ତ୍ୱାବଧାନରେ ୨ ପ୍ଲାଟୁନ ପୋଲିସଫୋର୍ସ ମୁତୟନ କରାଯାଇଥିଲା। ଏଥିରେ ଆଇନ ମନ୍ତ୍ରୀ ପ୍ରତାପ ଜେନା, ପୂର୍ବତନ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକଙ୍କ ସମେତ ବହୁ ଲୋକ ପ୍ରତିନିଧି, ବିଡିଓ କର୍ଣ୍ଣଦେବ ସମାଦ୍ଦାର, ଅତିରିକ୍ତ ତହସିଲଦାର କ୍ରିଷ୍ଣା ପାଢୀ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ବ୍ଲକର କୁଳିଆ ରଘୁନାଥ ମନ୍ଦିର, ବନ୍ଧୁପୁର ରଘୁନାଥ ମନ୍ଦିର, ସାଧୁପୁର ରାମ ମନ୍ଦିର, ନିଶ୍ଚିନ୍ତକୋଇଲି ନକୁଳା ମଠ, ଓଥକା ମଦନମୋହନ ଆଦି ସ୍ଥାନରେ ଶ୍ରୀରାମ ନବମୀ ପାଳିତ ହୋଇଯାଇଛି।

## ଓଡ଼ିଶା ଘରୋଇ ହୋମିଓପାଥିକ୍ ଚିକିତ୍ସକ ସଂଘର ସମ୍ମିଳନୀ




ବାର୍ଷିକ ସମ୍ମିଳନୀରେ ଯୋଗଦେଇଥିବା ଅତିଥିବୃନ୍ଦ।

**କଟକ ଅଫିସ, ୧୦।୪**

### ନିର୍ବାଚିତ କର୍ମକର୍ତ୍ତାଙ୍କ ନାମ ଘୋଷଣା

ସାମୁଏଲ ହ୍ୟାନିମାନ୍‌ଙ୍କ ଜୟନ୍ତୀ ଅବସରରେ କଟକ ଶହୀଦ ଭବନରେ ଓଡ଼ିଶା ଘରୋଇ ହୋମିଓପାଥିକ୍ ଚିକିତ୍ସକ ସଂଘର ୭ମ ବାର୍ଷିକୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଡା. ପ୍ରଦୀପ ରାଓ ମୁଖ୍ୟ ଅତିଥି, ଆଇନଜୀବୀ ରମଣୀକାନ୍ତ ପଟ୍ଟନାୟକ ମୁଖ୍ୟବକ୍ତା, ଡା. ବିଚିତ୍ରାନନ୍ଦ ସ୍ୱାଇଁ ସମ୍ମାନିତ ଅତିଥି ଓ ମୁଖ୍ୟ ପରାମର୍ଶଦାତା ନିହାର ରଞ୍ଜନ ବିଶ୍ୱାଳ ଯୋଗଦେଇ ହ୍ୟାନିମାନଙ୍କ ଫଟୋଚିତ୍ର ନିକଟରେ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ସଂଘ ପକ୍ଷରୁ ଏହି ଦିବସର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରାଯାଇଥିଲା। ଏଥିସହ କୋଭିଡ ମହାମାରୀରେ ମୃତ୍ୟୁ ଘଟିଥିବା ସଂଘର ଆଜୀବନ ସଦସ୍ୟମାନଙ୍କ ଉଦ୍ଦେଶ୍ୟରେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ସାଧାରଣ ସମ୍ପାଦକ ପ୍ରଫୁଲ୍ଲ କୁମାର ବାରିକ ବିବରଣୀ ପାଠ କରିଥିବାବେଳେ କୋଷାଧକ୍ଷ ମହେନ୍ଦ୍ର କୁମାର ସାହୁ ୨୦୧୪-୧୫ଠାରୁ ୨୦୨୧-୨୨ ପର୍ଯ୍ୟନ୍ତ ଆୟବ୍ୟୟର ହିସାବ ପ୍ରଦାନ କରିଥିଲେ। ସଭାପତି ନେତ୍ରାନନ୍ଦ ଭୋଇ ଆସୋସିଏଶନର ଆଗାମୀ କାର୍ଯ୍ୟପନ୍ଥା ଉପରେ ସୂଚନା ଦେଇଥିଲେ। ଏହି ଅବସରରେ ସଂଘର ନବ ନିର୍ବାଚିତ କର୍ମକର୍ତ୍ତାମାନଙ୍କ ନାମ ଘୋଷଣା କରାଯାଇଥିଲା। ସଭାପତି ଭାବେ ନେତ୍ରାନନ୍ଦ ଭୋଇ, ଉପ ସଭାପତି ଜଗନ୍ନାଥ ଦାଶ, ସାଧାରଣ ସମ୍ପାଦକ ପ୍ରଫୁଲ୍ଲ କୁମାର ବାରିକ, ସମ୍ପାଦକ ଗୁରୁଚରଣ ସାହୁ, କୋଷାଧକ୍ଷ ମହେନ୍ଦ୍ର କୁମାର ସାହୁ, ସାଙ୍ଗଠନିକ ସମ୍ପାଦକ ଭାବେ କେଶବ ଚନ୍ଦ୍ର ତ୍ରିପାଠୀ, କପିଳେନ୍ଦ୍ର ଗିରି, ସୁଶାନ୍ତ କୁମାର ଜେନା ଓ ସୁଜିତ୍ ପ୍ରଧାନଙ୍କ ନାଁ ଘୋଷଣା ହୋଇଥିଲା। ସେହିପରି ରାଜ୍ୟ କାର୍ଯ୍ୟକାରିଣୀ କମିଟି ସଦସ୍ୟ ପୂର୍ଣ୍ଣଚନ୍ଦ୍ର ରାଉତରାୟ, ଅନନ୍ତ ନାରାୟଣ ସାହୁ, ଅଶୋକ କୁମାର ଆଚାର୍ଯ୍ୟ, କାଳିପ୍ରସନ୍ନ ରାଉତ, ବିକାଶ ମହାନ୍ତି, ଶର୍ମିଷ୍ଠା ମହାପାତ୍ର, କୃତୀବାସ ପ୍ରଧାନ, ରାଜେନ୍ଦ୍ର ମହାରଣା ଓ ସୁଧାଂଶୁ ଭୂଷଣ ନନ୍ଦଙ୍କ ନାମ ଘୋଷଣା ହୋଇଥିଲା। ରଞ୍ଜିତ ଆଚାର୍ଯ୍ୟ ସଭାକାର୍ଯ୍ୟ ପରିଚାଳନା ଓ ନାରାୟଣ ବିଶୋଇ ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବହୁ ସଦସ୍ୟ, କମ୍ପାନୀ ମ୍ୟାନେଜର ଏବଂ ମେଡିସିନ ରିପ୍ରେଜେଣ୍ଟେଟିଭ ମାନେ ଉପସ୍ଥିତ ଥିଲେ।

## ରାମନବମୀ: ଉତ୍ସବ ମୁଖର ରାମମନ୍ଦିର

**କଟକ ଅଫିସ/କଟକ ସଦର/ଆଠଗଡ଼/ବାଙ୍କୀ/ତିଗିରିଆ/ସାଲେପୁର, (ସ୍ୱ.ପ୍ର./ଡି.ଏନ୍.ଏ.),୧୦।୪**

ରାମନବମୀ ଅବସରରେ କଟକର ବିଭିନ୍ନ ରାମ ମନ୍ଦିର ଉତ୍ସବ ମୁଖରିତ ହୋଇପଡିଥିଲା। ଚହଟା ଓ ତେଲେଙ୍ଗା ବଜାରସ୍ଥିତ ରାମ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଦର୍ଶନ ପାଇଁ ବିଶେଷ ବ୍ୟବସ୍ଥା ହୋଇଥିଲା। ସେହିପରି କଟକ ସଦର ବ୍ଲକ ଅନ୍ତର୍ଗତ ପରମହଂସ ପଞ୍ଚାୟତ ହାଟସାହିରେ ରାମ ନବମୀ ପାଳିତ ହୋଇଯାଇଛି। ସେଠାରେ ମୃଣ୍ମୟ ମୂର୍ତ୍ତି ପୂଜା କରାଯାଇଛି। ୩ ଦିନ ଧରି ଏହି କାର୍ଯ୍ୟକ୍ରମ ଚାଲିବ ବୋଲି କମିଟି ପକ୍ଷରୁ କୁହାଯାଇଛି। ଆଠଗଡ଼ରେ ଅନ୍ୟତମ ଗଣପର୍ବ ଶ୍ରୀରାମ ନବମୀ ମହୋତ୍ସବ ଆରମ୍ଭ ହୋଇଛି। ୧୮ ଦିନ ଚାଲିବାକୁ ଥିବା ଏହି ମହୋତ୍ସବରେ ରାମାୟଣ ନାଟକ ମଞ୍ଚସ୍ଥ ହେବ। ଶ୍ରୀରାମ ନବମୀ ଉପଲକ୍ଷେ ସ୍ଥାନୀୟ ଯୁବକମାନଙ୍କ ଦ୍ୱାରା ଶ୍ରୀରାଧା ଗୋବିନ୍ଦ ମନ୍ଦିରରୁ କନ୍ଟୋଲ ଶିବ ମନ୍ଦିର ପର୍ଯ୍ୟନ୍ତ ଏକ ସଦଭାବନା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବାଙ୍କୀର ଅଧିଷ୍ଠାତ୍ରୀ ଦେବୀ ମା'ଚର୍ଚ୍ଚିକାଙ୍କ ପୀଠରେ ରାମନବମୀ ଉତ୍ସବ ପାଳିତ ହୋଇଯାଇଛି। ଏନେଇ ରେଣୁକା ଘାଟରୁ ଜଳ ଅଣାଯାଇ ରାମ,ଲକ୍ଷ୍ମଣ ଓ ସୀତାଙ୍କ ମଣ୍ଡପରେ ସ୍ଥାପନ କରାଯାଇଥିଲା। ତା'ପରେ ପୂଜାର୍ଚ୍ଚନା ଆରମ୍ଭ ହୋଇଛି। ତିଗିରିଆ ବ୍ଲକ ଅନ୍ତର୍ଗତ ଗଦାଧରପୁର ଶ୍ରୀରଘୁନାଥଜୀଉଙ୍କ ପ୍ରସିଦ୍ଧ ରାମନବମୀ ପାଳିତ ହୋଇଯାଇଛି। ଏନେଇ ରବିବାର ପୂର୍ବାହ୍ନରେ କଳସ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ୩୫୦ରୁ ଊର୍ଦ୍ଧ୍ୱ ପୁରୁଷ ଓ ମହିଳା ଖଲି ନାଳ ବାଲିତୁଠରୁ କଳସ ଯାତ୍ରାରେ ଆସି ପୀଠରେ ଘଟ ସ୍ଥାପନ କରିଛନ୍ତି। ସେହିପରି ସାଲେପୁର ବ୍ଲକର ରାଘବପୁର ଶ୍ରୀରାମ ମନ୍ଦିର, କୂଳିଆସ୍ଥିତ ହନୁମାନ ମନ୍ଦିର, ପୂର୍ବକଚ୍ଛ ହନୁମାନ ମନ୍ଦିର, ଗୁଜରପୁର ଅଷ୍ଟଶମ୍ଭୁ ମନ୍ଦିର ଆଦିରେ ରାମନବମୀ ପାଳିତ ହୋଇଯାଇଛି।

## 'ସାହିତ୍ୟ ସମାଜକୁ ଦିଗ୍‌ଦର୍ଶନ ଦିଏ'




ଉତ୍ସବରେ ଅନୁଷ୍ଠାନର ମୁଖପତ୍ର 'ଶରତ ପ୍ରଭା'କୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

**କଟକ ଅଫିସ, ୧୦।୪**

କଟକ ଶ୍ରୀରାମଚନ୍ଦ୍ର ଭବନରେ ଶରତ ସାହିତ୍ୟ ଟ୍ରଷ୍ଟର ପ୍ରତିଷ୍ଠା ଉତ୍ସବ ରବିବାର ପାଳିତ ହୋଇଯାଇଛି। ଏଥିରେ ବିଶିଷ୍ଟ ଅତିଥି ଭାବରେ ଅଧାପିକା ଡ. ପ୍ରଭାବତୀ ପଣ୍ଡା ଯୋଗଦେଇ କହିଥିଲେ, ସାହିତ୍ୟ ସମାଜକୁ ଦିଗ୍‌ଦର୍ଶନ ଓ ମୂଲ୍ୟବୋଧର ବାର୍ତ୍ତା ଦେଇଥାଏ। କେନ୍ଦ୍ର ସାହିତ୍ୟ ଏକାଡେମୀ ଓଡ଼ିଆ ଉପଦେଷ୍ଟା ମଣ୍ଡଳୀର ଆବାହକ ପ୍ରଫେସର ବିଜୟାନନ୍ଦ ସିଂଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟବକ୍ତା ଭାବେ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ଓଡ଼ିଆ ବିଭାଗର ମୁଖ୍ୟ ଡ. ସଂଘମିତ୍ରା ଭଞ୍ଜ ଯୋଗଦେଇଥିଲେ। ଏହି ଅବସରରେ ବିଶିଷ୍ଟ ସାରସ୍ୱତ ସାଧିକା ପୁଷ୍ପାଞ୍ଜଳି କରଙ୍କୁ ଶରତ ସାରସ୍ୱତ ସମ୍ମାନ, ଡ. ଚିନ୍ମୟ କୁମାର ବେହେରାଙ୍କୁ କଣ୍ଡୁରିଚରଣ ନାୟକ ସ୍ମୃତି ସମ୍ମାନ, ଡ. ସ୍ୱପ୍ନାରାଣୀ ସିଂଙ୍କୁ ଶରତ ଯୁବ ପ୍ରତିଭା ସମ୍ମାନ ପ୍ରଦାନ କରାଯାଇଥିଲା। ଏଥିସହ ଅନୁଷ୍ଠାନର ମୁଖପତ୍ର ଶରତ ପ୍ରଭା, ଦୀପ୍ତିମୟୀ ସାହୁ ଓ ରଶ୍ମିତା ପ୍ରଧାନଙ୍କ ସମ୍ପାଦିତ ଦୁଇ ପୁସ୍ତକ ଓ ଡ. ନଳିନୀ ନାୟକଙ୍କ ସଂକଳ୍ପ, ସନ୍ଧାନ ଓ ସମୀକ୍ଷା ଏବଂ ବିବିଧ ଅନୁବାଦ ପୁସ୍ତକ ଉନ୍ମୋଚିତ ହୋଇଥିଲା। ଟ୍ରଷ୍ଟର ଅଧକ୍ଷ ଶରତ କୁମାରୀ ଆଚାର୍ଯ୍ୟ, ଡ. ସାରଦା ପ୍ରସାଦ ମହାନ୍ତି, ଆଇନଜୀବୀ ରାଜୀବ କୁମାର ଷଡ଼ଙ୍ଗୀ, ଡ. ନଳିନୀ କୁମାରୀ ନାୟକ, ଦୀପ୍ତିମୟୀ ସାହୁ ଓ କୁନଲତା ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। କମଳ ମାହୁନ୍ତ ଧନ୍ୟବାଦ ଦେଇଥିଲେ।

## ସିଡିଏରେ ସାମିଲ ହେବ ୧୮ ରାଜସ୍ୱ ଗ୍ରାମ

**କଟକ ସଦର, ୧୦।୪(ଡି.ଏନ୍.ଏ.)**

କଟକ ସଦର ବ୍ଲକ ଅଞ୍ଚଳର ୧୮ଟି ରାଜସ୍ୱ ଗ୍ରାମକୁ କଟକ ଉନ୍ନୟନ କର୍ତ୍ତୃପକ୍ଷ(ସିଡିଏ)ରେ ସାମିଲ କରିବା ପାଇଁ ନଗର ଉନ୍ନୟନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଯଦି ଏଥିରେ କାହାର ଆପତି ଥାଏ, ତାହେଲେ ସେମାନେ ଆସନ୍ତା ୩୦ ତାରିଖ ସୁଦ୍ଧା କ୍ଷମତାପ୍ରାପ୍ତ ଅଧିକାରୀଙ୍କୁ ଜଣାଇବା ପାଇଁ କୁହାଯାଇଛି। ଏହି ରାଜସ୍ୱ ଗ୍ରାମ ମଧ୍ୟରେ ପରମହଂସ, ରାଜହଂସ, ସଫିପୁର, ଅଥଙ୍ଗା, ହାଟସାହି, ଫକୀରପଡା, ନିମେଇଶାପୁର, ବିରିବାଟି, ତଅଁରପା, ଦୀଘି, ଦେଓପୁର, ଆୟଉପୁର, ଦଣ୍ଡୁଆସିପଡ଼ା, କେଶପୁର, କୋରପଦା, କନ୍ଦରପୁର, ବମ୍ଭୁରୀ ଓ ସିଦ୍ଧେଶ୍ୱରପୁର ରହିଛି। ସିଡିଏରେ ଏହି ଗ୍ରାମଗୁଡିକ ସାମିଲ ହେଲେ ସରକାରୀ ଓ ବେସରକାରୀ ନିର୍ମାଣଭିତ୍ତିକ କାର୍ଯ୍ୟ ପାଇଁ ସିଡିଏଠାରୁ ଅନୁମତି ନେବାକୁ ପଡିବ। ନ ହେଲେ ଆଇନ ଉଲ୍ଲଂଘନକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ। କୌଣସି ବ୍ୟକ୍ତି ଘର ନିର୍ମାଣ କଲେ ମୋଟ୍ ବ୍ୟୟ ଅଟକଳର ୧ ପ୍ରତିଶତ ଅର୍ଥ ନିର୍ମାଣ ଶ୍ରମିକଙ୍କ କଲ୍ୟାଣ ନିମନ୍ତେ ସିଡିଏରେ ଦାଖଲ କରିବା ବାଧ୍ୟତାମୂଳକ ବୋଲି ସିଡିଏର ଜଣେ ବରିଷ୍ଠ ଅଧିକାରୀ ପତ୍ରସଂଖ୍ୟା ୪୭୯୭/ ୧୯।୬।୨୦ରେ ସୂଚନା ଦେଇଛନ୍ତି।





କଟକ ଯୋବ୍ରା ନିକଟ ମହାନଦୀରେ ରବିବାର ଅପରାହ୍ନରେ ୩ ଜଣ ସାଙ୍ଗ ଗାଧୋଉଥିଲେ। ପାଣିରେ ବୁଡ଼ିଯାଇ ମାଲଗୋଦାମ ଥାନା ଅଧୀନ ଚୂନଭାଟି ଚାରିଘରିଆ ଅଞ୍ଚଳର ସେକ୍ ସାହିଲ(୧୮)ଙ୍କ ମୃତ୍ୟୁ ଘଟିଥିବାବେଳେ ମହମ୍ମଦ ସିଦ୍ଧିକ୍(୧୭) ଓ ଆୟୁର ଖାନ୍(୧୭) ନିଖୋଜ ଅଛନ୍ତି। ନିଖୋଜ ଦ୍ୱୟଙ୍କୁ ଅଗ୍ନିଶମ କର୍ମଚାରୀମାନେ ଖୋଜାଖୋଜି କରୁଥିବାବେଳେ ଘଟଣାସ୍ଥଳରେ ଲୋକଙ୍କ ଭିଡ଼ ଜମିଛି।